


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-329 BHUBANESWAR SUNDAY 26 MAY 2024 PAGE-20 ₹ 6.00

ବର୍ଷ-୪୧ ସଂଖ୍ୟା-୩୨୯ ଭୁବନେଶ୍ୱର ରବିବାର ୨୬ ମେ ୨୦୨୪ ପୃଷ୍ଠା-୨୦ ଟ.୬.୦୦ (ସିନ୍ଦୂରା ସହ)


ଗେମିଂ ଜୋନ୍‌ରେ ଅଗ୍ନିକାଣ୍ଡ

# ୧୨ ଶିଶୁଙ୍କ ସହ ୨୪ ଦଗ୍ଧ



■ **ରାଜକୋଟ,୨୫।୫(ଏଜେନ୍ସି):** ଗୁଜରାଟର ରାଜକୋଟ ସହରରେ ଏକ ଗେମିଂ ଜୋନ୍‌ରେ ଅଗ୍ନିକାଣ୍ଡ ଘଟି ୧୨ ଶିଶୁଙ୍କ ସମେତ ୨୪ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଘଟଣାସ୍ଥଳରୁ ୨୫ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲେ ହେଁ ଫସି ରହିଥିବା ଆଉ କିଛି ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି। ତେବେ ଗେମିଂ ଜୋନ୍‌କୁ ଆସିଥିବା ଆଉ କିଛି ଲୋକଙ୍କ ପତ୍ତା ମିଳୁ ନଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଶଙ୍କା କରାଯାଇଛି। ପ୍ରାୟ ୧୦ରୁ ୧୨ଟି ଅଗ୍ନିଶମ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ମିଳିଥିବା ଖବର ଅନୁସାରେ, ଶନିବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ରାଜକୋଟସ୍ଥିତ କାଲାୱଡ଼ ରୋଡ଼ସ୍ଥିତ ଏହି ଟିଆର୍‌ପି ଗେମିଂ ଜୋନ୍‌ରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଏହି ଗେମିଂ ଜୋନ୍ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବାରୁ ନିମିଷକ ମଧ୍ୟରେ ନିଆଁ ଚାରି ଆଡ଼କୁ ବ୍ୟାପି ଯାଇଥିଲା। ନିଆଁର ପ୍ରଖରତା ଏତେ ଜୋର୍ ଥିଲା ଯେ ସ୍ଥାନୀୟ ଲୋକ ହତବାକ୍ ▶ପୃଷ୍ଠା-୧୩

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ବଡ଼ ବିଜୟ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ୋକ୍ତି

# ଓଡ଼ିଶାରେ ପୁଣି ସ୍ଥିର ସରକାର







■ **ଭୁବନେଶ୍ୱର, ୨୫।୫ (ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ବହୁତ ଭଲ ପ୍ରଦର୍ଶନ କରିବ। ଓଡ଼ିଶାବାସୀଙ୍କୁ ଆମେ ପୁଣି ଥରେ ଏକ ଅତ୍ୟନ୍ତ ସ୍ଥିର ସରକାର ଦେବୁ। ଶନିବାର ଭୁବନେଶ୍ୱର ଏରୋଡ୍ରମ୍ କଲୋନୀସ୍ଥିତ ୟୁପି ସ୍କୁଲ୍ ବୁଥ୍‌ରେ ମତଦାନ କରିବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଚାଲି ଚାଲି ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ବିରୋଧୀମାନେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ବାରମ୍ବାର ଅପପ୍ରଚାର ଚଳାଇଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ପୁଣି ଥରେ ସେମାନଙ୍କୁ ମୁହଁତୋଡ଼ ଜବାବ୍ ଦେଇଛନ୍ତି।

**ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପାଇବୁ**

**ଚାଲି ଚାଲି ଆସିଲେ, ବିରୋଧୀଙ୍କ ମୁହଁ ବନ୍ଦ କଲେ**

ମତଦାନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ମୋର ବିଶ୍ୱାସ ଉଭୟ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ବିଜୁ ଜନତା ଦଳ ବହୁତ ବଡ଼ ବିଜୟ ହାସଲ କରିବ। ଓଡ଼ିଶାବାସୀଙ୍କୁ ଆମେ ପୁଣି ଥରେ ସ୍ଥିର ସରକାର ଦେବୁ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ମୁଁ ସମସ୍ତ ଭୋଟର ବିଶେଷକରି ଯୁବ ▶ପୃଷ୍ଠା-୧୩

## ଅଟୋରେ ଆସିଲେ, ଭୋଟ ଦେଲେ

■ **ଭୁବନେଶ୍ୱର, ୨୫।୫ (ସମିସ):** ମଜବୁତ ଗଣତନ୍ତ୍ର ପାଇଁ ଭାରତର ସ୍ୱତନ୍ତ୍ର ପରିଚୟ ରହିଛି। ଆପଣମାନେ ସମସ୍ତେ ବହୁ ସଂଖ୍ୟାରେ ଆସି ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରନ୍ତୁ ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ଶ୍ରୀ ପାଣ୍ଡିଆନ୍ ଆଜି ଅଟୋ ରିକ୍ସାରେ ବସି ଭୋଟ ଦେବା ପାଇଁ ଯାଇଥିଲେ। ମତଦାନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ, ନିର୍ବାଚନ ହେଉଛି ଗଣତନ୍ତ୍ରର ମହାପର୍ବ। ଏଥିରେ ସମସ୍ତେ ବହୁ ସଂଖ୍ୟାରେ ଆସି ସାମିଲ ହେବା ଜରୁରୀ। ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱ ସମ୍ପାଦନ କରନ୍ତୁ। ସମସ୍ତେ ଆସିଲେ ଭୋଟ ହାର ବଢ଼ିବ। ଅଟୋରେ ଆସିବା ସମ୍ପର୍କରେ ପ୍ରଶ୍ନ ହେବାରୁ ଶ୍ରୀ ପାଣ୍ଡିଆନ୍ କହିଥିଲେ, କିଛି ଦିନ ପୂର୍ବେ ଅଟୋ ମହାସଂଘର ଭାଇମାନେ ମୋତେ ସାକ୍ଷାତ କରିଥିଲେ। ଆଲୋଚନା ଅବସରରେ ସେମାନେ ମୋତେ ଅଟୋରେ ବସି ମତଦାନ କେନ୍ଦ୍ରକୁ ଆସିବା ପାଇଁ ଅନୁରୋଧ କରିଥିଲେ। ଆଉ ଆଜି ମୁଁ ସେମାନଙ୍କ ଅନୁରୋଧ ରକ୍ଷା କରି ଆସିଛି। ଛାତ୍ର ଜୀବନରେ ଅଟୋ, ବାଇକ୍‌ରେ ଯିବା ଆସିବା ହେଉଥିଲା। ଆଜି କିନ୍ତୁ ଅଟୋରେ ଭୋଟ ଦେବାକୁ ଆସି ମୋତେ ବହୁତ ଖୁସି ଲାଗିଲା ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ।

**ଗଣତନ୍ତ୍ରର ମହାପର୍ବରେ ସମସ୍ତେ ସାମିଲ ହୁଅନ୍ତୁ: ପାଣ୍ଡିଆନ୍**

ପରାଜୟ ଭୟରେ ରକ୍ତମୁଖା ବିଜେପି

# ବୁଥ୍‌ରେ ଗୁଣ୍ଡାଗର୍ଦ୍ଦି; ଜେଲ୍ ଗଲେ ପ୍ରଶାନ୍ତ ଜଗଦେବ





ସାଂସଦ ଅପରାଜିତାଙ୍କ ଗାଡ଼ିରେ ପଳାଉଥିବାବେଳେ ପ୍ରଶାନ୍ତଙ୍କୁ ଗୋଡ଼ାଇ ଧରିଲା ପୁଲିସ୍

■ **ଖୋର୍ଦ୍ଧା/ଭୁବନେଶ୍ୱର, ୨୫।୫ (ସମିସ):** ପୁଣିଥରେ ବିବାଦ ଘେରରେ ଫସିଛନ୍ତି ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ। ନିର୍ବାଚନୀ ହିଂସା ମାମଲାରେ ବୋଲଗଡ଼ ପୁଲିସ ଶନିବାର ତାଙ୍କୁ ଗିରଫ କରିଛି। ମତଦାନ ବେଳେ ବୁଥ୍‌ରେ ପଶି ପୋଲିଂ କର୍ମଚାରୀଙ୍କୁ ଧମକଚମକ ଦେବା ସହ ଇଭିଏମ୍ ମେସିନ୍ ଭଙ୍ଗାରୁଜା କରି ସାଧାରଣରେ ଆତଙ୍କ ଖେଳାଇବା ଅଭିଯୋଗରେ ତାଙ୍କୁ ଜେଲ୍ ପଠାଯାଇଛି। ପ୍ରିଜାଇଡିଂ ଅଫିସର୍ ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ପ୍ରଶାନ୍ତଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଏନେଇ ଥାନାରେ ନମ୍ବର ୧୧୭/୨୪ରେ ଏକ ମାମଲା ହୋଇଛି। ସୂଚନାନୁଯାୟୀ, ଆଜି ଶ୍ରୀ ଜଗଦେବ ୧୧୪ ନଂ ବୁଥ୍‌କୁ ନିଜର ମତଦାନ କରିବାକୁ ଆସିଥିଲେ। ସେହି ସମୟରେ କୌଣସି କାରଣକୁ ନେଇ ପୋଲିଂ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ▶ପୃଷ୍ଠା-୧୩

**ଓଡ଼ିଶାକୁ ବିହାର ଏବଂ ୟୁପି କରିବା ଲକ୍ଷ୍ୟରେ ଓଡ଼ିଶା ବିଜେପି ନେତା**

## ଅପରାଧୀଙ୍କ ଢାଲ ଅପରାଜିତା

■ **ଭୁବନେଶ୍ୱର, ୨୫।୫ (ସମିସ):** ବିଭିନ୍ନ ସମୟରେ ବିବାଦୀୟ ବୟାନ ଦେଇ ଏବଂ ବିତର୍କିତ ବ୍ୟକ୍ତିଙ୍କୁ ନିଜର ପାଖ ଲୋକ କରି ପୂର୍ବରୁ ଦଳ ଏବଂ ଦଳ ବାହାରେ ସମାଲୋଚନାର ଶିକାର ହୋଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ବୋଲଗଡ଼ର ଏକ ମତଦାନ କେନ୍ଦ୍ରରେ ପୋଲିଂ କର୍ମଚାରୀଙ୍କୁ ଧମକ ଦେବା ସହ ଇଭିଏମ୍ ମେସିନ୍ ଭଙ୍ଗାରୁଜା କରିଥିବା ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ସୁରକ୍ଷା ପାଇଁ ଢାଲ ସାଜିବା ଘଟଣା ବିଭିନ୍ନ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ବୁଥ୍ ଭିତରେ ଗଣ୍ଡଗୋଳ କରିବା ପରେ ପ୍ରଶାନ୍ତଙ୍କୁ ଜନଆକ୍ରୋଶ ଏବଂ ଆଇନ କବଳରୁ ବଞ୍ଚାଇବା ▶ପୃଷ୍ଠା-୧୩

**ନିନ୍ଦା କଲେ ବରିଷ୍ଠ ନେତା ଡଃ ଅମର ପଟ୍ଟନାୟକ**




■ କେରଳ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ବ୍ୟବସାୟରେ ବାଧକ ହେଲେ ହଟିବନି ରାସ୍ତାକଡ଼ ଗଛ

**କୋଚ୍ଚି, ୨୫।୫(ଏଜେନ୍ସି):** କାହାର ବ୍ୟବସାୟରେ କିମ୍ବା ବାଣିଜ୍ୟିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରୁଥିବା କାରଣରୁ ରାସ୍ତା କଡ଼ର ଗଛ କଟା ଯାଇପାରିବ ନାହିଁ ବୋଲି କେରଳ ହାଇକୋର୍ଟ ରାୟ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି, ରାସ୍ତା କଡ଼ର ଗଛ ଯଦି ଶୁଖି, ଉଈଖାଇ, ପୋଲାହୋଇ ନଷ୍ଟ ହୋଇଛି, ହଠାତ୍ ଭାଙ୍ଗିପଡ଼ିବା ବା ଉପୁଡ଼ିଯିବା ସ୍ଥିତିରେ ଅଛି ଓ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହୁଛି ତେବେ ଯାଇ ସେ ଗଛ କଟାଯାଇ ପାରିବ। ସରକାରୀ ଜମିରେ ଥିବା ଗଛ କଟାଯିବା ନେଇ ୨୦୧୦ର ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଗଢ଼ା କମିଟି ହିଁ ରାସ୍ତା କଡ଼ ଗଛ କଟାଯିବା ନିଷ୍ପତ୍ତି ନେଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଗଛ ଶୀତଳ ଛାୟା, ବିଶୁଦ୍ଧ ଅମ୍ଳଜାନ ଦେବା ସାଙ୍ଗକୁ ପକ୍ଷୀ ଓ ପଶୁଙ୍କୁ ଆଶ୍ରୟ ଦେଉଥିବା ଦର୍ଶାଇ ହାଇକୋର୍ଟ କହିଛନ୍ତି, ପର୍ଯ୍ୟାପ୍ତ କାରଣ ନଥିଲେ ଗଛ ଆଦୌ କଟାଯାଇପାରିବ ନାହିଁ।

## ନାସା ଦେବ ଭାରତୀୟ ମହାକାଶଚାରୀଙ୍କୁ ତାଲିମ୍

**ୱାଶିଂଟନ, ୨୫।୫ (ଏଜେନ୍ସି):** ଇଣ୍ଟର୍‌ନ୍ୟାସନାଲ୍ ସ୍ପେସ୍ ଷ୍ଟେସନ୍ (ଆଇଏସ୍ଏସ୍)କୁ ଆମେରିକା ଓ ଭାରତର ମହାକାଶଚାରୀଙ୍କ ଏକ ମିଳିତ ଟିମ୍ ଚଳିତ ବର୍ଷ କିମ୍ବା ୨୦୨୫ ପ୍ରଥମାର୍ଦ୍ଧରେ ପଠାଯିବା ନିମନ୍ତେ ସ୍ଥିର କରାଯାଇଛି। ସେଥିପାଇଁ ଭାରତୀୟ ମହାକାଶଚାରୀମାନଙ୍କୁ ଆମେରିକାର ନ୍ୟାସନାଲ୍ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେସନ୍ (ନାସା) ଆଡ୍‌ଭାନ୍ସଡ୍ ଟ୍ରେନିଂ ଦେବ ବୋଲି ଭାରତରେ ଅବସ୍ଥାପିତ ଆମେରିକାର କୂଟନୀତିଜ୍ଞ ଏରିକ୍ ଗ୍ରାସେଟି ଗତକାଲି ବେଙ୍ଗାଲୁରୁରେ ୟୁଏସ୍-




ଇଣ୍ଡିଆ ବିଜିନେସ୍ କାଉନ୍‌ସିଲ୍ ପକ୍ଷରୁ ଆୟୋଜିତ ୟୁଏସ୍-ଇଣ୍ଡିଆ କମର୍ସିଆଲ୍ ସ୍ପେସ୍ କନ୍‌ଫରେନ୍ସରେ କହିଛନ୍ତି। ଖୁବ ଶୀଘ୍ର ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂଗଠନ(ଇସ୍ରୋ)ର ସତୀଶ ଧାବନ ସ୍ପେସ୍ ଷ୍ଟେସନରୁ 'ନିସାର୍' ଉପଗ୍ରହ ଲଞ୍ଚ୍ କରାଯିବା ସୂଚନା ଦେଇ କୂଟନୀତିଜ୍ଞ ଏରିକ୍ ଗ୍ରାସେଟି କହିଛନ୍ତି 'ନିସାର୍' ହେଉଛି ଇସ୍ରୋ ଓ ନାସା'ର ଏକ ମିଳିତ ପୃଥ୍ୱୀ ନିରୀକ୍ଷଣ (ଆର୍ଥ ଅବ୍‌ଜରଭିଂ) ମିଶନ୍। 'ନିସାର୍' ଉପଗ୍ରହ ବିଶ୍ୱର ଜୈବ ବିବିଧତା, ପର୍ଯ୍ୟାବରଣ ବା ଇକୋ ସିଷ୍ଟମ୍ ସମେତ ଅନ୍ୟସବୁ ପ୍ରାକୃତିକ ସମ୍ବଳ, ଭୂପୃଷ୍ଠ, ପ୍ରାକୃତିକ ବିପର୍ଯ୍ୟୟ, ସମୁଦ୍ର ପଉନ ବା ଜଳ ସ୍ତର ବୃଦ୍ଧି ଓ କ୍ରାୟୋସ୍ଫିୟର୍ ସମ୍ବନ୍ଧିତ ତଥ୍ୟ ଓ ସୂଚନା ସଂଗ୍ରହ କରି ତାହାର ଅନୁଶୀଳନ (ମନିଟରିଂ) କରିବ। ଅନ୍ତରୀକ୍ଷର ନିରାପଦ ତଥା ଶାନ୍ତିପୂର୍ଣ୍ଣ ବ୍ୟବହାର ନିମନ୍ତେ ଉଭୟ ଆମେରିକା ଓ ଭାରତ ପରସ୍ପରର ସହଯୋଗୀ ହେବାକୁ ପ୍ରତିବଦ୍ଧ ଅଛନ୍ତି ବୋଲି କୂଟନୀତିଜ୍ଞ ଗ୍ରାସେଟି କହିଛନ୍ତି।

## ଇସିଆଇଙ୍କୁ ଅଭିଯୋଗ ଜଣାଇଲେ ମେହବୁବା



ଫୋନ୍ ଆଉଟ୍‌ଗୋଇଂ କଟିଛି, ପିଡିପି ଏଜେଣ୍ଟ ଓ କର୍ମୀଙ୍କୁ ଅଟକ ରଖାଯାଇଛି

**ଅନନ୍ତନାଗ,୨୫।୫(ଏଜେନ୍ସି):** ଜମ୍ମୁ-କଶ୍ମୀରର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି(ପିଡିପି) ମୁଖ୍ୟ ମେହବୁବା ମୁଫତି ଆଜି ଜାତୀୟ ନିର୍ବାଚନ କମିସନ(ଇସିଆଇ)ଙ୍କୁ ଅଭିଯୋଗ କରିଛନ୍ତି ଯେ ରଜୌରି-ଅନନ୍ତନାଗ ଲୋକସଭା ନିର୍ବାଚନମଣ୍ଡଳୀରେ ଗତରାତ୍ରରେ ଓ ମତଦାନ ଆରମ୍ଭ ହେବା ପୂର୍ବରୁ ଆଜି ପ୍ରତ୍ୟୁଷରେ ପିଡିପି ପୋଲିଂ ଏଜେଣ୍ଟ ଓ କର୍ମୀମାନଙ୍କୁ ପୁଲିସ୍ ବିନା କାରଣରେ ଧରିନେଇ ଅଟକ ରଖିଛି। ପୁଣି ଗତକାଲି ସନ୍ଧ୍ୟାରୁ ତାଙ୍କ ଫୋନ୍‌ରୁ କଲ୍ ଆଉଟ୍‌ଗୋଇଂ ଛିନ୍ନ କରାଯାଇଛି, ତେଣୁ ସେ କାହାକୁ ଯୋଗାଯୋଗ କରିପାରୁ ନାହାନ୍ତି। ଅଭିଯୋଗ ପାଇବା ପରେ ବି ଇସିଆଇ ତୁରନ୍ତି କିଛି ପଦକ୍ଷେପ ନେଇ ନ ଥିବାରୁ ମେହବୁବା ତାଙ୍କ ଦଳର ନେତା ଓ ସମର୍ଥକଙ୍କୁ ନେଇ ରାସ୍ତା ଉପରେ ବସି, ଯାତାୟାତକୁ ରୋକି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଅନ୍ୟ ପକ୍ଷରେ ପୁଲିସ୍ କହିଛି ଯେ ମତଦାନକୁ ଅବାଧ ତଥା ଶାନ୍ତପୂର୍ଣ୍ଣ କରାଇବାକୁ କେବଳ ଅପରାଧ ଇତିହାସ ଥିବା ଅଳ୍ପ କେତେଜଣ ବ୍ୟକ୍ତିଙ୍କୁ ଏସ୍ଏସ୍‌ପି(ଅନନ୍ତନାଗ) ଓ ଡିଆଇଜି (ସାଉଥ୍ କାଶ୍ମୀର)ଙ୍କ ନିର୍ଦ୍ଦେଶରେ ଥାନାରେ ଅଟକ ରଖାଯାଇଛି। ମେହବୁବା ରଜୌରି-ଅନନ୍ତନାଗ ଆସନରେ ପିଡିପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି।

# ଷଷ୍ଠ ପର୍ଯ୍ୟାୟରେ ୬୦% ମତଦାନ

**ନୂଆଦିଲ୍ଲୀ,୨୫।୫(ଏଜେନ୍ସି)**

ଲୋକସଭାର ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଶନିବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୬ ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୫୮ଟି ଆସନ ପାଇଁ ମତଦାନ ହୋଇଥିଲା ବେଳେ ୮୮୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ କଏଦ ହୋଇଛି। ଜମ୍ମୁ କାଶ୍ମୀରର ରାଜୌରୀ- ଅନନ୍ତନାଗ ଲୋକସଭା ଆସନ ଓ ଦିଲ୍ଲୀର ୭ ଆସନ ସମେତ ଓଡ଼ିଶାର ୬, ଉତ୍ତରପ୍ରଦେଶ ୧୪, ବିହାର ୮ , ଝାଡଖଣ୍ଡ ୪ , ପଶ୍ଚିମବଙ୍ଗ ୮, ହରିୟାଣା ୧୦ ଟି ଆସନ ପାଇଁ ମତଦାନ ହୋଇଛି। ହାରାହାରି ଭାବେ ଏହି ପର୍ଯ୍ୟାୟରେ ମତଦାନ ହାର ୬୦ ପ୍ରତିଶତ ରହିଛି। ତେବେ ମତଦାନ କ୍ଷେତ୍ରରେ ପଶ୍ଚିମବଙ୍ଗ ସୁବୁଠୁ ଆଗରେ ରହିଛି। ଏଠାରେ ମତଦାନ ହାର ସର୍ବାଧିକ ୭୮ ପ୍ରତିଶତ ରହିଥିଲା ବେଳେ ବିହାର ୫୪ ପ୍ରତିଶତ, ଉତ୍ତରପ୍ରଦେଶ ୫୫ ପ୍ରତିଶତ, ହରିୟାଣା ୫୮ ପ୍ରତିଶତ, ଓଡ଼ିଶା ୬୦ ପ୍ରତିଶତ ଏବଂ ଝାଡ଼ଖଣ୍ଡରେ ମତଦାନ ହାର ୬୩ ପ୍ରତିଶତ ରହିଥିବା କୁହାଯାଇଛି। ଅନ୍ୟପକ୍ଷରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ମତଦାନ ହାର ୫୫ ପ୍ରତିଶତ ରହିଥିଲା ବେଳେ ରାଜୌରୀ-ଅନନ୍ତନାଗରେ ୫୧ ପ୍ରତିଶତ ମତଦାନ ହୋଇଛି। ୧୯୮୯ରେ କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ବଢିବା ପରେ ଚଳିତଥର ଲୋକମାନେ ସର୍ବାଧିକ ହାରରେ ମତଦାନ କରିଥିବା କୁହାଯାଇଛି। ଏହି ପର୍ଯ୍ୟାୟରେ ମୋଟ ୧୧ କୋଟି ୧୩ ଲକ୍ଷ ଭୋଟର ୮୮୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଭୋଟରଙ୍କ ମଧ୍ୟରେ ୫ କୋଟି ୮୪ ଲକ୍ଷ ପୁରୁଷ ଏବଂ ୫ କୋଟି ୨୯ ଲକ୍ଷ ମହିଳା ରହିଛନ୍ତି। ଏହି ପର୍ଯ୍ୟାୟରେ ହେଭି ୱେଟ୍ ପ୍ରାର୍ଥୀଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଓ ଇନ୍ଦରଜିତ୍ ସିଂ, ବିଜେପିର ମେନକା ଗାନ୍ଧୀ, ସମ୍ବିତ ପାତ୍ର, ମନୋହର ଖଟ୍ଟର, ମନୋଜ ତିୱାରୀ, ପିଡିପିର ମେହବୁବା ମୁଫତି ଏବଂ କଂଗ୍ରେସର କହ୍ନେୟା କୁମାର ରହିଛନ୍ତି ।



### ମତଦାନ କଲେ ପ୍ରଥମ ନାଗରିକ



ଲୋକସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଦିଲ୍ଲୀରେ ମତଦାନ ହୋଇଥିଲା ବେଳେ ଦେଶର ପ୍ରଥମ ନାଗରିକ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତଦାନ କରି ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ରାଜେନ୍ଦ୍ର ପ୍ରସାଦ କେଭି ସ୍କୁଲ ବୁଥ୍‌ରେ ଭୋଟ ଦେଇଥିଲେ।

## ୫ଟି ପର୍ଯ୍ୟାୟର ମତଦାନ ତଥ୍ୟ ସାର୍ବଜନୀନ କଲେ ଇସି

**ନୂଆଦିଲ୍ଲୀ,୨୫।୫(ଏଜେନ୍ସି):** ପୂର୍ବରୁ ଶେଷ ହୋଇସାରିଥିବା ୫ ପର୍ଯ୍ୟାୟ ମତଦାନର ସବିଶେଷ ତଥ୍ୟ ଠିକଣା ସମୟରେ ଦିଆଯାଇ ନଥିବାରୁ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ସହିତ ଏଥିନେଇ ବିତର୍କ ସୃଷ୍ଟି ହୋଇଥିଲା। ଏପରିକି ଏନେଇ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ତେବେ ଶନିବାର ନିର୍ବାଚନ ଆୟୋଗ ଶେଷ ହୋଇଥିବା ପାଞ୍ଚ ପର୍ଯ୍ୟାୟ ମତଦାନର ସମସ୍ତ ତଥ୍ୟ ସାର୍ବଜନୀନ କରିଛନ୍ତି। ଏହି ୫ଟି ପର୍ଯ୍ୟାୟରେ ଯେତିକି ଆସନରେ ମତଦାନ ଶେଷ ହୋଇଛି , ପ୍ରତ୍ୟେକ ଆସନ ଅନୁଯାୟୀ ଭୋଟ୍ ତଥ୍ୟ ନିର୍ବାଚନ ଆୟୋଗ ୱେବସାଇଟ୍‌ରେ ଅପଲୋଡ୍ କରାଯାଇଛି। ମତଦାନର ୪୮ ଘଣ୍ଟା ମଧ୍ୟରେ ଭୋଟ୍ ତଥ୍ୟ ସାର୍ବଜନୀନ କରିବାକୁ ହୋଇଥିବା ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିବାର ଗୋଟିଏ ଦିନ ପରେ ନିର୍ବାଚନ ଆୟୋଗ ଏହି ତଥ୍ୟ ପ୍ରକାଶ କରିଛନ୍ତି। ଭୋଟ୍ ତଥ୍ୟ ଯଥା ସମୟରେ ପ୍ରକାଶ କରାଯାଉ ନ ଥିବାରୁ ଏଥିରେ କିଛି ଜାଲିଆତି କରାଯାଇପାରେ ବୋଲି ଯେଉଁ ଅଭିଯୋଗ ଉଠିଥିଲା ତାହାକୁ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି। କୌଣସି ସ୍ଥିତିରେ ମତଦାନ ତଥ୍ୟକୁ କେହି ବି ବଦଳାଇ ପାରିବେନି ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି। ଫର୍ମ ୧୭-ସି ମାଧ୍ୟମରେ ନିର୍ବାଚନ ଦିନ ସମସ୍ତ ପ୍ରାର୍ଥୀଙ୍କ ମତଦାନ ଏଜେଣ୍ଟମାନଙ୍କ ସହ ଶେୟାର କରାଯାଇଥିବାରୁ ଭୋଟ୍ ସଂଖ୍ୟାକୁ କେହି ପରିବର୍ତ୍ତନ କରିପାରିବେ ନାହିଁ। କେତେ ଭୋଟ୍ ପଡିଛି ଜାଣିବାକୁ ଚାହୁଁଥିଲେ, ଭୋଟର ଟର୍ନଆଉଟ୍ ଆପ୍ ଜରିଆରେ ପ୍ରାର୍ଥୀ ଏବଂ ନାଗରିକ ସମସ୍ତ ତଥ୍ୟ ଜାଣିପାରିବେ। ଯାହା ୨୪ ଘଣ୍ଟା ଉପଲବ୍ଧ ବୋଲି ନିର୍ବାଚନ ଆୟୋଗ କହିଛନ୍ତି।

## ଜୟଶଙ୍କର ଓ ରେଖାଙ୍କୁ ପ୍ରଥମ ଭୋଟର ସାର୍ଟିଫିକେଟ୍







**ନୂଆଦିଲ୍ଲୀ, ୨୫।୫(ଏଜେନ୍ସି)**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଜାତୀୟ ମହିଳା କମିସନ୍ ପ୍ରେସିଡେଣ୍ଟ୍ ରେଖା ଶର୍ମା ଆଜି ନୂଆଦିଲ୍ଲୀରେ ସେମାନଙ୍କ ଡେଜିଗ୍ନେଟେଡ୍ ବୁଥ୍‌ରେ ଭୋଟ ହେଇ ଜିଲ୍ଲା ନିର୍ବାଚନ ଅଫିସର(ଡିଇଓ)ଙ୍କଠାରୁ ସାର୍ଟିଫିକେଟ୍ ପାଇଛନ୍ତି। ଉଭୟେ ସେମାନଙ୍କ ବୁଥ୍‌ର ପ୍ରଥମ ଭୋଟର୍ ଥିଲେ। କେନ୍ଦ୍ର ମନ୍ତ୍ରୀ ଜୟଶଙ୍କର ଥିଲେ ତାଙ୍କ ବୁଥ୍‌ର ପ୍ରଥମ ପୁରୁଷ ଭୋଟର୍। ସେଥି ପାଇଁ ତାଙ୍କୁ ସାର୍ଟିଫିକେଟ୍ ମିଳିଛି। ରେଖା ଶର୍ମା ଥିଲେ ତାଙ୍କ ବୁଥ୍‌ର ପ୍ରଥମ ଭୋଟର୍ ଓ ପ୍ରଥମ ବରିଷ୍ଠ ନାଗରିକ ଭୋଟର୍। ସେଥିପାଇଁ ତାଙ୍କୁ ସାର୍ଟିଫିକେଟ୍ ମିଳିଛି। ଉଭୟେ ସେମାନଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଭୋଟ ଦେଇଥିବାର ପ୍ରମାଣ ଭାବେ ଅଙ୍ଗୁଳିରେ କାଳିଦାଗ ଓ ସାର୍ଟିଫିକେଟ୍‌ର ଫଟୋ ଅପଲୋଡ୍ କରିଛନ୍ତି ଏବଂ ସମସ୍ତଙ୍କୁ ଭୋଟ ଦେଇ ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ଓ ନାଗରିକର କର୍ତ୍ତବ୍ୟ ତୁଲାଇବା ପାଇଁ ଅନୁରୋଧ କରିଛନ୍ତି। ଦିଲ୍ଲୀରେ ଆଜି ଭୋଟ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ହେଲେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର, ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର, ଦୁଇ ନିର୍ବାଚନ କମିସନର ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସାନ୍ଧୁ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅନୀଲ ଚୌହାନ, କ୍ୟାବିନେଟ୍ ସେକ୍ରେଟାରୀ ରାଜୀବ ଗୌବା, କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ୧୬ତମ ଫାଇନାନ୍ସ କମିସନ ଅଧ୍ୟକ୍ଷ ଅରବିନ୍ଦ ପାନାଗରିଆ, କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍, ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲୋନ, ଗୌତମ ଗମ୍ଭୀର ପ୍ରମୁଖ।

## ଆପ୍‌କୁ ରାହୁଲ, କଂଗ୍ରେସକୁ ଭୋଟଦେଲେ କେଜ୍ରିୱାଲ



**ନୂଆଦିଲ୍ଲୀ, ୨୫।୫(ଏଜେନ୍ସି):** ଲୋକସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଦିଲ୍ଲୀର ୭ ଆସନ ପାଇଁ ଶନିବାର ମତଦାନ ହୋଇଥିଲା। ତେବେ ଏଥର ମତଦାନ ସମୟରେ କିଛି ଭିନ୍ନ କଥା ଦେଖିବାକୁ ମିଳିଛି। ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ କଂଗ୍ରେସକୁ ଭୋଟ ଦେବା ପରିବର୍ତ୍ତେ ଆମ ଆଦମୀ ପାର୍ଟି(ଆପ୍)କୁ ଭୋଟ ଦେଇଛନ୍ତି। ସେହିପରି ଆମ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିଜ ଦଳର ଝାଡୁ ଚିହ୍ନ ପରିବର୍ତ୍ତେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଦିଲ୍ଲୀରେ ଆମ ଆଦମୀ ପାର୍ଟି ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇ ଦୁଇ ଦଳ ମେଣ୍ଟ କରି ନିର୍ବାଚନ ଲଢୁଛନ୍ତି। ଦିଲ୍ଲୀରେ ମୋଟ ୭ ସଂସଦୀୟ ଆସନ ମଧ୍ୟରୁ ଆମ ଆଦମୀ ପାର୍ଟି ୪ ଓ କଂଗ୍ରେସ ୩ ଆସନରେ ନିର୍ବାଚନ ଲଢୁଛନ୍ତି। ମେଣ୍ଟ ବୁଝାମଣା ଅନୁସାରେ ନୂଆଦିଲ୍ଲୀ ଲୋକସଭା ଆସନରେ ଆମ ଆଦମୀ ପାର୍ଟିର ପ୍ରାର୍ଥୀ ସୋମନାଥ ଭାରତୀ ଛିଡା ହୋଇଛନ୍ତି। 'ଇଣ୍ଡିଆ' ମେଣ୍ଟର ମିଳିତ ପ୍ରାର୍ଥୀ ସୋମନାଥ ଭାରତୀଙ୍କ ବିପକ୍ଷରେ ଭାରତୀୟ ଜନତା ପାର୍ଟିର ଦିବଂଗତ ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜଙ୍କ କନ୍ୟା ବାଂଶୁରୀ ସ୍ୱରାଜଙ୍କୁ ପ୍ରାର୍ଥୀ କରିଛି। ତେଣୁ ରାହୁଲ ଓ ସୋନିଆ ମେଣ୍ଟ ତଥା ଆମ ଆଦମୀ ପାର୍ଟିର ପ୍ରାର୍ଥୀ ସୋମନାଥ ଭାରତୀଙ୍କୁ ଭୋଟ ଦେଇଥିବା ସୂଚନା ମିଳିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସପରିବାର ଦିଲ୍ଲୀର ଚାନ୍ଦିନଚୌକ ଆସନ ପାଇଁ ମତଦାନ କରିଛନ୍ତି। ଏହି ଆସନରେ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ତଥା କଂଗ୍ରେସ ନେତା ଜେପି ଅଗ୍ରୱାଲ ନିର୍ବାଚନ ଲଢୁଛନ୍ତି। ବିଜେପି ପ୍ରାର୍ଥୀ ପ୍ରବୀଣ ଖଣ୍ଡେଲୱାଲଙ୍କୁ ମୁକାବିଲା କରୁଛନ୍ତି କଂଗ୍ରେସର ଜେପି ଅଗ୍ରୱାଲ। ତେଣୁ କେଜ୍ରିୱାଲ ଓ ତାଙ୍କ ପରିବାର କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ମତଦାନ କରିଛନ୍ତି।

## ପୁନେ ପୋର୍ସେ କାର୍ ଦୁର୍ଘଟଣା ମାମଲା: ବନ୍ଧାହେଲେ ତିନି ପିଢ଼ି

**ପୁଣେ, ୨୫।୫(ଏଜେନ୍ସି):** ମହାରାଷ୍ଟ୍ରର ପୁଣେରେ ହୋଇଥିବା ପୋର୍ସେ କାର ଦୁର୍ଘଟଣା ମାମଲାରେ ନାବାଳକ ଅଭିଯୁକ୍ତଙ୍କ ବାପା ବିଶାଲ ଏବଂ ଜେଜେବାପା ସୁରେନ୍ଦ୍ର ଅଗ୍ରୱାଲଙ୍କ ବିରୋଧରେ ତୃତୀୟ ମୋକଦ୍ଦମା ଦାଖଲ କରାଯାଇଛି। ଶନିବାର ଗିରଫ ହୋଇଥିବା ସୁରେନ୍ଦ୍ର ଅଗ୍ରୱାଲଙ୍କୁ କୋର୍ଟରେ ହାଜର କରି ପୁଲିସ ୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା ବେଳେ କୋର୍ଟ ତାଙ୍କୁ ତିନି ଦିନ ପାଇଁ ପୁଲିସ ହେପାଜତକୁ ପଠାଇଥିବା ଜଣାପଡ଼ିଛି। ସେ ୨୮ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତରେ ରହିବେ। ପୁଲିସ କୋର୍ଟକୁ କହିଛି ଯେ ଅଭିଯୁକ୍ତଙ୍କ ଜେଜେବାପା ସୁରେନ୍ଦ୍ର ଅଗ୍ରୱାଲ ତାଙ୍କ ଡ୍ରାଇଭର ଗଙ୍ଗାରାମଙ୍କ ଉପରେ ନାତି କରିଥିବା ଅପରାଧକୁ ଲଦିଦେବାକୁ ଚାହୁଁଛନ୍ତି। ଏଥିପାଇଁ ଡ୍ରାଇଭରଙ୍କୁ ଦୋଷ ଗ୍ରହଣ କରିନେବାକୁ ବାଧ୍ୟ କରାଯାଇଥିଲା। ଡ୍ରାଇଭରଙ୍କୁ ଅପହରଣ କରି ବଙ୍ଗଳାରେ ବନ୍ଦୀ କରି ରଖିଥିଲେ ସୁରେନ୍ଦ୍ର ଅଗ୍ରୱାଲ, ତାଙ୍କ ଘରୁ କିଛି ସିସିଟିଭିର ଫୁଟେଜ୍‌କୁ ଜବତ



କରାଯାଇଛି। ଯାହା ସେମାନଙ୍କ ଅପରାଧକୁ ନିଶ୍ଚିତ କରୁଛି ବୋଲି ପୁଲିସ ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ୨ଜଣ ଇଞ୍ଜିନିୟର(ଜଣେ ମହିଳା ଓ ଜଣେ ପୁରୁଷ) ତାଙ୍କ ସାଙ୍ଗମାନଙ୍କୁ ଦେଖା କରି ଘରକୁ ଫେରୁଥିବା ବେଳେ ଏକ ପୋର୍ସେ କାର୍ ତାଙ୍କୁ ଧକ୍କା ଦେଇଥିଲା। ଯାହା ଫଳରେ ଘଟଣାସ୍ଥଳରେ ଦୁହିଁଙ୍କର ମୃତ୍ୟୁ ହୋଇଥିଲା। ମୃତକମାନେ ଥିଲେ ଅନୀଷ ଅୱଧୀୟ ଓ ଅଶ୍ୱିନୀ କୋଶଟା। ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତ ନାବାଳକ ଥିବାରୁ ତାକୁ ଜାମିନ୍ ଦିଆଯାଇ ତାଙ୍କ ବାପାଙ୍କୁ ଗିରଫ କରିଥିଲା ପୁଲିସ। ହେଲେ ନାବାଳକର ଜାମିନକୁ ସବୁଆଡୁ ବିରୋଧ କରାଯିବାରୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ଅଭିଯୁକ୍ତର ଜାମିନ ରଦ୍ଦ କରିଥିଲେ।

■ ବାରୁଦ କାରଖାନାରେ ବିସ୍ଫୋରଣ

## ୧ ମୃତ, ୧୨ଜଣ ଗୁରୁତର ଆହତ



**ରାୟପୁର,୨୫।୫(ଏଜେନ୍ସି):** ଛିତିଶଗଡର ବେମେତରା ଜିଲ୍ଲାରେ ଏକ ବାରୁଦ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗମ୍ଭୀର ରହିଥିବାରୁ ମୃତ୍ୟୁସଂଖ୍ୟା ବଢିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ମିଳିଥିବା ଖବର ଅନୁସାରେ ଶନିବାର ସକାଳେ ଛତିଶଗଡ ବେମେତରା ଜିଲ୍ଲାର ପିରଦା ଗାଁରେ ଏକ ବାରୁଦ ଫ୍ୟାକ୍ଟ୍ରିରେ କୌଣସି କାରଣରୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, ସ୍ଥାନୀୟ ଅଞ୍ଚଳ ନିମିଷକେ ମଧ୍ୟରେ ଧୂଆଁମୟ ହୋଇଯିବା ସହିତ ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ଅଞ୍ଚଳ ଥରିଥିଲା। ଖବର ପାଇ ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ଓ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଘଟଣାସ୍ଥଳରୁ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାଛଡ଼ା ଗୁରୁତର ଆହତ ହୋଇଥିବା ଲୋକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, କାରଖାନା ଭିତରେ ୨୦ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହୋଇଯାଇଥିବା ଦେଖିବାକୁ ମିଳିଥିଲା। ବିସ୍ଫୋରଣ ଯୋଗୁ କାରଖାନାର ଆଖପାଖରେ ଥିବା ଅନେକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲା ପ୍ରଶାସନର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛି।

# ଆଜି ପଶ୍ଚିମବଙ୍ଗ ଉପକୂଳ ଛୁଇଁବ 'ରେମଲ'

**ନୂଆଦିଲ୍ଲୀ ,୨୫।୫(ଏଜେନ୍ସି)**

**ଆଜିଠୁ ଦୁଇ ଦିନ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ସମ୍ଭାବନା**



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ସାମୁଦ୍ରିକ ଝଡ଼ରେ ପରିଣତ ହେବା ସହିତ ରବିବାର ସନ୍ଧ୍ୟା ସୁଦ୍ଧା ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳ ଛୁଇଁବ ବୋଲି ଶନିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସତର୍କ କରି ଦିଆଯାଇଛି। ଏହି ଝଡ଼ର ନାମକରଣ 'ରେମଲ' ରଖାଯାଇଥିଲା ବେଳେ ଏହା ସ୍ଥଳ ଭାଗ ଛୁଇଁବା ପରେ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳ ବ୍ୟତୀତ ଉତ୍ତରପୂର୍ବାଞ୍ଚଳର କିଛି ରାଜ୍ୟ ପ୍ରଭାବିତ ହେବ ବୋଲି ଆଇଏମଡି କହିଛି। ରେମଲ ପ୍ରଭାବରେ ତ୍ରିପୁରା, ମଣିପୁର, ଆସାମ ଏବଂ ନାଗାଲାଣ୍ଡରେ ପ୍ରବଳ ବେଗରେ ପବନ ଏବଂ ବର୍ଷା ହେବ। ଏହାର ପ୍ରଭାବରେ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବା ସହ ବିଭିନ୍ନ ସ୍ଥାନରେ ପ୍ରବଳରୁ ପ୍ରବଳ ବର୍ଷା ହେବ ବୋଲି ଆଇଏମଡି ସତର୍କ କରି ଦେଇଛି। ୨୬ ଏବଂ ୨୭ ତାରିଖରେ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବ ସୂଚନା ଦିଆଯାଇଛି।

ରେମଲ ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପଶ୍ଚିମବଙ୍ଗ ଓ ବାଂଲାଦେଶର ତଳିଆ ଅଞ୍ଚଳରେ ୧.୫ ମିଟର ପର୍ଯ୍ୟନ୍ତ ସାମୁଦ୍ରିକ ଜୁଆର ଆସିବା ସହିତ ସଂପୃକ୍ତ ଅଞ୍ଚଳକୁ ଜଳମଗ୍ନ କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ୨୭ ତାରିଖ ସକାଳ ପର୍ଯ୍ୟନ୍ତ ଉତ୍ତର ବଙ୍ଗୋପସାଗରରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ସତର୍କ କରାଇ ଦିଆଯାଇଛି। ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଜିଲ୍ଲା ଦକ୍ଷିଣ ଓ ଉତ୍ତର ୨୪ ପ୍ରଗଣାରେ ଦୁଇ ଦିନ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ଆଇଏମଡି ସୂଚନା ଅନୁଯାୟୀ ଚଳିତ ବର୍ଷ ମୌସୁମୀ ପୂର୍ବରୁ ବଙ୍ଗୋପସାଗରରେ ଏହା ହେଉଛି ପ୍ରଥମ ସାମୁଦ୍ରିକ ଝଡ଼।



ଆଇପିଏଲ୍ ଫାଇନାଲ୍ ଆଜି
▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-329 •BHUBANESWAR •SUNDAY •26 MAY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୨୯ •ଭୁବନେଶ୍ୱର •ରବିବାର •୨୬ ମେ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)


### ବିରଜା ମାଟିରୁ ପାଣ୍ଡିଆନଙ୍କ ରଣହୁଙ୍କାର

# ଆଗାମୀ ନିର୍ବାଚନରେ ନାମାଙ୍କନ ଭରିବାକୁ ବି ଡରିବେ ବିରୋଧୀ

- ମୁଖ୍ୟମନ୍ତ୍ରୀଙ୍କୁ ଗାଳିର ମୁହଁତୋଡ଼ ଜବାବ୍ ଦେବେ ଲୋକ
- ସ୍ମୃତି ଇରାନୀ ଯାହା କହନ୍ତି, ତା'ର ଓଲଟା ଫଳେ
- କେବଳ ନିର୍ବାଚନ ବେଳେ ଦେଖାଦିଅନ୍ତି ବିରୋଧୀ
- ବଞ୍ଚିତ ହିତାଧିକାରୀଙ୍କୁ ମିଳିବ ଘର ଓ ରାସନ କାର୍ଡ
- ଆମ ସହ ନବୀନ ବାବୁ ଅଛନ୍ତି; ବିପଦକୁ ଡର ନାହିଁ
- ବବି ବାବୁ ଓ ଯାଜପୁରକୁ ମୁଖ୍ୟମନ୍ତ୍ରୀ ବହୁତ ଭଲପାଆନ୍ତି
- ବବି ବାବୁ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସେନାପତି
- ମୁଖ୍ୟମନ୍ତ୍ରୀ ୩୩%ରୁ ଅଧିକ ମା'ଙ୍କୁ ଟିକଟ ଦେଇଛନ୍ତି
- ବିଜେପି ୧୦% ମହିଳାଙ୍କୁ ବି ଟିକଟ ଦେଇ ପାରିଲାନି



■ **ଭୁବନେଶ୍ୱର ୨୫।୫ (ସମିସ):** ବିଜେପିର କେନ୍ଦ୍ରୀୟ ନେତାମାନେ ଯାହା କହନ୍ତି, ଯାହା ଆକଳନ କରନ୍ତି ତାହାର ଓଲଟା ଫଳ ଦେଖିବାକୁ ମିଳେ। ସେମାନଙ୍କ କାମ ବି ସେମାନଙ୍କ କଥାର ସମ୍ପୂର୍ଣ୍ଣ ଓଲଟା। ଲୋକଙ୍କ ପାଇଁ କିଛି କାମ କରିବେ ନାହିଁ; କେବଳ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବେ। ସେମାନେ ଆସୁଛନ୍ତି, ଆମ ମୁଖ୍ୟମନ୍ତ୍ରୀଙ୍କୁ ଗାଳି ଦେଉଛନ୍ତି। ମୋତେ ଗାଳି ଦେଲେ ଚଳିବ; କିନ୍ତୁ ଓଡ଼ିଶାବାସୀଙ୍କ ପ୍ରିୟ ଜନନେତାଙ୍କୁ ଗାଳିଦେଲେ ଲୋକ ସହିବେ ନାହିଁ; ସେମାନଙ୍କୁ ମୁହଁତୋଡ଼ ଜବାବ୍ ଦେବେ। ସେମାନେ କେବଳ ଭୋଟ ରାଜନୀତି କରୁଛନ୍ତି; ଆମ ମୁଖ୍ୟମନ୍ତ୍ରୀ ସେବା ମନୋଭାବରେ କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ରିବାରର ସଦସ୍ୟ ଭାବେ ଗ୍ରହଣ କରି ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ନବୀନ ବାବୁ ଜୁନ୍ ୯ ତାରିଖରେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ବିରୋଧୀ ବିଜେପି ନେତାମାନେ ଆସିବେ, ମିଠା ମିଠା କଥା କହିବେ, ମିଛ କଥା କହିବେ, ଅପପ୍ରଚାର କରିବେ। ଏମାନେ ବଡ଼ ବଡ଼ କଥା କହିବେ, ନିର୍ବାଚନ ସରିଗଲେ ଖୋଜିଲେ ପାଇବେ ନାହିଁ। ଏମାନଙ୍କୁ ୨୦୧୯ରେ ଦେଖିଥିଲେ, ୨୦୨୪ ରେ ଦେଖୁଛନ୍ତି ଏବଂ ୨୦୨୯ରେ ପୁଣି ଦେଖିବେ, ଅନ୍ୟ ସମୟରେ ଦେଖିବେ ନାହିଁ। ଆପଣମାନଙ୍କ ଆଶୀର୍ବାଦରେ ଆମେ ବହୁ ଭୋଟରେ ଜିତିବୁ। ଆମେ ଲୋକଙ୍କ ଏମିତି ସେବା କରିବା; ଯେପରି ବିରୋଧୀ ଦଳ ଆଗାମୀ ନିର୍ବାଚନରେ ନାମାଙ୍କନପତ୍ର ଭରିବା ପାଇଁ ମଧ୍ୟ ଡରିବେ। ଶନିବାର ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି ଯାଜପୁର ଲୋକସଭା କ୍ଷେତ୍ରର ସୁକିନ୍ଦା, ଯାଜପୁର, ବିଞ୍ଝାରପୁର, ବରୀ, ଧର୍ମଶାଳା ଓ ବଡ଼ଚଣାରେ ନିର୍ବାଚନ ପ୍ରଚାର କରି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏବଂ ବିଜେପି ନେତାଙ୍କୁ କଡ଼ା ଜବାବ୍ ଦେଇ ଏହା କହିଛନ୍ତି।

ଶ୍ରୀ ପାଣ୍ଡିଆନ ଆରମ୍ଭରୁ ବିଜେପି ଉପରେ ତୀବ୍ର ଆକ୍ରମଣ କରି କହିଥିଲେ ଯେ, ବିଜେପିର ଆଭ୍ୟନ୍ତରୀଣ ସର୍ଭେ କହୁଛି ଯେ ସେମାନଙ୍କ ଲକ୍ଷ୍ୟ ହଉଛି ୩୦ଟି ଆସନ। ସେଥିରେ ପୁଣି ଧର୍ମଶାଳା ବି ଅଛି। ମୁଁ ବିନମ୍ରତାର ସହ କହୁଛି, ଓଡ଼ିଶାରେ ଯେତେ ଓଲଟାପାଲଟା କାମ କଲେ ବି ଧର୍ମଶାଳାରୁ ବିଜେଡିକୁ ଆଶୀର୍ବାଦ କମିବ ନାହିଁ; ବରଂ ବଢ଼ିବ। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଶାଣିତ ଆକ୍ରମଣ କରି ତାଙ୍କ ପ୍ରତ୍ୟେକ ମନ୍ତବ୍ୟର କଡ଼ା ଜବାବ ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ, ଆଜି କେନ୍ଦ୍ରମନ୍ତ୍ରୀ କେନ୍ଦ୍ରାପଡ଼ାରେ କହିଛନ୍ତି ଯେ ନବୀନ ବାବୁଙ୍କୁ ଲୋକ ଆଉ ଆଶୀର୍ବାଦ ଦେବେ ନାହିଁ। କେନ୍ଦ୍ରାପଡ଼ାରେ ସେମାନେ ବହୁତ ମାର୍ଜିନରେ ଜିତିବେ। କେନ୍ଦ୍ରମନ୍ତ୍ରୀ ଜାଣିବା ଉଚିତ ବିଜେପୁର ଉପ-ନିର୍ବାଚନରେ ଓ ୨୦୧୯ ସାଧାରଣ ନିର୍ବାଚନ ପାଇଁ ୨୦୧୮ ରେ ସେ ଯେଉଁ ଆକଳନ କରି ଭାଷଣ ଦେଇଥିଲେ ସବୁ ଓଲଟା ହେଲା। ସ୍ମୃତି ଇରାନୀ ଯାହା କହନ୍ତି; ତାହା ଓଲଟା ଫଳ ଦିଏ। କେନ୍ଦ୍ରାପଡ଼ା ଏବଂ ଧର୍ମଶାଳା ସହିତ ସାରା ଓଡ଼ିଶାରେ ବିଜୁ ଜନତା ଦଳ ବିପୁଳ ମାର୍ଜିନରେ ବିଜୟ ହାସଲ କରିବ ବୋଲି ଶ୍ରୀ ପାଣ୍ଡିଆନ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ସ୍ମୃତି ଇରାନୀଙ୍କୁ ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ସେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଥିଲେ। ଯଦି ଓଡ଼ିଶାରେ ୧୦ଟି ଟେକ୍ସଟାଇଲ୍ସ ପାର୍କ କରିଥାଆନ୍ତେ, ତା'ହେଲେ ତାଙ୍କ କଥା ଲୋକେ ଶୁଣିଥା'ନ୍ତେ। ସେ ସଂଖ୍ୟାଲଘୁ ବିଭାଗର ମଧ ମନ୍ତ୍ରୀ ଥିଲେ। ଯଦି କେନ୍ଦ୍ରାପଡ଼ାରେ ସଂଖ୍ୟାଲଘୁମାନଙ୍କ ପାଇଁ କିଛି ସଂସ୍ଥା କରିଥାନ୍ତେ, ତା'ହେଲେ ଲୋକ ଶୁଣିଥା'ନ୍ତେ। ଏବେ ସେ ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ଅଛନ୍ତି; ହେଲେ ଅଙ୍ଗନବାଡ଼ି କର୍ମୀମାନଙ୍କୁ କେନ୍ଦ୍ର ଯାହା ପାଉଣା ଦଉଛି, ଆମେ ତା'ର ଚାରି ୪ ଗୁଣା ଦଉଛୁ। କେନ୍ଦ୍ରର ଡବଲ ଇଞ୍ଜିନ ଓ ନବୀନ ଇଞ୍ଜିନ ସରକାର ମଧ୍ୟରେ ତୁଳନାତ୍ମକ ଚିତ୍ର ରଖି, ପାଣ୍ଡିଆନ କହିଲେ, ଅଙ୍ଗନବାଡ଼ି କର୍ମୀଙ୍କୁ କେନ୍ଦ୍ର ଦଉଛି ୨୭୦୦ଟଙ୍କା; ଆମେ ଦଉଛୁ ୧୦ ହଜାର। କେନ୍ଦ୍ର ଯୋଜନାରେ ଗର୍ଭବତୀ ମା'ମାନେ ୬ ହଜାର ଟଙ୍କା ପାଉଥିବା ବେଳେ ଆମେ ଦଉଛୁ ୧୦ ହଜାର ଟଙ୍କା। ସେହିପରି ସାମାଜିକ ସୁରକ୍ଷା ଭତ୍ତା ବାବଦରେ କେନ୍ଦ୍ର ଦଉଛି ମାତ୍ର ୩୦୦; ଆମେ ଦଉଛୁ ୧୦୦୦ ଟଙ୍କା। ନିର୍ବାଚନ ସମୟରେ ବିରୋଧୀମାନେ ଆସିବେ, ମିଠା ମିଠା କଥା ଓ ମିଛ କଥା କହିବେ, ଅପପ୍ରଚାର କରିବେ, କୁମ୍ଭୀର କାନ୍ଦଣା କାନ୍ଦିବେ। ସେଥିପ୍ରତି ଆପଣମାନେ ସତର୍କ ରୁହନ୍ତୁ। ଆମ ମୁଖ୍ୟମନ୍ତ୍ରୀଙ୍କୁ ଗାଳି ଦେଉଥିବା ଏହି ଲୋକମାନଙ୍କୁ ଆମେ ସମସ୍ତେ ଏକ ହୋଇ ମୁହଁତୋଡ଼ ଜବାବ ଦେବା ବୋଲି ସେ ଆହ୍ୱାନ ଜଣାଇଥିଲେ। ▶ପୃଷ୍ଠା-୧୩

### ସରିଲା ତୃତୀୟ ପର୍ଯ୍ୟାୟ ଭୋଟ୍

# ୭୦.୯୯% ମତଦାନ

**୪୪୭ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍**



■ **ଭୁବନେଶ୍ୱର, ୨୫।୫ (ସମିସ):** କାଁ ଭାଁ ହିଂସାକୁ ଛାଡ଼ିଦେଲେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ପର୍ଯ୍ୟାୟରେ କଟକ, ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ଲୋକସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ରାତିରେ ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୬ ଲୋକସଭା କ୍ଷେତ୍ରରେ ୭୦.୯୯ ପ୍ରତିଶତ ମତଦାନ ହୋଇଛି। ଉପରୋକ୍ତ ଲୋକସଭା ଏବଂ ବିଧାନସଭା ଆସନରେ ଲଢୁଥିବା ମୋଟ ୪୪୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଜୁନ୍ ୧ ତାରିଖରେ ରାଜ୍ୟରେ ଶେଷ ପର୍ଯ୍ୟାୟ ମତଦାନ ହେବ। ଆସନ୍ତା ୪ ତାରିଖ ଦିନ ଭୋଟ ଗଣତି ପରେ ସମସ୍ତ ୨୧ ଲୋକସଭା କ୍ଷେତ୍ର ଏବଂ ୧୪୭ ବିଧାନସଭା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଭାଗ୍ୟଫଳ ଜଣାପଡ଼ିବ।

ଆଜି ଅନୁଷ୍ଠିତ ୬ଟି ଲୋକସଭା କ୍ଷେତ୍ର ମଧ୍ୟରେ ସମ୍ବଲପୁରରେ ସର୍ବାଧିକ ୭୬.୬୩ ପ୍ରତିଶତ ମତଦାନ ହୋଇଛି। ସେହିପରି ପୁରୀରେ ୭୩.୮୧ ପ୍ରତିଶତ, ଢେଙ୍କାନାଳରେ ୭୩.୬୯ ପ୍ରତିଶତ, କେନ୍ଦୁଝରରେ ୭୩.୩୯ ପ୍ରତିଶତ ଏବଂ କଟକରେ ୬୭.୩୬ ପ୍ରତିଶତ ମତଦାନ ହୋଇଥିବା ବେଳେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ସର୍ବନିମ୍ନ ୬୨ ପ୍ରତିଶତ ମତଦାନ ହୋଇଛି। ମତଦାନରେ ସମସ୍ତ ବର୍ଗର ଭୋଟର ଯଥା-ନୂଆ ଭୋଟର, ଯୁବ ଭୋଟର, ମହିଳା ଭୋଟର, ଭିନ୍ନକ୍ଷମ ଭୋଟର, ତୃତୀୟ ଲିଙ୍ଗୀ ଭୋଟର, ଆଦିମ ଜନଜାତି ଭୋଟର ସାମିଲ ହୋଇ ନିଜ ଅଧିକାର ସାବ୍ୟସ୍ତ କରି ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥିବାରୁ ସମସ୍ତ ଭୋଟରଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାଧୁବାଦ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ଶାନ୍ତିଶୃଙ୍ଖଳାର ସହ ମତଦାନ ପରିଚାଳନା କାର୍ଯ୍ୟ କରିଥିବାରୁ ସମସ୍ତ ପୋଲିଂ କର୍ମଚାରୀ, ସୁରକ୍ଷା ବଳଙ୍କୁ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ କେତେକ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିବା ପାଇଁ ▶ପୃଷ୍ଠା-୧୩

**କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି**

# ଆଜି ମାଟ୍ରିକ ଓ +୨ ପରୀକ୍ଷା ଫଳ

■ **ଭୁବନେଶ୍ୱର, ୨୫।୫ (ସମିସ):** ଉଭୟ ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷାଫଳ ଆସନ୍ତାକାଲି (ରବିବାର) ପ୍ରକାଶ ପାଇବ। ପୂର୍ବାହ୍ନ ସାଢ଼େ ୧୦ଟାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ), ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ପାଇବ। ସାଢ଼େ ୧୧ଟା ସୁଦ୍ଧା ବୋର୍ଡ ୱେବସାଇଟ୍ bseodisha.in ରେ ଉପଲବ୍ଧ ହେବ। ୫୬୭୬୭୫୦ ନମ୍ବରକୁ ଏସ୍‌ଏମ୍‌ଏସ୍ କରି ମଧ୍ୟ ଫଳ ଜାଣିପାରିବେ। ପରୀକ୍ଷାର୍ଥୀମାନେ ଡିଜିଟାଲ ପ୍ରମାଣପତ୍ରକୁ ବୋର୍ଡ ୱେବସାଇଟ୍ ରୁ ଅପରାହ୍ନ ୪ଟା ପରଠାରୁ ଡାଉନଲୋଡ କରିପାରିବେ। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ଅପରାହ୍ନ ୩ଟାରେ ପ୍ରକାଶ ପାଇବ। www.orissaresults.nic.in ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଇ-ସ୍ପେସ୍ ଏବଂ ଡିଜିଲକର୍ ମାଧ୍ୟମରେ ମଧ୍ୟ ସେମାନଙ୍କ ଫଳାଫଳ ଦେଖି ପାରିବେ। ଚଳିତବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ।

### ■ ସୁନାବେଡ଼ା ଅଭୟାରଣ୍ୟରେ ଅଭାବନୀୟ ଘଟଣା

# ତୀର ମାରି ଜଣକୁ ହତ୍ୟା

■ **ନୂଆପଡ଼ା/କୋମନା, ୨୫।୫ (ସମିସ):** ନୂଆପଡ଼ା ଜିଲ୍ଲା କୋମନାଥାନାସ୍ଥିତ ସୁନାବେଡ଼ା ଅଭୟାରଣ୍ୟର ଦାଥୁନାମା ଗାଁରେ ଏକ ଆପରାଧିକ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଡ଼ାଙ୍ଗ ଗାଁର ରାମଚନ ପହରିଆ(୩୦)ଙ୍କୁ ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ଦାଥୁନାମା ଗାଁର ଜଲାରାମ ପହରିଆ (୪୫) ତାଙ୍କୁ ତୀର ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ତେବେ ହତ୍ୟା ପରେ ଜଲାରାମ ଧନୁତୀର ଧରି ଗାଁରେ ବୁଲୁଥିବା ଯୋଗୁଁ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ସୁନାବେଡ଼ା ବସ୍ତିଠାରୁ ୬/୭କିମି ଦୂରରେ ରହିଛି ଦାଥୁନାମା ଗାଁ। ସେଠାରେ ଥିବା ଜଲାରାମଙ୍କ ଘରକୁ ଶନିବାର ଅପରାହ୍ଣରେ ରାମଚନ ଧନୁତୀର ଧରି ଆସିଥିଲା। ସେଠାରେ ଦୁହିଁଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ବଚସା ହୋଇଥିଲା। ଏହାପରେ ରାମଚନ ଧନୁତୀର ଉଠାଇ ଜଲରାମଙ୍କ ଉପରକୁ ମାରିଥିଲା; ଜଲାରାମ ତଳେ ବସିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଜଲାରାମ ଧନୁ ତୀର ଛଡ଼ାଇ ଆଣିଥିଲେ। ରାମଚନ ଦୌଡ଼ି ପଳାଉଥିବା ବେଳେ ପଛପଟୁ ଜଲାରାମ ତୀର ମାରିଥିଲେ। ରାମଚନଙ୍କ ପେଟରେ ତୀର ବାଜିବାରୁ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ପରେ ତୀରକୁ ନିଜ ହାତରେ କାଢ଼ିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରକ୍ତ ଜୁଡୁବୁଡୁ ତୀରକୁ ଧୋଇଥିଲା ଜଲାରାମ। ଅନ୍ୟପକ୍ଷରେ ରାତି ପ୍ରାୟ ୧୦ ଟାବେଳେ ଦୁର୍ଗମ ମାଓ ଅଧ୍ୟୁଷିତ ଅଭୟାରଣ୍ୟ ଭିତରକୁ ଥାନା ଅଧିକାରୀ ସୁମନ୍ତ କୁମାର ନାୟକ ପୁଲିସ ଟିମ୍ ସହ ପହଞ୍ଚି ମୃତଦେହ ଓ ଧନୁତୀର ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ଶବ ବ୍ୟବଚ୍ଛେଦ ପରେ ଅଧିକ ତଥ୍ୟ ହାସଲ ହେବ ବୋଲି ଥାନା ଅଧିକାରୀ କହିଛନ୍ତି।

# ମତଦାନ ବେଳେ ଅଘଟଣ; ୩ ମୃତ

- ହୃଦ୍‌ଘାତରେ ଚାଲିଗଲା ପୁଲିଂ ଅଫିସର୍‌ଙ୍କ ଜୀବନ
- ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ଘୋଷଣା
- ଧାଡ଼ିରେ ଠିଆ ହୋଇଥିବା ବେଳେ ଟଳିପଡ଼ିଲେ ମହିଳା
- ମତଦାନ କେନ୍ଦ୍ରରେ ପ୍ରାଣ ହରାଇଲେ ପୋଲିଂ ଏଜେଣ୍ଟ

■ **କଟକ/ଭାପୁର/ଢେଙ୍କାନାଳ, ୨୫।୫ (ସମିସ):** ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟି ୩ଜଣଙ୍କ ମୃତ୍ୟୁ ହୋଇଛି। କଟକରେ କାର୍ଯ୍ୟରତ ଜଣେ ମହିଳା ପୁଲିଂ ଅଧିକାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବେଳେ ନୟାଗଡ଼ ଜିଲ୍ଲା ଭାପୁରରେ ଜଣେ ମହିଳା ଭୋଟର୍ ଏବଂ ହିନ୍ଦୋଳରେ ଜଣେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ, ବାବରାଟୀ-କଟକ ନିର୍ବାଚନ ମଣ୍ଡଳୀର ୧୧୪ ନମ୍ବର ବୁଥ୍ (ହାଡିବନ୍ଧୁ ନୋଡାଲ୍ ହାଇସ୍କୁଲ)ରେ କାର୍ଯ୍ୟରତ ମହିଳା ପୋଲିଂ ଅଧିକାରୀ ସୁଜାତା ମିତ୍ରଙ୍କର ମୃତ୍ୟୁ ଘଟିଛି। ଶ୍ରୀମତୀ ମିତ୍ର ବାଖରାବାଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ। ଆଜି ସେ ନିର୍ବାଚନ ଡ୍ୟୁଟି କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହି ଘଟଣାରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶୋକ ପ୍ରକାଶ କରିବା ସହିତ ସ୍ୱର୍ଗତା ମିତ୍ରଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ବିଧି ମୁତାବକ ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣାକ୍ରମେ ତାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ପଥରପୁଞ୍ଜି ଗ୍ରାମ ପୁଲିଂ ବୁଥରେ ଜଣେ ମହିଳା ଭୋଟର୍‌ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ, ପଥରପୁଞ୍ଜି ଗ୍ରାମର ଦାମୋଦର ଦଳେଇଙ୍କ ପତ୍ନୀ ବିନୋଦିନୀ ଦଳେଇ (୬୦)। ବିନୋଦିନୀ ଭୋଟ ଦେବାକୁ ମତଦାନ କେନ୍ଦ୍ରରେ ଲାଇନରେ ଠିଆ ହୋଇଥିବା ବେଳେ ହଠାତ୍ ତଳେ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ବାଘୁଆପଲ୍ଲୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ▶ପୃଷ୍ଠା-୧୩

## ଲୋକକଥା



ପରାଜୟ ବାସ୍ନା ବାରି ବିରୋଧୀଙ୍କ
ମନ ହୁଏ ଛଟପଟ,
ଓଡ଼ିଶା ଶାସନ ହାତକୁ ନେବାକୁ
ମାରୁଛନ୍ତି ବାହାସ୍ଫୋଟ !
ସ୍ଥିତିରେ ତାଙ୍କ ସଙ୍କଟ,
ଆଉ ଦିନ ମାତ୍ର କେଇଟା ରହିଲା
ବିକାଶ ଶିରେ ମୁକୁଟ !!

### ମାଓ ମୁକାବିଲା ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ

# ବିନା ମାଓ ହିଂସାରେ ନିର୍ବାଚନ ସମ୍ପନ୍ନ

**୨୬ ବର୍ଷ ପରେ ଇତିହାସ ରଚିଲା ଓଡ଼ିଶା ପୁଲିସ**

■ **ଭୁବନେଶ୍ୱର, ୨୫।୫ (ସମିସ):** ମାଓ ବିରୋଧୀ ମୁକାବିଲାରେ ରାଜ୍ୟ ସରକାରଙ୍କୁ ଅଭୂତପୂର୍ବ ସଫଳତା ମିଳିଛି। ମାଓଗଡ଼ରେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ଶେଷ କରିଛି ଓଡ଼ିଶା ପୁଲିସ। ପ୍ରଥମ ଦୁଇଟି ପର୍ଯ୍ୟାୟରେ ରାଜ୍ୟର ମାଓ ଉପଦ୍ରୁତ ୧୧ଟି ଜିଲ୍ଲାରେ ମତଦାନ ସମୟରେ କୌଣସି ପ୍ରକାର ମାଓ କାର୍ଯ୍ୟକଳାପ ଘଟି ନ ଥିବା ସୂଚନା ମିଳିଛି। ୨୬ ବର୍ଷ ପରେ ବିନା ମାଓ ହିଂସାରେ ନିର୍ବାଚନ ସମ୍ପନ୍ନ ହୋଇଥିବାରୁ ନୂଆ ଇତିହାସ ସୃଷ୍ଟି ହୋଇଛି। ମାଓ ବିରୋଧୀ ସ୍ୱତନ୍ତ୍ର ରଣନୀତି, ସୁରକ୍ଷାକର୍ମୀଙ୍କ ନିଷ୍ଠା ସହ ଲଢ଼େଇ ଯୋଗୁଁ ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ ହୋଇଛି।

ରାଜ୍ୟର ୧୧ଟି ନକ୍ସଲ ପ୍ରଭାବିତ ଜିଲ୍ଲା ମାଲକାନଗିରି, ନୂଆପଡ଼ା, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼, ବଲାଙ୍ଗିର, ବରଗଡ଼ରେ ନିର୍ବାଚନ ସରିଛି। କିଛି ଅଞ୍ଚଳରେ ମାଓବାଦୀମାନେ ନିର୍ବାଚନକୁ ବର୍ଜନ କରିବା ଲାଗି ମାଓ ପୋଷ୍ଟର ଲଗାଇଥିଲେ। ନିର୍ବାଚନଠାରୁ ଦୂରେଇ ରହିବାକୁ ଧମକପୂର୍ଣ୍ଣ ପୋଷ୍ଟର ଲଗାଇଥିଲେ। ଛତିଶଗଡ଼ରୁ ମାଓବାଦୀମାନେ ଆସି ସୀମାନ୍ତରେ ବଡ଼ଧରଣର ଅଘଟଣ ଲାଗି ଯୋଜନା କରିଥିଲେ; କିନ୍ତୁ ସବୁ ଯୋଜନାକୁ ଓଡ଼ିଶା ପୁଲିସ ଭଣ୍ଡୁର କରିବା ସହ ମାଓବାଦୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିଥିଲା। ଛତିଶଗଡ଼ ଓ ଝାଡ଼ଖଣ୍ଡ ପୁଲିସ ସହ ସମନ୍ୱୟ ରକ୍ଷା କରି ରାଜ୍ୟ ପୁଲିସ ମାଓଗଡ଼ରେ କମ୍ବିଂ ଅପରେସନ୍ ଜାରି ରଖିଥିଲା। ଅନେକ କ୍ଷେତ୍ରରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଜଙ୍ଗଲରେ କମ୍ବିଂ, ପାଟ୍ରୋଲିଂ ସହ ଗୁଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ସୁରକ୍ଷାକର୍ମୀଙ୍କ ୨୪ ଘଣ୍ଟିଆ ପହରାରୁ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ତେବେ ମାଓବାଦୀ ଯେଉଁ ନିର୍ବାଚନ ବର୍ଜନ ଡକରା ଦେଇଥିଲେ ତା'ର କୌଣସି ପ୍ରଭାବ ପଡ଼ିନାହିଁ। ଲୋକେ ଅଧିକ ସଂଖ୍ୟାରେ ଆସି ଭୋଟ ଦେଇଛନ୍ତି। ମାଲକାନାଗିରିର ସ୍ୱାଭିମାନ ଅଞ୍ଚଳ ଓ କୋଟିଆ ଅଞ୍ଚଳରେ ଭୋଟ୍ ପ୍ରତିଶତ ଆଶାଠାରୁ ଅଧିକ ମତଦାନ ହୋଇଛି।

ସୂଚନାଯୋଗ୍ୟ, ୧୯୯୮ ମସିହାରେ ରାୟଗଡ଼ାରେ ଏକ ମୋବାଇଲ ପାର୍ଟି ଉପରକୁ ମାଓବାଦୀମାନେ ଆକ୍ରମଣ କରିଥିଲେ। ପୁଲିଂ ପାର୍ଟି ଓ ପୁଲିସ ଫୋର୍ସ ଉପରେ ଆକ୍ରମଣରେ ଇଭିଏମ୍ ଭଙ୍ଗାରୁଜା ଓ ବୋମା ବିସ୍ଫୋରଣରେ ଜଣେ ହାବିଲଦାର ସହିଦ ହୋଇଥିଲେ। ସେଇ ବର୍ଷ ଠାରୁ ଯେତେ ନିର୍ବାଚନ ▶ପୃଷ୍ଠା-୧୩

# ଯୁବକଙ୍କ ଗଳାକାଟି ହତ୍ୟା

■ **କଟକ, ୨୫।୫ (ସମିସ):** କଟକ କମିସନରେଟ ପୁଲିସ ଅନ୍ତର୍ଗତ କନ୍ଦରପୁର ଥାନା ଦେଓପୁର ଗ୍ରାମରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ନିର୍ବାଚନ ପୂର୍ବଦିନ ବିଳମ୍ବିତ ରାତିରେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ, ଉକ୍ତ ଗ୍ରାମର ସରୋଜ କୁମାର ଭୋଇ(୩୬)। ସେ ଏକ ବେସରକାରୀ ସଂସ୍ଥାରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ରାତି ପ୍ରାୟ ୧୨ଟାରେ ଘରୁ ବାହାରି ବାହାରକୁ ଯାଇ ଆଉ ଫେରି ନଥିଲେ। ପ୍ରବଳ ଗରମ ହେଉଥିବାରୁ ସେ ବାହାରେ ଶୋଇଛନ୍ତି ଭାବି ଘର ଲୋକ ଖୋଜାଖୋଜି କରିନଥିଲେ। କିନ୍ତୁ ସକାଳୁ ଖବର ମିଳିଥିଲା ଯେ ଘରଠାରୁ କିଛି ଦୂରରେ ଏକ ଗହୀର ମଧ୍ୟରେ ତାଙ୍କ ମୃତଦେହ ପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ସେଠାରେ ଗହଳି ଲାଗିଥିଲା। କନ୍ଦରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। କଟକ ଡିସିପି ଆର. ପ୍ରକାଶଙ୍କ ସମେତ ଜୋନ୍ ଏସିପି ମଧ୍ୟ ପହଞ୍ଚିଥିଲେ। ପରେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡର କାରଣ ଓ ଅପରାଧୀଙ୍କ ସମ୍ପର୍କରେ ଛାନଭିନ ଚଳାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହା ଏକ ରାଜନୈତିକ ହତ୍ୟାକାଣ୍ଡ କିମ୍ବା ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ରହିଥିବାବେଳେ ତଦନ୍ତ ଜାରିରହିଛି। ପରେ ସନ୍ଧ୍ୟାରେ ମୃତକଙ୍କ ବଡ଼ଭାଇ ସନ୍ତୋଷ ଭୋଇଙ୍କ ଏତଲାକ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି।

# ଗଣତନ୍ତ୍ରର ମହାପର୍ବରେ ସମସ୍ତେ ଏକାଠି



ଶନିବାର ରାଜ୍ୟରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ କରୁଛନ୍ତି ପ୍ରାର୍ଥୀ-ନେତା-ଜନତା

# ନିର୍ବାଚନ ବେଳେ ବିଜେପି ନେତାଙ୍କ ମନେପଡ଼େ ପାରାଦୀପ କଥା

**ପାରାଦୀପ, ୨୫।୫ (ସମିସ):** ସପ୍ତାହେ ପରେ ଶେଷ ପର୍ଯ୍ୟାୟ ନିର୍ବାଚନ। ଏହି ପର୍ଯ୍ୟାୟରେ ଜଗତସିଂହପୁର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଆସନ ପାରାଦୀପରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଏବେ ବନ୍ଦରନଗରୀ ପାରାଦୀପକୁ ବିଭିନ୍ନ ଦଳର ନେତା-ମନ୍ତ୍ରୀଙ୍କ ସୁଅ ଛୁଟୁଛି। ବିଶେଷକରି ବିଜେପିର ଜାତୀୟସ୍ତରର ଏକାଧିକ ନେତା ପାରଦୀପ ଆସି ଭୋଟର୍‌ଙ୍କ ଆଗରେ ପ୍ରତିଶ୍ରୁତିର ପାହାଡ଼ ଠିଆ କରିଦେଉଛନ୍ତି। ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଓ କେନ୍ଦ୍ର ମନ୍ତ୍ରୀ ବି. ଏଲ ସନ୍ତୋଷ ପ୍ରଚାର ସାରି ବାହୁଡ଼ି ଯାଇଥିବା ବେଳେ ଆଜି (ଶନିବାର) କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗକୁ ଆସି ପ୍ରଚାର କରିଛନ୍ତି। ଏ ପର୍ଯ୍ୟନ୍ତ ଆସିଥିବା ବିଜେପିର ସବୁ ନେତା ଗୋଟିଏ କଥା କହିଛନ୍ତି ଯେ ରାଜ୍ୟରେ କ୍ଷମତାକୁ ଆସିଲେ ପାରାଦୀପର ଅଭୂତପୂର୍ବ ବିକାଶ କରିବୁ। କିନ୍ତୁ ଅତୀତର ପ୍ରତାରଣା ପାଇଁ ସେମାନଙ୍କର ଏହି ପ୍ରତିଶ୍ରୁତିକୁ ଭୋଟର୍ ବିଶ୍ୱାସକୁ ନେଇପାରୁନାହାନ୍ତି ବୋଲି ଏଠିକାର ବୁଦ୍ଧିଜୀବୀମହଲ ଯୁକ୍ତି ବାଢ଼ିଛନ୍ତି।

ସେମାନଙ୍କ କହିବା କଥା ହେଲା, ଅତୀତରେ ପାରାଦୀପର ବିକାଶ ପାଇଁ କେନ୍ଦ୍ର ନେତୃମଣ୍ଡଳୀ ଅନେକ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହାକୁ ସେମାନେ ପାଳନ କରିନାହାନ୍ତି। ୨୦୧୪ ସାଧାରଣ ନିର୍ବାଚନ ପରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ୨୦୧୫ମସିହାରେ ପାରାଦୀପ ଗସ୍ତରେ ଆସିଥିଲେ। ବନ୍ଦରଭିତ୍ତିକ ସହର ଭାବେ ପାରାଦୀପକୁ ସ୍ମାର୍ଟସିଟିରେ ପରିଣତ ଏବଂ ଏଠାରେ ଏକ



**ଅତୀତରେ ଶହ ଶହ ପ୍ରତିଶ୍ରୁତି ଦେଇ ଫାଙ୍କିଛନ୍ତି**

**ସ୍ମାର୍ଟସିଟି, ସୁପରସ୍ପେସିଆଲିଟି ହସ୍ପିଟାଲ, ପ୍ଲାଷ୍ଟିକ ପାର୍କ ଧୂଆଁବାଣ**

ସୁପରସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କରାଯିବ ବୋଲି ଏକ ସଭାରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି ପ୍ରତିଶ୍ରୁତିକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଉଭୟ ପ୍ରକଳ୍ପର ବିନ୍ଦୁବିସର୍ଗ ବି ଆରମ୍ଭ ହୋଇନାହିଁ।

ଖାଲି ସେତିକି ନୁହେଁ, ପାରାଦୀପ ବନ୍ଦରକୁ ସମ୍ପୂର୍ଣ୍ଣ ଭାବେ ମେକାନିକାଲ ଏନଟ୍ରାପୋର୍ଟ ଟ୍ରାନ୍ସପୋର୍ଟେସନ୍ କରିବା, ଏଠାରେ ପ୍ଲାଷ୍ଟିକ୍ ପାର୍କ ନିର୍ମାଣ ଭଳି ବଡ଼ବଡ଼ ପ୍ରକଳ୍ପ ପାଇଁ ବିଜେପିର ଅନ୍ୟ ନେତା-ମନ୍ତ୍ରୀମାନେ ଗସ୍ତ ସମୟରେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସେ ସବୁ ପ୍ରତିଶ୍ରୁତି କେବଳ ଧୂଆଁବାଣ ହୋଇ ରହିଯାଇଛି। ଓଲଟି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏହି ବନ୍ଦରନଗରୀ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରିବାରେ ଲାଗିଛି। କିନ୍ତୁ ଏଥିପାଇଁ କେନ୍ଦ୍ର ସରକାର ଆଦୌ ଧ୍ୟାନ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି।

ପଣ୍ୟ ପରିବହନ କ୍ଷେତ୍ରରେ ପାରାଦୀପ ବନ୍ଦର ଭାରତରେ ୧ ନମ୍ବର ବନ୍ଦର ହୋଇଥିଲେ ମଧ୍ୟ ବନ୍ଦରର ବିକାଶ ପାଇଁ ଆବଶ୍ୟକ ପାଣ୍ଠି କେନ୍ଦ୍ର ସରକାର ଯୋଗାଇବାରେ ବିଫଳ ହୋଇଛନ୍ତି। ପାରାଦୀପ ବନ୍ଦରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପ୍ରସ୍ତୁତି ମାଷ୍ଟର୍ ପ୍ଲାନ୍ ମଧ୍ୟ କାର୍ଯ୍ୟକାରୀ କରି ପାରିନାହାନ୍ତି। ଫଳରେ ପାରାଦୀପରେ ରହୁଥିବା ଲୋକମାନେ ପ୍ରଦୂଷଣ ଜନିତ ସମସ୍ୟାରେ ବର୍ଷତମାମ ଘାଣ୍ଟି ହେଉଛନ୍ତି। ପାରାଦୀପକୁ ରେଳ ଚଳାଚଳ ବା ସଂଯୋଗ କ୍ଷେତ୍ରରେ ମଧ୍ୟ ଅବହେଳା କରାଯାଇଛି। ପାରାଦୀପ ରେଳଷ୍ଟେସନ୍‌ର ଆବଶ୍ୟକ ବିକାଶ ହୋଇନାହିଁ। ସେହିଭଳି ତୈଳ ବିଶୋଧନାଗାରଭିତ୍ତିକ ସହଯୋଗୀ ଶିଳ୍ପ ପ୍ରତିଷ୍ଠା କରିବାରେ ସରକାର ବିଫଳ ହୋଇଛନ୍ତି। ଏଠାରେ ଏକ ଲକ୍ଷ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ପ୍ଲାଷ୍ଟିକ ପାର୍କ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇପାରୁ ନାହିଁ। ଫଳରେ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ଦେବାରେ ମିଥ୍ୟା ପ୍ରତିଶ୍ରୁତି ଏବେ ପଦାରେ ପଡ଼ିଛି। ବିଶୋଧନାଗାରରେ ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁ ନାହିଁ।

ଅପରପକ୍ଷେ, ବିକାଶ ବଦଳରେ ପାରାଦୀପ ବନ୍ଦରକୁ ଧୀରେଧୀରେ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯାଉଛି। ଏବେ ସୁଦ୍ଧା ଶତକଡ଼ା ୭୦ଭାଗ ବର୍ଥ ଘରୋଇକରଣ ହୋଇ ସାରିଲାଣି। ବିଭିନ୍ନ ବହୁଦେଶୀୟ କମ୍ପାନୀ ପାରାଦୀପ ବନ୍ଦରକୁ ଏବେ କବ୍‌ଜା କରିବାକୁ ବସିଲେଣି। ପାରାଦୀପ ବନ୍ଦରରୁ ବାର୍ଷିକ ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉଥିବା କେନ୍ଦ୍ର ସରକାର ବନ୍ଦରର ବିକାଶ ପ୍ରତି ଆଖି ବୁଜି ଦେଇଛନ୍ତି। ତେଣୁ ଏବେ ନିର୍ବାଚନ ସମୟରେ କେନ୍ଦ୍ରର ବହୁ ବିଜେପି ନେତା ଘନଘନ ଗସ୍ତ କରି ପ୍ରାର୍ଥୀଙ୍କ ଲାଗି ପ୍ରଚାର କରୁଥିଲେ ହେଁ ତାହା ବିଶେଷ ଫଳପ୍ରଦ ହେବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ତେଲକୋଇରେ ପିଭିଟିଜି ବୁଥ୍

# ମତଦାନ କେନ୍ଦ୍ରରେ ଆଦିବାସୀଙ୍କ ଜୀବନଶୈଳୀର ଝଲକ୍





**କେନ୍ଦୁଝର,୨୫।୫(ସମିସ):** କେନ୍ଦୁଝର ଜିଲ୍ଲାରେ ମତଦାନ ହାରକୁ ଅଧିକ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ତେଲକୋଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଂଶପାଳ ବ୍ଲକ୍ କୁଆଁର ପଞ୍ଚାୟତର ତାଳପଦାରେ ହୋଇଥିବା ଏକ ନିଆରା ବୁଥ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏଠାରେ ଏକ ପିଭିଟିଜି ବୁଥ୍ ଖୋଲାଯାଇଥିଲା। ଏଭଳି ବୁଥ୍ କେନ୍ଦୁଝରରେ ପ୍ରଥମ ବୋଲି କୁହାଯାଉଛି। ପିଭିଟିଜି ଅର୍ଥାତ୍ ବିଶେଷଭାବେ ଅନୁନ୍ନତ ଜନଜାତି ସମୁଦାୟ। ଆଜି ଏହି ବୁଥ୍‌ରେ ଆଦିମ ଜନଜାତି ଜୁଆଙ୍ଗ ଏବଂ ପାଉଡ଼ି ଭୂୟାଁମାନେ ବହୁ ସଂଖ୍ୟାରେ ଭୋଟ୍ ଦେଇ ଗଣତନ୍ତ୍ରର ମହାପର୍ବରେ ନିଜକୁ ସାମିଲ କରିଥିଲେ। ତେଲକୋଇ ନିର୍ବାଚନ ମଣ୍ଡଳୀର ଏହି ୬୬ନମ୍ବର ବୁଥ୍‌ରେ ଆଦିବାସୀଙ୍କର ପାରମ୍ପରିକ ମଣ୍ଡଘର, ପନିପରିବା, ସ୍ୱତନ୍ତ୍ର ସହାୟକ କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ସେହିପରି ପ୍ରବେଶପଥରେ ଭୋଟର୍‌ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱତନ୍ତ୍ର ଭାବେ ସ୍ୱାଗତ କରାଯାଇଥିଲା। ମତଦାନ କେନ୍ଦ୍ର ପରିସରରେ ତିଆରି ମଣ୍ଡଘରେ ଜୁଆଙ୍ଗମାନଙ୍କର ପାରମ୍ପରିକ ବାଦ୍ୟ ଚାଙ୍ଗୁ, ଧନୁତୀର, ଧାନ ରଖା ଡୋଲି, ମାଣ୍ଡିଆ, ମକା ବାଜରା ଅନ୍ୟାନ୍ୟ ଖାଦ୍ୟଶସ୍ୟ ସୁନ୍ଦର ଭାବେ ସଜା ଯାଇଥିଲା। ଏହା ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥିଲା।

**ପ୍ରଦର୍ଶିତ ହେଲା ପାରମ୍ପରିକ ଖାଦ୍ୟଶସ୍ୟ, ମଣ୍ଡଘର**

# ଚା' ଖଟିରେ 'ଡବଲ ଇଞ୍ଜିନ୍' ଓ 'ବାତ୍ୟା'ର ରୋଚକ ଆଲୋଚନା

**ଭବାନୀପାଟଣା, ୨୫।୫ (ସମିସ):** ଆଉ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ପରେ ଆସନ୍ତା ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ। ନିର୍ବାଚନକୁ ନେଇ ରାଜ୍ୟରେ ଚାଲିଥିବା ତମାମ ଆଲୋଚନା, କଳ୍ପନାଜଳ୍ପନା ଏବଂ ଆଶାଆଶଙ୍କାର ଅନ୍ତ ଘଟିବ। ତେବେ ଇତିମଧ୍ୟରେ ବଙ୍ଗୋପସାଗରରେ ବଳ ଗୋଟାଉଥିବା ବାତ୍ୟା ରେମଲ ଓ ନିର୍ବାଚନକୁ ନେଇ ଏକ ରୋଚକ ଆଲୋଚନା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଚା' ଖଟିରେ ହୋଇଥିବା ଏହି ଆଲୋଚନା କିଛି ଏମିତି ଢଙ୍ଗରେ ଆରମ୍ଭ ହୋଇଥିଲା;

ସୁଡୁକାଏ ଚା' ପିଇ ବାଇଧର କହିଥିଲେ, ବାତ୍ୟା ଭଳି ବିରୋଧୀ ବିଜେପି ଓଡ଼ିଶାବାସୀଙ୍କ ମନରେ ଭୟ ଜନ୍ମାଇବାର ତରିକା ଆପଣାଇଛନ୍ତି। ଭିନ୍ନଭିନ୍ନ ରାଜ୍ୟରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରୀୟ ନେତା ଆସୁଛନ୍ତି। ପ୍ରଧାନମନ୍ତ୍ରୀ ବି ପଛରେ ପଡ଼ିନାହାନ୍ତି। ସେ ବି ଘନଘନ ଓଡ଼ିଶା ଗସ୍ତ କରୁଛନ୍ତି। ଏହାକୁ ସେ ବାତ୍ୟା ରେମଲ ସହ ତୁଳନା କରି ସେ କହିଥିଲେ, ଓଡ଼ିଶା ଆକାଶରେ ରାଜସ୍ଥାନ, ଆସାମ, ଛତିଶଗଡ଼, ୟୁପି, ତ୍ରିପୁରା ଏବଂ ଦିଲ୍ଲୀରୁ ବଡ଼ବଡ଼ ମେଘ ଭଳି ଆସି ଜମା ହେବା ଓ ଘଡ଼ଘଡ଼ି ଶବ୍ଦ କରି ଫେରିବା ଓ ପୁଣି ଆସିବା ହାସ୍ୟାସ୍ପଦ।

ସେଥିରେ ଆଉ ପଦେ ଯୋଡ଼ି ଦେଇଥିଲେ ଖଟିର ଅନ୍ୟତମ ସଦସ୍ୟ ଦେବାଶିଷ। ଚା' ଗ୍ଲାସ୍‌ଟିକୁ ଥୋଉ ଥୋଉ ସେ କହି ଉଠିଲେ, ସକ୍ରିୟ ଲଘୁଚାପ ଭୀଷଣ ବାତ୍ୟାର ରୂପ ନେଇ ଗଭୀର ଅବପାତରେ ପରିଣତ ହେବ। ତେବେ ଅବପାତ ସମ୍ବଲପୁର, ଭୁବନେଶ୍ୱର ନା କେନ୍ଦ୍ରାପଡ଼ାରେ; ତାହା ତ ଠିକ୍ ଜଣାପଡ଼ିଲାନି। ଓଲଟା ବାତ୍ୟା ଗତିପଥ ବଦଳାଇ କ୍ରମଶଃ ଦୁର୍ବଳ ହୋଇଯାଉଛି। ତାଙ୍କର ଏହି ପଦ କଥାରେ ପୂରା ପରିବେଶରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା।

ଦେବାଶିଷଙ୍କ ପାଟିରୁ ଛଡ଼ାଇ ଆଣି ଚା' ଦୋକାନୀ ରମେଶ କହିଥିଲେ, ବାତ୍ୟା ପ୍ରଭାବ ଓଡ଼ିଶା ଉପରେ ପଡ଼ିବନି ବୋଲି ଜାଣି ଲୋକେ ଆଶ୍ୱସ୍ତି ଅନୁଭବ କରିବା ସ୍ୱାଭାବିକ। କାରଣ ରାଜ୍ୟ ସରକାର ସବୁବେଳେ ଖୁସିରେ ଏବଂ ସୁରକ୍ଷିତ ରୁହନ୍ତୁ କହିଥା'ନ୍ତି। ଏହି କଥାକୁ ଆହୁରି ବୁଝାଇ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟାର ମୁକାବିଲା ପ୍ରସଙ୍ଗରେ ସଫଳ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଛନ୍ତି। ଅନ୍ୟ ରାଜ୍ୟମାନେ ପରିଚାଳନା ବ୍ୟବସ୍ଥାକୁ ଅନୁସରଣ କରୁଛନ୍ତି। ତେଣୁ ବିଜେପିର 'ଡବଲ ଇଞ୍ଜିନ' ରାଜନୈତିକ ବାତ୍ୟା ଓଡ଼ିଶା ଉପରେ କିଛି ଫରକ ପକାଇ ପାରିବନି। ବିକାଶ କଥା ଦେଖିଲେ କଳାହାଣ୍ଡି ଆକାଶରୁ ବିମାନ ଉଡ଼ିବା, ସ୍ୱାସ୍ଥ୍ୟ ଓ ଶିକ୍ଷା, ଗମନାଗମନ ଓ ପରିବହନ ରାସ୍ତା ଘାଟ ନିର୍ମାଣ ଜଳସେଚନ ଶୀର୍ଷରେ ପହଞ୍ଚିଛି। ସମସ୍ତ ବିକାଶ ପଛରେ ମୁଖ୍ୟମନ୍ତ୍ରୀଙ୍କ ଭଲ ପାଇବା ଓ ଆଶୀର୍ବାଦ କାର୍ଯ୍ୟ କରୁଛି। ତେଣୁ ଚଳିତ ୨୦୨୪ ନିର୍ବାଚନ ବିରୋଧୀଙ୍କ ପ୍ରଭାବ ଶବ୍ଦର ଯାଦୁକରୀ ଭିତରେ ସୀମିତ। ଓଡ଼ିଶାବାସୀ ବିରୋଧୀଙ୍କ ଅସଲ ଉଦ୍ଦେଶ୍ୟ ବୁଝିପାରିଛନ୍ତି।

## ଗଡ଼ୁଚାଲିଛି ତିନିରଥ...

# ତିନି ଚାଳିକୁ ଦିଆଗଲା ଅଖ କାଠ



**ପୁରୀ, ୨୫।୫ (ସମିସ):** ଆଉ ତିନିଦିନ ପରେ ଭଉଁରୀ। ପରମ୍ପରା ଅନୁଯାୟୀ ଏହିଦିନ ଚକଡେରା ନୀତି ଅନୁଷ୍ଠିତ ହେବ। ପ୍ରତ୍ୟେକ ରଥରେ ୨ଟି ଲେଖାଏଁ ଚକ ଗୋଟିଏ ଅଖ ସହ ସଂଯୋଗ କରାଯିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଚଳଚଞ୍ଚଳ ଏବେ ରଥଖଳା। ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ରଥ ନିର୍ମାଣ କାମ ଆଗେଇ ଚାଲିଛି। ଶନିବାର ସୁଦ୍ଧା ତିନି ରଥର ମୋଟ ୪୨ ଚକ ମଧ୍ୟରୁ ୩୩ଟି ଚକରେ ପହି ପିନ୍ଧା ଶେଷ ହୋଇଛି। ସେହିପରି ତିଖଗୁଜ କୁଡ଼ୁକା ପାଇଁ କାଠ ଚଉପଟ କରାଯାଉଛି। କୁଡ଼ୁକା ଏବଂ ଜଳଯନ୍ତ୍ର କାମ ବି ଚାଲିଛି। ତେବେ ଭୋଇ ସେବକମାନେ ପ୍ରତ୍ୟେକ ରଥ ପାଇଁ ଗୋଟିଏ ଲେଖାଏଁ ନାହାକା ଅଖ (୪୦ ଫୁଟିଆ ଧଉରା) କାଠ ଯୋଗାଇ ଦେଇଛନ୍ତି। ଅନୁକୂଳ କରାଯିବା ପରେ ଏହାକୁ ସାଇଜ୍ କରାଯିବ। ଏହି ନାହାକା ଅଖରେ ଭଉଁରୀ ଦିନ ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ସଂଯୋଗ କରାଯାଇ ଚକଡେରା ନୀତି ସମ୍ପନ୍ନ ହେବ।

ଅନ୍ୟପକ୍ଷରେ ରଥଖଳାରେ ରୂପକାରମାନେ ଶ୍ରୀନୃସିଂହଙ୍କ ଖୋଦେଇ କାମ ଜାରି ରଖିଛନ୍ତି। ଦୋଳବେଦୀ କୋଣ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପଦାରୀ, ଅରକଣ୍ଟା ଏବଂ ବଳା ନିର୍ମାଣ କରୁଛନ୍ତି। ସମୁଦାୟ ୧୫ଟି ଚକର ୩୦ଟି ବଳା ନିର୍ମାଣ ସରିଥିବା ବେଳେ ୧୦ଟି ଚକ ପାଇଁ ୨୦ଟି ପଦାରୀ ତିଆରି ସରିଛି। ସେହିପରି ୧୫ଟି ଚକ ପାଇଁ ଅରକଣ୍ଟା ନିର୍ମାଣ ଶେଷ ହୋଇଛି ବୋଲି କମାର ସେବକ ଅର୍ଜୁନ ମହାରଣା ସୂଚନା ଦେଇଛନ୍ତି।

# ପ୍ରଶାନ୍ତ ଜଗଦେବଙ୍କ ଗୁଣ୍ଡାଗର୍ଦ୍ଦି ବିରୋଧରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏବଂ ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର ୨୫।୫(ସମିସ):** ବୁଥ୍ ଭିତରେ ପଶି ଇଭିଏମ୍ ଭାଙ୍ଗିବା ଏବଂ ପୁଲିଂ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ସେହିପରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ଦଳ। ବିଜେଡି ପକ୍ଷରୁ କୁହାଯାଇଛି ଯେ ଆଜି ବୋଲଗଡ଼-ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜାସୁନାଖଳାର ବୁଥ୍ ନଂ ୧୧୪ରେ ଶ୍ରୀ ଜଗଦେବ ବଳପୂର୍ବକ ଧସେଇ ପଶିବା ସହିତ ଗୁଣ୍ଡାଗର୍ଦ୍ଦି କରିଥିଲେ। ସେ ଇଭିଏମ୍ ଭାଙ୍ଗିବା ସହିତ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଆହୁରି ମଧ୍ୟ ଘଟଣା ପରେ



ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ନିଜ ଗାଡ଼ିରେ ଶ୍ରୀ ଜଗଦେବଙ୍କୁ ଫେରାର କରାଇବା ପାଇଁ ନେଇଯାଇଥିଲେ। ତେବେ ପୁଲିସ ତାଙ୍କ ପିଛା କରି ସାଂସଦଙ୍କ ଗାଡ଼ିରୁ ଶ୍ରୀ ଜଗଦେବଙ୍କୁ ଗିରଫ କରିଥିଲା। ଆମେ ଆଜି ଏ ସମ୍ପର୍କରେ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରି ଶ୍ରୀ ଜଗଦେବଙ୍କ ଗିରଫଦାରୀ ପାଇଁ ଦାବି ଜଣାଇଛୁ। ରାଜ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶ୍ରୀ ଜଗଦେବଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର ଏବଂ ସୁଲତା ଦେଓଙ୍କ ସମେତ ଡ଼ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ମିହିର ରାୟ, ମାହିକ୍ଷିତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ସୋଫିଆ ଆଲାମ୍ ପ୍ରମୁଖ ସାମିଲ ହୋଇଥିଲେ।

## ବିଜେଡିର ଦୃଢ଼ୋକ୍ତି

# ତୃତୀୟ ପର୍ଯ୍ୟାୟ ମତଦାନ ପରେ ରାଜ୍ୟରେ ବିଜେଡି ସରକାର

**ଭୁବନେଶ୍ୱର, ୨୫।୫ (ସମିସ):** ତୃତୀୟ ପର୍ଯ୍ୟାୟ ମତଦାନ ପରେ ରାଜ୍ୟରେ ବିଜେଡି ସରକାର କରିବା ନିଶ୍ଚିତ ହୋଇଯାଇଛି। ସେହିପରି ଓଡ଼ିଶା ବିଜେପି ବଡ଼ଧରଣର ପରାଜୟ ଆଡ଼କୁ ଗତି କରୁଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର।

**ବଡ଼ ପରାଜୟ ଆଡକୁ ଗତି କରୁଛି ଓଡ଼ିଶା ବିଜେପି**

ଡ. ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହେବାକୁ ଯାଉଛି। ତୃତୀୟ ପର୍ଯ୍ୟାୟ ଶେଷରେ ଆମେ ବିନମ୍ରତାର ସହ କହିବାକୁ ଚାହୁଁଛୁ ଯେ ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳ ଓଡ଼ିଶାରେ ସରକାର ଗଠନ କରୁଛି। ସମ୍ବଲପୁର, ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର ଓ ଢେଙ୍କାନାଳ ଆଦି ୬ଟି ଲୋକସଭା ନିର୍ବାଚନମଣ୍ଡଳୀର ଭୋଟର ଭାଇ ଭଉଣୀମାନଙ୍କୁ ଆଶୀର୍ବାଦ ଓ ବିଜେଡିକୁ ନିରନ୍ତର ସମର୍ଥନ ପାଇଁ ଆମେ ଧନ୍ୟବାଦ ଜଣାଉଛୁ। ସେହିପରି ପ୍ରଥମ ଦୁଇ ପର୍ଯ୍ୟାୟର ସମସ୍ତ ଭୋଟର ଭାଇ ଭଉଣୀଙ୍କୁ ସେମାନଙ୍କ ସମର୍ଥନ ଓ ଆଶୀର୍ବାଦ ପାଇଁ ମଧ୍ୟ ଧନ୍ୟବାଦ ଜଣାଉଛୁ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ୍ୟୁ

**ଜଗନ୍ନାଥପୁର, ୨୫।୫ (ସମିସ):** ଶନିବାର ସକାଳେ ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ ଯେ ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ତଳଶିରା ଗ୍ରାମର ବନିତା ବେହେରା (୫୯) ଶନିବାର ସକାଳୁ ନିଜ ଘର ପଛପଟ ଆମ୍ବ ବଗିଚାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ। ସେହି ସମୟରେ ପଛପଟୁ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିବା ସହ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ତାଙ୍କ ପରିବାରଲୋକଙ୍କ ସମେତ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗକୁ ଜଣାଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା।

# ଶାନ୍ତିଶୃଙ୍ଖଳାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ

**ଭୁବନେଶ୍ୱର,୨୫।୫(ସମିସ):** ରାଜ୍ୟରେ ତୃତୀୟ ପର୍ଯ୍ୟନ୍ତ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ଭୋଟରମାନେ ଖରାରେ ଲମ୍ବା ଧାଡ଼ିରେ ଆସି ଭୋଟଦାନ କରିଥିଲେ। ତେଣୁ ଅଧିକରୁ ଅଧିକ ଭୋଟର ଭୋଟ ଦାନ କରିଥିବାରୁ ଡିଜିପି ଧନ୍ୟବାଦ ଜଣାଇଥିଲେ। କାଁ ଭାଁ ସ୍ଥାନରେ ଉତ୍ତେଜନା ଦେଖିବାକୁ ମିଳିଥିବା ବେଳେ ପୁଲିସ ସେଠାରେ ପହଞ୍ଚି ନିୟନ୍ତ୍ରଣ କରିଥିଲେ ବୋଲି ପୁଲିସ ଡିଜି ଅରୁଣ ଷଡଙ୍ଗୀ ସୂଚନା ଦେଇଛନ୍ତି। ଯେଉଁମାନେ କେଉଁଠି ଛୋଟ ଗଣ୍ଡଗୋଳ କରିଛନ୍ତି ସେମାନଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଥିବା ପୁଲିସ ଡିଜି ସୂଚନା ଦେଇଛନ୍ତି। ବୋଲଗଡ଼-ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବୁଥ୍ ଭଙ୍ଗାରୁଜା ଘଟଣାର ତଦନ୍ତ ପୁଲିସ କରୁଛି। ଆଇନ୍ ଅନୁସାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଡିଜିପି ସୂଚନା ଦେଇଛନ୍ତି। ଆହୁରି ମଧ୍ୟ ଶାନ୍ତିଶୃଙ୍ଖଳା ନିର୍ବାଚନ ଶେଷ ହୋଇଥିବାରୁ ଡିଜିପି ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେମାନଙ୍କ ପରିଶ୍ରମ ପାଇଁ ସଫଳ ହୋଇଥିବା ଡିଜିପି କହିଛନ୍ତି। ଆହୁରି ମଧ୍ୟ ଶେଷ ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଏବେଠୁ ବ୍ଲ୍ୟୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି।

**ଭୋଟରଙ୍କୁ ଡିଜିପି ଦେଲେ ଧନ୍ୟବାଦ**

# କାଜୁ ତୋଟାରେ ବୁଲୁଥିବା ବେଳେ ଗୁଳିବର୍ଷା; ଦୁଇ ଭାଇ ଗୁରୁତର

**ବୁଗୁଡ଼ା, ୨୫।୫(ସମିସ):** ବୁଗୁଡ଼ା ଥାନା କରସିଙ୍ଗି ପଞ୍ଚାୟତ ଅନ୍ତର୍ଗତ ପୋକଶୁଙ୍ଗା ଗାଁ ନିକଟସ୍ଥ ଏକ କାଜୁ ତୋଟାରେ ଶନିବାର ମଧ୍ୟାହ୍ନରେ ଗୁଳି ମାଡ଼ରେ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ, ପୋକଶୁଙ୍ଗା ଗ୍ରାମର ରଘୁନାଥ ଜାନି (୨୧) ଓ ତାଙ୍କ ଭାଇ ଅବକାଶ ଜାନି(୨୫)। ରଘୁନାଥଙ୍କ ଡାହାଣ ଗୋଡ଼ ଜଙ୍ଘରେ ୩ଟି ଗୁଳି ଓ ବାମ ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜିଥିବା ବେଳେ ଅବକାଶଙ୍କ ବାମ ଗୋଡ଼ର ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜିଛି। ଉଭୟ ଗାଁ ନିକଟ କାଜୁ ବଗିଚାକୁ କାଜୁ ତୋଳିବାକୁ ଯାଇଥିବା ବେଳେ ଏହି ଆପରାଧିକ ଘଟଣା ଘଟିଥିଲା। କେହି ଦୁର୍ବୃତ୍ତ ସେମାନଙ୍କୁ ଗୁଳି ମାଡ଼ କରିଥିଲା। କିନ୍ତୁ କିଏ ଓ କାହିଁକି ଗୁଳି ମାରିଲା, ସେ ସଂପର୍କରେ ଦୁହେଁ କିଛି ଜାଣିନଥିବା କହିଛନ୍ତି। ଗୁଳିଟି ଏକ ଛେରା ବନ୍ଧୁକର ହୋଇଥିବାରୁ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଆସିଥିବା କୌଣସି ଶିକାରୀର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଲକ୍ଷ୍ୟଭ୍ରଷ୍ଟ ହୋଇ ଗୁଳି ଦୁହିଁଙ୍କ ଦେହରେ ବାଜିଛି ବୋଲି କୁହାଯାଉଛି। ଉଭୟଙ୍କୁ ବୁଗୁଡ଼ା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବୁଗୁଡ଼ା ପୁଲିସ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି। ଅବକାଶ ଓ ରଘୁନାଥ ଉଭୟ ଆନ୍ଧ୍ରପ୍ରଦେଶରେ କାମ କରୁଥିବା ବେଳେ ଭୋଟ ଦେବା ପାଇଁ କିଛି ଦିନ ତଳେ ଗ୍ରାମକୁ ଆସିଥିଲେ।



# ପୁଲିସ ଗୁଳିରେ ଦୁଇ ମାଓବାଦୀ ନିହତ

**ମାଲକାନଗିରି, ୨୫।୫ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ ଗୁଳିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ସୂଚନା ମୁତାବକ, ବିଜାପୁର ଜିଲ୍ଲା ମିରତୁର ଥାନା ଅଞ୍ଚଳ ଜପେମର୍କା ଏବଂ କମକାନାର ଜଙ୍ଗଲରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ତେବେ ଜପେମର୍କା ଓ କମକାନାର ଜଙ୍ଗଲରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ର ପଶ୍ଚିମ ବସ୍ତର ଡିଭିଜନ ସପ୍ଲାଇ ଟିମ୍ ଇନଚାର୍ଜ ପଣ୍ଡୁ, ଭୈରମଗଡ଼ ଏରିଆ କମିଟିର ଏସିଏମ୍ ଜୋଗା, ସୋନୁ ଓ ଅନ୍ୟ ୧୦ରୁ ୧୫ଜଣ ମାଓବାଦୀ ଉପସ୍ଥିତ ଥିବା ବିଶେଷ ସୂତ୍ରରୁ ଖବର ପାଇ ଡିଆରଜି ବାହିନୀ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଅପରେସନ୍ ବେଳେ ପୁଲିସକୁ ଦେଖି ମାଓବାଦୀମାନେ ଆଖିବୁଜା ଗୁଳିଚାଳନା କରିଥିଲେ। ତେବେ ପୁଲିସର ପାଲଟା ଆକ୍ରମଣକୁ ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଖାନତଲାସି ବେଳେ ଘଟଣାସ୍ଥଳରୁ ଦୁଇଜଣ ମାଓବାଦୀଙ୍କ ମୃତଦେହ ସହ ୱେୟାର୍‌ଲେସ୍ ସେଟ୍, ବନ୍ଧୁକ, ମାଓ କପଡ଼ା, ଔଷଧ, ମାଓ ପୋଷ୍ଟର ସହ ବହୁ ସାମଗ୍ରୀ ଜବତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲିଥିବା କୁହାଯାଇଛି।

# ନିମାପଡ଼ା ଓ ଚାନ୍ଦାବାଲି ପାଇଁ ନିର୍ବାଚନ ସଂଯୋଜକ ନିଯୁକ୍ତ କଲା ବିଜେଡି

## ଉଭୟ ନିର୍ବାଚନମଣ୍ଡଳୀ ପାଇଁ ୮ ଜଣ ଲେଖାଏଁ ନେତାଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୨୫।୫(ସମିସ):** ଶାସକ ବିଜୁ ଜନତା ଦଳ ପକ୍ଷରୁ ଆଜି ନିମାପଡ଼ା ଏବଂ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୮ ଜଣିଆ ଲେଖାଏଁ ନିର୍ବାଚନ ସଂଯୋଜକ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ୮ ନେତାଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଲେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଉମାକାନ୍ତ ସାମନ୍ତରାୟ, ରୁଦ୍ରପ୍ରତାପ ମହାରଥୀ, ରମା ରଞ୍ଜନ ବଳିୟାରସିଂ, ସଂଗ୍ରାମ ପାଇକରାୟ, କମଳ କୁମାର ପାତ୍ର(ଚନ୍ଦନ), ସୁନୀଲ କୁମାର ମହାନ୍ତି ଓ ଦିବାକର ପାତ୍ର। ସେହିପରି ଚାନ୍ଦବାଲି ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ନେତାମାନେ ହେଲେ ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ ବେହେରା, ଦେବୀରଞ୍ଜନ ତ୍ରିପାଠୀ, ଜଗନ୍ନାଥ ନାଏକ, ମାଧବ ସର୍ଦ୍ଦାର, ପ୍ରକାଶ ଚନ୍ଦ୍ର ବେହେରା, ଦେବପ୍ରିୟ ପାତ୍ର ଓ ରାକେଶ ରାମ। ସୂଚନାଯୋଗ୍ୟ ଯେ ଆସନ୍ତା ୧ ତାରିଖରେ ରାଜ୍ୟରେ ଶେଷ ତଥା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୪୨ ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ମଧ୍ୟରେ ନିମାପଡ଼ା ଏବଂ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ଆସୁଛି।

# ରଣେନ୍ଦ୍ର ଓ ପ୍ରଭାତଙ୍କୁ କେନ୍ଦ୍ରାପଡ଼ା ଦାୟିତ୍ୱ

**ଭୁବନେଶ୍ୱର ୨୫।୫(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ବିଭିନ୍ନ ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ନିର୍ବାଚନ ସଂଯୋଜକ ନିଯୁକ୍ତ କରାଯାଇଛି। ସେହିପରି ଯୋଗେଶ କୁମାର ସିଂ ରାଇରଙ୍ଗପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ନିର୍ବାଚନ ସଂଯୋଜକ ଦାୟିତ୍ୱ ପାଇଛନ୍ତି। ଅନନ୍ତ ନାରାୟଣ ଜେନା ମୋରଡ଼ା ବିଧାନସଭା କ୍ଷେତ୍ର, ସୁଶାନ୍ତ କୁମାର ରାଉତ ବାଲିକୁଦା-ଏରସମା ବିଧାନସଭା କ୍ଷେତ୍ର, ମନୋଜ ସେନାପତି ଯଶୀପୁର ଓ ସାରସକଣା ବିଧାନସଭା କ୍ଷେତ୍ର, ଅଶୋକ କୁମାର ନାୟକ ବଡ଼ସାହି ବିଧାନସଭା କ୍ଷେତ୍ର, ନାରାୟଣ ପ୍ରସାଦ ଜେନା ତିର୍ତ୍ତୋଲ ବିଧାନସଭା କ୍ଷେତ୍ର, ପ୍ରଶାନ୍ତ ସେଠୀ ରାଇରଙ୍ଗପୁର ମ୍ୟୁନିସିପାଲିଟି କ୍ଷେତ୍ର ପାଇଁ ବିଜେଡିର ନିର୍ବାଚନ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିବେ। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବାର୍ତ୍ତାରେ ଏହି ସୂଚନା ଦେଇଛନ୍ତି।

# ବିଜେପି ପକ୍ଷରୁ ବଣ୍ଟା ହେବାକୁ ଆସିଥିବା ସିଲେଇ ମେସିନ ଜବତ

**ବାଲେଶ୍ୱର(ଉତ୍ତର), ୨୫।୫ (ସମିସ):** ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ନିର୍ବାଚନ ପ୍ରକ୍ରିୟାକୁ ଅବାଧ ନିରପେକ୍ଷ କରିବା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ମାତ୍ର ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେପି ଦଳ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କମର୍ଦ୍ଦା ପଞ୍ଚାୟତର ଏକ ଘରେ ବିଜେପିର କେତେକ କର୍ମୀ ମହିଳାମାନଙ୍କୁ ଆକୃଷ୍ଟ କରିବା ପାଇଁ ବାଣ୍ଟିବାକୁ ଆଣିଥିବା ୧୦ଟି ସିଲେଇ ମେସିନକୁ ପ୍ରଶାସନ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, କମର୍ଦ୍ଦା ୧୦ ନଂ ୱାର୍ଡରେ ଥିବା ଏକ ଘରେ ମହିଳାମାନଙ୍କୁ ସିଲେଇ ଶିକ୍ଷା ଦିଆଯିବା ଆଳରେ ବିଜେପିର କିଛି କର୍ମୀ ୧୦ଟି ସିଲାଇ ମେସିନ ଆଣି ରଖିଥିଲେ। ଏହା ଜାଣି ସ୍ଥାନୀୟ ଲୋକେ ପ୍ରଶାସନକୁ ଖବର ଦେଇଥିଲେ। ଖବର ପାଇ ଭୋଗରାଇ ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ସହ ଉକ୍ତ ଘରକୁ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ସେଠାରେ ସିଲେଇ ମେସିନ୍‌ଗୁଡ଼ିକ ରହିଥିବା ଦେଖି ଜବତ କରିବା ସହ ଘରଟିକୁ ସିଲ୍ କରିଦେଇଥିବା ଜଣାପଡ଼ିଛି। ଏହାର ତଦନ୍ତ କରି ସଠିକ୍ ତଥ୍ୟ ନ ମିଳିବା ପର୍ଯ୍ୟନ୍ତ ତାହା ସେହିଭଳି ରଖାଯିବ ବୋଲି ସୂଚନା ମିଳିଛି।

## ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ପୁଲିସର ଅଭିଯାନ

# ୩୦ କୁଖ୍ୟାତ ଅପରାଧୀ ଗିରଫ, ବହୁ ମାରଣାସ୍ତ୍ର ଜବତ

**ବ୍ରହ୍ମପୁର, ୨୫।୫(ସମିସ):** ଗଞ୍ଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ସରିଛି। ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଥିବା ୱାରେଣ୍ଟି, ବେଆଇନ ଅସ୍ତ୍ରଶସ୍ତ୍ର ମାମଲା ଏବଂ ଅନ୍ୟାନ୍ୟ ମାମଲାରେ ପ୍ରାୟ ୩୦ ଜଣଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଖଲ୍ଲିକୋଟ ପୁଲିସ ଜଣଙ୍କୁ, ଶେରଗଡ଼ ପୁଲିସ ୪ ଅସାମାଜିକ ଯୁବକଙ୍କୁ, ପୋଲସରା ପୁଲିସ ୨ ଜଣଙ୍କୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଗିରଫ କରିଛି। ସେହିପରି କୋଟିନଡ଼ା ପୁଲିସ ଜଣଙ୍କୁ, କବିସୂର୍ଯ୍ୟନଗର ଥାନା ପୁଲିସ ୫ଜଣଙ୍କୁ, କୋଦଳା ପୁଲିସ ୩ ଜଣଙ୍କୁ, ରମ୍ଭା ପୁଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ମାରଣାସ୍ତ୍ର ଜବତ କରିଛି। ଏହାବ୍ୟତୀତ ଧରାକୋଟ ପୁଲିସ ଜଣଙ୍କୁ, ଗୋପାଳପୁର ପୁଲିସ ୪ ଜଣଙ୍କୁ, ବୁଗୁଡ଼ା ପୁଲିସ ୨ଜଣଙ୍କୁ ବିଭିନ୍ନ ମାମଲାରେ ଗିରଫ କରିଛି। ସେହିପରି ବେଗୁନିଆପଡ଼ା ପୁଲିସ ଦୁଇ ଜଣ ହତ୍ୟା ଅଭିଯୁକ୍ତଙ୍କୁ ୱାରେଣ୍ଟି ବଳରେ ଗିରଫ କରି କୋର୍ଟଚାଲାଣ କରିଛି। ଛତ୍ରପୁର ପୁଲିସ ହତ୍ୟା ଉଦ୍ୟମ ମାମଲାରେ ଜଣଙ୍କୁ ଗିରଫ କରିଛି।



## ନୂଆପଡ଼ାରୁ ଆସିଲା ବିଏସ୍‌କେୱାଇର ଆଉ ଏକ ସଫଳ ଚିତ୍ର

# ନୂଆ ଜୀବନ ପାଇଲେ ଦେବେନ୍ଦ୍ର

**ନୂଆପଡ଼ା, ୨୫।୫ (ସମିସ):** ରାଜ୍ୟବାସୀ ବିଶେଷକରି ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସଂଜୀବନୀ ପାଲଟିଛି। ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରେ ବିଏସ୍‌କେୱାଇର ଆଉ ଏକ ସଫଳ ତଥା ସକାରାତ୍ମକ ଚିତ୍ର ପଦାକୁ ଆସିଛି। ଜିଲ୍ଲାର ଏକ ଘରୋଇ ଡାକ୍ତରଖାନାରେ ସଫଳତାର ସହ ଜଣେ ରୋଗୀଙ୍କ ମେରୁଦଣ୍ଡର ଅସ୍ତ୍ରୋପଚାର କରାଯାଇଛି ଏବଂ ଏଥିପାଇଁ ରୋଗୀଙ୍କ ପରିବାରଲୋକଙ୍କ ଆଗରେ ଅର୍ଥ ବାଧକ ସାଜି ପାରିନାହିଁ। ଆଉ ଏସବୁ କେବଳ ବିଏସ୍‌କେୱାଇ କାର୍ଡ ପାଇଁ ସମ୍ଭବ ହୋଇପାରିଛି।



ସୂଚନାନୁସାରେ, ଜିଲ୍ଲାର କୋମନା ବ୍ଲକ୍ ନୂଆଗାଁ ଗ୍ରାମର ଦେବେନ୍ଦ୍ର ଭୋଇ (୫୫)। ପରିବାର କହିଲେ, ସ୍ତ୍ରୀ ଓ ଗୋଟିଏ ପୁଅ। ଦେବେନ୍ଦ୍ର ହିଁ ଘରର ଏକମାତ୍ର ରୋଜଗାରିଆ ମଣିଷ। କିନ୍ତୁ ଗତ କିଛି ମାସ ତଳେ ହଠାତ୍ ତାଙ୍କ ପରିବାର ଉପରକୁ ବିପତ୍ତିର କଳାବାଦଲ ମାଡ଼ି ଆସିଥିଲା। ବେକରେ ଅଳ୍ପରୁ ଆରମ୍ଭ ହୋଇଥିବା ଯନ୍ତ୍ରଣା ତାଙ୍କୁ ବଡ଼ ଅକଳରେ ପକାଇଥିଲା। ସ୍ଥିତି ଏମିତି ହେଲା ଯେ ସେ ଆଉ କାମଧନ୍ଦା ବି କରିପାରିଲେ ନାହିଁ। ନୂଆପଡ଼ାସ୍ଥିତ ଏକ ବେସରକାରୀ ହସ୍ପିଟାଲରେ ପରୀକ୍ଷା କରିବାରୁ ତାଙ୍କ ମେରୁଦଣ୍ଡ ହାଡ଼ ଦବି ଯାଇଥିବା ଜଣାପଡ଼ିଥିଲା। ଏଥିପାଇଁ ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଗରିବ ପରିବାରର ହୋଇଥିବାରୁ ଅପରେସନ୍ ପାଇଁ ଅର୍ଥ ଯୋଗାଡ଼ ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଥିଲା। ଏହି ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ତାଙ୍କୁ ସହାୟ ହୋଇଥିଲା। ଜିଲ୍ଲାର ଜଣାଶୁଣା ଶୈଲ୍ୟ ବିଶେଷଜ୍ଞ ଡାକ୍ତର ବିପୁଳ ଗର୍ଗଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଗତ ଶୁକ୍ରବାର ଦୀର୍ଘ ୫ଘଣ୍ଟା ଧରି କଠିନ ପରିଶ୍ରମ କରି ଦେବେନ୍ଦ୍ରଙ୍କ ମେରୁଦଣ୍ଡରେ ସଫଳ ଅସ୍ତ୍ରୋପଚାର କରିଥିଲେ। ଏହି ବ୍ୟୟବହୁଳ ଅସ୍ତ୍ରୋପଚାର ପାଇଁ ଦେବେନ୍ଦ୍ର କିମ୍ବା ତାଙ୍କ ପରିବାରକୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିନାହିଁ। ଏବେ ଦେବେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ତାଙ୍କ ଭାଇ ନୀଳମଣି ସୂଚନା ଦେଇଛନ୍ତି। ଏଥିପାଇଁ ଦେବେନ୍ଦ୍ରଙ୍କ ପରିବାର ରାଜ୍ୟ ସରକାର ଓ ଡାକ୍ତରୀଦଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସୂଚନାଯୋଗ୍ୟ, ଏହି ଡାକ୍ତରୀଦଳରେ ଡାକ୍ତର ରାଜେନ୍ଦ୍ର ଚୌଧୁରୀ, ପରମେଶ୍ୱର ମେହେର, ଶୁଭ୍ରାଂଶୁ ମେହେର, ସନ୍ଦୀପ ଜୟସ୍ୱାଲ, ନନ୍ଦ କୁମାର, ହେମଲତା ପ୍ରମୁଖ ସାମିଲ ଥିଲେ।

- **୫ ଘଣ୍ଟାରେ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର**
- **ଡାକ୍ତରୀଦଳ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲା ପରିବାର**




## ଦୁଇ ଯୁବକ ଗିରଫ



**ଖଲ୍ଲିକୋଟ,୨୫ା୫(ସମିସ):** ଖଲ୍ଲିକୋଟ ପୁଲିସ ଦୁଇଟି ମାମଲାରେ ଶନିବାର ଦୁଇ ଜଣ ଯୁବକଙ୍କୁ କୋର୍ଟଚାଲାଣ କରିଛି। ପ୍ରଥମ ମାମଲାରେ ସର୍ବସାଧାରଣରେ ଖଣ୍ଡା ବୁଲାଇଆତଙ୍କସୃଷ୍ଟି କରୁଥିବାଅଭିଯୋଗରେଖଲ୍ଲିକୋଟବଡଦାଣ୍ଡସାହିରଭୀମପ୍ରଧାନ (୪୨)କୁ ପୁଲିସ ଗିରଫ କରିଥିଲା। ଏନେଇ ଖଲ୍ଲିକୋଟ ଥାନା କେସନଂ(୪୩୫/୨୪) ମାମଲା ରୁଜୁ ହୋଇଛି। ଅନ୍ୟ ଏକ ମାମଲାରେ ସ୍ତ୍ରୀକୁ ବାଡ଼େଇବା ଅଭିଯୋଗରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ସୋଲବନ୍ଧ ଗ୍ରାମର କୁନାଲ ନାୟକଙ୍କୁ ପୁଲିସ ଗିରଫ କରିଛି। ସ୍ତ୍ରୀଙ୍କୁ ସବୁବେଳେ ପିଟୁଥିବା ନେଇ କୁନାଲଙ୍କ ବିରୋଧରେ ଗତ ୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ସ୍ତ୍ରୀ। ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସନଂ ୪୦୦/୨୪ ଅନୁଯାୟୀ ମାମଲା ରୁଜୁ କରି ଶନିବାର କୁନାଲଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

## ହଳଦିଆପଦର ଗୋଷ୍ଠୀସଂଘର୍ଷ ମାମଲାରେ ୪ ଗିରଫ

**ପାତ୍ରପୁର,୨୫ା୫(ସମିସ):** ଜରଡ଼ା ଥାନା ବାଦପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପଦର ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି। ସୂଚନାଥାଉକି ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉଗ୍ର ରୂପ ଧାରଣ କରିଥିବାରୁ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଉଭୟ ଗୋଷ୍ଠୀର ମହିଳାଙ୍କ ସମେତ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଜରଡା ପୁଲିସ ଗ୍ରାମରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଆହତଙ୍କ ଚିକିତ୍ସା କରାଯାଇଥିଲା ୪ଜଣ ଗୁରୁତର ଥିବା ବେଳେ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତର କରାଯାଇଥିଲା । ଆହତ ମାନେ ହେଲେ ବି. ପର୍ଶୁରାମ, ଡି. ସନ୍ତୋଷ, ବି. ଭୀମା ସହିତ ଅନ୍ୟ ଗୋଷ୍ଠୀର ଡି. ପ୍ରକାଶ, ଏଲ୍. ରାଜେୟା, ଏଲ. କୁରେଶ୍ବ, ବି. ରାଘବ, ପି. ଗିତାମ୍ମା ପ୍ରମୁଖଙ୍କ ସହ ୧୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଡ଼ ହୋଇଥିବା ଜଣାପଡ଼ିଛି । ପୂର୍ବ ଶତ୍ରୁତା ସହ ରାଜନୈତିକ ହିଂସା ବୋଲି ଜରଡା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

## ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ

**ହୁମ୍ମା,୨୫ା୫(ସମିସ):** ଦୀର୍ଘ ଦିନ ଧରି ରମ୍ଭା ଥାନା ଇଲାକାରେ ଚୋରି,ଡକାୟତି ଅପହରଣ ମାମଲା ବୃଦ୍ଧି ପାଇବାରେ ଲାଗିଥିଲା। ଶନିବାର ବଡ଼ ଧରଣର ଡ଼କାୟତିକୁ ରୋକି ସଫଳତା ପାଇଛି ରମ୍ଭା ପୁଲିସ। ଗତ ଗୁରୁବାର ଦିନ ସନ୍ଧ୍ୟା ସାଢ଼େ ୭ଟାବେଳେ ହୁମ୍ମା ସହର ତଳ ସାହି ନିକଟ ଧାନ କ୍ଷେତରେ ଚାଲିଥିଲା ଯୋଜନାବଦ୍ଧ ଡକାୟତି ଉଦ୍ୟମ ପଣ୍ଡ। ପୁଲିସ ଚଢ଼ଉ କରି ଘଟଣାସ୍ଥଳରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିବା ସହ ୬ ଡ଼କାୟତ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ହୁମ୍ମା ଫାଣ୍ଡି ଅଧିକାରୀ ବିମଳ କହଁର, ହାବିଲଦାର ରାମଚନ୍ଦ୍ର ମୁଦୁଲି, ତିରୁପତି ବେହେରା, ନରେଶ ଚନ୍ଦ୍ର ଗୌଡ଼, ହୋମଗାର୍ଡ ରୁପକ କୁମାର ପଲେଇ, ଡ୍ରାଇଭର ହୋମଗାର୍ଡ ଉପେନ୍ଦ୍ର କୁମାର ବେହେରା ସନ୍ଧ୍ୟା ସ ମୟରେ ପାଲୁର ଜନକ୍ସନରୁ ହୁମ୍ମା କଳାଯମୁନା ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ହୁମ୍ମା ତଳ ସାହିର ଧାନ କ୍ଷେତରେ ଡକାୟତି ପାଇଁ ଭାବେ ଛଅ ଜଣ ବ୍ୟକ୍ତି ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ଥିବା ଖବର ପାଇଥିଲେ। ଏସଆଇ ବିମଳ କହଁର ରମ୍ଭା ଆଇଆଇସି ସତ୍ୟବ୍ରତ ଭୁତିଆଙ୍କୁ ଜଣାଇଥିଲେ। ଆଇଆଇସିଙ୍କ ତତ୍ତ୍ୱାବଧାନରେ ବାକି ପୁଲିସ କର୍ମଚାରୀମାନେ ପହଞ୍ଚି ଧାନ କ୍ଷେତର ଅଧ କିଲୋମିଟର ଦୂରରୁ ନଜର ରଖି କିଛି ସମୟ ପରେ ଏକାସାଙ୍ଗରେ ଧାନ କ୍ଷେତ ଚାରିପାଟକୁ ଘେରି ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଚାରି ଜଣଙ୍କୁ ଗିରଫ କରିବା ସହ ପାଞ୍ଚଟି ବିୟର ବୋତଲ, ଦୁଇଟି ଜଳନ୍ତା ମହମବତୀ, ମ୍ୟାଚବକ୍ସ, ଟର୍ଚ୍ଚ ଲାଇଟ,ଏକ ଖଣ୍ଡା, ଏକ କଟୁରି, ଦୁଇଟି ଲୁହାରଡ଼ ଜବତ କରିଛି ପୋଲିସ। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ହୁମ୍ମା ଗିରିଧାରୀ ନଗରର କେ.କାମେଶ୍ୱର ରେଡ଼ି, ତଳ ସାହିର ପିଣ୍ଟୁ ବେହେରା, ପ୍ରକାଶ ମହାନ୍ତି, ପବିତ୍ର ମହାନ୍ତି। ଅଭିଯୁକ୍ତ ମାନେ ଏକ ଧନୀ ଘରକୁ ଟାର୍ଗେଟ କରି ଯୋଜନାବଦ୍ଧ ଭାବେ ଡକାୟତି ଉଦ୍ୟମ କରୁଥିବା ପ୍ରସ୍ତୁତ ହେଉଥିଲେ ବୋଲି ପୁଲିସ କହିଛି। ଏନେଇ ରମ୍ଭା ଥାନାରେ କେଶ ନଂ:୩୨୭/୨୪ ମାମଲା ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ବେଲଗୁଣ୍ଠା,୨୫ା୫(ସମିସ):** ଗୁରୁବାର ରାତିରେ କୌଣସି ଅଜଣା ଗାଡ଼ି ଧକ୍କାରେ ବେଲଗୁଣ୍ଠା ବ୍ଲକ ଗୋବରା ନିକଟସ୍ଥ ମରାଇପାଟ ଗ୍ରାମର ବାବାଜୀ ଗୌଡ଼ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ପ୍ରକାରେ ଶୁକ୍ରବାର ରାତିରେ ବାବାଜୀ ଗୋବରା ମୁଖ୍ୟ ସଡ଼କ ପାଶ୍ୱର୍ରେ ଥିବା ନାୟାରା ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ୍ ପକାଇ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ପୁଟବନ୍ଧ ନିକଟରେ ତାଙ୍କୁ କୌଣସି ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ବାବାଜୀ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସ୍ତ୍ରୀର ମର୍ଯ୍ୟାଦା ଦେବାକୁ କହି ପ୍ରତାରଣା

## ପ୍ରେମିକଙ୍କ ଘର ସମ୍ମୁଖରେ ଯୁବତୀଙ୍କ ଧାରଣା

**ଦିଗପହଣ୍ଡି,୨୫ା୫(ସମିସ)**

ଦିଗପହଣ୍ଡି ବ୍ଲକ ଅଧିନ ଏକ ଗାଁର ଜଣେ ଅବିବାହିତ ଯୁବତୀଙ୍କୁ ୨ୟ ସ୍ତ୍ରୀର ମର୍ଯ୍ୟାଦା ଦେବାକୁ କହି ସେହି ଗାଁର ବିବାହିତ ଯୁବକ ପ୍ରେମିକ ବାଇନାଥ ସାହୁ ତାଙ୍କୁ ଗର୍ଭବତୀ କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଶନିବାର ଯୁବତୀ ଜଣକ ଉପଯୁକ୍ତ ନ୍ୟାୟ ଦାବିରେ ବାଇନାଥଙ୍କ ଘରକୁ ଯାଇଥିଲେ। ଘର ଲୋକେ କବାଟ ପକାଇ ଦେବାରୁ ସେ ଘର ସମ୍ମୁଖରେ ଧାରଣା ଦେଇଥିଲେ। ବାଇନାଥ କୌଶଳକ୍ରମେ ଗାଁରୁ ଫେରାର ହୋଇଯିବାରୁ ଯୁବତୀ ଜଣକ କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ବାଇନାଥଙ୍କ ସ୍ତ୍ରୀ ଓ ପୁଅ ଝିଅ ଥିଲେ ମଧ୍ୟ ସେ ଯୁବତୀଙ୍କ ସହ ନିୟମିତ ବ୍ୟବଧାନରେ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ସେ ତାଙ୍କୁ ୨ୟ ସ୍ତ୍ରୀର ମର୍ଯ୍ୟାଦା ଦେବେ ବୋଲି ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ତାଙ୍କ ପେଟରେ ବଢୁଥିବା ଛୁଆର ଭବିଷ୍ୟତ ଏବଂ ତାଙ୍କ ଜୀବନର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ପୁଲିସ ନିକଟରେ ଗୁହାରି କରିଛନ୍ତି। ପ୍ରକାଶ ଯେ, ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରେ ଗର୍ଭ ନଷ୍ଟ ପାଇଁ ଔଷଧ ଆଣିବାକୁ ବାଇନାଥଙ୍କୁ କହିଥିଲେ। ହେଲେ ବାଇନାଥ ତାଙ୍କୁ ଧରା ଛୁଆଁ ଦେଇନଥିଲେ। କିଛିଦିନ ହେଲା ଯୁବତୀଙ୍କ ହାତ ଗୋଡ଼ ଫୁଲି ଯିବାରୁ ତାଙ୍କ ବାପା ତାଙ୍କୁ ଚିକିତ୍ସା ନିମନ୍ତେ ଗାଁ ନିକଟସ୍ଥ ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ଯୁବତୀ ଜଣକ ପ୍ରାୟ ୬ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଯୁବତୀଙ୍କ ବାପା ଏଥିରେ ଉତ୍ତେଜିତ ହୋଇ ତାଙ୍କୁ ଘରୁ ବାହାର କରିଦେଇଥିଲେ। ନିରୁପାୟ ହୋଇ ଯୁବତୀ ଜଣକ ବାଇନାଥଙ୍କ ଘରକୁ ଯାଇ ତାଙ୍କୁ ନ୍ୟାୟ ମାଗିଥିଲେ। ବାଇନାଥ ସମସ୍ତ ଘଟଣାକୁ ଅସ୍ୱୀକାର କରିବାସହ ତାଙ୍କୁ ଗାଳି ଗୁଲଜ କରି ଗାଁରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ମା' ବ୍ରାହ୍ମଣ ଦେବୀଙ୍କ ଐତିହାସିକ ଯାତ୍ରା

## ମିନା ବଜାରରେ ଲୋକଙ୍କ ଭିଡ଼



**ଭଞ୍ଜନଗର,୨୫ା୫(ସମିସ):**

ଭଞ୍ଜନଗର ଭେଜିପୁଟ ଠାରେ ଗତ ୧୭ତାରିଖରୁ ଆରମ୍ଭ ହୋଇଛି ଐତିହାସିକ ମା' ବ୍ରାହ୍ମଣ ଦେବୀ ଠାକୁରାଣୀ ଯାତ୍ରା। ଏହା ଆସନ୍ତା ମାସ ୯ ତାରିଖରେ ସମାପନ ହେବ। ମା'ବ୍ରାହ୍ମଣ ଦେବୀ ବଡ଼ ଦାଣ୍ଡରେ ନିଜ ଅସ୍ଥାୟୀ ମଣ୍ଡପରେ ସକାଳେ ଓ ସନ୍ଧ୍ୟା ଆଳତି ସମୟରେ ଦେବୀଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ଏଥିସହ ଦେବୀଙ୍କ ଆଳତି ପରେ ମା' ମଣ୍ଡପରୁ ଘଣ୍ଟ, ଘଣ୍ଟା, ଢୋଲ, ପଶୁମୁଖା ନୃତ୍ୟ ଓ ଆତସବାଜି ଆଦି ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସାହି ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ସେହିପରି ବାଇପାସ ରୋଡ଼ ସାଇ ମନ୍ଦିର ସାମ୍ନା ପଡ଼ିଆରେ ଛୋଟ ଛୁଆଙ୍କ ଠାରୁ ବୟସ୍କ ପୁରୁଷ ଓ ମହିଳା ମାନେ ବୁଲି ମିନା ବଜାର ଓ ବିଭିନ୍ନ ଖେଳର ମଜା ଉଠାଉଛନ୍ତି। ସେଠାରେ କଣ୍ଢେଇ ଓ ବିଭିନ୍ନ ଘରୋଇ ଉପକରଣ କିଣିବା ସହ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଖାଇବା ପାଇଁ ବହୁ ଲୋକଙ୍କ ଭିଡ଼ ଲାଗି ରହୁଛି। ଦୀର୍ଘ ଦିନ ପରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଭରି ରହିଛି।

## ଦେବରାଜ ରଣାଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା



**ଭଞ୍ଜନଗର,୨୫ା୫(ସମିସ):** ବେଲଗୁଣ୍ଠା ବ୍ଲକ ଷଡଙ୍ଗୀପଲିସ୍ଥିତ ଅଭି ନଗର ଠାରେ ସ୍ୱର୍ଗତ ଦେବରାଜ ରଣାଙ୍କ ସ୍ମୃତିରେ ଏକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରଣା ଶିକ୍ଷକତା କରିବା ସହ ଜଣେ ସଙ୍ଗୀତ ସାଧକ ଥିଲେ। ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ସେ ଜୀବନ ବ୍ୟାପୀ ଉଦ୍ୟମ କରିଥିଲେ। ସେ ବହୁ ଉଚ୍ଚକୋଟିର ସଙ୍ଗୀତ ରଚନା କରି ତାହାକୁ ନିଜ ସୁଲଳିତ କଣ୍ଠରେ ବିଭିନ୍ନ ମଞ୍ଚରେ ପରିବେଷଣ କରି ବେଶ ପ୍ରଶଂସିତ ହୋଇଥିଲେ। ତେଣୁ ସେହି ବରିଷ୍ଠ କଳାକାରଙ୍କ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଭଜନମଣ୍ଡଳୀ ସଦସ୍ୟ ଓ ଅନ୍ୟମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ଏଥିରେ ତାଙ୍କର ଅନେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜୟକୃଷ୍ଣ, ବିକ୍ରମ, ମହେଶ, ସିତାପତି ଓ ପରିବାର ସଦସ୍ୟଙ୍କ ମଧ୍ୟରେ ରଶ୍ମି ରଞ୍ଜନ, ମାନସ ରଞ୍ଜନ, କାହ୍ନୁ, ପ୍ରଦୀପ, ସୁବ୍ରତ, କାବେରୀ, ସରଜୁ, ସାଗର, ପ୍ରମୋଦ, ଚିତ୍ରସେନ, ଭାରତୀ, ମଧୁସ୍ମିତା, ରିମଝିମ, ଲିଲି, ପ୍ରତିଭା, ଅର୍ଚ୍ଚନା, ତପନ, ଟୁକୁନା ଓ ଅନ୍ୟମାନେ ସହଯୋଗ କରିଥିଲେ।

ରମ୍ଭା ଚନ୍ଦନ ଯାତ୍ରା

## ଦ୍ୱିତୀୟ ଦିନରେ କଳାକୁଞ୍ଜର ଝଲକ



**ରମ୍ଭା,୨୫ା୫(ସମିସ):** ଦକ୍ଷିଣ ଓଡିଶାର ଐତିହାସିକ ରମ୍ଭା ଚନ୍ଦନ ଯାତ୍ରା ଦ୍ୱିତୀୟ ଦିନରେ ପହଁଚିଛି। ଚଳିତ ବର୍ଷ ପ୍ରାରମ୍ଭରୁ ଦିନରେ ଖରା ଗୁଳୁଗୁଳି ସାଙ୍ଗକୁ ଅପରାହ୍ନରେ ସାମୁଦ୍ରିକ ଝଡ଼ "ରେମାଲ', କାଳ ବୈଶାଖୀର ଝଡ଼ ପବନ ସହ ସାମାନ୍ୟ ବର୍ଷା ହେଉଛି। ଉତ୍ସବକୁ ଉପରୋକ୍ତ ପାଗ କିଛି ସମୟ ପାଇଁ ଫିକା ପକେଇଥିବା ବେଳେ ସନ୍ଧ୍ୟାରେ ରଙ୍ଗବେରଙ୍ଗର ଆଲୋକମାଳା ଚିକମିକ କରୁଛି। ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ମଦନ ମୋହନଙ୍କୁ ସବାରୀରେ ନିଆଯାଇ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା, ସଂକୀର୍ତ୍ତନ ମାଧ୍ୟମରେ ପହଣ୍ଡି ବିଜେ କରାଯାଇ ସାହି ବସ୍ତି ପରିଭ୍ରମଣ କରାଯାଉଛି। ଯାତ୍ରାକୁ ଦୃଷ୍ଟିରେ ରଖି ରାଜପଥ ପାଶ୍ୱର୍ରେ ତଥା ସାହିବସ୍ତି ମାନଙ୍କରେ ବିଭିନ୍ନ କଳା କୁଞ୍ଜର ସମ୍ଭାର ଦେଖିବାକୁ ମିଳୁଛି। ଏହି ଯାତ୍ରା ଚଳିତ ମାସ ୩୦ ରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

ଗ୍ରାସୀମ କମ୍ପାନୀରେ ଦୁର୍ଘଟଣା ମାମଲା

## କାର୍ଯ୍ୟରେ ଯୋଗଦେଲେ ଆହତ ଶ୍ରମିକ

**ଗଞ୍ଜାମ,୨୫ା୫(ସମିସ):** ଗଞ୍ଜାମ ସହରସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜରେ ଶୁକ୍ରବାର ସଲଫେରିକ ପ୍ଲାଣ୍ଟରେ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇ ରାସାୟନିକ ସଲଫରିକ ଏସିଡ୍ ପାଇପ୍ ମରାମତି ବେଳେ ଶ୍ରମିକ ଆହତ ହୋଇଥିଲେ। ତେବେ ସାମାନ୍ୟ ଆହତ ହୋଇଥିବା ଶ୍ରମିକ ସ୍ଥାନୀୟ କମ୍ପାନୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସେହିପରି ଗୁରତର ହୋଇଥିବା ଅନ୍ୟ ଜଣେ ଶ୍ରମିକଙ୍କୁ ବ୍ରହ୍ମପୁର ସ୍ଥିତ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ଚିକିତ୍ସା କରାଯିବା ସହ ଭୁବନେଶ୍ୱର ପଠାଯାଇଥିଲା। ସେଠାରୁ ସେ ସୁସ୍ଥ ହୋଇ ଫେରି ଆସିଥିବା କମ୍ପାନୀ ଲୋକ ସମ୍ପର୍କ ସୂଚନା ଅଧିକାରୀ ତଥା ସିଏସଆର ମୁଖ୍ୟ ସୁସ୍ମିତା ବେହେରା କହିଛନ୍ତି। ଶୁକ୍ରବାର ଘଟଣାରେ ଗୁରୁତର ଆହତ ଘଟଣାକୁ ସେ ଅସ୍ୱୀକାର କରିବା ସହ ଦୁଇ ଜଣ ସାମାନ୍ୟ ଆହତ ଓ ଜଣେ ସାମାନ୍ୟ ଗୁରୁତର ଥିଲେ ବୋଲି କହିଛନ୍ତି। ଶୁକ୍ରବାର ହିଁ ରାହୁଲ ଯାଦବ, ଶଶିକାନ୍ତ ମହାରଣା ଏବଂ କେଶବ ସାହୁ ପ୍ରମୁଖ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିବା ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଶୁକ୍ରବାର କମ୍ପାନୀ ପକ୍ଷରୁ ସଟଡାଉନ ଅର୍ଥାତ ବିଦ୍ୟୁତ ସରବରାହ ବନ୍ଦ କରାଯାଇ ଗ୍ୟାସ ପାଇପ୍‌ଗୁଡିକ ମରାମତି କାର୍ଯ୍ୟ ଚାଲିଥିଲା। ଅସାବଧାନତା ଯୋଗୁ ଗ୍ୟାସ ପାଇପ୍‌ଟିରୁ ହଠାତ ଗ୍ୟାସ ଛିଟିକି ପଡ଼ିଥିଲା। ଫଳରେ ସେଠାରେ କାର୍ଯ୍ୟରତ ଥିବା ଇଞ୍ଜିନିୟର, ସୁପର ଭାଇଜରଙ୍କ ସମେତ ତିନି ଜଣ ଶ୍ରମିକ ଆହତ ହୋଇଥିଲେ।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ବୁଗୁଡା,୨୫ା୫(ସମିସ):** ବୁଗୁଡା ବ୍ଲକ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ନୂଆଁ ପାଣିକେଶର ଗ୍ରାମର ପୁଷ୍ପାଞ୍ଜଳି ସ୍ୱାଇଁ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ, ଆଜି ସକାଳେ ବିଦ୍ୟୁତ ବୋର୍ଡରୁ ପ୍ଲଗ୍ ବାହାର କରୁଥିବାବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇ ସଂଜ୍ଞାହୀନ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବୁଗୁଡା ମେଡିକାଲକୁ ଆଣିଥିଲେ ଏବଂ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସନଂ୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା

## ଗୁରୁକୁଳ ଛାତ୍ରୀ ମନୋନୀତ

**ବେଲଗୁଣ୍ଠା,୨୫ା୫(ସମିସ):** ଲଗାତାର ଭାବେ ତୃତୀୟ ଥର ପାଇଁ ବେଲଗୁଣ୍ଠା ବ୍ଲକ ତନରଡା ସ୍ଥିତ ଆର୍ଯ୍ୟକନ୍ୟା ଗୁରୁକୂଳର ଛାତ୍ରୀ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯୋଗ ଅଲମ୍ପିଆଡ୍ ଚାମ୍ପିଅନସିପ୍-୨୦୨୪ରେ ତନରଡା ଆର୍ଯ୍ୟକନ୍ୟା ଗୁରୁକୂଳର ଅଷ୍ଟମ ଶ୍ରେଣୀ ଛାତ୍ରୀ ରେଶ୍ମା ବିଷୋୟୀ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା-୨୦୨୪ ପାଇଁ କୃତିତ୍ୱ ହାସଲ କରିଛନ୍ତି। ପ୍ରକାଶ ଥାଉକି ଗତ ଦୁଇ ବର୍ଷରେ ମଧ୍ୟ ଏହି ଅନୁଷ୍ଠାନର ଛାତ୍ରୀ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ କୃତିତ୍ୱ ହାସଲ କରିଥିଲେ। ଶନିବାର ରେଶ୍ମାଙ୍କ ସଫଳତା ପାଇଁ




ତାଙ୍କୁ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, କ୍ରୀଡ଼ା ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର, ବ୍ଲକ କ୍ରୀଡ଼ା ସମ୍ପାଦକ ଆଶୁତୋଷ ସ୍ୱାଇଁ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ପୁଲିସର ଆଗୁଆ ପଦକ୍ଷେପ

## ରାତି ୮ଟା ପରେ ବନ୍ଦ ରହିବ ଦୋକାନ

**ଛତ୍ରପୁର,୨୫ା୫(ସମିସ):** ରାତି ୮ ଟା ପରେ ବନ୍ଦ ରହିବ ଢ଼ାବା ଓ ଚା ଦୋକାନ। ଗଞ୍ଜାମ ଜିଲ୍ଲାରେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ଗଞ୍ଜାମ ପୋଲିସର କଡା ପଦକ୍ଷେପ ନେଇଛି। ଏନେଇ ଗଞ୍ଜାମ ପୁଲିସ ଜିଲ୍ଲାର ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଗଞ୍ଜାମ ଏସପି ଜଗ ମୋହନ ମୀନା। ପରବର୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଲାଗୁ ହେବ ଏହି ନିୟମ। ଗଞ୍ଜାମ ଜିଲ୍ଲାରେ ୨ଟି ପର୍ଯ୍ୟାୟରେ ନିର୍ବାଚନ ସରିଛି। ନିର୍ବାଚନ ପରେ କେଉଁଠି ନା କେଉଁଠି ହିଂସା ଘଟୁଛି। ଏହାକୁ ରୋକିବା ନେଇ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି। ରାତ୍ର ୮ ଟା ପରେ ଗଞ୍ଜାମ ପୋଲିସ ଜିଲ୍ଲା ଅଧିନ ଅଞ୍ଚଳରେ ଚା ଦୋକାନ ଓ ଢ଼ାବା ବନ୍ଦ ରହିବ। ଗଞ୍ଜାମ ପୋଲିସ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ମାନଙ୍କୁ ଏହି ନିଦେଶ ଦେଇଛନ୍ତି ଗଞ୍ଜାମ ଏସପି।

## ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ପୁଲିସର ପଦକ୍ଷେପ

**ଧରାକୋଟ,୨୫ା୫(ସମିସ):**




ସମ୍ବେଦନଶୀଳ ସାନଖେମୁଣ୍ଡି ବିଧାନସଭା ଆସନର ଧରାକୋଟ ଥାନା ଇଲାକାରେ ଶେଷହୋଇଥିବାସାଧାରଣନିର୍ବାଚନ ପରେ ଲୋକଙ୍କ ସୁରକ୍ଷା ଓ ଶୃଙ୍ଖଳିତ ବାତାବରଣ ସହ ଭୟମୁକ୍ତ ସମାଜ ପାଇଁ ପୁଲିସ ତରଫରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଥାନା ଅନ୍ତର୍ଗତ ସମ୍ବେଦନଶୀଳ ଗ୍ରାମ ମୁଣ୍ଡମରାଇ, ଜାହାଡ଼ା, କୁଶରାବ, ବରିଗୁଡା, ଡଉଗାଁ, ପଙ୍କଳବାଡି, ରେଡି ଦାମୋଦରପଲ୍ଲୀ, ବାହାଡାଗୁଡା, ତାଳପାଟଣା, କମାସାସନ, ଘାସିବିଲୀ ସୁନାମୋହି ଓ ଧରାକୋଟ ଆଦି ଗ୍ରାମରେ ଶୁକ୍ରବାର ରାତିଠାରୁ ୪ଟି ପୁଲିସ ଭ୍ୟାନରେ ପାଟ୍ରୋଲିଂ ଆରମ୍ଭ ହୋଇଛି। ରାତ୍ରି ୮ଟା ପରେ ଦୋକାନ ବଜାର ବନ୍ଦ ରଖିବା ପାଇଁ ଥାନା ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ସତର୍କତା ଦୃଷ୍ଟିରୁ ପେଶାଦାର ତଥା ଅଭ୍ୟାସଗତ ଅପରାଧୀମାନଙ୍କୁ ଦମନ ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଗତ ନିର୍ବାଚନ ଦିନ ଧରାକୋଟ ପଞ୍ଚାୟତର ନାଏବ ସରପଞ୍ଚ ଟୁନା ଗୌଡ଼ଙ୍କଠାରୁ ନିକଟସ୍ଥ ଗଡ ଦାମୋଦର ପଲ୍ଲୀ ଗ୍ରାମରେ ୧୨ ହଜାର ଟଙ୍କା ଲୁଟ କରିବା ଅଭିଯୋଗ ପରେ ଧରାକୋଟ ମଝିସାହିର ୨୮ ବର୍ଷୀୟ ଯୁବକ କାଳୁଚରଣ ଗୌଡ଼ ଓରଫ କାହ୍ନୁକୁ ଗିରଫ କରାଯାଇ ତା' ନିକଟରୁ ୬୭୦୦ ଟଙ୍କା ପୁଲିସ ଜବତ କରାଯାଇଛି। ଏହା ସହ କାହ୍ନୁ ବିଭିନ୍ନ ସମୟରେ ଗୁଣ୍ଡା ଗର୍ଦି କରିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ୧୬୨/୨୪ ପ୍ରକାରେ ଥାନାରେ ମାମଲା ରୁଜୁ କରାଯାଇ ଦଫା ୩୯୪ ପ୍ରକାରେ ତାକୁ କୋର୍ଟଚାଲାଣ କରାଯାଇଛି। ଏପରିକି ସର୍ବସାଧାରଣ ସ୍ଥାନରେ ଗଣ୍ଡଗୋଳ କରିବା ଏବଂ ଲୋକଙ୍କୁ ଧମକ ଚମକ ଦେଇ ବିନା କାରଣରେ ଡରାଇବା ଭଳି ସଙ୍ଗୀନ ଅଭିଯୋଗ ଆସିଲେ ତୁରନ୍ତ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କୁ ନିର୍ଭୟର ସହ ଯୋଗାଯୋଗ କରିବା ପାଇଁ ଥାନା ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଜଗନ୍ନାଥପ୍ରସାଦରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ଜଗନ୍ନାଥପ୍ରସାଦ,୨୫ା୫(ସମିସ):** ନିର୍ବାଚନ ଭୋଟ ଗଣତି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ଜଗନ୍ନାଥପ୍ରସାଦ ପୋଲିସ। ନିୟମିତ ଫ୍ଲାଗ ମାର୍ଚ୍ଚ ସାଙ୍ଗକୁ କରାଯାଉଛି କଡ଼ାକଡ଼ି ଚେକିଂ। ଅଞ୍ଚଳରେ ସନ୍ଧ୍ୟା ୮ ଘଣ୍ଟା ଠାରୁ ଦୋକାନ ବଜାର ବନ୍ଦ ରହୁଛି। ନିର୍ବାଚନି ଫଳାଫଳ କିଭଳି ଶୃଙ୍ଖଳିତ ହେବ ସେଥିପାଇଁ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗମୋହନ ମିନାଙ୍କ ନିର୍ଦ୍ଦେଶକ୍ରମେ ଜଗନ୍ନାଥପ୍ରସାଦ ପୋଲିସ ଆରମ୍ଭ କରିଦେଇଛି କସରତ। ଶନିବାର ଅପରାହ୍ନରେ ଅଞ୍ଚଳର ଜିରାବାଡ଼ି, ଜଗନ୍ନାଥ ପ୍ରସାଦ, ଗଣ୍ଡାଧାର, ଗୋଛାବାଡି,ଝାଡ଼ଭୂମି, ବିଡ଼ିପୁର ସୋରିଷମୁଳି ଗ୍ରାମ ସମେତ ସମସ୍ତ ସାହିକୁ ସାହି ବୁଲି ଫ୍ଲାଗମାର୍ଚ୍ଚ କରାଯାଇଛି। ସନ୍ଧ୍ୟା ୮ଟାରେ ଅଞ୍ଚଳର ପ୍ରତ୍ୟେକ ବଜାର ଦୋକାନ ବନ୍ଦ କରିବା ସହ ସ୍ୱତନ୍ତ୍ର ଭାବେ ତିନି ତିନୋଟି ପୁଲିସ ଟିମ ଯାଞ୍ଚ ପ୍ରକ୍ରିୟାରେ ସାମିଲ ରହିଛନ୍ତି। ବିଭିନ୍ନ ସ୍ଥାନରେ ଗାଡିମୋଟର ଯାଞ୍ଚ ସହ ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ପଦକ୍ଷେପ ନିଆଯାଇଛି। ଯେପରି କୌଣସି ଅସାମାଜିକ କାର୍ଯ୍ୟ ନହୁଏ କିମ୍ବା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ନମିଳେ ସେଥିପାଇଁ ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ବଜାର, ସାହି, ଗଳିକନ୍ଦି ଏବଂ ସୀମାରେ କଡା ଚେକିଂ କରାଯାଉଛି। ଏହି ଫ୍ଲାଗମାର୍ଚ୍ଚରେ ଥାନାଧିକାରୀ ଅରୁଣ କୁମାର ସିଂ, ଏସଆଇ ପ୍ରଭାତ କୁମାର ସୁବୁଦ୍ଧି, ଏଏସଆଇ ପ୍ରଭାତୀ ବେହେରା, ଏଏସଆଇ ରଞ୍ଜନ କୁମାର ଆଚାର୍ଯ୍ୟ, ହାବିଲଦାର ଆପେୟା ପ୍ରଧାନ, ଅମର ତରେଇଙ୍କ ସମେତ ସମସ୍ତ ଥାନା ଷ୍ଟାଫ ଏବଂ ଏକପ୍ଲାଟୁନ ସିଆରପିଏଫ ଯବାନ ନିୟୋଜିତ ରହିଥିଲେ।



# ୮୪ କିଲୋ ଗଞ୍ଜେଇ ସହ ୫ ଗିରଫ

● ୨ଟି କାର ଜବତ (ଫ-୩୦୩)

**ବ୍ରହ୍ମପୁର, ୨୫।୫(ସମିସ):** ଅବକାରୀ ଗୁଇନ୍ଦା ଟିମ ଶନିବାର ଫାଷ୍ଟଗେଟ ଛକ ନିକଟରେ ଦୁଇଟି କାରରୁ ୮୪କିଲୋ ଗଞ୍ଜେଇ ଜବତ କରିବା ସହ ୫ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅଞ୍ଚଳର କମଳଲୋଚନ ବେହେରା(୩୬), ରାଜବିଶି ମାଝି(୨୨), ଦାରିଙ୍ଗବାଡି ଥାନା ଅଞ୍ଚଳର ଦିବ୍ୟଲୋଚନ ସିଂ, ବାଲିଗୁଡାର ମଧୁ ଭକ୍ତ (୨୨), କ.ନୂଆଗାଁ ଥାନା ଅଞ୍ଚଳର ବବ୍ରୁ କହଁର (୪୮)। ସୂଚନାଯୋଗ୍ୟ ଯେ, ଅବକାରୀ ଗୁଇନ୍ଦା ବିଭାଗ ଡିଏସପି ସ୍ନେହଲତା ନାୟକଙ୍କ ନେତୃତ୍ୱରେ ଏହି ଟିମ ଫାଷ୍ଟଗେଟ ଛକ ନିକଟରେ ଯାନବାହନ ଯାଞ୍ଚ କରିଥିଲା। ଭୋର ସମୟରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଓଡି ୦୫ଜେ ୧୧୭୩ ଏବଂ ଓଡି ୦୫ଏଚ ୦୭୭୦ ନମ୍ବର ବିଶିଷ୍ଟ ଦୁଇଟି କାରକୁ ଟିମ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେଥିରୁ ୮୪କିଲୋ ଗଞ୍ଜେଇ ଉଦ୍ଧାର କରାଯାଇଥିଲା। ୨ଟି କାରରେ ଥିବା ଉପରୋକ୍ତ ସମସ୍ତ ୫ଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୩ଟି ମୋବାଇଲ ଜବତ କରିଛି। ଜେରାବେଳେ ଚାଲାଣକାରୀମାନେ କନ୍ଧମାଳରୁ ଗଞ୍ଜେଇ ବ୍ରହ୍ମପୁର ଆଣି ଏଠାରେ ଗଚ୍ଛିତ ରଖିବା ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିଲେ। ଜବତ ଗଞ୍ଜେଇ ଓ ଗାଡିର ମୂଲ୍ୟ ପ୍ରାୟ ୩୦ଲକ୍ଷ ହେବ ବୋଲି ଅବକାରୀ ବିଭାଗ ଅନୁମାନ କରିଛି।

# ଲାଠି-ମହୁଡ଼ା ରାସ୍ତାକଡ଼ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର, ୨୫।୫(ସମିସ):** ସଦର ଥାନା ପୋଲିସ ଶନିବାର ପୂର୍ବାହ୍ନରେ ଲାଠି -ମହୁଡ଼ା ରାସ୍ତାରେ ଥିବା ଏକ ଅର୍ଦ୍ଧନିର୍ମିତ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ବଡବଜାର ଥାନା ଅନ୍ତର୍ଗତ ଗଣେଶ ନଗର ପ୍ରଥମ ସାରଣୀର ଏସ. ବେଣୁ ଓରଫ ଶ୍ରୀନୁ (୩୫) ବୋଲି ଜଣାପଡ଼ିଛି। ମୃତ ବେଣୁଙ୍କ ପକେଟରୁ ଏକ ମୋବାଇଲ ଓ ଘଟଣା ସ୍ଥଳରୁ ତାଙ୍କ ବାଇକ ମଧ୍ୟ ଜବତ ହୋଇଛି। ପୋଲିସ ଉପସ୍ଥିତିରେ ଏସ. ରୋହିଣି ତାଙ୍କ ସ୍ୱାମୀଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ତାଙ୍କରି ଅଭିଯୋଗ ଆଧାରରେ ପୋଲିସ ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମରଶରୀର ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତରୁ କୌଣସି ମାନସିକ ଚାପରୁ ବେଣୁ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ ଯେ, ବେଣୁ ଜଣେ ଇଲେକ୍ଟ୍ରିକଲ ଟେକ୍ନିସିଆନ ଥିଲେ। ଶୁକ୍ରବାର ଠାରୁ ସେ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶନିବାର ପୋଲିସ ଠାରୁ ଖବରପାଇ ତାଙ୍କ ସ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ସ୍ୱାମୀଙ୍କ ମରଶରୀର ଏକ ଘର ଭିତରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ବେଣୁ ବ୍ରହ୍ମପୁରରୁ କାହିଁକି ଲାଠି-ମହୁଡ଼ା ରାସ୍ତାରେ ଥିବା ଏକ ଘରକୁ ଯାଇ ଏଭଳି ଆତ୍ମହତ୍ୟା କଲେ ସେନେଇ ପୋଲିସ ତଦନ୍ତ କରୁଛି।

# 'ଜୁଡିସିଆଲ୍ କମ୍ପ୍ଲେକ୍ସ'ର ଆଶା ଉଜ୍ଜୀବିତ



● ସ୍ଥାନାନ୍ତର ହେଲା ଗଞ୍ଜାମ ଓକିଲ ସଂଘର ସମସ୍ତ ଆସବାବପତ୍ର

● କାର୍ଯ୍ୟକ୍ଷମ ହେଲା ଆଇନଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଅସ୍ଥାୟୀ ସେଡ୍

● ଉଚ୍ଛେଦ ପରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ : ସଭାପତି

**ବ୍ରହ୍ମପୁର, ୨୫।୫(ସମିସ)**

ସହର ବାହାରେ ନୁହଁ ବରଂ ସହର ମଧ୍ୟରେ ପୁରୁଣା କୋର୍ଟ କ୍ୟାମ୍ପସରେ ହିଁ ପ୍ରତିଷ୍ଠା ହେବ ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ। ଏଥିପାଇଁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ କରାଯାଇଥିବା ଅନୁରୋଧକୁ ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ନୟନ ମହାପାତ୍ର। ବ୍ରହ୍ମପୁରର ପୁରୁଣା କୋର୍ଟ, ଲାଇବ୍ରେରୀ ଓ ବହୁ ପୁରାତନ ଗଞ୍ଜାମ ଓକିଲ ସଂଘର କାର୍ଯ୍ୟାଳୟ ସମେତ ଏକାଧିକ କୋଠାକୁ ଉଚ୍ଛେଦ କରିବାକୁ ପଡ଼ିବ। ଯାହାକୁ ନେଇ ଅବଶ୍ୟ ପୂର୍ବରୁ ଆଇନଜୀବୀଙ୍କ ମଧ୍ୟରେ ଦ୍ୱିମତ ରହିଥିଲା। ତେବେ ପରବର୍ତ୍ତି ସମୟରେ ସଂଘର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇ ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ସହର ବାହାରେ କିର୍ତ୍ତିପୁରରେ ନକରି ବ୍ରହ୍ମପୁର ସହରରେ ଥିବା ପୁରୁଣା କୋର୍ଟ କ୍ୟାମ୍ପସରେ କରିବାକୁ ସହମତି ପ୍ରକାଶ ପାଇଥିଲା। ଫଳରେ ଗତ ରାତିରେ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟରୁ ସମସ୍ତ ଆସବାବପତ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯାଇଛି। ଏବଂ କୋର୍ଟ ପଛଭାଗରେ ନିର୍ମାଣ ହୋଇଥିବା ଅସ୍ଥାୟୀ ବିଶ୍ରାମକକ୍ଷକୁ କାର୍ଯ୍ୟକ୍ଷମ କରାଯାଇଛି। ଆଇନଜୀବୀଙ୍କ ଦାବି ମୁତାବକ ଏଠାରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ଫଳରେ ପୂର୍ବରୁ କୋର୍ଟ ହତାକୁ ଲାଗି ରହିଥିବା ନୋଟାରୀମାନେ ମଧ୍ୟ ନିଜ ସ୍ଥାନ ଛାଡି ଅସ୍ଥାୟୀ ସେଡକୁ ଚାଲି ଆସିଛନ୍ତି। ଫଳରେ ପୁରୁଣା କୋର୍ଟ ତଥା ବର୍ତ୍ତମାନର କୋର୍ଟ କ୍ୟାମ୍ପସରେ ବିଭିନ୍ନ କୋଠାକୁ ଭଙ୍ଗାଯିବା କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏବଂ ଏହାପରେ ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାୟିତ୍ୱରେ ଥିବା ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ମିଳିଥିବା ସୂଚନା ଦେଇଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ନୟନ ମହାପାତ୍ର। ପୂର୍ବରୁ ସିଏସଆଇ କାର୍ଯ୍ୟାଳୟ, ଲାଇବ୍ରେରୀ ଓ ପୋଷ୍ଟ ଅଫିସ ଆଦି ସ୍ଥାନାନ୍ତର ହୋଇସାରିଥିଲା।

ତେବେ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ଚୂଡାନ୍ତ ନିଷ୍ପତ୍ତି ହୋଇପାରି ନଥିଲା। ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହେବାପରେ ଅନୁଷ୍ଠିତ ପ୍ରଥମ ସାଧାରଣ ପରିଷଦ ବୈଠକରେ ସମସ୍ତ ନୂତନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଂଘ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ଚୂଡାନ୍ତି ନିଷ୍ପତ୍ତି ନିଆଯାଇଥିବା ସଂଘର ସଭାପତି ସୂଚନା ଦେଇଛନ୍ତି। ଯାହାକୁ ଆଧାର କରି ସଂଘ କାର୍ଯ୍ୟାଳୟକୁ ଅସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ସହର ବାହାରେ ପ୍ରାୟ ୨୫କିଲୋମିଟର ଦୂରରେ କିର୍ତ୍ତିପୁର ଠାରେ ପ୍ରତିଷ୍ଠା କରାଗଲେ ଓକିଲ, ମହକିଲ ଏପରିକି ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସମସ୍ୟା ଉପୁଜିବ ବୋଲି ମତ ପ୍ରକାଶ ପାଇଛି। ଏଣୁ ଯେତେଶୀଘ୍ର ହେବ ସହର ମଧ୍ୟରେ ଜୁଡିସିଆଲ କମ୍ପ୍ଲେକ୍ସ ପ୍ରତିଷ୍ଠା ହେଲେ ସମସ୍ତଙ୍କ ପାଇଁ ସୁବିଧା ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଲଘୁଚାପ ଜନିତ ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ବ୍ରହ୍ମପୁରରେ ବର୍ଷା, ଖରାରୁ ମିଳିଲା ସାମାନ୍ୟ ଆଶ୍ୱସ୍ତି।

# ଯୁକ୍ତ ୨ ଓ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶନ ଆଜି

**ବ୍ରହ୍ମପୁର, ୨୫।୫(ସମିସ)**

ମେ' ୨୬ତାରିଖ ରବିବାର ଦିନ ଯୁକ୍ତଦୁଇ ଓ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଓ ମାଧ୍ୟମିକ ଶିକ୍ଷା ପରିଷଦ(ବିଏସଇ) ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ରବିବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ସାଢେ ୧୧ଟା ସମୟରେ ବୋର୍ଡ ୱେବ୍‌ସାଇଟରେ ରେଜଲ୍ଟ ଉପଲବ୍ଧ ହେବ। ମଧ୍ୟାହ୍ନ ୧୨ଟା ୩୦ମିନିଟରେ ଟାବୁଲେସନ୍ ରେଜିଷ୍ଟାର ଉପଲବ୍ଧ ହେବ। ଏବଂ ଅପରାହ୍ନ ୪ଟା ସମୟରେ ପରୀକ୍ଷାର୍ଥୀଙ୍କୁ ସେମାନଙ୍କର ଡିଜିଟାଲ ସାର୍ଟିଫିକେଟ୍ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରବିବାର ଅପରାହ୍ନ ସମୟରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ସିଏଚ୍‌ଏସ୍‌ଇ ୱେବ୍‌ସାଇଟରେ ପ୍ରକାଶ ପାଇବ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବେଶ ଉତ୍ସାହ ଓ ଉତ୍କଣ୍ଠା। ସୂଚନାଯୋଗ୍ୟ ଯେ, ଯୁକ୍ତ ଦୁଇ ପରୀକ୍ଷା ନିମନ୍ତେ ଜିଲ୍ଲାରେ ୭୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୩ହଜାର ୪୧୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସେଥିମଧ୍ୟରୁ କଳାରେ ୧୯ହଜାର ୧୯୧ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ବେଳେ ୧୭ହଜାର ୫୩୧ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ଫିଲଅପ କରିଥିଲେ। ଏହା ସହ ଏକ୍ସ-ରେଗୁଲାର ପରୀକ୍ଷା ଦେବା ପାଇଁ ମୋଟ ୮୨୬ଜଣ ଛାତ୍ରଛାତ୍ରୀ ଫର୍ମ ଫିଲଅପ କରିଥିଲେ। ସେହିପରି ବିଜ୍ଞାନରେ ୧୧ହଜାର ୬୪୭ଜଣ ଛାତ୍ରଛାତ୍ରୀ ପ ଞ୍ଜି କ ର ଣ କ ରି ଥି ବା। ବେଳେ ୧୧ହଜାର ୩୭୮ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ଫିଲଅପ କରିଥିଲେ। ଏକ୍ସ-ରେଗୁଲାରରେ ମୋଟ ୧୦୩୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ଫିଲଅପ କରିଥିଲେ। ସେହିପରି ବାଣିଜ୍ୟରେ ୨୩୧୬ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ବେଳେ ୨ହଜାର୧୨୬ଜଣ ବିଦ୍ୟାର୍ଥୀ ଫର୍ମ ଫିଲଅପ କରିଥିଲେ। ସେହିପରି ଏକ୍ସ-ରେଗୁଲାର ପରୀକ୍ଷା ପାଇଁ ମୋଟ ୧୩୭ଜଣ ଛାତ୍ରଛାତ୍ରୀ ଫର୍ମ ଫିଲଅପ କରିଥିଲେ। ଧନ୍ଦାମୂଳକ ଶିକ୍ଷା ନିମନ୍ତେ ୩୨୨ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରି ୨୫୯ଜଣ ବିଦ୍ୟାର୍ଥୀ ଫର୍ମ ଫିଲଅପ କରିଥିଲେ। ଏକ୍ସ-ରେଗୁଲାର ପରୀକ୍ଷା ଦେବା ପାଇଁ ମୋଟ ମାତ୍ର ୩୨ଜଣ ଛାତ୍ରଛାତ୍ରୀ ଫର୍ମ ଫିଲଅପ କରିଥିଲେ। ସେହିପରି ଜିଲ୍ଲାରେ ଗତ ଫେବୃଆରୀ ମାସରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାର ୬୩୬ଟି ବିଦ୍ୟାଳୟର ମୋଟ ୪୪ହଜାର ୮୮୮ଜଣ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେହିପରି ୫୫ଜଣ ଏକ୍ସ ରେଗୁଲାର ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଏହା ସହ ଧନ୍ଦାମୂଳକ ପାଠ୍ୟକ୍ରମର ମୋଟ ୧୭୧ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ସେଥିମଧ୍ୟରୁ ରେଗୁଲାର ବିଦ୍ୟାର୍ଥୀ ୧୬୦ଜଣ ଓ ଏକ୍ସ ରେଗୁଲାର ୧୧ଜଣ ଫର୍ମପୂରଣ କରିଥିଲେ। ସେହିପରି ସଂସ୍କୃତ ମଧ୍ୟମାରେ କେବଳ ରେଗୁଲାର ୭୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ମୋଟ ୪୭୪ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରି ସେଥିମଧ୍ୟରୁ ରେଗୁଲାର ୩୭୪ଜଣ ଥିବାବେଳେ ଏକ୍ସ ରେଗୁଲାରରେ ୧୦୦ଜଣ ରହିଥିଲେ। ଏଥି ନିମନ୍ତେ ଜିଲ୍ଲାରେ ୧୬ଟି ନୋଡାଲ ସେଣ୍ଟର ରହିଥିବା ବେଳେ ୨୨୩ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା।

**ଫଳାଫଳ ଜାଣିବା ପାଇଁ ଛାତ୍ରଛାତ୍ରୀ ଉତ୍ସାହିତ**

# ପାରଳା ମହାରାଜାଙ୍କ ୫୦ତମ ଶ୍ରାଦ୍ଧ ଦିବସ ପାଳିତ

**ବ୍ରହ୍ମପୁର, ୨୫।୫(ସମିସ):** ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ୫୦ତମ ପୁଣ୍ୟ ତିରୋଧାନ ଦିବସ ପାଳନ ଅବସରରେ ବ୍ରହ୍ମପୁରରେ ବସବାସ କରୁଥିବା ଗଜପତି ଜିଲ୍ଲା ନାଗରିକଙ୍କୁ ନେଇ ଗଠିତ ସଂଘ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ପରସ୍ରରେ ଥିବା ମହାରାଜାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସ୍ମୃତିଚାରଣ କରାଯିବା ସହ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ବର୍ଷିଆନ ସଭ୍ୟ ଶ୍ରୀ ଲଳିତ ମୋହନ ରାଜଗୁରୁ ପାରଳା ମହାରାଜା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ବାଲ୍ୟଶିକ୍ଷା ପାରଳାଖେମୁଣ୍ଡିରେ ସମ୍ପନ୍ନ କରିବା ପରେ ମାଡ୍ରାସର ନ୍ୟୁଟନ ବିଦ୍ୟାଳୟରେ ନାମ ଲେଖାଇଥିଲେ। ତାଙ୍କରି ଉଚ୍ଚଶିକ୍ଷା ମାଡ୍ରାସରେ ଶେଷ ହେବାପରେ ନିଜ ଅଞ୍ଚଳର ଉନ୍ନତି ପାଇଁ ଚେଷ୍ଟା କରିଥିଲେ। ବିଚ୍ଛିନ୍ନ ଓଡ଼ିଶାକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ନିଜ ରାଜକୋଷରୁ ଅର୍ଥବ୍ୟୟ କରି ସେ ସଫଳ ହୋଇଥିଲେ। ଏହି କାର୍ଯ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଜୟପୁର ରାଜା ବିକ୍ରମ ଦେବ, ଖଲ୍ଲିକୋଟ ରାଜା ମର୍ଦ୍ଦରାଜ ଦେବ ପ୍ରମୁଖ ଓଡ଼ିଶାକୁ ଭାଷା ଭିତ୍ତିକ ରାଜ୍ୟ ଭାବେ ଗଠନ କରିବାକୁ ଅଣ୍ଟା ଭିଡିଥିଲେ। ତାଙ୍କ ଉଦ୍ୟମରେ ଓଡ଼ିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଶ୍ରୀରାମ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟ, ସାକ୍ଷୀଗୋପାଳ ସ୍ଥିତ ବନ ବିଦ୍ୟାଳୟ, ପାରଳାଖେମୁଣ୍ଡିରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଉତ୍କଳ ହିତୈଷୀ ସମାଜ ପ୍ରମୁଖ ସଙ୍ଗଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗଜପତି ଜିଲ୍ଲା ନାଗରିକ ସଂଘର ସମ୍ପାଦକ ବିକାଶ ଚନ୍ଦ୍ର ପାଢ଼ୀ ସଂଯୋଜନା କରିଥିବା ବେଳେ ଦେବୀ ପ୍ରସାଦ ପାଢ଼ୀ, ଡାକ୍ତର ରାମଚନ୍ଦ୍ର ରଥ, ପତିତପାବନ ଚୌଧୁରୀ, ପ୍ରଫେସର ଅମୀୟ ପରିଛା, ଇଂ. ଅଶୋକ ଚାନ୍ଦ ପରିଛା, କୈଳାଶ ଅଧିକାରୀ, ମହେଶ ଦାଶ, ହରିକୃଷ୍ଣ ମିଶ୍ର ଓ ରାମକୁମାର ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



**ଗଜପତି ଜିଲ୍ଲା ନାଗରିକ ସଂଘ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

# ପୂଜ୍ୟପୂଜା ସମିତର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ତିରୋଧାନ ଦିବସ ପାଳିତ

**ବ୍ରହ୍ମପୁର, ୨୫।୫(ସମିସ)**



ପୂଜ୍ୟପୂଜା ସମିତି ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶାର ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୫୦ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ସମିତିର ସମ୍ପାଦକ ଏସ. ସାମ୍ବଶିବା ରାଓଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଏମକେସିଜି ମେଡିକାଲ କଲେଜ ସମ୍ମୁଖରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ଦେଶ ମିଶ୍ରଣ ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ନିର୍ମାଣରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଉତ୍କଳ ସମ୍ମିଳନୀର ନେତୃତ୍ୱ ନେଇ ଓଡ଼ିଆଙ୍କ ସମସ୍ୟା ଓ ଦାବିକୁ ଯୁକ୍ତିଯୁକ୍ତ ଭାବେ ଉପସ୍ଥାପନ କରିବାସହ ସ୍ୱତନ୍ତ୍ର ପ୍ରଦେଶ ଗଠନ ପରେ ଦୁଇଥର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ପାଦନ କରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ମହାରାଜା ଗଜପତି ପ୍ରତିଷ୍ଠା କରିଥିଲେ ବୋଲି ଏଠାରେ କୁହାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ଡା. ରାଜେନ୍ଦ୍ର କୁମାର ତ୍ରିପାଠୀ, ସୁରେନ୍ଦ୍ର ନାଥ ପଣ୍ଡା, ରାମଚନ୍ଦ୍ର ସାହାଣୀ, ଜଟେଶ୍ୱର ସାବତ, ପି. ଶଙ୍କର ରାଓ, ନୀଳାଦ୍ରି ଭୂଷଣ ନାୟକ, କାହ୍ନୁ ଚରଣ ପାତ୍ର, ଜୟକୃଷ୍ଣ ନାୟକ, ଶ୍ୟାମସୁନ୍ଦର ଖାଡ଼ଙ୍ଗା, ରଞ୍ଜିତ କୁମାର ସାମନ୍ତରାୟ, ଅଶୋକ ଦଳାଇ, ରମେଶ ପ୍ରସାଦ ଦାଶ, କବିରାଜ ସାହୁ, ସଦାନନ୍ଦ ବେହେରା, ପ୍ରଶାନ୍ତ କୁମାର ପଣ୍ଡା ଓ ଅବନୀ ଗୟା ପ୍ରମୁଖ ଉପସ୍ଥିତ ଥିଲେ।

# ରିଲ୍ସ ପାଇଁ ରିୟଲ୍ ଗୁଣ୍ଡାଗିରି





● ଖଣ୍ଡାଧରି ଯୁବଗୋଷ୍ଠୀ କରୁଛନ୍ତି ଭିଡିଓ ସୁଟିଂ

● ପୁରୁଣା ଅପରାଧୀଙ୍କ ଛତ୍ରଛାୟା ତଳେ ବହୁ ନାବାଳକ ଅପରାଧୀ!

**ବ୍ରହ୍ମପୁର:୨୫।୫(ସମିସ)**

ସହରରେ ଅପରାଧୀଙ୍କ ଆତଙ୍କରାଜ। ଅପରାଧୀଙ୍କ କବଜାରେ ରେଶମ ସହର ବ୍ରହ୍ମପୁର। ସୋସିଆଲ ମିଡିଆରେ ରିଲ୍ସ ପାଇଁ ନୁହେଁ ଚାଲିଛି ରିୟଲ ଗୁଣ୍ଡାଗିରି। ଫିଲ୍ମ ଷ୍ଟାଇଲରେ ହାତରେ ଖଣ୍ଡା, ଭୁଜାଲି ଓ ବନ୍ଧୁକ ଭଳି ମାରଣାସ୍ତ୍ର ଧରି ବିଚ୍ ରାସ୍ତାରେ ବୁଲୁଛନ୍ତି ଅପରାଧୀ। ସୋସାମିଲ ମିଡିଆରେ ପ୍ରବଳ ବେଗରେ ଭାଇରାଲ ହେବାରେ ଲାଗିଛି ଦୁଇଜଣ ଯୁବକ ଖଣ୍ଡା ଧରିଥିବା ବୁଲୁଥିବା ଫଟୋ। ଏକାଧିକ ଯୁବକଙ୍କ ସହ ନାବାଳକ ସାମିଲ ହୋଇ ଭିଡିଓ ସୁଟିଂ କରିବା ସହ କରୁଛନ୍ତି ମଉଜ ମସ୍ତି। ପୁଲିସ ପାଟ୍ରୋଲିଂକୁ ଖୋଲା ଚ୍ୟାଲେଞ୍ଜ ଦେଇ ସୋସିଆଲ ମିଡିଆରେ ମାତିଛନ୍ତି ଅପରାଧୀ। ଖୁଲମ ଖୁଲା ବନ୍ଧୁକ, ହତିଆର ଧରି ରାଜରାସ୍ତାରେ ଗୀତର ତାଳେତାଳେ ନାଚି ମସଗୁଲ ଅପରାଧୀ ପୁଲିସକୁ ଦେଉଛନ୍ତି ଚ୍ୟାଲେଞ୍ଜ। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଏବେ ଯୁବକମାନେ ରିଲ ପାଇଁ କାହାକୁ ଗାଳି କରୁଛନ୍ତି ତ ଆଉ କାହାକୁ ଧମକ ଦେଉଛନ୍ତି। ଏଭଳି ଘଟଣା ସମ୍ପ୍ରତି ନିତିଦିନିଆ ହୋଇସାରିଛି। ରିଲ୍ସ ଜରିଆରେ କିଛି ଜେଲ ଫେରନ୍ତା ଅଥବା ପୁରୁଣା ଅପରାଧୀଙ୍କୁ ଗାଳିଗୁଲଜ କରି ଭିଡ଼ିଓକୁ ଇନଷ୍ଟାଗ୍ରାମରେ ଉପଲୋଡ଼ କରୁଛନ୍ତି। ତେବେ ଖଣ୍ଡ ଧରି ରିଲ୍ସ କରୁଥିବା ଶ୍ରୀରାମ ନଗର ଅଞ୍ଚଳର ଦୁଇ ଯୁବକ କୁଆଡେ 'ଭାଲୁ' ନାମକ ଜଣେ ପୁରୁଣା ଅପରାଧିଙ୍କ ଛତ୍ରଛାୟା ତଳେ ରହିଥିବା ଶୁଣିବାକୁ ମିଳିଛି। ସଦ୍ୟ ସମ୍ପନ୍ନ ହୋଇଥିବା ସାଧାରଣ ନିର୍ବାଚନରେ ଏମାନେ ବିଜେପି କର୍ମୀ ଭାବେ ପ୍ରଚାର ଶୋଭାଯାତ୍ରାରେ ଥିବା ଜଣାପଡ଼ିଛି। ଏହି ଫୋଟ ବର୍ତ୍ତମାନ ସୋସିଆଲ ମିଡିଆରେ ଦ୍ରୁତଗତିରେ ଭାଇରାଲ ହେବାରେ ଲାଗିଛି। ଭାଇରଲ ଭିଡିଓ ଆଧାରରେ ପୁଲିସ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ରହିଛି ସହରବାସୀଙ୍କ ନଜର। ପ୍ରକାଶ ଥାଉକି ଗତ ମାର୍ଚ୍ଚ ୨୯ତାରିଖରେ ବିଜିପୁରର ଏନ.କାର୍ତ୍ତିକ ରାଓ ଓ ସିଦ୍ଧାନ୍ତ କୁମାର ଦାଶ ଉଭୟେ ଇନଷ୍ଟାଗ୍ରାମରେ ଲାଇଭରେ ଆସିଥିଲେ। ଏହି ସମୟରେ ବାପୁଜୀନଗରର ଦୁଇ ନାବାଳକଙ୍କୁ ଅଶ୍ରାବ୍ୟ ଭାଷାରେ କମେଣ୍ଟ କରିବା ସହ ଗାଳିଗୁଲଜ କରିଥିଲେ। ପରେ ବିଜିପୁର କାଳୀମନ୍ଦିର ନିକଟରେ କାର୍ତ୍ତିକ ଓ ସିଦ୍ଧାନ୍ତଙ୍କୁ କିଛି ଦୁର୍ବୃତ୍ତ ଖଣ୍ଡାରେ ହାଣିଥିଲେ। ଉକ୍ତ ଘଟଣାରେ ବୈଦ୍ୟନାଥପୁର ଥାନା ପକ୍ଷରୁ ଶୁଭମ ଲେଙ୍କା(୧୯)କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ଦୁଇଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା।

# ବଢୁଛି 'ଲିଚୁ'ର ଚାହିଦା

**ବ୍ରହ୍ମପୁର, ୨୫।୫(ସମିସ):** ଗ୍ରୀଷ୍ମ ଋତୁରେ ସାଧାରଣତଃ ଆମ୍ବ, ତାଳ, ପଣସ ଓ ଲିଚୁ ଆଦି ସ୍ୱାଦିଷ୍ଟ ଫଳ ସହରର ବିକ୍ରି ହେଉଥିବା ଦେଖିବାକୁ ମିଳେ। ସେଥିମଧ୍ୟରୁ ଲିଚୁର ଚାହିଦା ବେଶ ବୃଦ୍ଧି ପାଇଛି। ଲିଚୁ କିଲୋପ୍ରତି ପ୍ରାୟ ୨ଶହ ଟଙ୍କା ରହିଛି। ବର୍ଷର ମେ'ରୁ ଜୁଲାଇ ମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଲିଚୁ ବିକ୍ରି ହୋଇଥାଏ। ସହରର ଅର୍ବାନ ବ୍ୟାଙ୍କ ରୋଡ୍, ଅନ୍ନପୂର୍ଣ୍ଣା ମାର୍କେଟ, ହନୁମାନ ବଜାର, ବଡ଼ବଜାର, ସାନବଜାର, ଗିରିମାର୍କେଟ, ଇଞ୍ଜିନିୟରିଂ ସ୍କୁଲ ଛକ, ଖଲ୍ଲିକୋଟ କଲେଜ ଛକ ସମେତ ସହର ବିଭିନ୍ନ ସ୍ଥାନରେ ଲିଚୁ ସହିତ ଅନ୍ୟ ପାଚିଲା ଫଳର ବିକ୍ରୀବଟା ହୋଇଥାଏ। ହାତପାଆନ୍ତାରେ ଲୋକଙ୍କୁ ସୁଲଭ ଓ ସୁବିଧାରେ ଲିଚୁ ଉପଲବ୍ଧ ହେଉଥିବାରୁ ଠେଲା ନିକଟରେ ଗ୍ରାହକଙ୍କ ଭିଡ ହୋଇଥାଏ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବ୍ୟବସାୟ ଭଲ ହୁଏ। ତାଳ ଓ ତରଭୂଜ ଭଳି ଲିଚୁରେ ମଧ୍ୟ ଜଳୀୟ ଅଂଶ ଅଧିକ ରହୁଥିବାରୁ ଏହି ଦିନରେ ଗ୍ରାହକ ଏହାକୁ ପସନ୍ଦ କରିଥାନ୍ତି। ଲିଚୁ ଖାଇବାକୁ ପିଲାଙ୍କ ଠାରୁ ଯୁବଗୋଷ୍ଠୀ ଏପରିକି ବରିଷ୍ଠ ନାଗରିକ ସମସ୍ତେ ଆଗ୍ରହ ପ୍ରକାଶ କରିଥାନ୍ତି। ଲିଚୁ ମୁଖ୍ୟତଃ ବିହାର, ଆସାମ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଅଧିକ ଉତ୍ପାଦନ ହୋଇଥାଏ। ତେବେ ବ୍ରହ୍ମପୁର ସହରକୁ କୋଲକୋତାରୁ ଅଧିକ ପରିମାଣର ଲିଚୁ ଆମଦାନୀ ହୋଇଥାଏ। ବ୍ରହ୍ମପୁର ସହରର ବିଭିନ୍ନ ଗୋଦାମରୁ ରିଟେଲ୍ ବ୍ୟବସାୟୀମାନେ କିଲୋ ୧୬୦ଟଙ୍କାରେ କିଣି ଖୁଚୁରା ବଜାରରେ କିଲୋ ପିଛା ୧୭୦ରୁ ୧୮୦ଟଙ୍କାରେ ବିକ୍ରି କରିଥାନ୍ତି। ବ୍ରହ୍ମପୁରକୁ ଦୈନିକ ପ୍ରାୟ ୩ଶହରୁ ଅଧିକ ପେଡ଼ି ଲିଚୁ ଆମଦାନୀ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ ଏହି ଲିଚୁ ବଜାରରେ ଉପଲବ୍ଧ ହେଉଥିବାରୁ ଦର ଅଧିକ ହେଲେ ମଧ୍ୟ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଏହା ପ୍ରଥମ ପସନ୍ଦ ହୋଇଥାଏ। ସେପଟେ ଆଗକୁ ସାବିତ୍ରୀ ଅମାବାସ୍ୟା। ଏଣୁ ଆଗକୁ ଦର ହ୍ରାସ ପାଇବା ସମ୍ଭାବନର କ୍ଷୀଣ ବୋଲି କହିଛନ୍ତି ବ୍ୟବସାୟୀ ମନୋଜ ତରେଇ। ପ୍ରତିଦିନ ସେ ୩ହଜାର ଟଙ୍କାରୁ ଅଧିକ ଲିଚୁ ବିକ୍ରି କରନ୍ତି।

# ବିଚକ୍ଷଣ ବିଚାର



ମୂଳ ରଚନା : ଜି.ଡି. ମୋପାସାଁ
ଅନୁସୃଜନ : ଡକ୍ଟର ବାସନ୍ତୀ ମହାନ୍ତି

ପ୍ରଥୁଳ ବିଚାରପତି ତାଙ୍କ ଆସନରେ ବସି ଗୋଟିଏ ଆଖି ବନ୍ଦ ଓ ଆଉ ଗୋଟିଏ ଆଖି ଖୋଲା ରଖି ସବୁ ପ୍ରମାଣ ମନଯୋଗ ଦେଇ ଶୁଣନ୍ତି। କୌଣସି ରାୟ ଦେବା ପୂର୍ବରୁ ତାଙ୍କର ମୁହଁର ଭାବଭଙ୍ଗୀରୁ ଜାଣି ହୋଇଯାଏ, ସେ କି ପ୍ରକାର ରାୟ ଦେଉଛନ୍ତି। ଗୋଟିଏ ଜମିଜମା ସମ୍ବନ୍ଧରେ ଉପୁଜିଥିବା କେସ୍‌ର ରାୟ ଦେଇସାରି ଭଦ୍ର ପୋଷାକରେ ସଜ୍ଜିତ ହୋଇଥିବା ଦୋକାନୀ ହିପୋଲାଇଟ୍ ଓ ଆନ୍ଥିମ୍ ଇସିଡୋର ଲେନ୍ୟୁଙ୍କର ବିଧବା ପତ୍ନୀ ମାଡାମ୍ ସେଲେଷ୍ଟ ସେସାରିନ୍ ଲେନ୍ୟୁଙ୍କ ବିବାଦର ବିଚାର ଆରମ୍ଭ କଲେ, ପ୍ରଥମେ ହିପୋଲାଇଟ୍‌କୁ ଡାକିଲେ। ହିପୋଲାଇଟ୍ ଲେସର୍ ୪୫ ବର୍ଷର। ଲମ୍ବାକେଶ, ବିଶାଳ ବପୁ ଥିବା ମଣିଷଟି। କ୍ଳାନ୍ତ ସ୍ୱରରେ କଥା ହେଉଥିଲା। ମାମ୍ ଲେନ୍ୟୁ ୪୦ ବର୍ଷର ପରି ମନେ ହେଉଥିଲେ। ଖୁବ୍ ସାଦାସିଧା ବେଶ ପୋଷାକରେ ଦୃଢ଼ ମନୋବଳ ନେଇ ସେ ସାହସର ସହ କୋର୍ଟରେ ଠିଆ ହୋଇଥିଲେ। ତାଙ୍କର ମେଦବହୁଳ ଶରୀରଟି ବଡ଼ କୁଞ୍ଚିତ ପୋଷାକରେ ଆବୃତ ଥିଲା। କଣ୍ଠସ୍ୱର ଖୁବ୍ ଶକ୍ତିଶାଳୀ ଥିଲା। ସେ ଅନ୍ତଃସତ୍ତ୍ୱା ଥିଲେ। ତାଙ୍କ ସପକ୍ଷରେ ସାକ୍ଷ୍ୟ ଦେବାକୁ ଆସିଥିବା ସାକ୍ଷୀମାନେ ଅପେକ୍ଷାରେ ଥିଲେ। ବିଚାରପତି ଆରମ୍ଭ କଲେ। ହିପୋଲାଇଟ୍ ତୁମର ଅଭିଯୋଗ ବୟାନ କର।

ବାଦୀ ହିପୋଲାଇଟ୍ କହିଲା, "ହଜୁର୍, ଆଜିକୁ ନଅମାସ ତଳେ ପ୍ରତିବାଦୀ ଗୋଟିଏ ସନ୍ଧ୍ୟାରେ ମୋ ପାଖକୁ ଆସି କହିଲେ, ସେ ମୋ ସହଯୋଗରେ ଗୋଟିଏ ସନ୍ତାନ ଚାହୁଁଛନ୍ତି। ପ୍ରତି ବଦଳରେ ସେ ମୋତେ ୧୦୦ ଫ୍ରାଙ୍କ ଦେବେ ବୋଲି ପ୍ରତିଶ୍ରୁତି ଦେଲେ। ମୁଁ ଏହି ସର୍ତ୍ତରେ ରାଜି ହୋଇଗଲି। ରାଜିନାମା ହୋଇଗଲା; କିନ୍ତୁ ଏବେ ସେ ପଇସା ଦେବା ପାଇଁ ଅଗ୍ରାହ୍ୟ କରୁଛନ୍ତି।"

ବିଚାରପତି କହିଲେ, "ମୁଁ ଠିକ୍ ବୁଝିପାରିଲି ନାହିଁ। କି ପ୍ରକାର ଶିଶୁ ସେ ଚାହୁଁଥିଲେ। ତମଠାରୁ ପୋଷ୍ୟପୁତ୍ରଟିଏ ଚାହୁଁଥିଲେ?"

ହିପୋଲାଇଟ୍ କହିଲା, "ନା ହଜୁର୍, ସେ ଗୋଟିଏ ନୂଆ ଶିଶୁ ଚାହୁଁଥିଲେ।"

ବିଚାରପତି କହିଲେ – "ନୂଆ ମାନେ?"

ହିପୋଲାଇଟ୍ କହିଲା – "ନବଜାତକ ଶିଶୁ। ଆମେ ଦୁହେଁ ସ୍ୱାମୀ-ସ୍ତ୍ରୀ ରୂପେ ରହି ଶିଶୁକୁ ଜନ୍ମ ଦେବୁ।"

ବିସ୍ମିତ କଣ୍ଠରେ ବିଚାରପତି କହିଲେ, "ସେ ଏମିତି ଗୋଟିଏ ପ୍ରସ୍ତାବ କାହିଁକି ତମକୁ ଦେଲେ?"

ହିପୋଲାଇଟ୍ କହିଲା – "ହଜୁର୍, ମୁଁ ମଧ୍ୟ ତାଙ୍କ କଥା ପ୍ରଥମରୁ ବୁଝିପାରୁ ନଥିଲି। ପରେ ସେ ମତେ ବୁଝେଇ କହିଥିଲେ ଯେ - ତାଙ୍କ ସ୍ୱାମୀ ଆନ୍ଥିମ୍ କେତେ ସପ୍ତାହ ତଳେ ମୃତ୍ୟୁବରଣ କରିଛନ୍ତି। ତାଙ୍କର କୌଣସି ସନ୍ତାନ ନଥିବାରୁ ସମସ୍ତ ସମ୍ପତ୍ତି ତାଙ୍କ ପରିବାରକୁ ଚାଲିଯାଉଥିଲା। ଏହା ତାଙ୍କ ପାଇଁ ଖୁବ୍ ଦୁଃଖଦାୟକ ଥିଲା। ସେ ଜଣେ ଓକିଲଙ୍କୁ ପରାମର୍ଶ କଲେ। ଓକିଲ କହିଲେ ସେ ଯଦି ଦଶ ମାସ ଭିତରେ ଗୋଟିଏ ସନ୍ତାନ ଜନ୍ମ ଦେଇପାରିବେ, ତେବେ ଆନ୍ଥିମ୍‌ଙ୍କର ସମ୍ପତ୍ତି ପାଇପାରିବେ। ଏଥିପାଇଁ ସେ ମୋ' ପାଖକୁ ଆସି ଏହିଭଳି ଏକ ପ୍ରସ୍ତାବ ରଖିଥିଲେ। ଆମେ ଗୋଟିଏ ଚର୍ଚ୍ଚରେ ଶପଥ କରି ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିଥିଲୁ। ତା' ପରଠାରୁ ଯାହା ଘଟଣା ଆପଣ ଜାଣିଛନ୍ତି। ମୋର ମଧ୍ୟ ଏହା ପୂର୍ବରୁ ଆଠଜଣ ସନ୍ତାନ ଅଛନ୍ତି, ଯେଉଁମାନେ ଭିନ୍ନ ଭିନ୍ନ ସ୍ଥାନରେ ଜୀବିକା ନିର୍ବାହ କରୁଛନ୍ତି ଏବଂ ମୁଁ ଆଇନତଃ ଭିକ୍ଟୋରିଆ ଏଲିଜାବେଥ୍ ରାବୋଉଙ୍କୁ ବିବାହ କରିଛି।"

ବିଚାରପତି ବିରକ୍ତି ପ୍ରକାଶ କରି କହିଲେ, "ଏସବୁ ବେକାର କଥା କହ ନାହିଁ। ଏବେ ବିଷୟବସ୍ତୁକୁ ଆସ।"

ହିପୋଲାଇଟ୍ କହିଲା, "ତା'ପରେ ଆମେ ଗୋଟାଏ ଜାଗାରେ ରହିଲୁ ହଜୁର୍। ସେ କହିଥିଲେ - ମୁଁ ମାଆ ହେବାର ଡାକ୍ତର ରିପୋର୍ଟ ପାଇଲା ସଙ୍ଗେ ସଙ୍ଗେ ତମକୁ ୧୦୦ ଫ୍ରାଙ୍କ ଦେଇଦେବି। ହଜୁର୍। ସେ ମାଆ ହେବାର ଡାକ୍ତର ରିପୋର୍ଟ ଆସିଲା। କିନ୍ତୁ ଏବେ ତାଙ୍କ ପ୍ରତିଶ୍ରୁତି ଅନୁସାରେ ଅର୍ଥ ଦେବା ପାଇଁ ଅସ୍ୱୀକାର କରୁଛନ୍ତି। ମୋତେ ମିଥ୍ୟାବାଦୀ ବୋଲି କହୁଛନ୍ତି।"

ବିଚାରପତି କହିଲେ – "ପ୍ରତିବାଦୀ! ତମେ କ'ଣ ଏ ସମ୍ପର୍କରେ କହିବ?"

ମାଡାମ୍ ଲେନ୍ୟୁ କହିଲେ – "ହଜୁର୍, ସେ ଲୋକଟା ଗୋଟିଏ ମିଥ୍ୟାବାଦୀ।"

ବିଚାରପତି କହିଲେ – "ତମେ କେମିତି ଏହାକୁ ମିଥ୍ୟା ସାବ୍ୟସ୍ତ କରିବ?"

ମାଡାମ୍ ଲେନ୍ୟୁ କ୍ରୋଧ ଜର୍ଜରିତ ହୋଇ କହିଲେ –" ମୁଁ କେମିତି ପ୍ରମାଣିତ କରିବି? ମୋ' ପାଖରେ କି ପ୍ରମାଣ ଅଛି? ଏହି ପିଲାଟା ଯେ ତା'ର ନୁହେଁ, ଏହାର ଅନେକ ପ୍ରମାଣ ଅଛି ହଜୁର୍। ତେଣୁ ମୁଁ ଏହି ପିଲାକୁ ମୋର ମୃତ ସ୍ୱାମୀର ପିଲା ବୋଲି ଧରି ନେଇଛି।"

ବିଚାରପତି କହିଲେ – "ତେବେ ଏ ସନ୍ତାନଟି କାହାର?"

ମାଡାମ୍ ଲେନ୍ୟୁ ବହୁ କଷ୍ଟରେ ତାଙ୍କର କ୍ରୋଧ ସମ୍ବରଣ କଲେ। "ମୁଁ କେମିତି ଜାଣିବି? କେମିତି? କେମିତି ମୁଁ ଜାଣିବି? ମୁଁ ଭାବୁଛି ହଜୁର୍! ଏଠାରେ ମୋର ଛଅଜଣ ସାକ୍ଷୀ ଅଛନ୍ତି। ସେମାନଙ୍କୁ ଜେରା କରନ୍ତୁ, ସେମାନେ କହିବେ।"

ବିଚାରପତି ଶାନ୍ତ କଣ୍ଠରେ କହିଲେ "ସେମାନଙ୍କୁ ଡାକ। ସେମାନେ ଗୋଟି ଗୋଟି କରି ମୋ ପ୍ରଶ୍ନର ଉତ୍ତର ଦେବେ। ଯେଉଁ କାରଣରୁ ତୁମକୁ ଏ ଲୋକର ପିତୃତ୍ୱ ଉପରେ ସନ୍ଦେହ ଆସୁଛି।"

ମାମ୍ ଲିନ୍ୟୁ କହିଲେ – "କେଉଁ କାରଣ? ଶହେରୁ ଶହେ ନା ନା ଶହେରୁ ଦୁଇ ଶତ ପ୍ରତିଶତ, ପାଞ୍ଚଶତ ପ୍ରତିଶତ ହଜାର ଓ ଲକ୍ଷ ଲକ୍ଷ ପ୍ରତିଶତ ମୋର ବିଶ୍ୱାସ ସେ ମୋ ଶିଶୁର ପିତା ନୁହେଁ। ତା' ସହ ୧୦୦ ଫ୍ରାଙ୍କର ସର୍ତ୍ତ ଓ ପ୍ରତିଶ୍ରୁତି ଦେବା ପରେ ମୁଁ ଜାଣିବାକୁ ପାଇଲି ଯେ, ସେ ତା'ର ନିଜ ସନ୍ତାନମାନଙ୍କର ମଧ୍ୟ ପିତା ନୁହେଁ। ହଜୁର୍ ସେ କାହାର ପିତା ନୁହେଁ।"

ହିପୋଲାଇଟ୍ ଶାନ୍ତ ସ୍ୱରରେ କହିଲେ – "ଏସବୁ ମିଥ୍ୟା।"

ମାମ୍ ଲିନ୍ୟୁ ହତୋତ୍ସାହିତ ହୋଇ କହିଲେ –"ମିଛ! ମିଛ! ତା'ର ସ୍ତ୍ରୀ ମଧ୍ୟ ଏଇଠି ଆମ ଭିତରେ ଅଛନ୍ତି। ହଜୁର୍, ମୋ ସାକ୍ଷୀମାନଙ୍କୁ ଡାକି ପରୀକ୍ଷା କରନ୍ତୁ।"

ହିପୋଲାଇଟ୍ ଶାନ୍ତ ସ୍ୱରରେ କହିଲେ, "ଏହା ମିଛ।"

ମାମ୍ ଲିନ୍ୟୁ କହିଲେ – "ଏହା ମିଛ? ମିଛ? ତା' ହେଲେ ସେଇ ଲାଲ୍ କେଶ ଥିବା ପିଲାଟା? ସେଇଟା ବି ତମର? "

ବିଚାରପତି କହିଲେ, "ଦୟାକରି ବ୍ୟକ୍ତିଗତ ଆରୋପରୁ କ୍ଷାନ୍ତ ରୁହ। ନହେଲେ ମୁଁ ଅର୍ଡର ଦେବା ପାଇଁ ବାଧ୍ୟ ହେବି।"

ମାଡାମ୍ ଲେନ୍ୟୁ କହିଲେ, "ହଜୁର୍ ମୋର ତା' ଉପରେ ଭରସା ନଥିଲା, ସେହି ହେତୁ ମୁଁ ମୋର ଅବସ୍ଥା କଥା କେସାଇର ଲେପିକ୍‌କୁ କହିଲି, ଯିଏ ସାକ୍ଷୀ ରୂପେ ଏଠି ରହିଛି। ସେ ମୋ' ପାଖରେ ତା' ନିଜକୁ ସ୍ୱଇଚ୍ଛାରେ ସମର୍ପି ଦେଲା। ହିପୋଲାଇଟ୍ ଭରସା ଯୋଗ୍ୟ ନୁହେଁ ଜାଣି ସେ ତା'ର ସହାୟକକୁ ମୋତେ ସମର୍ପି ଦେଲା। ମୋର ଏହି ହତୋତ୍ସାହ କଥାକୁ ଅନ୍ୟ ସାକ୍ଷୀମାନେ ଯେତେବେଳେ ଶୁଣିଲେ ସେମାନେ ମଧ୍ୟ ମତେ ନିର୍ଭର ଜବାବ ଦେଲେ। ଏହିପରି ୧୦୦ରୁ ଉର୍ଦ୍ଧ୍ୱ ଲୋକ ମୋତେ ମୋ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାରେ ସହାୟତା କଲେ। ମୁଁ ମଧ୍ୟ ସେମାନଙ୍କୁ ଆନନ୍ଦର ସହ ଗ୍ରହଣ କଲି।"

ସେଠାରେ ଉପସ୍ଥିତ ଥିବା ଲୁକାସ୍ ଚାଣ୍ଡେଲିଅର ନାମକ ଜଣେ ଡେଙ୍ଗା ମଣିଷ ରାଣଖାଇ କହିଲା, "ମୁଁ ହିପୋଲାଇଟ୍‌କୁ ଗୋଟିଏ ସେଣ୍ଟ୍ ସୁଦ୍ଧା ଦିଆଇ ଦେବି ନାହିଁ। କାରଣ ତାକୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା, ତାହା ପୂର୍ଣ୍ଣ କରିପାରିନାହିଁ। ଅନ୍ୟମାନେ ମୋ ପାଇଁ ବିଶ୍ୱସ୍ତ ଥିଲେ। କେବେ କିଛି ଚାହିଁ ନଥିଲେ।"

ହିପୋଲାଇଟ୍ କହିଲା,"ତମେ ମତେ ଯାହା ପ୍ରତିଶ୍ରୁତି ଦେଇଥିଲ, ମୁଁ ସେହି ଅନୁସାରେ ମୁଁ ଟଙ୍କା ଚାହୁଁଛି। ମୋ' ତରଫରୁ କିଛି ଭୁଲ୍ ନାହିଁ। ମୁଁ ପ୍ରତିଶ୍ରୁତି ଦେଇଥିଲି। ତାହା ପୂରଣ କରିଛି।"

ମାଡାମ୍ ଲେନ୍ୟୁ ତା'ର ଅତି ନିକଟକୁ ଯାଇ କହିଲେ - "ଏକ ଶହ ଫ୍ରାଙ୍କ୍? ଏକଶହ ଫ୍ରାଙ୍କ୍ ଏହି କାମ ପାଇଁ? ମିଥ୍ୟାବାଦୀ। ଏମାନେ ମୋ'ଠାରୁ ଫଟା ପାହୁଲାଟିଏ ନେଇନାହାନ୍ତି।"

ସେମାନଙ୍କ ଆଡ଼କୁ ଚାହିଁ ହିପୋଲାଇଟ୍ କହିଲା, "ତମର ଆହୁରି ଶହେ ହଜାରେ ବି ଥାଇ ପାରନ୍ତି, ସେଥିରେ ମୋର ଯାଏଆସେ ନାହିଁ। ମୁଁ ମୋର କର୍ତ୍ତବ୍ୟ କରିଛି। ତେଣୁ ସର୍ତ୍ତରେ ହଲ୍‌ଚଲ୍ ହେବାର ନାହିଁ।"

ଲେନ୍ୟୁ ତାଳିମାରି କହିଲେ, "ତା'ହେଲେ ତା'ର ପ୍ରମାଣ ଦିଅ ଯେ ତୁମେ ଏ ପିଲାର ବାପା। ମୁଁ ତମକୁ ଆହ୍ୱାନ କରୁଛି, ତମେ ପ୍ରମାଣ ଦିଅ। ଡକାୟତ କୋଉଠିକାର।"

ଶାନ୍ତ କଣ୍ଠରେ ହିପୋଲାଇଟ୍ କହିଲା – "ହଁ, ଅନ୍ୟମାନଙ୍କ ଅପେକ୍ଷା ମୁଁ ଅଧିକ କିଛି ନଥାଇପାରେ। କିନ୍ତୁ ତମେ ମତେ ୧୦୦ ଫ୍ରାଙ୍କ୍ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲ ଓ ସେଥିପାଇଁ ସର୍ତ୍ତ ରଖିଥିଲ। ଏଥିପାଇଁ ତମର ଅନ୍ୟମାନଙ୍କ ସାହାଯ୍ୟ ନେବାର ଅଧିକାର ନଥିଲା। ମୁଁ ଭାବୁଛି ମୁଁ ଏକା ହିଁ ତୁମକୁ ମାତୃତ୍ୱ ଦେବାରେ ସଫଳ ହୋଇଛି।"

ମାଡାମ୍ ଲେନ୍ୟୁ କହିଲେ, "ଏହା ସତ୍ୟ ନୁହେଁ ଡକାୟତ। ହଜୁର୍! ଆପଣ ମୋ ସାକ୍ଷୀମାନଙ୍କ ବୟାନ ନିଅନ୍ତୁ। ସେମାନେ ନିଶ୍ଚୟ ଏହାର ଉତ୍ତର ଦେବେ।"

ବିଚାରପତି ସାକ୍ଷୀମାନଙ୍କୁ ଗୋଟି ଗୋଟି କରି କାଠଗଡ଼ାକୁ ଡାକିଲେ। "ପ୍ରଥମେ ଲୁକାସ୍ ଚାଣ୍ଡେଲିଅର୍! ତମେ ଯେ ମାଡାମ୍ ଲେନ୍ୟୁଙ୍କ ଗର୍ଭସ୍ଥ ସନ୍ତାନର ପିତା, ତା'ର କୌଣସି କାରଣ ଦର୍ଶାଇ ପାରିବ?"

ସେ ନିଃସଙ୍କୋଚରେ କହିଲା – "ହଁ ସାର୍।"

ସେଲେଷ୍ଟିନ୍ ପାଇରି ସିଡୋନି ବିଚାରପତିଙ୍କ ପ୍ରଶ୍ନର ଉତ୍ତରରେ କହିଲା – "ହଁ ସାର୍।" ଅନ୍ୟ ଚାରିଜଣ ମଧ୍ୟ ଠିକ୍ ସେହି ଉତ୍ତର ଦେଲେ।

କିଛି ସମୟ ନିରବ ରହି ବିଚାରପତି ରାୟ ଦେଲେ – "ବାଦୀଙ୍କର ମାଡାମ୍ ଲେନ୍ୟୁଙ୍କ ସହ ସର୍ତ୍ତ ଅନୁସାରେ ତାଙ୍କ ସନ୍ତାନର ପିତୃତ୍ୱ ଦାବି ପାଇଁ ଯେଉଁ କାରଣ ରହିଛି, ଅନ୍ୟମାନଙ୍କର ମଧ୍ୟ ସେହି କାରଣ ରହିଛି। କିନ୍ତୁ ହିପୋଲାଇଟ୍ ସହ ଏଥିପାଇଁ କାଗଜପତ୍ରର ରାଜିନାମା ହୋଇଛି, ଏ ଦୃଷ୍ଟିରୁ ହିପୋଲାଇଟ୍‌ର ପ୍ରଥମ ଅଧିକାର ସମ୍ପର୍କରେ କେହି ପ୍ରଶ୍ନ ଉଠାଇ ପାରିବେ ନାହିଁ। ତେବେ ଏହିପରି ଗୋଟିଏ ରାଜିନାମା କରିପାରିବାର ଅଧିକାର ତାଙ୍କର ନାହିଁ। କାରଣ ସେ ବିବାହିତ। ଆଇନତଃ ସେ ତାଙ୍କର ବିବାହିତ ପତ୍ନୀ ପ୍ରତି ବିଶ୍ୱସ୍ତ ରହିବାକୁ ବାଧ୍ୟ।" ତେଣୁ କୋର୍ଟ ମାଡାମ୍ ଲେନ୍ୟୁଙ୍କଠାରୁ କୌଣସି କ୍ଷତି ପୂରଣ ଆଦାୟ କରିବାର ଦାବିକୁ ଖାରଜ କଲେ ଓ କୋର୍ଟର ମୂଲ୍ୟବାନ ସମୟ ବରବାଦ କରିଥିବାରୁ ୨୫ ଫ୍ରାଙ୍କ୍ ଦେବା ପାଇଁ ହିପୋଲାଇଟ୍‌କୁ ନିର୍ଦ୍ଦେଶ ଦେଲେ। ■

ଦି ଏମେରାଲ୍ଡ ଆପାର୍ଟମେଣ୍ଟ
ବ୍ଲକ୍- ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬
ମୋ: ୯୪୩୭୦୩୩୦୭୪

# ମୋର ପ୍ରତୀକ୍ଷା

ଲାଗୁଛି
ଅନ୍ୟ କେଉଁଠି ଚାଲିଛି
ମୋର ପ୍ରତୀକ୍ଷା
ମୁଁ ବସିଛି ଏଠି।

ଲାଗୁଛି
ବ୍ରହ୍ମାଣ୍ଡର ସଂକେତକୁ
ବୁଝିପାରୁନି ମୁଁ।

ପ୍ରତି କ୍ଷଣର ଶବ
ପୋଲ ପାଲଟି
ପ୍ରସରି ଯାଉଛି ମୋ ଆଗରେ
ଏବଂ ମତେ ନେଇଯାଉଛି
କୌଣସି ଏମିତି ଦିଗରେ
ଯାହା ମୋର ନୁହେଁ।

ଝରି ପଡୁଛି
ମୋର ବୟସର ମୁହୂର୍ତ୍ତ ମୁହୂର୍ତ୍ତ
ଛୋଟ ଛୋଟ ଗେଙ୍ଗୁଟି ପରି
ମୋ ଉପରେ
ବଢୁଛି ସେ ସ୍ତୂପର ଉଚ୍ଚତା
ତା' ତଳୁ ଶୁଭୁନାଇଁ ମତେ
ସ୍ୱର ମୋର ନିଜର।

ଅର୍ଦ୍ଧରାତ୍ରିରେ
ଯେବେ କେବେ ନିଦ ଭାଙ୍ଗିଯାଏ
ଶୁଣେ ମୁଁ ସୃଷ୍ଟିର ସଂଗୀତ
ତ' ଲାଗେ
ଗାଉଛି ମୁଁ ବେସୁରା ଢଙ୍ଗରେ
ଛାଡ଼ିଦେଇ ଯାଇଅଛି
ସତ୍ୟର ସାନ୍ନିଧ।

ମତେ ଦଳି ଦେବାକୁ ହେବ
ମୋର ପାଦଚିହ୍ନଙ୍କୁ
ଫେରାଇ ଆଣିବାକୁ ହେବ
କହିଥିବା ଶବ୍ଦଙ୍କୁ
ଓଲଟା ଝୁଲାଇ ଦେବାକୁ ପଡ଼ିବ
କବିତାମାନଙ୍କୁ
ଘୂରୁଥିବା ତାରକା ଆଉ
ନକ୍ଷତ୍ରଙ୍କ ମଝିରେ।

ଘୂର୍ଣ୍ଣାୟମାନ ବ୍ରହ୍ମାଣ୍ଡ ମଧ୍ୟରେ
ଶୁଭୁଛି
କେଉଁ ଗୋଟେ ମାଁର
ନାନା ବାୟା ଗୀତ।

ନାନା ବାୟା ଗୀତଠୁ ବଡ଼
କିଛି ଉପଦେଶ ନାଇଁ
ଚୁଲିର ଜଳନ୍ତା ନିଆଁଠୁ ବଳି
କିଛି ଉଜ୍ୱଳତା ନାଇଁ।

ଲାଗୁଛି
ଅନ୍ୟ କେଉଁଠି ଚାଲିଛି
ମୋର ପ୍ରତୀକ୍ଷା
ମୁଁ ବସିଛି ଏଠି। ■



ମୂଳ ପଞ୍ଜାବୀ: ଡକ୍ଟର ସୁରଜିତ ପାତର
ଅନୁବାଦ: ଡକ୍ଟର ସଂଗୀତା ରଥ

# ପୋଲ

ମୁଁ ଯେଉଁମାନଙ୍କ ଲାଗି
ପୋଲଟେ ହୋଇଥିଲି
ସେମାନେ ଯେବେ
ମୋ ଉପରେ ପାରି ହେଉଥିଲେ
ଶୁଣିଛି ମୁଁ
ସେମାନେ କଥା ହେଉଥିଲେ
ମୋ' ବାବଦରେ
ଚୁପ୍‌ଚାପିଆ ଲୋକଟି
କାହିଁ ଲୁଚିଗଲା
ହୁଏତ ଲେଉଟିଗଲା ପଛକୁ
ଆମେ ପ୍ରଥମରୁ ହିଁ ଜାଣିଥିଲୁ
ତାଠି ଦମ୍ ନଥିଲା। ■

ପ୍ରଧାନ ଶିକ୍ଷୟିତ୍ରୀ,
ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ
ବରଗଡ଼ - ୭୬୮୦୨୮
ମୋ: ୯୬୬୮୬୫୮୧୪୨

## ପୁସ୍ତକ ପରିଚୟ

### ହେ ଜୀବନ!

ଲିଙ୍ଗରାଜ ରଥ



ବ୍ଲାକ୍ ଈଗଲ୍ ବୁକ୍ସ
ଭୁବନେଶ୍ୱର, ଓଡ଼ିଶା
ପ୍ରଥମ ପ୍ରକାଶନ: ୨୦୨୩
ମୂଲ୍ୟ: ୨୨୦ ଟଙ୍କା

"ଜୀବନ ଏକ ଏମିତି ଖେଳ/ ହୁଏନା ବୁଝି....କି ହେଲା ଶେଷେ,/ 'ହାରିବା' ଏଠି 'ଜିତିବା' ହୁଏ-/ 'ଜିତିବା' ଆସେ 'ହାରିବା' ବେଶେ।" (ଜୀବନ ଏକ ଏମିତି ଖେଳ) ସତରେ ଜୀବନ ବଡ଼ ବିଚିତ୍ର। ଜୀବନ ଓ ଜଗତର ରହସ୍ୟକୁ ନେଇ ରଚିତ ଲିଙ୍ଗରାଜ ରଥଙ୍କ କବିତା ପୁସ୍ତକ 'ହେ ଜୀବନ!' ୧୩୦ଟି କ୍ଷୁଦ୍ର ଓ ନାତିକ୍ଷୁଦ୍ର କବିତା ଏହି ପୁସ୍ତକରେ ସଂକଳିତ ହୋଇଛି। ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀ ନେଇ ଜୀବନକୁ ପରଖିଛନ୍ତି କବି। କେତେବେଳେ ଜୀବନ ବେଗମତୀ ନଈ ପୁଣି କେତେବେଳେ ଶୂନ୍ୟତାର ପରିଧି। 'ଜୀବନର କାରବାର', 'ନାଆଁଟି ମୋହର ଜୀବନ', 'ଜୀବନଟା ସରିଯାଏ', 'ଜୀବନକୁ ମୁହିଁ ପଚାରିଲି', ' ଜୀବନଟା ନୁହେଁ ଖେଳନା', 'ଜୀବନ ନୁହଁଇ ଗୀତଟିଏ', 'ଜୀବନଟା ସିନା ନାଟକ', 'ଏ ଆମ ଜୀବନ', 'ଏଇ ତ ଜୀବନ-ରୀତି', 'ଜୀବନର ନଈ', 'ଜୀବନ ତାହାର ସଫଳ' ଆଦି କବିତାଗୁଡ଼ିକରେ ରହସ୍ୟପୂର୍ଣ୍ଣ ଜୀବନର ବିଭିନ୍ନ ଦିଗକୁ ବିଶ୍ଳେଷଣ ଓ ବର୍ଣ୍ଣନା କରାଯାଇଛି। ଘଟଣାଚକ୍ରରେ ବଦଳି ଯାଏ ଜୀବନର ସଂଜ୍ଞା। ଦୁଃଖ-ସୁଖ, ସ୍ୱପ୍ନ-ସ୍ୱପ୍ନଭଙ୍ଗ, ଜୀବନ-ମୃତ୍ୟୁ ଆଦି ଜୀବନର ନାନାବିଧ ଅନୁଭବ, ଅବବୋଧରେ କବିତାଗୁଡ଼ିକ ରସାଣିତ ହୋଇଛି। 'ହେ ଜୀବନ!'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଶ୍ରୀରାଧାକୃଷ୍ଣାନନ୍ଦ ଚମ୍ପୂ

ଗୌରୀ ରଞ୍ଜନ ଦାଶ



ପ୍ରକାଶିକା: ପ୍ରଭାତିମୟୀ ଦାଶ
ସୁକିନ୍ଦା, ଯାଜପୁର
ଦ୍ୱିତୀୟ ସଂସ୍କରଣ: ୨୦୨୪
ମୂଲ୍ୟ: ୧୭୦ ଟଙ୍କା

"ନଜାଣି ନମାନି ସଖୀ ଯାହା ଦୋଷ କରିଲି, ରେ/ନବ ନଟବର ଶ୍ୟାମକାମ ପ୍ରେମେ ମରିଲି, ରେ।" (ଶ୍ରୀରାଧାକୃଷ୍ଣାନନ୍ଦ ଚମ୍ପୂ) ବିଶାଖାଙ୍କ ପ୍ରତି ରାଧାଙ୍କ ଏଭଳି ଉକ୍ତିରୁ ସ୍ପଷ୍ଟ ହୁଏ ଯେ, ସେ କୃଷ୍ଣ ପ୍ରେମରେ ତଲ୍ଲୀନ ହୋଇଉଠିଛନ୍ତି। ସେଥିପାଇଁ ସେ ବିଶାଖାଙ୍କୁ ପ୍ରଶ୍ନ କରୁଛନ୍ତି ସଖୀ! ମୁଁ ତୁମମାନଙ୍କ ବାରଣ ସତ୍ତ୍ୱେ କୃଷ୍ଣଙ୍କ ପ୍ରେମରେ ପଡ଼ିବା ବଡ଼ ଭୁଲ ହୋଇଯାଇଛି। ଶ୍ରୀରାଧାକୃଷ୍ଣଙ୍କ ପ୍ରେମ ପ୍ରସଙ୍ଗକୁ ଆଧାର କରି ରଚିତ ହୋଇଛି ଗୌରୀ ରଞ୍ଜନ ଦାଶଙ୍କ 'ଶ୍ରୀରାଧାକୃଷ୍ଣାନନ୍ଦ ଚମ୍ପୂ'। ଏହି ପୁସ୍ତକରେ ଶ୍ରୀକୃଷ୍ଣ, ଶ୍ରୀରାଧା, ସଖୀ ବିଶାଖା, ଲଳିତାଙ୍କ ପ୍ରଶ୍ନୋତ୍ତର ବେଶ୍ ରୋମାଞ୍ଚକର ଓ ରସପୂର୍ଣ୍ଣ ହୋଇଛି। ସେପଟେ ମଧୁମଙ୍ଗଳ, ଯଶୋଦାଙ୍କ ଉକ୍ତି ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ରାଗ, ତାଳ, ସ୍ୱର, ଛନ୍ଦ, ଅନୁପ୍ରାସ ଓ ଭାବର ସମ୍ମିଶ୍ରଣରେ ଚମ୍ପୂର ପଦଗୁଡ଼ିକ ରସସିକ୍ତ ଓ ହୃଦୟସ୍ପର୍ଶୀ ହୋଇଛି। 'ଅ'ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣ କ୍ରମାନ୍ୱୟରେ ରଚିତ ହୋଇଛି ଏହି ଚମ୍ପୂଟି। ସାବଲୀଳତା, ନାଟକୀୟତା ଓ ସାଙ୍ଗୀତିକତା ଏହି ରଚନାକୁ ଅଧିକ ମନଛୁଆଁ ଓ ମାର୍ମିକ କରିଛି। ପ୍ରତ୍ୟେକ ଉକ୍ତି ତଳେ କଠିନ ଶବ୍ଦର ଅର୍ଥ ଦିଆଯାଇଛି। ଫଳରେ ଏହା ସରଳ, ସୁବୋଧ ଓ ସୁଖପାଠ୍ୟ ହୋଇଛି। 'ଶ୍ରୀରାଧାକୃଷ୍ଣାନନ୍ଦ ଚମ୍ପୂ' ପାଠକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ଥୋମାସ୍ ହାର୍ଡିଙ୍କ ଉପନ୍ୟାସରେ 'ଭାଗ୍ୟ' ହିଁ ଚରିତ୍ର



ଅଧ୍ୟାପକ ବିରଞ୍ଚି ଦାସ

ଇଂରାଜୀ ସାହିତ୍ୟରେ ଜର୍ଜ ଏଲିଅଟ୍‌ଙ୍କ ପରମ୍ପରାରେ ପ୍ରଭାବିତ ଜଣେ ଭିକ୍ଟୋରିଆନ୍ ବାସ୍ତବବାଦୀ ଔପନ୍ୟାସିକ ହେଲେ ଥୋମାସ୍ ହାର୍ଡି। ୧୮୪୦ ମସିହା ଜୁନ ୨ ତାରିଖରେ ଇଂଲଣ୍ଡର ବକ୍‌ହମ୍ପଟନଠାରେ ଜନ୍ମିତ ଏହି ବିଶିଷ୍ଟ କବି ତଥା ଔପନ୍ୟାସିକ ତାଙ୍କ ୮୭ ବର୍ଷ ଜୀବନକାଳ ମଧ୍ୟରେ ଇଂରାଜୀ ସାହିତ୍ୟକୁ ବହୁ ଅନବଦ୍ୟ ସୃଷ୍ଟି ଦେଇ ଯାଇଛନ୍ତି। ତାଙ୍କ କବିତା ଆଉ ଉପନ୍ୟାସ ଆଜି ବିଶ୍ୱରେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ବ୍ରିଟେନ୍‌ର ଗ୍ରାମାଞ୍ଚଳରେ ଘଟୁଥିବା ଅବନତି ସ୍ଥିତିକୁ ନେଇ ତାଙ୍କ ସମାଲୋଚନାମୂଳକ ଲେଖା ତାଙ୍କ ସୃଷ୍ଟିର ସ୍ୱାତନ୍ତ୍ର୍ୟ। ଏହାବାଦ୍ ତାଙ୍କ ସମସ୍ତ ଉପନ୍ୟାସରେ ଭାଗ୍ୟ ଆଉ ଭବିଷ୍ୟତ ଏକ ପ୍ରମୁଖ ଚରିତ୍ର ଭାବରେ ଦେଖିବାକୁ ମିଳିଥାଏ।

ପ୍ରାଥମିକ ଅବସ୍ଥାରେ ହାର୍ଡି ଜଣେ କବି ଭାବରେ ଅନେକ କବିତା ରଚନା କରିଥିଲେ ବି ୧୮୯୮ ମସିହା ଯାଏ ତାହା ପ୍ରାୟତଃ ଲୋକଲୋଚନକୁ ଆସି ପାରିନଥିଲା। କିନ୍ତୁ ତାଙ୍କ ରଚିତ ଉପନ୍ୟାସ 'ଫାର୍ ଫ୍ରମ୍ ଦି ମ୍ୟାଡିଂ କ୍ରାଉଡ୍', 'ମେୟର ଅଫ୍ କାଷ୍ଟରବ୍ରିଜ୍', 'ଟେସ୍ ଅଫ୍ ଦି ଉରବରବାଇଲ୍ସ' ଏବଂ 'ଜ୍ୟୁଡ୍ ଅଫ୍ ଦି ଅବସ୍କ୍ୟୁର୍' ତାଙ୍କ ଲୋକପ୍ରିୟତାକୁ ଶୀର୍ଷରେ ପହଞ୍ଚାଇ ଦେଇଥିଲା। ତାଙ୍କର ଅନେକ ଉପନ୍ୟାସ ଆବେଗ ଏବଂ ସାମାଜିକ ପରିସ୍ଥିତି ବିରୁଦ୍ଧରେ ସଂଘର୍ଷ କରୁଥିବା ଦୁଃଖଦ ଚରିତ୍ରଗୁଡ଼ିକ ବିଷୟରେ ସୂଚନା ଦିଏ ଏବଂ ସେହି ଚରିତ୍ରମାନେ ୱେସେକ୍ସର ଅର୍ଦ୍ଧ-କାଳ୍ପନିକ ଅଞ୍ଚଳରେ ଦୃଶ୍ୟମାନ ହୋଇଥାନ୍ତି। ତାଙ୍କର ଦୁଇଟି ଉପନ୍ୟାସ 'ଟେସ୍ ଅଫ୍ ଦି ଉରବରବାଇଲ୍ସ' ଏବଂ 'ଫାର୍ ଫ୍ରମ୍ ଦି ମ୍ୟାଡିଙ୍ଗ୍ କ୍ରାଉଡ୍' ବିବିସିର ଶ୍ରେଷ୍ଠ ପଚାଶଟି ଉପନ୍ୟାସ ମଧ୍ୟରେ ସ୍ଥାନ ପାଇଛି।

ମଞ୍ଚ ନାଟକ ପ୍ରତି ଆଗ୍ରହୀ ଥିବା ହାର୍ଡି ୧୮୬୦ ମସିହାରେ ରୋବର୍ଟ ଲୁଇ ଷ୍ଟିଭେନ୍ସନ୍, ଜ୍ୟାକ୍ ଗ୍ରୀନ୍ ଏବଂ ଚାର୍ଲ୍ସ ଜାରଭିସ୍‌ଙ୍କ ପରି ନାଟ୍ୟକାରଙ୍କ ସମ୍ପର୍କରେ ଆସିଥିଲେ ସତ, ହେଲେ ୧୮୮୨ ମସିହାରେ ମ୍ୟାଡିଙ୍ଗ୍ କ୍ରାଉଡ୍‌କୁ ନେଇ ବିବାଦ ଏବଂ ଉଷ୍ମ ସମାଲୋଚନା ତାଙ୍କୁ ଜଣେ ବିଶିଷ୍ଟ ସାହିତ୍ୟିକ ଭାବରେ ପ୍ରତିଷ୍ଠା ପାଇଁ ଖୁବ୍ ସଚେତନ କରିଥିଲା। ୧୯୧୪ ମସିହା ବେଳକୁ ହାର୍ଡି ଦେଶର ପଚାଶ ଜଣ ଅଗ୍ରଣୀ ବ୍ରିଟିଶ୍ ଲେଖକଙ୍କ ମଧ୍ୟରୁ ଜଣେ ଥିଲେ। ଯେପରିକି ଏଚ୍. ଜି. ୱେଲସ୍, ରୁଡିଆର୍ଡ କିପଲିଙ୍ଗ୍ ଏବଂ ସାର୍ ଆର୍ଥର୍ କନାନ୍ ଡୋଏଲ୍, ଯେଉଁମାନେ ପ୍ରଥମ ବିଶ୍ୱଯୁଦ୍ଧରେ ବ୍ରିଟେନର ସମ୍ପୃକ୍ତିକୁ ଦର୍ଶାଇ "ଲେଖକଙ୍କ ଘୋଷଣାନାମା'ରେ ସେମାନଙ୍କ ନାମ ଦସ୍ତଖତ କରିଥିଲେ।

୧୮୬୭ ମସିହା ସୁଦ୍ଧା ଶେଷ ହୋଇଥିବା ହାର୍ଡିଙ୍କ ପ୍ରଥମ ଉପନ୍ୟାସ 'ଦ ପୁଅର୍ ମ୍ୟାନ୍ ଆଣ୍ଡ ଦ ଲେଡି' ପ୍ରକାଶ ପାଇଁ ସେ ପ୍ରକାଶକ ଖୋଜିବାରେ ବିଫଳ ହୋଇଥିଲେ। ଏହାପରେ ସେ ଏହାକୁ ତାଙ୍କ ପରାମର୍ଶଦାତା ତଥା ବନ୍ଧୁ ଭିକ୍ଟୋରିଆନ୍ କବି ତଥା ଔପନ୍ୟାସିକ ଜର୍ଜ ମେରେଡିଥଙ୍କୁ ଦେଖାଇଥିଲେ ଏବଂ ଅନୁଭବ କରିଥିଲେ ତାଙ୍କର ଏହି ଲେଖାଟି ଏକ ରାଜନୈତିକ ବିବାଦ ସୃଷ୍ଟି କରିବ, ଯାହା ତାଙ୍କୁ ଭବିଷ୍ୟତରେ କ୍ଷତି ପହଞ୍ଚାଇ ପାରେ। ହାର୍ଡି ସେହି ପରାମର୍ଶକୁ ଅନୁସରଣ କରି ପରବର୍ତ୍ତୀ ସମୟରେ ସେ ପାଣ୍ଡୁଲିପିଟିକୁ ନଷ୍ଟ କରିଦେଇଥିଲେ।

'ଭାଗ୍ୟ' ହାର୍ଡିଙ୍କ ଉପନ୍ୟାସରେ ଏକ ପ୍ରମୁଖ ଅଭିନେତା। ବିଶିଷ୍ଟ ଲେଖକ କାଜାମିଆନ୍‌ଙ୍କ ଦୃଷ୍ଟିରେ ତାଙ୍କ ଉପନ୍ୟାସରେ ଏକ ଅଦୃଶ୍ୟ ତୃତୀୟ ପକ୍ଷ ପରି ଏହା କାର୍ଯ୍ୟ କରିଥାଏ। ଗ୍ରୀକ୍ ନାଟକ ପରି ହାର୍ଡିଙ୍କ ଉପନ୍ୟାସଗୁଡ଼ିକରେ ଭାଗ୍ୟର ଏକ ଗଭୀର ଭାବନା ସହିତ ବିସ୍ତାରିତ ହୋଇଛି। ଇ.ଏମ୍.ଫୋଷ୍ଟର୍‌ଙ୍କ କହିବାନୁସାରେ ହାର୍ଡିଙ୍କ ଉପନ୍ୟାସରେ "ଆମ ଉପରେ ଭାଗ୍ୟ ନୁହେଁ ବରଂ ଭାଗ୍ୟ ଆମ ମାଧ୍ୟରେ କାମ କରିଥାଏ' ବୋଲି କହିବା ସହ 'ୱେସେକ୍ସ' ଉପନ୍ୟାସରେ ତାହା ହିଁ ଉଲ୍ଲେଖନୀୟ ଏବଂ ସ୍ମରଣୀୟ ଭାବରେ ପ୍ରତୀୟମାନ ହୋଇଛି। ଏଥିରେ ମଣିଷର ସ୍ୱାଧୀନ ଇଚ୍ଛାକୁ ପ୍ରତ୍ୟାଖ୍ୟାନ କରାଯାଇ କିଛି ଅନ୍ଧ ଶକ୍ତିଙ୍କ ହାତରେ ତା'ର ଭାଗ୍ୟ ଆଉ ଭବିଷ୍ୟତକୁ ଟେକି ଦିଆଯାଇଛି। ସେକ୍ସପିୟର ଏହି ଶକ୍ତିକୁ 'ଭାଗ୍ୟ' ବୋଲି କହୁଥିବା ବେଳେ ହାର୍ଡି କିନ୍ତୁ ଏହାକୁ 'ସୁଯୋଗ' ବା 'ପରିସ୍ଥିତି' ବା 'ଅବାସ୍ତବ ଇଚ୍ଛା' ବୋଲି କହନ୍ତି। 'ଫାର୍ ଫ୍ରମ୍ ଦି ମ୍ୟାଡିଙ୍ଗ୍ କ୍ରାଉଡ୍' ହେଉଛି ହାର୍ଡିଙ୍କ ଏକ ଶକ୍ତିଶାଳୀ ଦୁଃଖଦ ଅଭିବ୍ୟକ୍ତି, ଯେଉଁଥିରେ ସେ ଭୂମିକାକୁ ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି। ଚରିତ୍ରମାନଙ୍କ ଜୀବନରେ ସୁଯୋଗ ଏବଂ ଭାଗ୍ୟ ଏଭଳି ପ୍ରତିଫଳିତ ହୋଇଛି, ଯାହା ଶେଷରେ ଏକ ଦୁଃଖଦ ମୃତ୍ୟୁକୁ ଆହ୍ୱାନ କରିଛି। 'ସୁଯୋଗ' ଏବଂ 'ଭାଗ୍ୟ' ହାର୍ଡିଙ୍କ କାଳ୍ପନିକ କାର୍ଯ୍ୟରେ ଏତେ ପ୍ରତିଷ୍ଠିତ ଯେ କିଛି ସମାଲୋଚକ ତାଙ୍କୁ ଏକ ନୈରାଶ୍ୟବାଦୀ ଔପନ୍ୟାସିକ ବୋଲି ମଧ୍ୟ କହନ୍ତି।

ହାର୍ଡିଙ୍କ ସମସ୍ତ ଉପନ୍ୟାସରେ ଭାଗ୍ୟ ହେଉଛି ଚରିତ୍ର, ମଣିଷ ହାତରେ ଏକ ଅସହାୟ ପ୍ରାଣୀ ଏପରିକି ଭାଗ୍ୟର ତୀକ୍ଷ୍ଣ ଆଖି ସବୁବେଳେ ତାଙ୍କ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେଇଥାଏ ଏବଂ ଯେତେବେଳେ ଏହା ହୁଏ, ସେତେବେଳେ ହସ୍ତକ୍ଷେପ କରିବାକୁ ସେ ପସନ୍ଦ କରେ। ହାର୍ଡିଙ୍କ ସମସ୍ତ ଉପନ୍ୟାସରେ ଜଣେ ନିଷ୍ଠୁର ଶକ୍ତି ମଣିଷକୁ ନିର୍ଯାତନା ଦେଇଥାଏ, ତେଣୁ "ସୁଖ ଏକ ସାମୟିକ ଅଧ୍ୟାୟ" ବୋଲି ହାର୍ଡି କହିଛନ୍ତି। ମାନବ ଜୀବନ ଯନ୍ତ୍ରଣାର ଏକ ସାଧାରଣ ନାଟକ ବୋଲି ହାର୍ଡି ତାଙ୍କ 'ମେୟର୍ ଅଫ୍ କ୍ୟାଷ୍ଟରବ୍ରିଜ୍' ଉପନ୍ୟାସରେ କହିଛନ୍ତି। ତାଙ୍କ ପ୍ରାରମ୍ଭିକ ଉପନ୍ୟାସ 'ଫାର୍ ଫ୍ରମ୍ ମ୍ୟାଡିଙ୍ଗ୍ କ୍ରାଉଡ୍'ରେ ହାର୍ଡି ଭାଗ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ପ୍ରାୟତଃ ମଣିଷକୁ ସୁଯୋଗ, ଦୁର୍ଘଟଣା ସହ ସମକକ୍ଷ କରିଛନ୍ତି। ଗାବ୍ରିଏଲ୍ ଓକ୍ ପରି ଚରିତ୍ର ସମସ୍ତ ମେଣ୍ଢାକୁ ହରାଇବା, ବାଥସେବାଙ୍କୁ ଭାଲେଣ୍ଟାଇନ୍‌କୁ ପଠାଇବା ବୁଝାଇ ଦିଏ କିଛି ଏକ ଅଦୃଶ୍ୟ ଶକ୍ତି ଏ ସମସ୍ତକୁ ନିୟନ୍ତ୍ରଣ କରୁଛି ବୋଲି। ଅନ୍ୟ ଅର୍ଥରେ ହାର୍ଡିଙ୍କ ପ୍ରତ୍ୟେକ ଉପନ୍ୟାସ ଏବଂ ବିଶେଷ ଭାବରେ 'ମ୍ୟାଡିଂ କ୍ରାଉଡ'ରେ ବ୍ୟକ୍ତିର ଇଚ୍ଛା ଏବଂ ସର୍ବୋଚ୍ଚ ଶକ୍ତିମାନ ପରମେଶ୍ୱରଙ୍କ ଇଚ୍ଛାଶକ୍ତି ମଧ୍ୟରେ ଏକ ବିବାଦର ଉପସ୍ଥାପନା ଦେଖିବାକୁ ମିଳେ। ହିରୋ ଏବଂ ହିରୋଇନଙ୍କ ମୃତ୍ୟୁ ଯାହା ହାର୍ଡିଙ୍କ ଉପନ୍ୟାସର ଦର୍ଶନର ମୂଳଦୁଆ।

'ମ୍ୟାଡିଙ୍ଗ୍ କ୍ରାଉଡ୍' ହେଉଛି ଚରିତ୍ରମାନଙ୍କ ଦୁଃଖଦ ଘଟଣାର ଏକ ଶକ୍ତିଶାଳୀ ଅନୁସନ୍ଧାନ। ଉପନ୍ୟାସର ଆରମ୍ଭରେ, ଏହାର ହିରୋ 'ଗାବ୍ରିଏଲ୍ ଓକ୍'ଙ୍କ ବିବାହ ପ୍ରସ୍ତାବ, ହିରୋଇନ୍ 'ବାଥସେବା ଏଭର୍ଡାନ୍ସ'ଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ଶାନ୍ତିର ଧାରା ଏବଂ ଅଣ-ଯୋଗାଯୋଗ ନୀରବତାକୁ ବୁଝାଏ। ଭାଗ୍ୟ ଦ୍ୱାରା ଦିଆଯାଇଥିବା ଏକ ନିଷ୍ଠୁର ଆଘାତ ପରେ ଉପନ୍ୟାସର ହିରୋ ଗାବ୍ରିଏଲ୍ ଓକ୍‌ଙ୍କୁ ଏକ ମେଷପାଳକ ଭାବରେ କାର୍ଯ୍ୟ କରିବାକୁ ପଡ଼େ। ଉପନ୍ୟାସର ନାୟିକା ବାଥସେବା, ଯେତେବେଳେ ତାଙ୍କର ସମୃଦ୍ଧିର ସମସ୍ତ ଆଶା ପାଣିରେ ପଡ଼ିଯାଏ, ଅନେକ ଚେଷ୍ଟା ପରେ ଓକ୍ ଜୀବନରେ ଗୋଟିଏ ପରେ ଗୋଟିଏ ପତନ, ସେ ବାଥସେବା ପ୍ରତି ବିଶ୍ୱସ୍ତ ହେବା ଅଧିକନ୍ତୁ, ଯେତେବେଳେ ବାଥସେବା ସରୋଜ ଟ୍ରାଇଙ୍କୁ ବିବାହ କରନ୍ତି, ସେତେବେଳେ ଗାବ୍ରିଏଲ୍ ଏହାକୁ ଶାନ୍ତ ଭାବରେ ସହ୍ୟ କରିନିଅନ୍ତି। ହିରୋଇନର ଏକ ବୃଥା, କଳଙ୍କିତ, ଅହଂକାରୀ ଏବଂ ଗର୍ବିତ ଚରିତ୍ର ତାଙ୍କୁ ଏକ ନକାରାତ୍ମକ ଚରିତ୍ରରେ ଚିତ୍ରଣ କରେ। ତଥାପି ହାର୍ଡିଙ୍କ ଦ୍ୱାରା ଉପସ୍ଥାପିତ ଦାର୍ଶନିକ ଦୃଷ୍ଟିକୋଣ ଆଜି ବି ଅନେକ ପ୍ରାସଙ୍ଗିକ ମନେହୁଏ। ମନୁଷ୍ୟର ଭାଗ୍ୟ ଅନୁଯାୟୀ ଅନୁବାଦିତ ପ୍ରକୃତିର ବ୍ରହ୍ମାଣ୍ଡ ଶକ୍ତିର ସର୍ବଶକ୍ତିମାନ ଭୂମିକାକୁ ବୁଝିନପାରି ଯିଏ ନିଜକୁ ଯଥାର୍ଥ ଭାବରେ ଦର୍ଶାଇବାକୁ ଚେଷ୍ଟା କରେ ତା'ର ଅନ୍ତିମ ପରିଣତି ଏଭଳି ହୁଏ। ଏକ ସାମାଜିକ-ସାଂସ୍କୃତିକ ଏବଂ ମାନସିକ-ଆଧ୍ୟାତ୍ମିକ ମଧ୍ୟରେ ମନୁଷ୍ୟର ଉତ୍‌ଥାନ ଏବଂ ପତନର ଦୁଃଖଦ ଘଟଣାର ଗାଣିତିକ ସମୀକରଣ ହେଉଛି ହାର୍ଡିଙ୍କ ଉପନ୍ୟାସ। ■

କାହ୍ନୁଚରଣ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟ
କୋରେଇ, ଯାଜପୁର
ମୋ: ୯୪୩୮୨୧୪୯୮୯

## ଗୁଡ଼ ମର୍ଣ୍ଣିଂ ଓଡ଼ିଶା

# ନୂଆ ଲୁକ୍‌ରେ ପୁରୁଣା ଗାଡ଼ି







**ନୂଆ ପ୍ରକାର ଲୁକ୍‌ରେ ପୁରୁଣା ଗାଡ଼ି । ଏଭଳି ଏକ ନିଆରା ଋଚି ପ୍ରତି ଆଜି ଯୁବପିଢ଼ି ଆକର୍ଷିତ । ଏଥିପାଇଁ ଯେତିକି ଆଗ୍ରହ ବଢୁଛି ସେହି ଅନୁଯାୟୀ ଅଧିକ ଖର୍ଚ୍ଚ କରିବା ପାଇଁ ମଧ୍ୟ ଆଜିର ଯୁବଗୋଷ୍ଠୀ ପସନ୍ଦ କରୁଛନ୍ତି । କେବଳ ସହରାଞ୍ଚଳର ଯୁବଗୋଷ୍ଠୀଙ୍କ ମଧ୍ୟରେ ନୁହେଁ; ଗ୍ରାମାଞ୍ଚଳ ଯୁବକମାନେ ମଧ୍ୟ ଏଭଳି ଧାରାକୁ ଆପଣେଇ ନେଉଛନ୍ତି । ନିଜ ପୁରୁଣା କାର୍ ଓ ବାଇକ୍‌କୁ ନୂଆ ରୂପ ଦେଇ ବଜାରକୁ ଆସୁଛନ୍ତି ଆଉ ନେଉଛନ୍ତି ନିଆରା ପ୍ରଶଂସା । ବିଶେଷକରି ସୁପର୍ କାର୍ ଓ ସ୍ପୋର୍ଟସ୍ ବାଇକ୍ ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇଛି । ତେବେ ଫେଶନେବୁଲ କାର୍ ଓ ବାଇକ୍‌ରେ ରୁଚି ରଖୁଥିବା ଲୋକଙ୍କ ପାଇଁ ଏବେ ବିକଳ୍ପ ସାଜିଛି କାର୍ ଓ ବାଇକ୍ ଷ୍ଟୁଡିଓ । ଏହାଦ୍ୱାରା ଲୋକଙ୍କୁ ଦାମୀ ଗାଡ଼ି କିଣିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁନାହିଁ । ବରଂ କମ୍ ଟଙ୍କାରେ ପୁରୁଣା ଗାଡ଼ିକୁ ଗ୍ରାହକଙ୍କ ମନ ମୁତାବକ ଡିଜାଇନ୍, ଥିମ୍, ଆଖିଦୃଶିଆ କଲର୍ ଓ ବଡିପାର୍ଟସ୍ ଦିଆଯାଇ ଏହାକୁ ବେଶ୍ ଦାମୀ ଡିଜାଇନର୍ ଗାଡ଼ି କରି ଦିଆଯାଉଛି । ଏମିତି କି ଶିଳ୍ପୀ ହାତର ପରଶ ପାଇ ପୁରୁଣା ଭିନ୍ଟେଜ୍ କାର୍ ପାଲଟୁଛି ଏବେ ଟ୍ରେଣ୍ଡ ସେଟର୍ । ଭଙ୍ଗା ଦଦରା ବାଇକ୍ ପାଲଟୁଛି ସୁପର୍ ବାଇକ୍ ।**

ଉପସ୍ଥାପନା-ସକାଳ ବ୍ୟୁରୋ








ଏବେ କେବଳ ରାଜଧାନୀ ନୁହେଁ ରାଜ୍ୟର ଛୋଟମୋଟ ସହରରେ ମଧ୍ୟ କାର୍ ଓ ବାଇକ୍ ଷ୍ଟୁଡିଓମାନ ଗଢ଼ିଉଠିଛି । ଶୋ’ ରୁମ୍‌କୁ ଆସିଥିବା ଚକାଚକ୍ ନୂଆ ଗାଡ଼ିକୁ ନୂଆରୂପ ଦେବା ପାଇଁ ବାଇକ୍ ଷ୍ଟୁଡିଓଗୁଡ଼ିକରେ ନିଜ ମନପସନ୍ଦର ଚିତ୍ର ଆଙ୍କି ଦିଆଯାଉଛି । କେବଳ ପୁରୁଣା ଗାଡ଼ି ନୁହେଁ, ଶୋ’ ରୁମ୍‌କୁ ଆସିଥିବା ଚକାଚକ୍ ନୂଆ ଗାଡ଼ିରେ ନିଜ ମନପସନ୍ଦର ଚିତ୍ର ଆଙ୍କି ଦିଆଯାଉଛି ଏକ ଭିନ୍ନ ଲୁକ୍ । ସେ ପୁରୁଣା କାଳିଆ ପ୍ରିମିୟର୍ ପଦ୍ମିନୀ ହେଉ ଅବା ଆମ୍ବାସଡ଼ର୍, ଚିତ୍ରଆଙ୍କି ଭିନ୍ନ ଡିଜାଇନ୍ କାର୍‌ର ରୂପ ଦିଆଯାଉଛି । ବିଭିନ୍ନ ଥିମ୍‌କୁ ନେଇ ଏବେ ବାଇକ୍ ଓ କାର୍‌ରେ ପେଣ୍ଟିଂ କରାଯାଉଛି । କେତେବେଳେ ପାରମ୍ପରିକ କଳା ସଂସ୍କୃତିକୁ ନେଇ ତ ଆଉ କେତେବେଳେ ପଟ୍ଟଚିତ୍ର ଡିଜାଇନ୍ ବି ଗାଡ଼ିରେ ଅଙ୍କାଯାଉଛି । ବିଶେଷକରି ଡେଭିଲ୍, ଖପୁରୀ, ଡ୍ରାଗନ୍ ଚିତ୍ର ଆଙ୍କିବାକୁ ପସନ୍ଦ କରୁଛନ୍ତି । ଏମିତିକି କେବଳ କାର୍ କି ବାଇକ୍ ନୁହେଁ, ଏବେ ହେଲମେଟ୍‌ରେ ବି ଏଭଳି ଡିଜାଇନ୍ କରାଯାଉଛି । ଯାହାକି ଅନ୍ୟମାନଙ୍କୁ ଆକୃଷ୍ଟ କରିବା ସହ ଏକ ନୂଆ ଲୁକ୍ ଦେଉଛି । ବାଇକ୍ ପ୍ରେମୀଙ୍କ ମଧ୍ୟରେ ଏହି ଟ୍ରେଣ୍ଡ ଅଧିକ ଦେଖିବାକୁ ମିଳୁଛି । ନିଜ ଗାଡ଼ିକୁ ଟିକେ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସେଥିରେ କିଛି ଡିଜାଇନ୍ କରାଯାଉଛି । ବାଇକ୍ ବ୍ୟତୀତ ହେଲମେଟ୍‌ରେ ବି ବିଭିନ୍ନ ପ୍ରକାରର କଥା ଲେଖୁଛନ୍ତି । ବାଇକ୍ ଓ କାର୍ ସଉକ ଥିବା ଲୋକଙ୍କ ମଧ୍ୟରେ ଏହା ଅଧିକ ଦେଖିବାକୁ ମିଳୁଛି । ଏଥିପାଇଁ ଭୁବନେଶ୍ୱରର ବିଭିନ୍ନ ଗ୍ୟାରେଜ୍‌ରେ ବି ପେଣ୍ଟିଂ କାମ କରାଯାଉଛି । ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭଳି କି ଭଳି ଚିତ୍ର ଆଙ୍କି ଗାଡ଼ିକୁ ନୂଆ ଲୁକ୍ ଦିଆଯାଉଛି । ଗତ ୨-୩ ବର୍ଷ ହେବ ରାଜଧାନୀରେ ଏଭଳି ଧାରା ଦେଖିବାକୁ ମିଳୁଛି । ଏମିତିକି ଯୁବପିଢ଼ିଙ୍କ ମଧ୍ୟରେ କାର୍ ଓ ବାଇକ୍ ପେଣ୍ଟିଂକୁ ନେଇ ଏକ ପ୍ରତିଯୋଗିତା ମଧ୍ୟ ଆରମ୍ଭ ହୋଇଗଲାଣି । କେବଳ ପେଣ୍ଟିଂ ନୁହେଁ ଗାଡ଼ିରେ ଆକର୍ଷଣୀୟ ଲାଇଟ୍ ଲଗାଯାଇ ଭିନ୍ନ ଲୁକ୍ ଦିଆଯାଉଛି । ରାସ୍ତାରେ ଯାଉଥିବା ଏହି ଡିଜାଇନ୍‌ର ଗାଡ଼ି ସବୁକୁ ଦେଖିଲେ ଆଖି ଲାଖିଯାଉଛି । ସେହିପରି ଗାଡ଼ିର ଚକ ଠାରୁ ଆରମ୍ଭ କରି ଇଣ୍ଟେରିୟର୍ ପାର୍ଟକୁ ମଧ୍ୟ ବଦଳାଯାଇ କ୍ଲାସିକ୍ ଲୁକ୍ ଦିଆଯାଉଛି ।

ଆଜି ଦିନରେ ବଜାରରେ ବିକ୍ରି ହେଉଥିବା ହିରୋହୋଣ୍ଡା ସ୍ପ୍ଲେଣ୍ଡର ହେଉ ଅବା ପୁରୁଣାକାଳିଆ ୟାମାହା ଓ ବଜାଜ୍ କ୍ୟାଲିବର୍ । ସେଗୁଡ଼ିକର ରୂପ ଓ ରଙ୍ଗ ସମ୍ପୂର୍ଣ୍ଣଭାବେ ବଦଳିଯାଉଛି । ଭଙ୍ଗା, ରଦିଆ ବାଇକ୍ ଓ କାର୍‌କୁ କରାଯାଉଛି ମଡେଲିଂ । ପୁରୁଣା ଗାଡ଼ିକୁ କେଜିଏଫ୍, ବବର୍, ଚୋପର୍, ଇଣ୍ଡିଆନ୍ ମୋଟରସାଇକଲ୍ ଓ ମୋଡିଫାଏଡ୍ ବୁଲେଟ୍‌ର ରୂପ ଦିଆଯାଉଛି । ରାଜଧାନୀର ‘ଗଙ୍ଗା ନେକ୍ସ୍ ଲେବୁଲ ମୋଡିଫାଏର୍’ ଗ୍ୟାରେଜ୍ ଗ୍ରାହକମାନଙ୍କୁ ଏଭଳି ସୁବିଧା ଯୋଗାଇ ଦେଇଆସୁଛି । ୨୦୦୪ ମସିହାରୁ ଚନ୍ଦ୍ରଶେଖରପୁରରେ ଗଙ୍ଗା ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କାର୍ ଓ ବାଇକ୍ ମଡେଲିଂ ଗ୍ୟାରେଜ୍‌ରେ ପ୍ରତିଦିନ ଦୂରଦୂରାନ୍ତରୁ ଲୋକଙ୍କ ଧାଡ଼ି ଲାଗୁଛି । ନିଜର ଭଙ୍ଗା ଦଦରା ଓ ନଷ୍ଟ ହୋଇଯାଇଥିବା ଗାଡ଼ିକୁ ଲୋକେ ଆଣି ମଡେଲିଂ ପାଇଁ ଦିଅନ୍ତି । ଗ୍ରାହକଙ୍କ ଚାହିଦା ଅନୁଯାୟୀ, କେତେବେଳେ କେଜିଏଫ୍ ତ ଆଉ କେତେବେଳେ ଷ୍ଟଣ୍ଟ୍ ବାଇକ୍‌ର ରୂପ ଦେଇ ସେ ଏହା ଗ୍ରାହକଙ୍କୁ ଦେଉଛନ୍ତି । ଗାଡ଼ିର ରଙ୍ଗ, ଚକ, ହ୍ୟାଣ୍ଡଲ, ଷ୍ଟିଅରିଂଠାରୁ ଆରମ୍ଭ କରି ସବୁକିଛିକୁ ବଦଳାଇ ଦିଆଯାଉଛି । କେଉଁଠି ମୋଟା ଚକ ତ ଆଉ କେଉଁଠି ୩୩୦ ନମ୍ବରର ଟାୟାର ଲଗାଯାଇ ଭିନ୍ନ ରୂପ ଦିଆଯାଉଛି । ହାତ ତିଆରି ଟାଙ୍କି, ଫିଲ୍ଟର୍, ଲାଇଟ୍ ଆଦି ଲଗାଯାଉଛି । ସେହିପରି କାର୍‌ରେ ସେରାମିକ୍ ପେଣ୍ଟିଂ କରାଯାଇ ଷ୍ଟାଇଲିସ୍ ଲୁକ୍ ଦିଆଯାଉଛି । ଏହିସବୁ ଗାଡ଼ି ଡିଜାଇନିଂ ପାଇଁ ୩୫ ହଜାରରୁ ଆରମ୍ଭ କରି ସାଢ଼େ ୩ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏସମ୍ପର୍କରେ ଗଙ୍ଗା କୁହନ୍ତି, ପୁରୁଣା ଗାଡ଼ି ଡିଜାଇନିଂ କରିବା ଆଗରୁ ପ୍ରଥମେ ଗାଡ଼ିର କାଗଜପତ୍ର ଯାଞ୍ଚ କରାଯାଉଛି । ଆର୍ଟିଓର ପରାମର୍ଶ ପତ୍ର ଦେଖିବାପରେ, ବିଭିନ୍ନ ଦରକାରୀ କାଗଜପତ୍ର ଦେଖିବାପରେ ଏସବୁ କରାଯାଉଛି ।

ଗାଡ଼ିଗୁଡ଼ିକ କଲର୍ କଷ୍ଟମାଇଜ୍ ହେଉଛି । ବିଶେଷକରି ଥିମ୍ ଅନୁସାରେ ପେଣ୍ଟିଂ କରାଯାଉଛି ବୋଲି କୁହନ୍ତି ଭୁବନେଶ୍ୱର ପଟିଆସ୍ଥିତ ଏକ ଗ୍ୟାରେଜ୍‌ର ମାଲିକ ଅବିନାଶ ମିଶ୍ର । ଏମିତିକି କେବଳ ଗାଡିର ବାହାର ଲୁକ୍‌କୁ ବଦଳାଯାଉନି, ଗାଡ଼ିର ଭିତର ପାର୍ଶ୍ୱକୁ ବିଭିନ୍ନ ରଙ୍ଗରେ ନୂଆରୂପ ଦିଆଯାଉଛି । ରଙ୍ଗ ଛାଡ଼ି ଯାଇଥିବା ଗାଡ଼ି ହେଉ ଅବା ନୂଆ ଗାଡ଼ି; ଲୋକଙ୍କ କହିବା ମୁତାବକ ସେଗୁଡ଼ିକୁ କଷ୍ଟମାଇଜ୍ କରାଯାଉଛି । ବିଶେଷକରି କାର୍ ଓ ବାଇକ୍‌ରେ ହାଇଡ୍ରୋଡିପିଙ୍ଗ୍, ହ୍ୟାଣ୍ଡ ପେଣ୍ଟେଡ୍, କ୍ରିଷ୍ଟାଲ ପେଣ୍ଟ୍ କରାଯାଉଛି । ଆଗରୁ କରାଯାଉଥିବା ଷ୍ଟିକରିଂ ପରିବର୍ତ୍ତେ ଲୋକେ ଏବେ କଷ୍ଟୋମାଇଜ୍ ପେଣ୍ଟ୍ କରିବାକୁ ପସନ୍ଦ କରୁଛନ୍ତି । ଏହାସହିତ ଗାଡ଼ିର ଲାଇଟ୍ ମଧ୍ୟ ଡିଜାଇନ୍ କରାଯାଉଛି । ଏଇଡି ଲାଇଟ୍ ସାଙ୍ଗକୁ ଆସେସୋରିଜ୍ ଲାଇଟ୍ ମଧ୍ୟ ଖଞ୍ଜା ଯାଇ ମଡେଲିଂ କରାଯାଉଛି । ପୁରୁଣା କାର୍ ହେଉ ଅବା ବାଇକ୍‌କୁ ନୂଆ ମଡେଲରେ ନୂଆ ଲୁକ୍ ଦିଆଯାଉଛି । ଗାଡ଼ିର ରଙ୍ଗ ବଦଳାଇବା ହେଉ ଅବା ମଡେଲିଂ ପାଇଁ ଆର୍ଟିଓର ଅନୁମତି ଅଣାଯିବା ପରେ କରାଯାଉଛି । ଏହାସହିତ ରଙ୍ଗ ବଦଳାଇବା ଓ ଚିତ୍ର ଆଙ୍କିବା ପରେ ‘କଲର୍ ଚେଞ୍ଜ୍’ର ସାର୍ଟିଫିକେଟ୍ ଦିଆଯାଉଛି ବୋଲି ଅବିନାଶ କହିଛନ୍ତି । ଏଥିପାଇଁ ୩ହଜାରରୁ ୧୫ ହଜାର ଟଙ୍କା ଖର୍ଚ୍ଚ ହେଉଛି ।

କାର୍ ହେଉ ଅବା ବାଇକ୍; ସେଗୁଡ଼ିକ ସବୁଦିନ ପାଇଁ ଚକାଚକ୍ ରଖିବା ପାଇଁ ସମସ୍ତେ ଚାହାଁନ୍ତି । କିନ୍ତୁ ନୂଆଗାଡ଼ି ଭଳି ଚକାଚକ୍ ରଖିବା ସହଜ କି ସମ୍ଭବ ନୁହେଁ । ରାସ୍ତାଘାଟର ବାଲିଧୂଳିରେ ବି ଗାଡ଼ିକୁ ଚକାଚକ୍ ରଖିବା ପାଇଁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏବେ ବିଭିନ୍ନ ଆଡଭାନ୍ସ ପ୍ରଣାଳୀ ଉପଲବ୍ଧ ହେଉଛି । ସେଥିରେ ଷ୍ଟିମ୍ ୱାସ୍, ସେରାମିକ୍ ୱାସ୍ ଆଦି କରାଯାଉଛି । ଗାଡ଼ିର ରଙ୍ଗକୁ




ଛାଡ଼ିବାକୁ ଦିଆ ନ ଯାଇ ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସେରାମିକ୍ କୋଟିଙ୍ଗ, କ୍ଲାରିଟି ପେଣ୍ଟିଙ୍ଗ, ପଲିସିଂ ଆଦି କରାଯାଉଛି । ରାଜଧାନୀର ବିଭିନ୍ନ କାର୍ ବାଇକ୍ ଷ୍ଟୁଡ଼ିଓରେ ଲୋକଙ୍କ ପସନ୍ଦ ଅନୁଯାୟୀ ରଙ୍ଗ କରାଯିବା ସହ ଗାଡ଼ିକୁ ପଲିସିଂ କରାଯାଉଛି । ଗାଡ଼ିର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପଦ୍ଧତି ବା କୌଶଳରେ ଗାଡ଼ିର ଯତ୍ନ ନିଆଯାଉଛି । ଏହାସହିତ ସ୍ପ୍ରେ କରାଯାଇ କଷ୍ଟମ୍ ଡିଜାଇନ୍ ଓ କଷ୍ଟମ୍ କଲରିଂ କରାଯାଉଛି । ପାହାଳ ନିକଟରେ ଥିବା ‘ଦ ଡିଟେଲିଂ ମାଫିଆ’ କାର୍ ଓ ବାଇକ୍ ଷ୍ଟୁଡ଼ିଓରେ ଏହିସବୁ ସୁବିଧା ଦିଆଯାଉଛି ।

ଗାଡ଼ିର ଚକା, ଟାଙ୍କି, ଟାୟାର, ସିଟ୍ ଏବଂ ସାଇଲେନ୍ସର ସାଙ୍ଗକୁ ଗାଡ଼ିର ରଙ୍ଗ ଓ ରୂପକୁ ବଦଳାଯାଉଛି । ୧୯୮୮ ଏମ୍ଭିଆଇ ଆକ୍ଟ ଅନୁସାରେ ବେଆଇନ ଭାବେ ଏହା ବଦଳା ଯାଇପାରିବ ନାହିଁ । ଏଥିପାଇଁ ଆର୍ଟିଓଙ୍କ ନିକଟରୁ ଅନୁମତି ଆଣିବାକୁ ହେବ । ବେଆଇନ ଭାବେ ଏହାକୁ କାର୍ଯ୍ୟକାରୀ କଲେ ଗାଡ଼ି ଜବତ ହେବା ସହ ୫ହଜାର ଟଙ୍କା ଜରିମାନା ଗଣିବାର ନିୟମ ମଧ୍ୟ ରହିଛି । ଗାଡ଼ି କିଣିବା ସମୟରେ ଆର୍ସି ବୁକ୍‌ରେ ଗାଡ଼ିର ରଙ୍ଗ, ଓଜନ ଓ କେଉଁ ଗାଡି, ତାହାର ତଥ୍ୟ ରହିଛି । ମାତ୍ର ମୋଡ଼ିଫିକେସନ୍ ଦ୍ୱାରା ତାହା ଜଣାପଡୁନାହିଁ । ଏ ନେଇ ମୋଡିଫିକେସନ୍ କରୁଥିବା ମାଲିକମାନେ କୁହନ୍ତି ଆମେ ଗୁରୁତର ଭାବେ ସେଭଳି କିଛି ପରିବର୍ତ୍ତନ କରୁନାହୁଁ । ଆମେ ରଙ୍ଗ ପରିବର୍ତ୍ତନକୁ ଗୁରୁତ୍ୱ ଦେଉଛି ।





# ବାଘମାମୁର ଘର

ଏକଦା ନୂଆପଡ଼ା କହିଲେ ବଣ-ଜଙ୍ଗଲ ଘେରା, ଅଗନାଅଗନି ବନସ୍ତ ଦୁର୍ଗମ ପ୍ରାକୃତିକ ଜୀବଜନ୍ତୁଙ୍କର ଆଡ୍ଡାସ୍ଥଳୀକୁ ବୁଝାଇଥାଏ । ଏଠାରେ ବାଘ, ଭାଲୁ ଭଳି ହିଂସ୍ର ବନ୍ୟପ୍ରାଣୀଙ୍କ ସହଚର ହୋଇ କାନ୍ଧକୁ କାନ୍ଧ ମିଶାଇ ମଣିଷ ରହିବା ଶିଖିଥିବା ହେତୁ ଏହି ପ୍ରାକୃତିକ ସ୍ଥଳକୁ ବାଘ ମାମୁଙ୍କ ଘର ବୋଲି ବିବେଚନା କରାଯାଏ । ବାଘକୁ ନେଇ ଏଠାରେ ରହିଥିବା ଇତିହାସ, ସ୍ମୃତି ଏବଂ ସମ୍ପର୍କକୁ ନେଇ ଆମ ପ୍ରତିନିଧି

**ଘନଶ୍ୟାମ ଭୋଇ**ଙ୍କ ସ୍ୱତନ୍ତ୍ର ଉପସ୍ଥାପନା ...



## ମାଓଗଡ଼ରେ ଅସୁରକ୍ଷିତ ବାଘରାଜା

୨୦୦୭ ମସିହା ପରେ ପରେ ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟ ଭିତରକୁ ମାଓବାଦୀଙ୍କ ପ୍ରବେଶ ପରେ ବନବିଭାଗ ଗୋଟିଏ ପ୍ରକାର ଓହରିଆସିଥିଲା । ଫଳରେ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି ଜଙ୍ଗଲ ଉପରେ ପଡ଼ିଲା । ଗୋଟିକ ପରେ ଗୋଟିଏ ବାଘର ଶିକାର ପରେ ବର୍ତ୍ତମାନ ମହାବଳ ଏଠାରେ ଖୋଜିଲେ ମଧ୍ୟ ମିଳୁନାହାଁନ୍ତି । ନିକଟରେ ବ୍ଲାକ୍ ପେନ୍ଥର (କଳାବାଘ) ନାମକ ଏକ ବାଘର ଚିହ୍ନ ଦେଖିବାକୁ ମିଳିଥିବା ଏକ ସୂତ୍ରରୁ ପ୍ରକାଶ । ଅନ୍ୟପଟେ ଜଙ୍ଗଲ ଜମି ନାଁରେ ବନବାସୀ ଆଦିବାସୀଙ୍କ ଜଙ୍ଗଲ ନଷ୍ଟ କରିବା ବାଘ ମାମୁଙ୍କ ବାସପାଇଁ କାଳ ସାଜିଛି । ଗୋଟିଏ ପଟେ ମାଓବାଦୀ ଏବଂ ଅନ୍ୟପଟେ ମାଓମୁକ୍ତି ପାଇଁ ମାତିରହିଥିବା ଯବାନମାନଙ୍କ ଏକେ ୪୭ର ଗର୍ଜନ ମଧ୍ୟରେ ବାଘମାମୁଙ୍କୁ ସୁଖ ନିଦ୍ରା ମିଳିବା କଷ୍ଟକର ହେଲାଣି । ବାଘର ଭବିଷ୍ୟତକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କଲେଣି ।



ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ କଲେ ସମୁଦ୍ର ପତ୍ତନଠୁ ହଜାରେ ଫୁଟ୍ ଉଚ୍ଚରେ ଥିବା ଏକ ଉପତ୍ୟକା ଉପରେ ନୂଆପଡ଼ା ଜିଲ୍ଲା ଦଣ୍ଡାୟମାନ । ଏହାର ଇତିହାସ କହିଲେ ଏହା ପ୍ରାଗୈତିହାସିକ ମାରାଗୁଡ଼ା ଉପତ୍ୟକାରେ ଗଢ଼ିଉଠିଛି । ନୂଆପଡ଼ାର ଅଶୀ ପ୍ରତିଶତ ଅଞ୍ଚଳ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ହୋଇ ରହିଛି । ଏହି ଜଙ୍ଗଲରେ ହରିଣ, ବାର୍‌ହା, କୁଟୁରା, ସମ୍ବର ଭଳି ତୃଣଭୋଜି ପ୍ରାଣୀଙ୍କର ସଂଖ୍ୟା ବହୁଳ ଭାବରେ ରହିଥିବା ହେତୁ ଏଠାରେ ଆଦିମ କାଳରୁ ବାଘର ଉପସ୍ଥିତି ରାଜ୍ୟର ଅନ୍ୟାନ୍ୟ ପ୍ରାନ୍ତ ଅପେକ୍ଷା ବେଶୀ ରହିଥାଏ । ନୂଆପଡ଼ାରେ ବାଘର ଘର କହିଲେ ସୁନାବେଡ଼ାକୁ ବୁଝାଇଥାଏ । ୧୯୮୩ ମସିହାରେ ସରକାର ଏହାକୁ ଅଭୟାରଣ୍ୟର ମାନ୍ୟତା ଦେଇଥିଲେ । ଏହି ଅନୁସାରେ ପ୍ରତି ୪ବର୍ଷରେ ଏଠାରେ ଥରେ ବାଘଗଣନା କାର୍ଯ୍ୟକ୍ରମ ହୋଇଥାଏ । ଶେଷ ଥର ପାଇଁ ୨୦୦୪ ମସିହାରେ ବାଘଗଣନା ହୋଇଥିଲା । ଏହି ଅନୁସାରେ ସୁନାବେଡ଼ାରେ ୩୨ଟି ମହାବଳ ଏବଂ ୩୬ଗୋଟି କଲରାପତରିଆ ବାଘ ରହିଥିବା କୁହାଯାଇଛି । ପରବର୍ତ୍ତୀ ସମୟରୁ ଏଠାରେ ମାଓବାଦୀଙ୍କ ଗତିବିଧି ଯୋଗୁଁ ଗଣନା କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି । ତଥାପି ୨୦୧୬ରେ ହୋଇଥିବା ଏକ ପ୍ରାଥମିକ ସର୍ଭେ ଅନୁସାରେ ଏଠାରେ ମହାବଳ ବାଘର କୌଣସି ଚିହ୍ନବର୍ଣ୍ଣ ମିଳି ନ ଥିବା ବନବିଭାଗ ସୂଚନା ଦେଇଛି । ପୁଣି ୨୦୨୩ ରେ ବନବିଭାଗ ଏକ ସର୍ଭେକରି ବାଘର ପାଦ ଚିହ୍ନ ସହ ଆନୁଷଙ୍ଗିକ ଗତିବିଧି ରିପୋର୍ଟ କେନ୍ଦ୍ରକୁ ପଠାଇଛି । ତେବେ ଏଥିରେ କେତେ ବାଘ ରହିଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ ।



## ବାଘ ଘରେ ମଣିଷ ନାଟ

ଜିଲ୍ଲାରେ ଯେଉଁ ପରିମାଣର ଜଙ୍ଗଲ ରହିଛି ତାହା ବାଘ, ଭାଲୁ, ସିଂହ ଭଳି ଜନ୍ତୁଙ୍କ ପାଇଁ ସୁରକ୍ଷିତ ରହିଛି । ହେଲେ ଦିନକୁ ଦିନ ଲୋକେ ଜଙ୍ଗଲ ସୁରକ୍ଷା କରିବା ବଦଳରେ ଜଙ୍ଗଲ ଭିତରକୁ ଧସେଇ ପଶି ଜବରଦଖଲ କରି ରହୁଛନ୍ତି । ଏହା ସମସ୍ତଙ୍କ ପାଇଁ କାଳ ସାଜୁଛି । ବାଘ ସହ ମଣିଷର ସୁରକ୍ଷା କେମିତି ହେବ । ଜିଲ୍ଲାରେ ବାଘ ପାଇଁ ଏକ ଅନୁକୂଳ ପରିସ୍ଥିତି ପାଇଁ ପ୍ରଶାସନ ବି ସବୁବେଳେ ପ୍ରଚେଷ୍ଟା ଜାରି ରଖିଛି ବୋଲି ବନଖଣ୍ଡ ଅଧିକାରୀ ମହାଦେବ ବୁଡେକ କହନ୍ତି ।



● ବାଘମାମୁର ଘର ନୂଆପଡ଼ା

## ବାଘ କାମୁଡ଼ିଲେ ଜାତି ସଂସ୍କାର କରାଯାଏ

ନୂଆପଡ଼ା ଜିଲ୍ଲାରେ ବାଘର ଉପସ୍ଥିତି ଏବଂ ବାଘ ମାମୁଙ୍କ ଭଲ ପାଇବାକୁ ନେଇ ନାନାଦି କାହାଣୀ ରହିଛି । ତନ୍ମଧ୍ୟରୁ ବହୁ ଅନ୍ଧବିଶ୍ୱାସ ବି ଲୋକଙ୍କର ସାଧାରଣ ଜୀବନଜୀବିକା ସହ ଜଡ଼ିତ ହୋଇ ରହିଛି । ବାଘ ଯାହାକୁ ବି କାମୁଡ଼ି ଥାଏ କି ବାଘ ପ୍ରାଣ ନେଇଥାଏ । ତାଙ୍କ ପରିବାର ଲୋକଙ୍କୁ ଜାତି ସମାଜ ଦ୍ୱାରା ସଂସ୍କାରିତ ହେବାକୁ ପଡ଼ିଥାଏ । ତେବେ ଯାଇ ଜାତି ସମାଜ ଗ୍ରହଣ କରିଥାନ୍ତି । ଗତ ବର୍ଷ ମେ ମାସରେ ଜଳମଡ଼େଇ ଗାଁର ଜନୈକ ଭୁଞ୍ଜିଆ ସମ୍ପ୍ରଦାୟର ବୃଦ୍ଧାଙ୍କୁ ବାଘ ଦାଣ୍ଡରୁ ଟାଣି ନେଇ ମାରି ଖାଇଯିବାପରେ ଶବ ସଂସ୍କାର ପରେ ଶୁଦ୍ଧିକ୍ରିୟା ଆଗରୁ ଜାତି ସମାଜ ସଂସ୍କାର କରାଯାଇଥିଲା । ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ ଠୁଳ ହୋଇଥିଲେ । ଶୁଦ୍ଧିକ୍ରିୟା ପୂର୍ବରୁ ପରିବାର ଲୋକ ବାଘ ପାଇଁ ସ୍ୱତନ୍ତ୍ର ଭାବେ ସଂସ୍କାରିତ ହୋଇଥିଲେ । ତାଙ୍କୁ ଜାତିର ଝାଙ୍କର ଦେବାଦେବୀଙ୍କ ପୂଜା ସହ ବାଘର ଏକ ପ୍ରତୀକାତ୍ମକ ମୂର୍ତ୍ତି ପୂଜା କରାଯାଇଥିଲା ।

## ଗାଁ ମୁହାଁ ବାଘ

ଅଶୀ ଦଶକରେ କୋମନା ଗଡ଼ ନିକଟବର୍ତ୍ତୀ ଜଙ୍ଗଲରେ ବାଘ ଘର କରି ରହୁଥିଲା । ସହରସ୍ଥିତ ଏକ ପ୍ରଧାନ ପରିବାରର ଶିଶୁକୁ ଘରୁ ଟାଣି ନେଇ ବାଘ ଖାଇଯାଇଥିଲା । ବର୍ତ୍ତମାନ ସେହି କୋମନା ଗଡ଼ ସହର ବସ୍ତିରେ ପରିଣତ ହୋଇଛି । ପରବର୍ତ୍ତୀ ସମୟରେ ହଳଦୀର ଏକ ତିନି ବର୍ଷର ଶିଶୁଙ୍କୁ ମାଆ କୋଳରୁ ଝାମ୍ପି ନେଇ ଖାଇଗଲା ବାଘ । ଗତବର୍ଷ ମେ ମାସରେ ସୁନାବେଡ଼ାର ଜଣେ ଷାଠିଏ ବର୍ଷୀୟ ବୃଦ୍ଧାଙ୍କୁ ଦାଣ୍ଡରୁ ବାଘ ଟାଣି ନେଇ ଖାଇଗଲା । ଠିକ ମାସକ ପରେ ଗୋଧସ ପଡ଼ାର ଜଣେ ଶିଶୁ ଖେଳୁଥିବାବେଳେ ସନ୍ଧ୍ୟାରେ ବାଘ ତାକୁ ଦାଣ୍ଡରୁ ଟାଣି ନେଇ ଖାଇଗଲା । ଏହିଭଳି ଗତ ବର୍ଷକ ମଧ୍ୟରେ ଜିଲ୍ଲାରେ ୪୦ରୁ ଅଧିକ ଗାଇ, ବଳଦ, ବାଛୁରୀଙ୍କୁ ବାଘ ମାରି ଖାଇଗଲେଣି ।









## ପ୍ରାଣୀପ୍ରେମୀଙ୍କ ମତରେ

ନୂଆପଡ଼ା ଜିଲ୍ଲା ସତରେ ବାଘ ମାମୁଙ୍କ ଘର କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ବାଘକୁ ଯେତିକି ପ୍ରେମ ଦିଆଯାଇଛି, ସେତିକି ଅଗ୍ରପୂଜ୍ୟ ଭାବରେ ମଧ୍ୟ ଗ୍ରହଣ କରାଯାଇଛି । ଏଥିପାଇଁ ପ୍ରଶାସନ ସରକାର ଯତ୍‌ପରୋନାସ୍ତି ସଂରକ୍ଷଣ ତଥା ସୁରକ୍ଷା କଥା ଚିନ୍ତା କରୁଛନ୍ତି । ତଥାପି ସୁନାବେଡ଼ାକୁ ଏକ ଜାତୀୟ ପାର୍କର ମାନ୍ୟତା ଦେଲେ ଏଠିକାର ଗରିମା ବୃଦ୍ଧି ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ବନ୍ୟପ୍ରାଣୀ ୱାର୍ଡେନ ତଥା ପରିବେଶବିତ୍ ସାମ୍ବାଦିକ ମାୟାଧର ସରାଫ ମତ ଦିଅନ୍ତି ।



## ବାଘକୁ ନେଇ କିମ୍ବଦନ୍ତୀ

ନୂଆପଡ଼ା ଜିଲ୍ଲାରେ ଆଜିକୁ ଶତାଧିକ ବର୍ଷ ଧରି ବାଘକୁ ନେଇ ନାନାଦି କିମ୍ବଦନ୍ତୀ ରହିଛି । ଜିଲ୍ଲାର ଏବର କୋମନା ବ୍ଲକ ଅଞ୍ଚଳରେ ଥିବା ତଣ୍ଡୁଲ ପାହାଡ଼ରେ ଦୁଇଜଣ ମହାମାନବ ବହଙ୍ଗର ରହୁଥିଲେ । ସେମାନେ ବାଘ ସହ ଲଢ଼େଇ କରି ବାଘକୁ ହରାଇବାପରେ ଗୋଟିଏ ଘରେ ସମସ୍ତେ ଏକାକୀ ରହୁଥିଲେ । ପରବର୍ତ୍ତୀ ସମୟରେ ଏହି ଦୁଇଭାଇଙ୍କ ମୃତ୍ୟୁ ପରେ ମଧ୍ୟ ଏବେ ବି ସେହି ଜଙ୍ଗଲରେ ବାଘ ଗର୍ଜନ କରି ରହୁଥିବା ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି ।

## କୋମନା ଗଡ଼ରେ ବାଘ ମାମୁ

ନୂଆପଡ଼ା ଜିଲ୍ଲାରେ ବାଘକୁ କେବଳ ଯେ ଏକ ବନ୍ୟପ୍ରାଣୀ ଭାବରେ ନୁହେଁ ବରଂ ଏହାକୁ ଦେବାଦେବୀଙ୍କ ବାହନ ଭାବରେ ମଧ୍ୟ ପୂଜା କରାଯାଇଥାଏ । ଜିଲ୍ଲାର ଐତିହାସିକ କୋମନା ଗଡ଼ରେ ମାଁ ସମଲେଇଙ୍କ ପୂଜାର୍ଚ୍ଚନା ବାପ ଚଉଦପୁରୁଷଙ୍କ ଅମଳରୁ କରାଯାଇଆସୁଛି । ଏଠାରେ ଦଶହରା ଦଶମୀ ଦିନ ମାଁ ସମଲେଇଙ୍କ ବଏଲ ଯାତ୍ରା ପରେ ରାତିରେ ବୋଦା ବଳି ଦିଆଯାଇଥାଏ । ବଳି ପରେ ସାରା ମନ୍ଦିର ପରିସରକୁ ଖାଲି କରିଦିଆଯାଇଥାଏ । ରାତିରେ ମାଁ ସମଲେଇ ଆସି ଭୋଗ ଖାଇବେ ବୋଲି ବିଶ୍ୱାସ ରହିଛି । ତା'ପରଦିନ ସକାଳେ ମନ୍ଦିର ଭିତରେ ବାଘର ପାଦ ଚିହ୍ନ ଦେଖାଯାଇଥାଏ । ଲୋକଙ୍କର ବିଶ୍ୱାସ ରହିଛି ଯେ ମାଁ ସମଲେଇ ବାଘ ରୂପରେ ଆସି ଭୋଗ ଖାଇଯାନ୍ତି । ତେଣୁ କରି କୋମନାଗଡ଼ ଅଞ୍ଚଳରେ ବାଘର ବ୍ୟାପକ ଗ୍ରହଣୀୟତା ଥିବା ଦେଖାଯାଇଥାଏ ।

## ବାଘ ରହିବେ କେଉଁଠି

ଜିଲ୍ଲାର ଅତୀତକୁ ଗଲେ ତଣ୍ଡୁଲ ପାହାଡ଼, ନଙ୍ଗଲବୋଡ଼, ଭଇଁଷାଦାନୀ ଆଦି ଜଙ୍ଗଲରେ ମହାବଳ ବାଘ ରହୁଥିବା କୁହାଯାଇଥାଏ । ହେଲେ ଦିନକୁ ଦିନ ଜଙ୍ଗଲ ନଷ୍ଟ ପରେ ବାଘର ବାସ ସଙ୍କୁଚିତ ହେବାକୁ ଲାଗିଛି । ସମୟକ୍ରମେ ବାଘ ସବୁ ସୁନାବେଡ଼ା ଅଭୟାରଣ୍ୟକୁ ହିଁ ସୁରକ୍ଷିତ ମଣିଲେ । ଗୋଟିଏ ସୀତାନଦୀ ଏବଂ ଛତିଶଗଡ଼ର ଉଦନ୍ତୀ ଅଭୟାରଣ୍ୟ ରହିଥିବାରୁ ଦୀର୍ଘ ୬ଶହ ବର୍ଗ କିଲୋମିଟର ଦୂର ଜଙ୍ଗଲରେ ଘୂରି ବୁଲିବା ବାଘ ପାଇଁ ଏକ ସୁଦୀର୍ଘ ପ୍ରକଳ୍ପ ସଦୃଶ ହେଲା ।









## ଦେବୀ ରୁଷ୍ଟ ହେଲେ ବାଘ ବାହାରେ !

ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ଦୂର ହଳଦୀ ଗାଁ ଜଙ୍ଗଲ ଉପରେ ଏକ ଶିବ ମନ୍ଦିର ରହିଛି । ଏହି ମନ୍ଦିରରେ ଆଜିକୁ ବହୁ ଦିନ ଧରି ପୂଜା କରାଯାଇ ଆସୁଛି । ଏଠାରେ ଦୁଇଗୋଟି ବାଘ ଆବହମାନ କାଳରୁ ରହିଆସୁଥିବା ଗ୍ରାମବାସୀ କହନ୍ତି । ଏଠାରେ ବାବା ଭୋଲେନାଥ ବାଘ ରୂପରେ ରହୁଥିବା ଲୋକ ବିଶ୍ୱାସ ରହିଛି । ବାବାଙ୍କ ପୂଜାରେ ବ୍ୟତିକ୍ରମ ହେଲେ ବାଘ ରୂପରେ ଆସନ୍ତି । ଆଜିକୁ ସାତ ବର୍ଷ ତଳେ ଅର୍ଥାତ୍ ଗତ୨୦୧୭ ମସିହାରେ ଗାଁ ଦାଣ୍ଡକୁ ଆସି ତାଣ୍ଡବ ରଚିଥିଲା ବୋଲି ଗ୍ରାମବାସୀ କୁହନ୍ତି । ପ୍ରତିଦିନ ରାତିରେ ଲୋକଙ୍କ ଘର ଦାଣ୍ଡକୁ ଆସି ଠକ ଠକ କରୁଥିବାବେଳେ ଏକ ଶିଶୁଙ୍କୁ ମାଆ କୋଳରୁ ଝାମ୍ପି ନେଇ ଖାଇଗଲା । ପରେ ପରେ ବନ ବିଭାଗ ବାଘ ଦୁଇଟିକୁ ଯନ୍ତାରେ ଧରି ନନ୍ଦନକାନନ ନେଇଗଲେ । ହେଲେ ପରବର୍ତ୍ତୀ ସମୟରେ ପୁଣିଥରେ ଦୁଇଟି ବାଘର ଆବିର୍ଭାବ ହୁଏ । ସେହି ବାଘଗୁଡ଼ିକ ଏବେ ବି ବସବାସ କରୁଥିବା ଗ୍ରାମବାସୀ ପ୍ରକାଶ କରନ୍ତି ।



## ଚେକ୍‌ଗେଟ୍ ଏବେ ମୁକୁଳା

ଦିନଥିଲା ସୁନାବେଡ଼ା ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବାରେ ବହୁ କଟକଣା ଥିଲା । ମାଓବାଦୀମାନେ ଗୋଟିକ ପରେ ଗୋଟିଏ ଫାଟକକୁ ଭାଙ୍ଗି ଉଜାଡ଼ିଦେବା ପରେ ବର୍ତ୍ତମାନ ଅଭୟାରଣ୍ୟ ଫାଟକ ବା ପ୍ରବେଶପଥ ସବୁ ମୁକୁଳା ହୋଇପଡ଼ିଛି । ଚବିଶ ଘଣ୍ଟା ଜଙ୍ଗଲ ଲୋକଙ୍କ ପାଇଁ ଖୋଲା ପଡ଼ିଛି ।

## ବାଘ କରୁଥିଲା ହଳ

କେଉଁ ଏକ ରାଜରାଜୁଡ଼ା ଅମଳରୁ ବାଘ ମାମୁ ଜିଲ୍ଲାବାସୀଙ୍କ ଜୀବନ ଯାତ୍ରାରେ ଜଡ଼ିତ ହୋଇ ରହିଛି । ବାଘ ମାମୁ ଆସୁଛି କହିଲେ ଘରେ ମାଆ କୋଳରେ ଛୁଆ ଶୋଇ ପଡୁଥିଲା । ବାଘ ସହ ଲୋକେ ଜଡ଼ିତ ହୋଇ ରହୁଥିଲେ ବୋଲି ଏଠିକାର ଲୋକଙ୍କ ବଳ ଶୌର୍ଯ୍ୟ ମଧ୍ୟ ଆକଳନ କରାଯାଇଥାଏ । ଲୋକେ ବାଘକୁ ଦିନେ ବଳଦ ଭଳି ବ୍ୟବହାର କରି ଶଗଡ଼ ବି ଚଢୁଥିଲେ ବୋଲି ଲୋକ କଥା ରହିଛି । ଏହି ନାଁରେ କିଛି ଗାଁର ମଧ୍ୟ ନାମକରଣ ହୋଇଥିବା କୁହାଯାଏ । ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ବଘାମୁଣ୍ଡା ଗାଁର ଏଭଳି ନାମକରଣ ହୋଇଥିବା କୁହାଯାଇଥାଏ । ଆଜିକୁ ପ୍ରାୟ ଶହେ ବର୍ଷ ତଳେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ରହିଥିଲା କୋମନା ବ୍ଲକ ଅନଚଳ । ତତ୍କାଳୀନ ଖଡ଼ିଆଳ ରାଜା କିଛି ଗୌନ୍ତିଆ ଶ୍ରେଣୀର(ପଣ୍ଡା ପରିବାର) ନିର୍ଦ୍ଦିଷ୍ଟ ଲୋକଙ୍କୁ ଶଗଡ଼ରେ କାଠ ବୋଝେଇ କରି ଆଣିବାକୁ ନିର୍ଦ୍ଦେଶ କରିଥିଲେ । ହେଲେ ବହୁ ବିଳମ୍ବ ହେବାରୁ ତାଙ୍କର ମନ୍ତ୍ରୀ ପାଟଙ୍କୁ ପିଛା କରିବାକୁ କହିଥିଲେ । ପାରିଷଦ ଗଣ ବୁଲିବୁଲି କାଳେ କେଉଁଠି ଶଗଡ଼ ଗାଡ଼ି ଆସିଲାବେଳେ ଅଟକିଗଲା କି ବୋଲି ଖୋଜିବୁଲିଥିଲେ । ଠିକ ସେତିକିବେଳେ କୋମନାଠାରୁ ମାତ୍ର ୩ କିଲୋମିଟର ଦୂର ଏବର ବଘାମୁଣ୍ଡା ଗାଁ ମୁଣ୍ଡରେ ଦୁଇଟି ବାଘ କାଠ ବୋଝେଇ ଶଗଡ଼କୁ ଟାଣିଟାଣି ନେଉଥିବା ଦେଖିବାକୁ ପାଇଥିଲେ । ସେଠାରେ ତାକୁ ଅଟକାଇ ପାରିଷଦଗଣ ରାଜାଙ୍କ ଉଆସକୁ ଯାଇ ଏହି ଖବର ଦେଇଥିଲେ । ରାଜା ଆଶ୍ଚର୍ଯ୍ୟ ଚକିତ ହୋଇ ଏକ ପ୍ରକାର ଭୟଭୀତ ହୋଇପଡ଼ିଥିଲେ । ସେହି ଶଗଡ଼କୁ ସେଠାରେ ହିଁ ଢିଲିଦେବାକୁ ନିର୍ଦ୍ଦେଶ କରିଥିଲେ । ସେଠାରେ ହିଁ କାଠ ସହ ବାଘ ଦୁଇଟିକୁ ଢିଲି ଦିଆଗଲା । ଗାଁ ମୁଣ୍ଡରେ ଥିବା ତେନ୍ତୁଳି ଗଛରେ ଶିକୁଳୀକୁ ବାନ୍ଧିଦେଇ ବାଘକୁ ଛାଡ଼ିଦିଆଗଲା । ସେହି ଦିନଠାରୁ ସେଠାରେ ଗଢ଼ିଉଠିଥିବା ଜନବସତିକୁ ବଘାମୁଣ୍ଡା ଗାଁ ବୋଲି ନାମକରଣ କରାଯାଇଥିବା ଗ୍ରାମବାସୀ କହନ୍ତି । ସେଠାରେ ଥିବା ଚାଷ ଜମିକୁ ବାଘ ବାହାଲି ବୋଲି ନାମକରଣ କରାଯାଇଛି ।

## ଦର୍ଶନୀୟ ବାଘ ଝୋଲା

ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୭ କିମି ଦୂର ଟାନୱାଟ ଜଙ୍ଗଲରେ ରହିଛି ଐତିହାସିକ ବାଘ ଝୋଲା ଗୁମ୍ଫା । ଏଠାରେ ଏକ ଛୋଟିଆ ଜଳପ୍ରପାତ ରହିଥିବାବେଳେ ବାଘର ଗୁମ୍ଫା ଏବେ ପର୍ଯ୍ୟଟକଙ୍କ ପାଇଁ ବଣଭୋଜିର ସ୍ଥାନ ପାଲଟିଛି । ଏକ ବିଶାଳକାୟ ଗୁମ୍ଫା । ଗୋଟିଏ ଜାଗାରେ ଅନ୍ୟୂନ ୫ ଶହ ଲୋକ ଏକକାଳୀନ ରହିପାରିବେ । ଏଠାରେ ଏକଦା ବାଘ ବାଘୁଣୀମାନେ ଶତାଧିକ ସଂଖ୍ୟାରେ ଲୁଚି ରହୁଥିଲେ । ପାଣି ଏବଂ ଖାଦ୍ୟପେୟ ସମୁଚିତ ପରିମାଣରେ ରହିଥିଲା ବୋଲି ବାଘ ଘର କରି ରହୁଥିଲା । ସମୟକ୍ରମେ ନିକଟରେ ଜନବସତି ଗଢ଼ି ଉଠିଥିବା ହେତୁ ବାଘମାନେ ଏହି ଗୁମ୍ଫା ଛାଡ଼ି ସୁନାବେଡ଼ା ଅଭୟାରଣ୍ୟକୁ ଚାଲିଗଲେ । ପ୍ରତିବର୍ଷ ନୂଆବର୍ଷ ଆସିଲେ ବଣଭୋଜିର ଆସର ଜମିଥାଏ । ଏଠାରେ ଏକଦା ମୁନିଋଷିମାନେ ରହି ତପସ୍ୟା କରୁଥିଲେ ବୋଲି ଏକ ଶିବ ମନ୍ଦିର ରହିଛି । ଏଠାକୁ ବହୁ ଭକ୍ତ ମଧ୍ୟ ପୂଜା କରିବାକୁ ଆସିଥାନ୍ତି । ଏହାକୁ ମଧ୍ୟ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ସ୍ଥାନୀୟ ଲୋକେ ଦାବି କରି ଆସୁଛନ୍ତି ।

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର



**ପୂର୍ବରୁ ମୁଖ୍ୟତଃ ଲାଲ ଇଲାକାରେ ନୀଳ ଜହର (ଗଞ୍ଜେଇ) ଚାଷକୁ ଗୁରୁତ୍ୱ ଦେଇ ଚାଷ କରାଯାଉଥିଲା, ଏହି ଅଞ୍ଚଳରେ ପ୍ରାୟ ସମସ୍ତେ ଗଞ୍ଜେଇ ଚାଷ କରନ୍ତି ଓ ଏହା ମାଧ୍ୟମରେ ନିଜର ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ସ୍ଥିତି ବଦଳିବା ସହ ସମୟ ସୁଅରେ ସ୍ୱାଭିମାନ ଅଞ୍ଚଳରେ ନୀଳ ଜହର ଚାଷ ବଦଳରେ ପନିପରିବା ଠାରୁ ଆରମ୍ଭ କରି ଅର୍ଥକରୀ କଦଳୀ, ହଳଦୀ ଭଳି ଅନେକ ଚାଷକୁ ଗୁରୁତ୍ୱ ଦେଇଛନ୍ତି ଲୋକେ।**

## ସ୍ୱାଭିମାନ ଅଞ୍ଚଳର ସୁନା ଫସଲ

ଅଶୋକ ମିଶ୍ର
ମାଲକାନଗିରି

ଏକଦା ମାଓ ଗଡ଼ ଓ ଜଳ ବନ୍ଦୀ ମଧ୍ୟରେ ଗଞ୍ଜେଇ ଚାଷର ଭଣ୍ଡାର ଏବଂ ଅପହଞ୍ଚ ଇଲାକାର ପରିଚୟ ପାଇ ରହି ଆସୁଥିବା ମାଲକାନଗିରି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳରେ ରାଜ୍ୟ ସରକାର ନିଜର ଡ୍ରିମ ପ୍ରୋଜେକ୍ଟ ଗୁରୁପ୍ରିୟା ସେତୁକୁ ସଫଳତାର ସହ ଶେଷ କରିବା ପରେ ସେହି ଅଞ୍ଚଳକୁ ସ୍ୱାଭିମାନ ଅଞ୍ଚଳରେ ନାମକରଣ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାପରେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା ସହ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବିକାଶ ଧାରାରେ ଯୋଡି ହେଉଥିବା ସ୍ୱାଭିମାନ ଅଞ୍ଚଳରେ ସମୟ କ୍ରମେ ଲୋକେ ଗଞ୍ଜେଇ ଚାଷ ଅପେକ୍ଷା ହଳଦୀ ଚାଷ ମୁହାଁ ହୋଇଥିଲେ। ଯାହା ଫଳରେ ଅଞ୍ଚଳର ଲୋକେ ସ୍ୱାଭିମାନର ସହ ବଞ୍ଚିବା ଶିଖିଥିଲେ। ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ସରକାର ସଦା ସର୍ବଦା ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବିକାଶ ଧାରାରେ ଯୋଡି ହେଉଥିବା ସ୍ୱାଭିମାନ ଅଞ୍ଚଳରେ ବାର୍ଷିକ ୫୦ ଟନରୁ ଊର୍ଦ୍ଧ୍ୱ ହଳଦୀ ଅମଳ ହେଉଥିବା ସୂଚନା ମିଳିଛି। ଏହି ହଳଦୀକୁ ବିଶ୍ୱସ୍ତରରେ ପହଁଚାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ହଳଦୀ ଚାଷ ପରେ ଅଞ୍ଚଳରେ ମହିଳା ଓ ପୁରୁଷମାନେ ବେସ ସ୍ୱାବଲମ୍ବୀ ହୋଇ ପଡୁଥିବା ବେଳେ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟରେ ଛୋଟ ଛୋଟ ମିଲ ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ପ୍ରାୟ ୫ଟି ବଡ ୟୁନିଟ୍ କରାଯାଇ କିଭଳି ଭାବେ ଚିତ୍ରକୋଣ୍ଡାର ହଳଦୀକୁ ବିଶ୍ୱ ବଜାରରେ ବିକ୍ରି କରାଯିବ ସେ ନେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ସ୍ୱାଭିମାନ ଅଞ୍ଚଳର ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରାୟ ୫ କୋଟି ଟଙ୍କାର ହଳଦୀ ପ୍ରକଳ୍ପ ହେବାକୁ ଥିବା ବେଳେ ୧୦ କୋଟି ଟଙ୍କା ବ୍ୟୟରେ କୃଷି ଭିତ୍ତିକ ଶିଳ୍ପ ସ୍ଥାପନ କରାଯିବା ପଇଁ ମଧ୍ୟ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ହଳଦୀ ଚାଷ ମାନେ ଜୈବିକ ହଳଦୀକୁ ପ୍ରକ୍ରିୟାକରଣ କରି ହଳଦୀ ପାଉଡରକୁ ସୁନ୍ଦର ରୂପେ ପ୍ୟାକେଜିଂ କରିବା ସହ ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ୱାଭିମାନ ଅଞ୍ଚଳରେ ଥିବା ବିଭିନ୍ନ ବିଏସଏଫ କ୍ୟାମ୍ପକୁ ବିକ୍ରୟ କରି ମହିଳାମାନେ ଆର୍ଥିକ ଲାଭ ପାଇବା ସହ ଆଗାମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ହଳଦୀ ଗୁଣ୍ଡ ପ୍ରସ୍ତୁତ କରି ବିଭିନ୍ନ ବଜାରରେ ବିକ୍ରି ନିମନ୍ତେ ପ୍ରେରଣା ପାଇଛନ୍ତି। ଅଞ୍ଚଳରେ







ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ଆଗାମୀ ଦିନରେ ସ୍ୱତନ୍ତ୍ର ହାଇବ୍ରିଡ୍ ହଳଦୀ ମଞ୍ଜି ଦେବା ସହ ସମସ୍ତଙ୍କୁ ଚାଷୀଙ୍କୁ ସେତୁ ଯୋଜନାରେ ତାଲିମ ଦିଆଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କନ୍ଧମାଳ ଅପେକ୍ଷା ମାଲକାନଗିରି ଜିଲ୍ଲାର ଏହି ହଳଦୀ ଆହୁରି ଉନ୍ନତମାନର ହୋଇଥିବାରୁ ସ୍ୱତନ୍ତ୍ର ପ୍ୟାକିଙ୍ଗ ୟୁନିଟ୍ ସହ ଜଳସେଚନ ଓ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବା ଦିଗରେ ସରକାର ପଦକ୍ଷେପ ନେଉଥିବା ବେଳେ ଆଗାମୀ ଦିନରେ ଏହି ହଳଦୀ ବିଶ୍ୱ ଦରବାରରେ ସ୍ଥାନ ପାଇବା ବୋଲି ଆଶା ବାନ୍ଧିଛନ୍ତି ସ୍ୱାଭିମାନ ଅଞ୍ଚଳବାସୀ। ବର୍ତ୍ତମାନ ଅନେକ ମହିଳା ଏହି ହଳଦୀ ଚାଷ କରୁଥିବା ବେଳେ କିଛି ମହିଳା ଏହାକୁ ବିଭିନ୍ନ ବଜାରରେ ବିକ୍ରୟ କରି ବେଶ ଦୁଇପଇସା ରୋଜଗାର କରୁଛନ୍ତି। ଏହି କ୍ରମରେ ଚିତ୍ରୋକୋଣ୍ଡା ବ୍ଲକର ମା ତାରିଣୀ ଏସଏଚଜି ଗୋଷ୍ଠିର ସଦସ୍ୟା ହଳଦୀ ଚାଷ ମଧ୍ୟ ଲୋକଙ୍କ ପାଇଁ ବେଶ ଲାଭଦାୟକ ହୋଇଥିବାରୁ ବଡପଡ଼ା, ଯାନବାଇ, ରାଲେଗଡ଼ା, ସାରକୁବନ୍ଦ ଭଳି ଅନେକ ଗ୍ରାମରେ ଲୋକେ ବର୍ତ୍ତମାନ ଗଞ୍ଜେଇ ଚାଷରୁ ମୁହଁ ଫେରାଇ ନେଇଥିବା ବେଳେ ହଳଦୀ ଚାଷ ସହ ଅନ୍ୟାନ୍ୟ ଅର୍ଥକାରୀ ଫସଲ ମଧ୍ୟ ଚାଷ କରୁଛନ୍ତି। ■

ଉମାକଲ୍ୟାଣ ମହାପାତ୍ର
ଭଦ୍ରକ

**ଚାକିରି କାଳରେ ବିଦ୍ୟାଳୟଗୁଡ଼ିକର ପରିବେଶକୁ ସୁବୁଜିମାମୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅବସର ପରେ ନିଜ ବାରିବଗିଚାକୁ ଦେଇଛନ୍ତି ଉଦ୍ୟାନର ରୂପ। ପକ୍ଷୀମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଅଭୟାରଣ୍ୟ। ଗଛ ଲଗାଇ ପରିବେଶ ବଞ୍ଚାଇବାକୁ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଉଛନ୍ତି ଚାନ୍ଦବାଲି ବ୍ଲକ ମୌସୁଧା ଗାଁର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ।**

## ବୃକ୍ଷ ପ୍ରେମରେ ଶିକ୍ଷାବିତ୍

ଜୟକୃଷ୍ଣ ସାରେ, ଚାନ୍ଦବାଲି ଶିକ୍ଷା ବିଭାଗ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପରିଚିତ ନାମ। ୬୫ବର୍ଷର ଜୟକୃଷ୍ଣ ସାରଙ୍କ ଘର ଚାନ୍ଦବାଲି ବ୍ଲକ ମୌସୁଧା ଗାଁରେ। ସହକାରୀ ଶିକ୍ଷକ ରୂପେ ନିଜର ଶିକ୍ଷାକତା ଜୀବନ ଆରମ୍ଭ କରି ସହ-ଶିକ୍ଷାଧିକାରୀ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଛନ୍ତି। ଚାକିରିକାଳ ମଧ୍ୟରେ ଶିକ୍ଷା ବିଭାଗର ବିଭିନ୍ନ ପଦ ପଦବୀରେ ନିଜର ପାରଦର୍ଶିତା ପାଇଁ ମଧ୍ୟ ସମ୍ମାନିତ ହୋଇଛନ୍ତି। ଶିକ୍ଷାକତା ସମୟରେ ବିଦ୍ୟାଳୟଗୁଡିକସବୁଜମୟକରିନିଜରଏକସ୍ୱତନ୍ତ୍ରପରିଚୟସୃଷ୍ଟିକରିପାରିଥିଲେ। ଅବସରରେ ପରେ ନିଜ ବଗିଚାରେ ବିଭିନ୍ନ ପ୍ରକାରର ଗଛ ଯଥା- ବିଭିନ୍ନ ପ୍ରଜାତିର ଆମ୍ବ, ପଣସ, କୋଳି, ଅମୃତ ଭଣ୍ଡା, ବିବିଧ ପନିପରିବା ଚାଷ କରି ଏକ ସବୁଜ ବଳୟ ସୃଷ୍ଟି କରି ଅନ୍ୟମାନଙ୍କୁ ପ୍ରଭାବିତ କରି ପାରିଛନ୍ତି। ଏଥି ସହିତ ପୋଖରୀ କୂଳରେ ବଡ ବଡ ଗଛ ଲଗାଇ ପକ୍ଷୀ ମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଅଭୟାରଣ୍ୟ।





ବୃକ୍ଷପ୍ରେମୀ ଜୟକୃଷ୍ଣ ସାରଙ୍କ ପରିବାର କହିଲେ ଏକମାତ୍ର ପୁଅ ବିଦେଶରେ। ନିଜ ବଗିଚାର ବୃକ୍ଷମାନଙ୍କୁ ନିଜ ପୁଅ, ଝିଅ ଓ ପରିବାରର ସଦସ୍ୟ ଭଳି ସ୍ନେହ ଭଲପାଇବା ଦେଇ ଯତ୍ନ ନିଅନ୍ତି। ପ୍ରତିଦିନ ମାଟି ହାଣିବା, ପାଣିଦେବା, ଜୈବିକ ଖତ ସାର ଦେଇ ଗଛ ଗୁଡିକୁ ଛୋଟରୁ ବଡ଼ କରନ୍ତି। ବିଭିନ୍ନ ପ୍ରକାରର ଚାରା ସଂଗ୍ରହ କରି ବଗିଚାକୁ ପରିପୂର୍ଣ୍ଣ କରି ଖୁସି ହୁଅନ୍ତି। ସନ୍ଧ୍ୟା ହେଲେ ପକ୍ଷୀ ମାନଙ୍କର କିଚିରି ମିଚିରି ଶବ୍ଦରେ ନିଜକୁ ହଜାର ଲେଖନୀ ଧରି କବିତା ରଚନା କରନ୍ତି। ବିଭିନ୍ନ ସଭା ସମିତି ହେଉ ବା ସହିତ୍ୟାନୁଷ୍ଠାନ ସୁବୁଠି ବୃକ୍ଷରୋପଣ ପାଇଁ ଉତ୍ସାହିତ କରନ୍ତି। ସେଥିପାଇଁ ତାଙ୍କୁ ସମସ୍ତେ ବୃକ୍ଷ ମଣିଷ ବୋଲି କୁହନ୍ତି।ଜୟକୃଷ୍ଣ ସାରଙ୍କ ଏହି ବୃକ୍ଷପ୍ରେମ ନିଶ୍ଚୟ ସମସ୍ତଙ୍କ ଲାଗି ଉଦାହରଣ ବୋଲି ଚାନ୍ଦବାଲି ଅଞ୍ଚଳ ସରକାରୀ ଶିକ୍ଷୟତ୍ରୀ ଦୀପ୍ତିମୟୀ ସାହୁ, ସିଆରସିସି କୃଷ୍ଣଚନ୍ଦ୍ର ଜେନା ଓ ଭାସ୍କର ଦାସ ତଥା ଗ୍ରାମବାସୀ ଗୌରହରୀ ଜେନା ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ■



**ଓଡିଆଙ୍କ ରୋଷେଇ ଘରେ ଶୁଖୁଆ ହେଉଛି ଏକ ପାରମ୍ପରିକ ଓ ଲୋକପ୍ରିୟ ଖାଦ୍ୟ। ଶୁଖିଲା ମାଛର ଏହି ସୁସ୍ୱାଦୁ ଚମତ୍କାରିତା ବର୍ଷ ବର୍ଷଧରି ବହୁ ଲୋକଙ୍କ ପସନ୍ଦର ଖାଦ୍ୟ ହୋଇଆସିଛି। ଶୁଖୁଆ ପାଇଁ ଚାହିଦା ଅନୁସାରେ ବନ୍ଦରରୁ ପ୍ରଥମେ ବିଭିନ୍ନ ମାଛ ଅଣାଯାଇଥାଏ। ଏହିମାଛ ଗୁଡିକୁ ପାଣିରେ ଭଲ ଭାବରେ ଧୋଇ ପରିସ୍କାର କରିବା ପରେ ସେଗୁଡିକୁ ଲୁଣରେ ୨୪ ଘଣ୍ଟା ରଖାଯାଏ। ପରଦିନ ଏହି ମାଛକୁ ପାଣିରେ ଧୋଇ ଟାଣ ଖରାରେ ଶୁଖାଇ ଦିଆଯାଏ। ମାଛକୁ ଉପଯୁକ୍ତ ସ୍ୱାସ୍ଥ୍ୟପ୍ରଦ ପରିବେଶରେ ତାରରେ ବାନ୍ଧି ଓହଳାଇ ସୁଖିବାକୁ ଛାଡି ଦିଆଯାଏ। ତିନିଦିନ ନିରବଚ୍ଛିନ୍ନ ଖରା ଖାଇବା ପରେ ଏହି ଶୁଖିଲା ମାଛ ଖାଦ୍ୟ ଉପଯୋଗୀ ଶୁଖୁଆରେ ପରିଣତ ହୋଇଥାଏ।**





## ମୂଲ ଦେଉଛି ମଲା ମାଛ

ରଶ୍ମୀରଞ୍ଜନ ମହାପାତ୍ର
ଜଗତସିଂହପୁର

ଜଗତସିଂହପୁର ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳ ବାଲିକୁଦା ବ୍ଲକର ମରିଚିପୁର ଗ୍ରାମର ମହାବୀର ଶୁଖୁଆ ଉତ୍ପାଦ ଗୋଷ୍ଠୀର ସଦସ୍ୟାମାନେ ସ୍ୱାସ୍ଥ୍ୟପ୍ରଦ ଶୁଖୁଆ ପ୍ୟାକେଟ ପ୍ରସ୍ତୁତକରି ପାରମ୍ପାରିକ ଶୁଖୁଆ ପ୍ରେମୀଙ୍କ ପାଇଁ ଆଶ୍ୱାସନା ସୃଷ୍ଟି କରିବା ସହିତ ଏଥିରୁ ମିଳୁଥିବା ରୋଜଗାର ଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି।

ବାଲିକୁଦା ବ୍ଲକ ମରିଚିପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଦର ଠାରେ ପର୍ଯ୍ୟାପ୍ତ ମାଛ ଉତ୍ପାଦାନ ହୋଇଥାଏ। ଦେବୀନଦୀର ମୁହାଣ ଓ ବଙ୍ଗୋପସାଗର ମିଳନ ସ୍ଥଳରେ ଧୀବରମାନେ ପ୍ରତିଦିନ ବୋଟ ନେଇ ମାଛ ଧରିବା ସହିତ ଏଗୁଡିକୁ ବନ୍ଦରଠାରେ ବିକ୍ରି କରିଥାନ୍ତି। ତେବେ ନଦୀ ବା ସମୁଦ୍ରରୁ ମାଛ ଧରିବା ପରେ ଏହାକୁ ତୁରନ୍ତ ବିକ୍ରି କରିବାରେ ବହୁ ସମସ୍ୟା ରହିଥାଏ। ଅନେକ ସମୟରେ ବେପାରୀଙ୍କ ଦ୍ୱାରା ମତ୍ସ୍ୟଜୀବୀଙ୍କୁ ମାଛର ଉପଯୁକ୍ତ ମୂଲ୍ୟ ମିଳି ନ ଥାଏ। କେବ କେବେ ବିକ୍ରି ହୋଇ ନ ପାରିବାରୁ ବଳକା ମାଛ ଗୁଡିକ ପଚି ନଷ୍ଟ ହୋଇଯାଇଥାଏ। ଏହା ଦ୍ୱାରା ମତ୍ସ୍ୟଜୀବୀ ଓ ମାଛ ବ୍ୟବସାୟରେ ବହୁତ କ୍ଷତି ଘଟିଥାଏ। ଦୀର୍ଘ ସଂରକ୍ଷଣ ଅଭାବରୁ ଏହି ମୂଲ୍ୟବାନ ମାଛ ଗୁଡିକ ବାହାରେ ଫିଙ୍ଗି ଦିଆଯାଏ କିମ୍ବା କୁକୁଡା ଦାନା ତିଆରିରେ ବ୍ୟବହାର ପାଇଁ ଅତି ଶସ୍ତାରେ ବିକ୍ରି କରାଯାଇଥାଏ। ତେବେ ମହାବୀର ଶୁଖୁଆ ଉତ୍ପାଦକ ଗୋଷ୍ଠୀ ଶୁଖୁଆ ପ୍ରସ୍ତୁତ ପାଇଁ ମାଛ କିଣିବା ଦିନଠାରୁ ସେମାନଙ୍କର ଏହି ସମସ୍ୟା ଦୂର ହୋଇଥିବା କଥା ସ୍ଥାନୀୟ ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି। ଉପାଠଦିକା ଗୋଷ୍ଠୀ ସିଧା ସଳଖ ମତ୍ସ୍ୟଜୀବୀଙ୍କଠାରୁ ବର୍ଷର ଖରା, ବର୍ଷା ତଥା ଶୀତ ଦିନରେ ମାଛ କିଣୁଥିବାରୁ ସେମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳିବା ସହିତ ମତ୍ସ୍ୟଜୀବୀମାନେ ମାଛ ବିକ୍ରିରେ ପୂର୍ବପରି ଆଉ କ୍ଷତିର ସମ୍ମୁଖୀନ ହେଉ ନ ଥିବା ପ୍ରକାଶ କରିଛନ୍ତି।

ମରିଚିପୁର ମହିଳା ଉତ୍ପାଦକ ଗୋଷ୍ଠୀର ଗଠନ ସମ୍ପର୍କରେ ଡିପିଏମ ସତ୍ୟାର୍ଥ ପରିଡ଼ା କହନ୍ତି, ରାଜ୍ୟ ଓ ରାଜ୍ୟ ବାହାରେ ଶୁଖୁଆର ବ୍ୟାପକ ଚାହିଦା ରହିଛି। ବର୍ଷ ବର୍ଷ ଧରି ମରିଚିପୁର କିଛି ମତ୍ସ୍ୟଜୀବୀ ପରିବାର ପାରମ୍ପାରିକ ଉପାୟରେ ଶୁଖୁଆ ଉତ୍ପାଦନ କରୁଥିବା ବେଳେ ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ସେମାନେ ଉପଯୁକ୍ତ ମୂଲ୍ୟ ବା ଲାଭ ପାଇପାରୁ ନ ଥିଲେ। ସଂରକ୍ଷଣ ଅଭାବରୁ ବର୍ଷା ଓ କୁହୁଡି କାକରର ଆଦ୍ରତା ଦ୍ୱାରା ଶୁଖୁଆ ନଷ୍ଟ ହେଉଥିବା ବେଳେ ଏଗୁଡିକୁ ଶସ୍ତାରେ କୁକୁଡା ଦାନା ଫାର୍ମକୁ ବିକିବାକୁ ସେମାନେ ବାଧ ହେଉଥିଲେ। ପ୍ରତିବର୍ଷ ବର୍ଷା ୪ ମାସ ସମୁଦ୍ରରୁ ଅଧିକ ମାଛ ଉତ୍ପାଦନ ହେଉଥିବା ବେଳେ ଏହି ସମୟରେ ପ୍ରସ୍ତୁତ କରାଯାଉଥିବା ଶୁଖୁଆ ସଂରକ୍ଷଣ ଅଭାବରୁ ଅଧିକ ନଷ୍ଟ ହେଉଥିଲା। ତେଣୁ ଏଠାରେ ରପ୍ତାନୀ ଭିତ୍ତିକ ନଦୀ ଓ ସାମୁଦ୍ରିକ ଶୁଖୁଆ ପ୍ରକ୍ରିୟାକରଣ ପାଇଁ ମହିଳାଙ୍କୁ ନେଇ ଉତ୍ପାଦିକା ଗୋଷ୍ଠୀ ଗଠନ କରିବାକୁ ସ୍ଥାନୀୟ ଏମ୍‌ବିକେ ଗୀତାରାଣି ସ୍ୱାଇଁଙ୍କୁ ସେ ପରାମର୍ଶ ଦେଇଥିଲେ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି। ଏଥିପାଇଁ ସଂଯୋଜକ ଦୀପକ କୁମାର ସ୍ୱାଇଁଙ୍କ ତତ୍ତ୍ୱବଧାନରେ ୩୦ ଜଣ ମହିଳାଙ୍କୁ ନେଇ ମହାବୀର ଉତ୍ପାଦିକା ଗୋଷ୍ଠୀ ଗଠନ ହେବା ସହିତ ସେମାନଙ୍କୁ ଶୁଖୁଆ ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ଏହି ମହିଳାମାନେ ସ୍ୱାସ୍ଥ୍ୟପ୍ରଦ ଶୁଖୁଆ ପ୍ରସ୍ତୁତ କରିବା ସହିତ ଏହାକୁ ପ୍ୟାକିଂ କରି ବିକ୍ରୟ କରିବା ଜାରି ରଖିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ମିଶନଶକ୍ତି ଓ ଜୀବିକା ମିଶନ ପକ୍ଷରୁ ସେମାନଙ୍କୁ ଆହୁରି ଅଧିକ ତାଲିମ ଓ ଆବଶ୍ୟକ ଯନ୍ତ୍ରପାତି କିଣିବାକୁ ୨ ଲକ୍ଷ ୪ ହଜାର ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯାଇଥିବା ସଂଯୋଜକ ଦୀପକ କୁମାର ମହାନ୍ତି କହିଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଏହି ସମୟରେ ଶୁଖୁଆ ସଂରକ୍ଷଣ ପାଇଁ ସେମାନଙ୍କୁ ଉପଯୁକ୍ତ ଜ୍ଞାନକୌଶଳ ପୂର୍ଣ୍ଣ ତାଲିମ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଶୁଖୁଆର ପ୍ରସ୍ତୁତି ଓ ବିକ୍ରି ସମ୍ପର୍କରେ ମହାବୀର ଉତ୍ପାଦିକା ଗୋଷ୍ଠୀର ସଭାନେତ୍ରୀ ଛବିଲତା ବେହେରା ଓ ସମ୍ପାଦିକା ରୀନାରାଣୀ ବେହେରା କହନ୍ତି। ବହୁ ସଂଖ୍ୟାରେ ଖାଉଟୀ ଓ ବେପାରୀ ଘରକୁ ଆସି ଶୁଖୁଆ କିଣୁଥିବା ସମୟରେ ବଳକା ଶୁଖୁଆ ସ୍ଥାନୀୟ ବାଲିପାଟଣା ହାଟରେ ବିକ୍ରି ହୋଇଥାଏ। ଏକ ବର୍ଷ ହେବ ଆମ ପ୍ରତ୍ୟୁସର ଗ୍ରୁପର ୩୦ ଜଣ ସଦସ୍ୟା ଶୁଖୁଆ ପ୍ରସ୍ତୁତି ଜାରି ରଖିଛୁ। ପ୍ରତି ଦେଢ କିଲୋ ମାଛରେ ପାଖାପାଖି ଏକ କିଲୋ ଶୁଖୁଆ ପ୍ରସ୍ତୁତ ହୋଇଥାଏ। ଶହେ ଟଙ୍କାର ମାଛ କିଣିଲେ ଶୁଖୁଆ ହେବା ପରେ ଏହା ଦେଢଶହ ଟଙ୍କାରେ ବିକ୍ରି ହୋଇଥାଏ। ଲୁଣ, ଶ୍ରମ ଓ ପ୍ୟାକିଂ ଖର୍ଚ୍ଚକୁ ବାଦ ଦେଲେ ଶହେ ଟଙ୍କା ଖର୍ଚ୍ଚ କଲେ ୩୫ଟଙ୍କା ଲାଭ ମିଳିଥାଏ। ପ୍ରାୟ ୧୮ ରୁ ୨୦ ପ୍ରକାର ମାଛରୁ ଶୁଖୁଆ ପ୍ରସ୍ତୁତ କରୁଥିବା କଥା ସଦସ୍ୟା ମିନତୀ ବେହେରା କହିଛନ୍ତି। ଖଏଙ୍ଗା, ଡେମା, ପଥରମୁଣ୍ଡି, ଖାସୁଲି, ବୋରେଇ, କୋକଲ, ଫାସି, ଚାନ୍ଦି, ପାଣିଆଖିଆ, ଚଟେଇ ଓ ଚିଙ୍ଗୁଡି ପ୍ରଭୃତି ଶୁଖୁଆ ପ୍ରସ୍ତୁତ ହୁଏ। ଖଏଙ୍ଗା ଶୁଖୁଆ ସର୍ବାଧିକ ୫ଶହରୁ ୬ଶହ ଟଙ୍କାରେ କିଲୋପ୍ରତି ବିକ୍ରି ହୋଇଥାଏ। ବିଭିନ୍ନ ଆକାରର ଚିଙ୍ଗୁଡି ଶୁଖୁଆ କିଲୋ ପ୍ରତି ୩ ଶହରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଆଗକୁ ଏହି ବ୍ୟବସାୟକୁ ଆହୁରି ବଡ ଆକାରରେ କରିବାକୁ ଯୋଜନା ଥିବା ନେଇ ଗ୍ରୁପର ମହିଳା ସଦସ୍ୟମାନେ ପ୍ରକାଶ କରିଛନ୍ତି। ■

# ଭୋଟରଙ୍କୁ ଟଙ୍କା ବାଣ୍ଟିଛନ୍ତି ପୁରୀ ଓ ପାଲଲହଡା ବିଜେପି ବିଧାୟକ ପ୍ରାର୍ଥୀ



ଭୁବନେଶ୍ୱର ୨୫।୫(ସମିସ): ବିଜେପିର ପୁରୀ ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଏବଂ ପାଲଲହଡା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡି ଅଭିଯୋଗ କରିଛି ଯେ ପୁରୀ ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଶୁକ୍ରବାର ରାତି ୩ଟା ବେଳେ ପେଣ୍ଠକଟାରେ ଭୋଟରମାନଙ୍କୁ ଟଙ୍କା ବାଣ୍ଟିଥିଲେ। କିଛି ଲୋକ ଏହି ଟଙ୍କା ବଣ୍ଟା ଦୃଶ୍ୟକୁ କ୍ୟାମେରାରେ ଉତ୍ତୋଳନ କରିଥିଲେ। ସୂଚନା ପାଇଁ ବିଜେଡି କର୍ମୀମାନେ ସେଠାରେ ପହଞ୍ଚିବା ପରେ ଶ୍ରୀ ଷଡ଼ଙ୍ଗୀଙ୍କୁ ତିବ୍ର ବିରୋଧ କରିଥିଲେ। ସେହିପରି ପାଲଲହଡା ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ମହାନ୍ତି ନିଜ ସମର୍ଥକଙ୍କ ଜରିଆରେ ଶିଗଡ଼ ପଞ୍ଚାୟତରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ ଚଳାଇଥିବା ସମୟରେ ଧରାପଡ଼ିଛନ୍ତି। ଏହି ଦୁଇଟି ଘଟଣାର ଭିଡିଓ ଏବଂ ଫଟୋ ପ୍ରମାଣ ସ୍ୱରୂପ ଦାଖଲ କରାଯାଇ ଦୁହିଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜୁ ଜନତା ଦଳ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ବିଜେଡିର ରାଜ୍ୟସଭା ସାଂସଦ ଦ୍ୱୟ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ରଙ୍କ ସମେତ ତୁମ୍ବନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ସୋଫିଆ ଆଲାମ, ଓମ୍ ପ୍ରକାଶ ସାହୁ, ମିହିର ରାୟ ପ୍ରମୁଖ ସାମିଲ ହୋଇଥିଲେ।

# ବଢୁଛି କୋରାପୁଟ୍‌ର ହଳଦୀ ସାବୁନର ଚାହିଦା

## ଆମାଜନ ସମେତ ବିଭିନ୍ନ ଆଉଟଲେଟରେ ବିକ୍ରିବଟା

କୋରାପୁଟ, ୨୫।୫ (ସମିସ): ବିଶ୍ୱ ବଜାରରେ କୋରାପୁଟ କଫିର ଚାହିଦା ବେଶ୍ ଅଧିକ ରହିଥିବା ବେଳେ କୋରାପୁଟ୍‌ର ହଳଦୀ ସାବୁନ ମଧ ଦେଶବିଦେଶରେ ଆଦୃତ ହେବାରେ ଲାଗିଛି। ଏହି ହଳଦୀଯୁକ୍ତ ସାବୁନ ବହୁ ଅନ୍ତର୍ଜାତୀୟ କମ୍ପାନୀକୁ ଟକ୍କର୍ ଦେଉଛି। ଅନ୍‌ଲାଇନ୍ ମାର୍କେଟ୍ 'ଆମାଜନ' ସମେତ ବିଭିନ୍ନ ଆଉଟଲେଟ୍‌ରେ ଏହା ବିକ୍ରିବଟା ହେଉଛି। କୋରାପୁଟ ରେଳ ଷ୍ଟେସନ୍ ଆଉଟଲେଟ୍, ଏସ୍‌ଆର୍ ମଲ୍ ଜୟପୁର, ବୋରିଗୁମ୍ମାର ଜୁରାସିକ୍ ପାର୍କ ଏବଂ ବରମୁଣ୍ଡା ବସ୍ ଟର୍ମିନାଲରେ ମଧ ଏହି ସାବୁନ ଉପଲବ୍ଧ ରହିଛି। ଆଉଟ୍‌ଲେଟ୍‌ରେ ଗୋଟିଏ ସାବୁନ ଦର ୮୫ ଟଙ୍କା ଥିବା ବେଳେ ଆମାଜନରେ ଏହା ୧୧୫ ଟଙ୍କାରେ ବିକ୍ରି ହେଉଛି। ସୂଚନାଯୋଗ୍ୟ, ଲକ୍ଷ୍ମୀପୁର ବ୍ଲକ୍ କୋନାପାଡ଼ିର ଟର୍ମରିକ୍ ଆଣ୍ଡ ହିଲ୍ ପ୍ରଡ୍ୟୁସର ଗ୍ରୁପ୍ର ସଦସ୍ୟମାନେ ଏହି ସାବୁନ ପ୍ରସ୍ତୁତ କରୁଥିବା ବେଳେ ବାର୍ଷିକ ୧୦ ହଜାର ସାବୁନ ବିକ୍ରି କରାଯାଉଥିବା ଓର୍ମାସ୍ର ସିଇଓ ରୋଶନ କାର୍ତ୍ତିକ କହିଛନ୍ତି। ଆବଶ୍ୟକତା ଅନୁସାରେ ହଳଦୀ ସାବୁନ ଯୋଗାଇ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଏହି ସାବୁନର ଚାହିଦା ଅନ୍‌ଲାଇନ୍ ସମେତ ବଜାରରେ ରହୁଥିବା ସେ ପ୍ରକାଶ କରିଛନ୍ତି।




# କୂଅ ଖନନ ବେଳେ ୩ ଫୁଟର ପ୍ରାଚୀନ ପଥର ମୂର୍ତ୍ତି ଉଦ୍ଧାର

ପାପଡ଼ାହାଣ୍ଡି, ୨୫।୫ (ସମିସ): ପାପଡ଼ାହାଣ୍ଡିସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପଛ ପାର୍ଶ୍ୱରେ ଥିବା ନୂଆସାହିର ଗଙ୍ଗାଧର ପାତ୍ରଙ୍କ ଜାଗାରେ କୂଅ ଖନନ ଚାଲିଥିବା ବେଳେ ୩ ଫୁଟର ପ୍ରାଚୀନ ପଥର ମୂର୍ତ୍ତି ଉଦ୍ଧାର ହୋଇଛି। କୂଅ ଖନନ ପାଇଁ ୪ ଫୁଟ୍ ଗର୍ତ୍ତ ଖୋଳିଲା ପରେ ଏକ ବିରାଟକାୟ ୩ଫୁଟ୍ ଉଚ୍ଚତା ଏବଂ ୩ ଫୁଟ୍ ଓସାରର ପ୍ରାଚୀନ ମୂର୍ତ୍ତି ଉଦ୍ଧାର ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶନିବାର ଦିନ ୧୨ଟାରେ ନୂଆ ସାହିର ଗଙ୍ଗାଧର ପାତ୍ର ତାଙ୍କ ଜାଗାରେ କୂଅ ଖୋଳିବାକୁ ନିକଟସ୍ଥ ମାଝୀଗୁଡ଼ା ଗ୍ରାମର କିଛି ଶ୍ରମିକଙ୍କୁ ଡାକିଥିଲେ। ଉକ୍ତ ଜାଗାରେ ୩ ଫୁଟ୍ ଖୋଳିଲା ପରେ ଏକ ୩ ଫୁଟ୍ ଓସାର ଓ ୩ ଫୁଟ୍ ଉଚ୍ଚତାର ବିରାଟକାୟ ପଥରରେ ଶିବଙ୍କ ମୂର୍ତ୍ତି ଏବଂ ଉଭୟ ପାର୍ଶ୍ୱରେ ଦେବୀମାନଙ୍କର ପ୍ରତିମୂର୍ତ୍ତି ଅଙ୍କିତ ହୋଇଥିବା ଦେଖିବାକୁ ମିଳିଛି। ପାପଡ଼ାହାଣ୍ଡି ପ୍ରସିଦ୍ଧ ପୁରାତନ ନୀଳକଣ୍ଠେଶ୍ୱର ମନ୍ଦିର ପାଖରେ ଏହି ପ୍ରାଚୀନ ମୂର୍ତ୍ତି ମିଳିଥିବାରୁ ସାଧାରଣରେ ଭିନ୍ନ ଲୋକ ଭିନ୍ନ ମତ ଦେଉଛନ୍ତି। ଏହି ଖବର ପ୍ରସାର ହେବା ପରେ ପାପଡ଼ାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ତୁରନ୍ତ



ପହଞ୍ଚି ମୂର୍ତ୍ତିକୁ ଉଦ୍ଧାର କରିବା ସହ ରବିବାର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ରଖାଯିବ ବୋଲି କହିଛନ୍ତି। ଏଥିସହ ଏହି ଅଞ୍ଚଳରେ ବହୁ କାରୁକାର୍ଯ୍ୟ ମାଟି ତଳେ ଲୁଚି ରହିଥିବା ଶ୍ରୀ ବେହେରା କହିଛନ୍ତି।

# ଡାକ୍ତରଙ୍କୁ ଗାଳିଗୁଲଜ ଓ ଟେକା ପଥର ମାଡ଼

କୁଆମରା, ୨୫।୫(ସମିସ): ଜଣେ କାର୍ଯ୍ୟରତ ଡାକ୍ତରଙ୍କ ଉପରକୁ ଟେକା ପଥର ଫୋପାଡ଼ିବା ଓ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଛି ପୁଲିସ। ସୂଚନା ମୁତାବକ, ଗୋପବନ୍ଧୁ ନଗର ବ୍ଲକ କୁଆମରା ଆଞ୍ଚଳିକ ଡାକ୍ତରଖାନାର ଡାକ୍ତର ଶାନ୍ତନୁ କୁମାର ଜେନା ବୁଧବାର ରାତି ପ୍ରାୟ ୮ଟା ସମୟରେ ଡାକ୍ତରଖାନା ମଧ୍ୟରେ ରୋଗୀ ଦେଖୁଥିଲେ। ସେହି ସମୟରେ କୁଆମରା ଗ୍ରାମର ପ୍ରଦୀପ ଦେହୁରୀ ସେଠାରେ ପହଞ୍ଚି କୌଣସି କାରଣ ନଥାଇ ଡାକ୍ତର ଶ୍ରୀ ଜେନାଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ଡାକ୍ତର ଶ୍ରୀ ଜେନା ନିଜ ସୁରକ୍ଷା ପାଇଁ ଭିତରପଟୁ କବାଟ ଦେଇଦେବା ଯୋଗୁଁ ବାହାରପଟୁ ପ୍ରଦୀପ ଟେକାପଥର ମାଡ଼ କରିଥିଲା। ତେବେ ଏ ନେଇ ଶ୍ରୀ ଜେନାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡିର ଦାବି

# ଛେଣ୍ଡିପଦାରେ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବିଜେପି ପ୍ରାର୍ଥୀଙ୍କ ସମର୍ଥକ

ଭୁବନେଶ୍ୱର, ୨୫।୫(ସମିସ): ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା ଏବଂ ତାଙ୍କ ସମର୍ଥକଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି। ବିଜେଡିର ପ୍ରତିନିଧି ଦଳର ଅଭିଯୋଗ ଅନୁଯାୟୀ ଆଜି ମତଦାନ ସମୟରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ସମର୍ଥକଙ୍କ ସମର୍ଥକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଖୋଲାଖୋଲି ଭାବେ ବିଜେପି ସପକ୍ଷରେ ମତଦାନ କରିବାକୁ ଭୋଟରଙ୍କୁ ପ୍ରବର୍ତ୍ତାଉଥିଲେ। ଯାହାକୁ ନେଇ ସେଠାରେ ଉପସ୍ଥିତ ଥିବା ଭୋଟରଙ୍କ ଭିତରେ ପ୍ରବଳ ଅସନ୍ତୋଷ ସୃଷ୍ଟି କରିଥିଲା। ବିଶେଷକରି ସନ୍ତରାବନ୍ଧ ଅଞ୍ଚଳରେ ବୁଥ୍ ନମ୍ବର ୪୦ ଏବଂ ୪୧କୁ ନିଜ ନିୟନ୍ତ୍ରଣକୁ ମଧ ନେଇଯାଇଥିଲେ। ଉପରୋକ୍ତ ବୁଥ୍‌ଦ୍ୱୟରେ ଶ୍ରୀ ବେହେରାଙ୍କ ସମର୍ଥକମାନେ ଦଳୀୟ ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା ଏବଂ ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମର୍ଥନରେ ଖୋଲାଖୋଲି ଭୋଟ ଦେବାକୁ ଉପସ୍ଥିତ ଭୋଟରଙ୍କୁ ଧମକାଇ ଥିଲେ।

● ଖଣ୍ଡପଡ଼ା ବେଙ୍ଗଡିଆ ଗ୍ରାମ ପଞ୍ଚାୟତରେ ବିଜେପି ସମର୍ଥକ କରିଛନ୍ତି ବୁଥ୍ ରିଗିଂ
● ୩୯ ନମ୍ବର ବୁଥରେ ସାନି ମତଦାନ ଦାବି କଲା ବିଜେଡି

ସମସ୍ତ କାର୍ଯ୍ୟକର୍ତ୍ତା ଗେରୁଆ ସ୍କାର୍ଫ ପିନ୍ଧିଥିବା ବେଳେ ସେମାନଙ୍କ ଆଚରଣ ସେଠାରେ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନାରେ ବାଧା ସୃଷ୍ଟି କରିଛି। ଅତଏବ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିଛି। ସେହିପରି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୩୯ ନମ୍ବର ବୁଥ୍‌ରେ ସାନି ମତଦାନ ଦାବି କରିଛି ବିଜେଡି। ଏନେଇ ଦଳର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ସ୍ଥାନୀୟ ବିଜେପି ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁଙ୍କ ସମର୍ଥକ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଙ୍ଗଡିଆ ଗ୍ରାମ ପଞ୍ଚାୟତରେ ଥିବା ୩୯ ନମ୍ବର ବୁଥ୍‌ରେ ରିଗିଂ କରିଥିଲେ। ସେମାନେ ବୁଥ୍‌କୁ ନିଜ ନିୟନ୍ତ୍ରଣକୁ ନେବା ସହ ସେଠାରେ ମତଦାନ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିବାକୁ ଚେଷ୍ଟା କରିଥିଲେ। ତେଣୁ ଏହାର ନିରପେକ୍ଷ ତଦନ୍ତ କରି ଉକ୍ତ ବୁଥ୍‌ରେ ସାନି ମତଦାନ କରାଇବାକୁ ଦାବି କରିଛି ପ୍ରତିନିଧିଦଳ। ଏହି ପ୍ରତିନିଧି ଦଳରେ ସୁଲତା ଦେଓ, ମଧୁସ୍ମିତା ନାୟକ, ଇପ୍ସିତା ସାହୁ, ଓମପ୍ରକାଶ ସାହୁ, ମିହିର ରାୟ, ତୁମ୍ବନାଥ ପଣ୍ଡା ଓ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଗସ୍ ଟିଭି ବିରୋଧରେ ପୁଣି ଫେରାଦ ହେଲା ବିଜେଡି

# ସାମ୍ବାଦିକ ଛଦ୍ମବେଶରେ ବିଜେପି କର୍ମୀ ଭୋଟରଙ୍କୁ ଧମକାଇଛନ୍ତି

ଭୁବନେଶ୍ୱର ୨୫।୫(ସମିସ): ଖବର ସଂଗ୍ରହ ନାମରେ ଅର୍ଗସ୍ ଟିଭି ଚ୍ୟାନେଲର ସାମ୍ବାଦିକ ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ପୁଣିଥରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି। ଅର୍ଗସ୍ ଟିଭି ସାମ୍ବାଦିକ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବା ନେଇ ଗତକାଲି ଅଭିଯୋଗ ହୋଇଥିଲା ବେଳେ ଆଜି ଅର୍ଗସ୍ ଟିଭି ସାମ୍ବାଦିକ ଭାବେ ପରିଚୟ ଦେଇ ବିଜେପି କର୍ମୀମାନେ ଭୋଟରଙ୍କୁ ଭୟଭୀତ କରିଛନ୍ତି।

ଦଳ ପକ୍ଷରୁ କୁହାଯାଇଛି ଯେ ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶୋରନଗର ବ୍ଲକର ୬୪ନମ୍ବର ବୁଥରେ ମତଦାନ ଚାଲିଥିବା ବେଳେ ଅର୍ଗସ୍ ଟିଭି ସାମ୍ବାଦିକ ସେଠାରେ ପହଞ୍ଚି ଭୋଟରମାନଙ୍କୁ ଧମକ ଚମକ ଦେଇଥିଲେ। ବିଜେଡିକୁ ଭୋଟ ନ ଦେଇ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ସେମାନେ ଲୋକଙ୍କ ଉପରେ ଚାପ ପକାଉଥିଲେ। ଆଠମଲ୍ଲିକ ବିଜେପି ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁଙ୍କ ପ୍ରରୋଚନାରେ ସେମାନେ ଏଭଳି କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅର୍ଗସ୍ ଟିଭି କର୍ମଚାରୀ ବେଶରେ ବିଜେପି କର୍ମୀମାନେ ବୁଥ୍ ଭିତରେ ପଶି ଲୋକଙ୍କୁ ଧମକାଇଥିଲେ। ରାଜ୍ୟରେ ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ବେଳେ ବିଜେପି ନେତାମାନେ ଅର୍ଗସ ଟିଭି ଜରିଆରେ ବାରମ୍ବାର ମତଦାନ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଛନ୍ତି। ସୁସ୍ଥ ଗଣତନ୍ତ୍ର ପ୍ରତି ଏହା ଘୋର ବିପଦ ସୃଷ୍ଟି କରୁଛି। ଏହା ପୂର୍ବରୁ ଅର୍ଗସ୍ ଟିଭିର ବେଆଇନ୍ କାରବାର ବିରୋଧରେ ବିଜେଡି ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସମ୍ବଲପୁର ଲୋକସଭା କ୍ଷେତ୍ରରେ କେତେ ଜଣ ଟିଭି ସାମ୍ବାଦିକ ଖବର ସଂଗ୍ରହ ଦାୟିତ୍ୱରେ ଥିଲେ ତାହାର ଅନୁସନ୍ଧାନ କରାଯାଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ମିହିର ରାୟ, ଓମ୍ ପ୍ରକାଶ ସାହୁ, ଡ଼ ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଅପରାଧୀଙ୍କୁ ପ୍ରଶ୍ରୟ ଦେଇ ଚର୍ଚ୍ଚାରେ ଅପରାଜିତା

ଭୁବନେଶ୍ୱର, ୨୫।୫ (ସମିସ): ଗୋଟିଏପଟେ ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ମତଦାନ କେନ୍ଦ୍ରରେ ପଶି ଆତଙ୍କ ଖେଳାଇଥିବା ବେଳେ ଅନ୍ୟ ପଟେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯେପରି ଭାବେ ଏହି ଅପରାଧକୁ ପ୍ରଶ୍ରୟ ଦେଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଶାନ୍ତ ଜଗଦ୍ଦେବ ଅଭ୍ୟାସଗତ ଅପରାଧୀ ଭାବେ ଗୋଟିଏ ପରେ ଗୋଟିଏ ବେଆଇନ କାର୍ଯ୍ୟ ପାଇଁ ବେଶ୍ ଜଣାଶୁଣା। ରାଜନୀତି ନାମରେ ଗୁଣ୍ଡାଗର୍ଦ୍ଦି କରିବା ପାଇଁ ଶ୍ରୀ ଜଗଦ୍ଦେବ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଜଣେ ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ସାଂସଦ ଥାଇ ସୁଦ୍ଧା ଅପରାଜିତାଙ୍କ କାର୍ଯ୍ୟକୁ ଲୋକେ ସହଜରେ ହଜମ କରିପାରୁନାହାନ୍ତି। ଆଜି ଶ୍ରୀ ଜଗଦେବ ବୁଥ୍ ଭିତରେ ଆତଙ୍କ ଖେଳାଇ ବାହାରିବା ପରେ ଖୋଦ ସାଂସଦ ତାଙ୍କୁ ନିଜ ଗାଡ଼ିରେ ବସାଇ ଖୋର୍ଦ୍ଧା ଆଡକୁ ନେଇଯାଇଥିଲେ। ତେବେ ପୁଲିସ ସାଂସଦଙ୍କ ଗାଡ଼ିର ପିଛା କରି ଅଟକାଇଥିଲା। ଗାଡ଼ି ଅଟକିବା ପରେ ସାଂସଦ ଗାଡ଼ି ଭିତରେ ହିଁ ବସି ରହିଥିଲେ। ପୁଲିସ ଅଧିକାରୀ ଶ୍ରୀ ଜଗଦ୍ଦେବଙ୍କୁ ସାଂସଦଙ୍କ ଗାଡିରୁ ବାହାର କରିବା ପରେ ଭ୍ୟାନ୍‌ରେ ବସାଇ ଥାନାକୁ ନେଇଥିଲା। ଜଣେ ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ସାଂସଦଙ୍କର ଏତାଦୃଶ କାର୍ଯ୍ୟକୁ ସର୍ବତ୍ର ନିନ୍ଦା କରାଯାଇଛି।

## ଅବଶିଷ୍ଟାଂଶ

### ଆଗାମୀ ନିର୍ବାଚନରେ...

ଶ୍ରୀ ପାଣ୍ଡିଆନ୍ ଆହୁରି କହିଥିଲେ, ସୁଭଦ୍ରା ଯୋଜାନାରେ ୫୦ ହଜାର ଟଙ୍କା ଦେବେ ବୋଲି ସେମାନେ ଏବେ କହୁଛନ୍ତି। ୨୦୧୪ରେ ଦେଇଥିବା ୧୫ ଲକ୍ଷ ଟଙ୍କାର ପ୍ରତିଶ୍ରୁତି କୁଆଡ଼େ ଗଲା? ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ଦିନ ରାତି କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଠିନ ପରିଶ୍ରମ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଯେଉଁ ଯୋଗ୍ୟ ହିତାଧିକାରୀ ଘର ପାଇନାହାନ୍ତି, ରାସନକାର୍ଡ ପାଇନାହାନ୍ତି, ସେମାନଙ୍କୁ ଘର ଓ ରାସନକାର୍ଡ ମିଳିବ। କୋଭିଡ୍ ସମୟରେ ପ୍ରତିଟି ଜୀବନ ମୁଲ୍ୟବାନ୍ ନୀତିରେ ମୁଖ୍ୟମନ୍ତ୍ରୀ ବହୁ ଜୀବନ ବଞ୍ଚାଇଦେଲେ। ସାରା ଭାରତବର୍ଷରେ ସବୁଠୁ କମ୍ ମୃତ୍ୟୁ ଓଡ଼ିଶାରେ ହୋଇଥିଲା। ଆଗରୁ ବନ୍ୟା, ବାତ୍ୟା, ପ୍ରାକୃତିକ ବିପର୍ଯ୍ୟୟରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟୁଥିଲା, ଏବେ ଯାହା ଆସିଲେ ମଧ କିଛି ଅସୁବିଧା ନାହିଁ, ଆମ ପାଖରେ ନବୀନ ବାବୁ ଅଛନ୍ତି।

ଯାଜପୁର ଜିଲ୍ଲାର ନେତାମାନଙ୍କୁ ପ୍ରଶଂସା କରି ସେ କହିଲେ ଯେ, ବବି ବାବୁ ଏ ଦଳ ଓ ରାଜ୍ୟ ପାଇଁ ବହୁତ ପରିଶ୍ରମ କରୁଛନ୍ତି। ବବି ବାବୁ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସେନାପତି। ମୁଖ୍ୟମନ୍ତ୍ରୀ ଯାଜପୁର ଓ ବବିବାବୁଙ୍କୁ ବହୁତ ଭଲ ପାଆନ୍ତି। ଆପଣଙ୍କ ବିଧାୟକ ଡାନୀ ବାବୁ ଆପଣଙ୍କ ଅଞ୍ଚଳର ଉନ୍ନତି ପାଇଁ ବହୁତ କାମ କରୁଛନ୍ତି, ଦିନରାତି ୨୪ ଘଣ୍ଟା ପରିଶ୍ରମ କରି ଆପଣମାନଙ୍କ ସେବା କରୁଛନ୍ତି। ସେ ପୁଣି କହିଲେ ଯେ, ଆସ୍କାରେ ଗତଥର ମୁଖ୍ୟମନ୍ତ୍ରୀ ଜଣେ ମିଶନଶକ୍ତି ମା'ଙ୍କୁ ଲୋକସଭା ସାଂସଦ କରିଥିଲେ। ବବି ବାବୁ ଜଣେ ମିଶନଶକ୍ତି ମା'ଙ୍କୁ ଏଠାରେ ପ୍ରାର୍ଥୀ କରିଛନ୍ତି। ନେତା ଯେମିତି, ସେନାପତି ସେମିତି।

ବିଞ୍ଝାରପୁରରେ ସେ କହିଲେ ଯେ, ଏଠି ମାନ୍ୟବର ବାଚସ୍ପତି ମ୍ୟାଡାମ ଆପଣଙ୍କ ବିଧାୟିକା ପ୍ରାର୍ଥୀ, ସେ ଜଣେ ଦକ୍ଷ ଓ ଅଭିଜ୍ଞ ନେତ୍ରୀ। ବିକାଶ କାମ ଓ ଲୋକଙ୍କ କାମ କେମିତି କରିବାକୁ ହୁଏ ସେ ଭଲଭାବରେ ଜାଣିଛନ୍ତି। ବିଜେପି ଦଳ ୧୦ ପ୍ରତିଶତ ମଧ ମହିଳା ପ୍ରାର୍ଥୀ ଦେଇନାହାନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତରୁ ଅଧିକ ମା'ମାନଙ୍କୁ ପ୍ରାର୍ଥୀ କରିଛନ୍ତି। ଏଠାରେ ଆପଣଙ୍କ ବିଧାନସଭା ଓ ଲୋକସଭା-ଉଭୟ ପ୍ରାର୍ଥୀ ହେଉଛନ୍ତି ମାଆ। ସେମାନଙ୍କ ଜୋର୍‌ଦାର୍ ଆଶୀର୍ବାଦରେ ସେମାନେ ବିପୁଳ ଭୋଟରେ ଜିତିବେ। ଆପଣମାନଙ୍କ ପାଇଁ ଏଠି ଦୁଇଜଣ ମା' ଅଛନ୍ତି, ଆପଣଙ୍କ ସୁଖଦୁଃଖରେ ସବୁବେଳେ ରହିଛନ୍ତି। ବାଚସ୍ପତି ମ୍ୟାଡମ୍ ବନ୍ୟା, ବାତ୍ୟା ସମୟରେ ବହୁତ କାମ କରନ୍ତି, ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ଦିନରାତି ଲାଗିଥା'ନ୍ତି।

ସୁକିନ୍ଦାରେ ବିକାଶ କାମର ହିସାବ ଦେଇ ଶ୍ରୀ ପାଣ୍ଡିଆନ କହିଲେ, ଏଠାରେ ଜଗନ୍ନାଥ ମନ୍ଦିରର ରୂପାନ୍ତରଣ ପାଇଁ ୧.୫ କୋଟି ଟଙ୍କା, ଦୁଇଟା ରେଲୱେ ଓଭରବ୍ରିଜ୍ ଓ ରେଙ୍ଗାଲି ଲେଫ୍ଟ କେନାଲ କରାଯାଇଛି। ଯଜାତିକେଶରୀ ମେଡିକାଲ କଲେଜ, ମା' ବିରଜାଙ୍କ ମନ୍ଦିର ରୂପାନ୍ତରଣ, ବୈତରଣୀରେ ଆଡ଼ିବନ୍ଧ ମୁଖ୍ୟମନ୍ତ୍ରୀ କରିଛନ୍ତି। ବରୁଣେଶ୍ୱର ମନ୍ଦିର ପାଇଁ ୭ କୋଟି, ନୟା ରାଜଘାଟ ୧.୫୦ କୋଟି, ପାଞ୍ଚଟି ମେଗାଲିଫ୍ଟ ଜରିଆରେ ଜଳସେଚନ ପାଇଁ ୨୦୦ କୋଟି, ୬ ଟି ସେତୁ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏଥିସହ ବରୀରେ କଳାମାଟି ସହୀଦ ସ୍ମୃତି ପୀଠର ବିକାଶ ପାଇଁ ୪୦ ଲକ୍ଷ ଟଙ୍କା, ବରୀ ନିର୍ବାଚନ ମଣ୍ଡଳୀରେ ୫ଟି ବଡ଼ ସେତୁ ପାଇଁ ୨୦୦ କୋଟି ଟଙ୍କା ଏବଂ ଦୁଇଟି ଜଳସେଚନ ପ୍ରକଳ୍ପ ପାଇଁ ୯୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଯାଜପୁର ଜିଲ୍ଲାରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ, ଯଜାତିକେଶରୀ ମେଡିକାଲ କଲେଜ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ବଡ଼ଚଣା ଜନସଭାରେ ଶ୍ରୀ ପାଣ୍ଡିଆନ କହିଥିଲେ, ଚଣ୍ଡିଖୋଲକୁ ଏନଏସି ମାନ୍ୟତା ଦିଆଯାଇଛି। ମହାବିନାୟକ ମନ୍ଦିର ରୂପାନ୍ତରଣ ପାଇଁ ୭.୭୦ କୋଟି ଟଙ୍କା ଦିଆଯାଇଛି। ଶ୍ରୀ ପାଣ୍ଡିଆନ୍ ଧର୍ମଶାଳରେ କହିଲେ ଜାରକାକୁ ଏନ୍‌ଏସି ମାନ୍ୟତା ଦିଆଯାଇଛି। ଗୋକର୍ଣ୍ଣେଶ୍ୱର ମନ୍ଦିର ପାଇଁ ୧.୫୦ କୋଟି ଟଙ୍କା ଦିଆଯାଇଛି। ଏ ସରକାର ଆପଣମାନଙ୍କ ସରକାର, ମା'ମାନଙ୍କ ସରକାର, ଚାଷୀ ଓ ଯୁବପିଢ଼ିର ସରକାର। ଯୁବପିଢ଼ିଙ୍କ ମାଧ୍ୟମରେ ଏକ ସଶକ୍ତ ଓ ନୂଆ ଓଡ଼ିଶା ଗଠନ କରିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ସ୍ୱପ୍ନ ସାକାର କରିବା ପାଇଁ ଷଷ୍ଠଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଶ୍ରୀ ପାଣ୍ଡିଆନ ନିବେଦନ କରିଥିଲେ।

### ସନ୍ଧ୍ୟା ସୁଦ୍ଧା...

ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ କେତେକ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିବା ପାଇଁ ଭୋଟରମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ। ନିର୍ଦ୍ଧାରିତ ମତଦାନ ସମୟ ସୁଦ୍ଧା ବୁଥ୍‌ରେ ଥିବା ସମସ୍ତ ଭୋଟର ମତଦାନ କରୁଛନ୍ତି। ସକାଳୁ ମକ୍‌ପୋଲ୍ ସମୟରେ ଅଳ୍ପକିଛି ସ୍ଥାନରେ ଇଭିଏମ୍ ମେସିନ୍‌ରେ ତ୍ରୁଟି ଦେଖାଯାଇଥିବାରୁ ତୁରନ୍ତ ତାହା ବଦଳା ଯାଇଥିଲା ଏବଂ ମତଦାନ ସ୍ୱାଭାବିକ ଭାବେ ଚାଲିଥିଲା। ସେହିପରି ପୋଲିଂ ଆରମ୍ଭ ହେବା ପରେ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା ଏବଂ ସେଗୁଡ଼ିକୁ ବଦଳା ଯାଇଥିଲା। ଉକ୍ତ ବୁଥ୍‌ର ଭୋଟରମାନେ ଧୈର୍ଯ୍ୟର ସହ ଅପେକ୍ଷା କରିଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟରମାନଙ୍କୁ ସାଧୁବାଦ ଜଣାଇଛନ୍ତି।

### ମତଦାନ ବେଳେ...

ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

ଅନ୍ୟ ଏକ ଘଟଣାକ୍ରମେ, ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ନୂଆବଗ ପଞ୍ଚାୟତ ଅନ୍ତର୍ଗତ ବାହାଲୁଣ୍ଡା ୧୩୬ ନଂ. ବୁଥ ପୋଲିଂ ଏଜେଣ୍ଟ ଶୁକଦେବ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାରସଦସ୍ୟ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅଭିଯୋଗ କରିଛନ୍ତି। ଶୁକଦେବ ପୋଲିଂ ଏଜେଣ୍ଟ ଭାବେ ନିୟୋଜିତ ହୋଇଥିଲେ। ଶନିବାର ପୂର୍ବାହ୍ନରେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ରାସୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିନା ମାଓ ହିଂସାରେ...

ହୋଇଛି, ସବୁ ନିର୍ବାଚନରେ ମାଓବାଦୀମାନେ କିଛି ନା କିଛି ଅଘଟଣ ଘଟାଇଛନ୍ତି। ପ୍ରତି ନିର୍ବାଚନରେ ମାଓ ଉପଦ୍ରୁତ ଜିଲ୍ଲାରେ କେଉଁଠି ପୋଲିଂ ପାର୍ଟିର ସଦସ୍ୟଙ୍କ ମଧ୍ୟରୁ କାହାର ମୃତ୍ୟୁ ହୋଇଛି ତ କେତେବେଳେ ପୁଲିସ ଓ ସୁରକ୍ଷାକର୍ମୀଙ୍କର ମୃତ୍ୟୁ ହୋଇଛି। ନିର୍ବାଚନ ପୂର୍ବରୁ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଗ୍ରାମବାସୀଙ୍କୁ ଭୋଟ୍‌ଦାନରୁ ବିରତ ରଖିବା ଲାଗି ହତ୍ୟାଠାରୁ ଆରମ୍ଭ କରି ହିଂସା ଘଟାଇଛନ୍ତି। ମାଓବାଦୀଙ୍କ କଥାରେ ନ ପଡ଼ି ମତଦାନ ସାବ୍ୟସ୍ତ କରୁଥିବା ନାଗରିକଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଏଥର ମାଓ ହିଂସାକାଣ୍ଡକୁ ରୋକିବାକୁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହୋଇଥିଲା। ମାଓ ପ୍ରଭାବିତ ଜିଲ୍ଲାଗୁଡିକରେ ମତଦାନ ଆରମ୍ଭରୁ ସରିବା ୫ଦିନ ଯାଏଁ ଜଙ୍ଗଲରେ ବିଏସ୍‌ଏଫ୍, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଏସ୍‌ଓଜି ଓ ଡିଭିଏଫ ପାର୍ଟି ପକ୍ଷରୁ କୁମ୍ବିଂ ଅପରେସନ୍ ଚଳାଇଥିଲେ। ନିର୍ବାଚନ ପୂର୍ବ ଦୁଇ ଦିନ ଏବଂ ମତଦାନ ଶେଷ ଅର୍ଥାତ୍ ପୁଲିଂ ପାର୍ଟି ଫେରିବା ପର୍ଯ୍ୟନ୍ତ ଜଙ୍ଗଲରେ ମାଓ ବିରୋଧୀ ଅପରେସନ୍ ଜାରି ରହିଥିଲା। ସେହିପରି ୪ମାସ ହେବ ମାଓ ଗତିବିଧି ରହିଥିବା ଜିଲ୍ଲାଗୁଡ଼ିକରେ ଅପରେସନ୍‌କୁ ଜୋର୍‌ଦାର୍ ହୋଇଥିଲା। ମାଓ ଉପଦ୍ରୁତ ଜିଲ୍ଲାରେ ୧୮୪୨ଟି ମାଓ ବିରୋଧୀ ଅପରେସନ୍ ଜାରି ରହିଥିଲା। ଅଧିକାଂଶ ସ୍ଥାନରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଲଢ଼େଇ ହୋଇଛି। ଏଥିରେ ୪ଜଣ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ଏଥିସହ ୧୭ଜଣ କ୍ୟାଡର୍ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ସେପରି ମାଓକ୍ୟାମ୍ପରୁ ୬ଟି ବନ୍ଧୁକ, ୭୨ଟି ଆଇଇଡି ବିସ୍ଫୋରକ ଏବଂ ୭୯ ୟୁନିଟ୍ ଗୋଳାବାରୁଦ ଜବତ କରାଯାଇଛି। ଜିଲ୍ଲା ପୁଲିସ ଏବଂ ରାଜ୍ୟ ପୁଲିସ ମୁଖ୍ୟାଳୟରୁ ମାଓ ମୁକାବିଲା ଅପରେସନ୍‌କୁ ତଦାରଖ କରାଯାଇଥିଲା।

### ୧୨ ଶିଶୁଙ୍କ...

କିଛି କରିବାକୁ ସକ୍ଷମ ହୋଇ ନଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗେମ୍ ଜୋନର ୮୦ ପ୍ରତିଶତ ଅଂଶ ପୋଡି ପାଉଁଶ ହୋଇଯାଇଥିଲା। ୧୨ ଶିଶୁଙ୍କ ସମେତ ୨୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲେ ହେଁ ସେମାନଙ୍କ ମୃତଦେହ ଚିହ୍ନଟ କରିବା ସମ୍ଭବ ହୋଇ ନାହିଁ। କାରଣ ମୃତକମାନଙ୍କ ଶତପ୍ରତିଶତ ଶରୀର ପୋଡି ହୋଇଯାଇଥିବା କୁହାଯାଇଛି। ଏଭଳି ଏକ ଅପ୍ରତ୍ୟାଶିତ ଏବଂ ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ନିଆଁ ଲାଗିବା ସମୟରେ କିଛି ପିଲା ସେଠାରେ ଖେଳାଖେଳି କରୁଥିବାରୁ ଅଧିକାଂଶ ପିଲାଙ୍କ ମୃତ୍ୟୁ ହୋଇଛି। ଘଟଣାର ତୁରନ୍ତ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ଏହି ଗେମ୍ ଜୋନର ମାଲିକ ଯୁବରାଜ ସିଂ ସୋଲାଙ୍କି ଫେରାର ହୋଇଯାଇଛନ୍ତି। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

### ଓଡ଼ିଶାରେ ପୁଣି ...

ଭୋଟରମାନଙ୍କୁ ନିବେଦନ କରୁଛି ସେମାନେ ବହୁ ସଂଖ୍ୟାରେ ଆସି ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରନ୍ତୁ। ଏହି ଅବସରରେ ବିଜେଡିର ଭୁବନେଶ୍ୱର ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ। ମତଦାନ କେନ୍ଦ୍ରରୁ ବାହାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବା ସହିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଜ ପ୍ରତିକ୍ରିୟା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଚାଲି ଚାଲି ଆସିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେଠାରେ ଉପସ୍ଥିତ ଯୁବ ଭୋଟରମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ସେଲ୍ଫି ନେଇଥିଲେ।

### ସୀମା ଟପିଲା...

ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଶାନ୍ତ ତାଙ୍କୁ ଧମକଚମକ ଦେବା ସହ ସେଠାରେ ଥିବା ଏକ ଇଭିଏମ୍ ମେସିନ୍‌କୁ ଭାଙ୍ଗି ଦେଇଥିଲେ। ପରେ ସେ ସେଠାରୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀରେ ଗାଡ଼ିରେ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ଖବର ପାଇ ପୁଲିସ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିଥିଲା। ଅନ୍ୟପକ୍ଷରେ ପୁଲିସର ଏକ ଟିମ୍ ସାଂସଦଙ୍କ ଗାଡ଼ିକୁ ପିଛା କରି ବେଗୁନିଆର ପରିଛଳ ରାସ୍ତାରେ ଅଟକାଇଥିଲା। ସେଠାରୁ ପୁଲିସ ପ୍ରଶାନ୍ତଙ୍କୁ ଥାନାକୁ ନେଇଥିଲା।

### ଆଇନ ଅନୁଯାୟୀ...

ସେହିପରି ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରାଙ୍କ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ରଖି ଶ୍ରୀ ଧଳ କହିଛନ୍ତି, ଘଟଣାରେ ମୁଁ ବ୍ୟକ୍ତିଗତ ଭାବେ ଜିଲ୍ଲାପାଳଙ୍କ ସହ କଥା ହୋଇଛି। ଏହି ଘଟଣାରେ ମାମାଲା ରୁଜୁ କରିବା ପାଇଁ ଜିଲ୍ଲାପାଳ ସ୍ଥାନୀୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଧଳ କହିଛନ୍ତି।


TOLET
Two Shoprooms (10'x10')
Near Biju Patnaik College, Jayadev Vihar, Main Road, Bhubaneswar.
9938511622

AFFIDAVIT
I, MD. Mansur, S/o Late Wakil Ahamad resident of Old Post office lane, Plantsite, Rourkela, Pin-769001, Odisha, declare by this affidavit No. 34, date-26/12/2023 that now onwards I shall be known as **MANSUR AHAMED** for all future purposes.

### ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୫୧ତମ ଶ୍ରାଦ୍ଧ ଉତ୍ସବ ପାଳିତ

# ଓଡ଼ିଆ ଅସ୍ମିତା ରକ୍ଷା କରିବାକୁ ଆହ୍ୱାନ

**ପାରଳାଖେମୁଣ୍ଡି, ୨୫।୫(ସମିସ)**



ପ୍ରଗତି ମହିଳା ସଙ୍ଗଠନ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ସହରର ୟୁଟେକ୍ କମ୍ପ୍ୟୁଟର ଏଜୁକେଶନ ସେଣ୍ଟର୍‌ରେ ଶନିବାର ପୂର୍ବାହ୍ନରେ ସଭାପତି ଲୋକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୫୧ ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଥିଲା। ପ୍ରାତଃରେ ପ୍ରଗତିର ସମ୍ପାଦିକା ତନୁଜା ଶତପଥୀ ପ୍ରାକ୍ ସୂଚନା ଦେଇଥିଲେ। ସକାଳେ ଲୋକନାଥ ମିଶ୍ର, ଶରତ ପ୍ରଧାନ, ତନୁଜା ଶତପଥୀ, ବିଚିତ୍ରାନନ୍ଦ ବେବର୍ତ୍ତା ଓ ହରିମୋହନ ପଟ୍ଟନାୟକ ମହାରାଜାଙ୍କ ସମାଧି ପୀଠରେ ମାଲ୍ୟାର୍ପଣ ପରେ ୟୁଟେକ୍‌ରେ ସଭା ଏବଂ କୁଇଜ ତର୍କ ପ୍ରାଥମିକ ସ୍ତରରୁ କଲେଜ୍ ସ୍ତର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବିଜୟୀ ଛାତ୍ରଛାତ୍ରୀଙ୍କୁ ଆକର୍ଷଣୀୟ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହାରାଜାଙ୍କୁ ଆଦର୍ଶକୁ ଅନୁସରଣ କରି ଯୁବପିଢୀ ଓଡ଼ିଆ ଅସ୍ମିତା ସୁରକ୍ଷା ଦେବା ସାଙ୍ଗକୁ ମା, ମାଟି, ମାତୃଭୂମିକୁ ଜୀବନ ଠାରୁ ଅଧିକ ଭଲ ପାଇବା ହେଉଛି ଆଜିର ସ୍ମୃତିଚାରଣର ପ୍ରଧାନ ଲକ୍ଷ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି କୁହାଯାଇଥିଲରା। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତା, ମୁଖ୍ୟବକ୍ତା ଭାଗବତ ପାଢ଼ୀ, ବିଶିଷ୍ଟ ଅତିଥି ଭାବେ ହରିମୋହନ ପଟ୍ଟନାୟକ ଯୋଗ ଦେଇଥିଲେ। ସ୍ନେହା ବେହେରା ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ସମ୍ପାଦିକା ତନୁଜା ଶତପଥୀ ପ୍ରାକ୍‌ବକ୍ତା ଭାବେ ଏମାଟିର ଉତ୍ତର ପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ଭାଗବତ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶେଷରେ ତ୍ରିପତି ପ୍ରସାଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ମୁରଲୀଧର ପରିଚ୍ଛା, ପାୟଲ ପାତ୍ର, ସତ୍ୟବତୀ ଦାସ, ପଲକ୍ ପାତ୍ର, ସ୍ନେହ ବେହେରା ଓ ପ୍ରଣବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସହାୟତା ପ୍ରଦାନ



**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୫।୫(ସମିସ):** ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ପକ୍ଷରୁ ଦୁର୍ଘଟଣା ଜନିତ ସହାୟତା ରାଶି ପାଞ୍ଚ ହଜାର ଟଙ୍କା ରୀତା ମାଝୀଙ୍କୁ ପ୍ରଦାନ କରାଯାଇଛି। ରୀତା ଦାରିଙ୍ଗବାଡ଼ି ବ୍ଲକ ଝିଞ୍ଜିରିଗୁଡ଼ା ପଞ୍ଚାୟତ କଡ଼ମ୍ବା ଗ୍ରାମର। ସେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ସଦସ୍ୟ ଗ୍ରହଣ କରିଥିଲେ। ସୋସାଇଟି ତରଫରୁ ପଞ୍ଜୀକୃତ ଶ୍ରମିକଙ୍କୁ ବିଭିନ୍ନ ସହାୟତା। ନିତ୍ୟବ୍ୟବହାର୍ଯ୍ୟ ଜିନିଷ ୧୫ ପ୍ରତିଶତରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମୂଲ୍ୟରେ ଯୋଗାଇଦେବା, ୭୦ ବର୍ଷ ମଧ୍ୟରେ ଦୁର୍ଘଟଣା ଜନିତ ସହାୟତା ଟଙ୍କା ୫୦୦୦ ରୁ ୧ ଲକ୍ଷ ପର୍ଯ୍ୟନ୍ତ ଓ ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାରକୁ ଅନ୍ତେଷ୍ଟିକ୍ରିୟା ପାଇଁ ଟଙ୍କା ୨୦୦୦୦ ଟଙ୍କା ସହାୟତା ଦେବା ସହିତ ୧୦ ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ଦିଆଯିବାର ବ୍ୟବସ୍ଥା ରହିଛି। ସୂଚନା ପ୍ରକାରେ ଚଳିତ ମାସ ୮ ତାରିଖ ଦିନ ରୀତା ନିଜ ଘରେ କାମ କରୁଥିବା ସମୟରେ କାନ୍ଥ ପଡ଼ି ଗୁରୁତର ଆହତ ହୋଇଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସା ହୋଇଥିଲେ। ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ର କର୍ମକର୍ତ୍ତାଙ୍କୁ ଯୋଗାଯୋଗ କରି ଦୁର୍ଘଟଣା ସମ୍ପର୍କରେ ଖବର ଦେଇଥିଲେ। ବ୍ଲକ ମ୍ୟାନେଜର ଜିତେନ୍ଦ୍ର ମାଝୀ, ଝିଞ୍ଜିରିଗୁଡ଼ା ପଞ୍ଚାୟତର କାର୍ଯ୍ୟରତ ଏ.ବି.ଏମ୍ ଜଗନ୍ନାଥ ପାତ୍ର, ପିଇଓ ଅନିଲ ମାଝୀ, ବାପି ପୂଜାରୀ, ରଞ୍ଜନ ବେହେରାଦଳାଇ, ମୀନାକ୍ଷୀ ବଡ଼ମାଝୀ ଓ ସାରା ବଡ଼ମାଝୀ ବ୍ରହ୍ମପୁର ବଡ଼ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ଶନିବାର ଦିନ ଘରକୁ ଯାଇ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ପକ୍ଷରୁ ୫୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ସହ ସ୍ୱାସ୍ଥ୍ୟ ପାଇଁ ଜରୁରୀ ହେଲେ ୧ ଲକ୍ଷ ପର୍ଯ୍ୟନ୍ତ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୀନାକ୍ଷୀ ବଡ଼ମାଝୀ ଜିଲ୍ଲା ର ସମସ୍ତ ଶ୍ରମିକ ଶ୍ରେଣୀ ସଦସ୍ୟଙ୍କୁ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଦ୍ୱାରା ଏହି ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ।

### ● ଅବ୍ୟବସ୍ଥାରେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର

# ଏକ୍ସରେ ଓ ଜନ୍ମମୃତ୍ୟୁ ପ୍ରମାଣପତ୍ର ଗୃହରେ ଝୁଲୁଛି ତାଲା






**ମୋହନା, ୨୫।୫(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ରାଜ୍ୟର ଦ୍ୱିତୀୟ ବୃହତମ ବ୍ଲକ। ଏହି ବ୍ଲକରେ ୩୯ ପଞ୍ଚାୟତ ଥିବାବେଳେ ଅନେକ ଅଞ୍ଚଳ ଦୁର୍ଗମ। ଲୋକେ ସ୍ୱାସ୍ଥ୍ୟ ସେବା ସଠିକ ଭାବେ ପାଉ ନ ଥିବା ବେଳେ ଉନ୍ନତ ଚିକିତ୍ସା ପାଇଁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ମୋହନା ବ୍ଲକର ଜନ ସାଧାରଣ ସମେତ ପଡ଼ୋଶୀ ଜିଲ୍ଲା ରାୟଗଡ଼ା, କୋରାପୁଟ ଓ କନ୍ଧମାଳର ସୀମାବର୍ତ୍ତି ଅଞ୍ଚଳର ରୋଗୀ ରାତି ପାହିଲେ ମୋହନା ସ୍ୱାସ୍ଥକେନ୍ଦ୍ର ଉପରେ ଭରସା କରନ୍ତି। କାରଣ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ୩୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି। ପ୍ରତି ଦିନ ୧୦୦ରୁ ଉର୍ଦ୍ଧ୍ୱ ରୋଗୀ ଭରସା କରୁଥିବା ବେଳେ ଛୋଟ ବଡ଼ ଦୁର୍ଘଟଣାର ଶିକାର ରୋଗୀ ମଧ୍ୟ ଆସିଥାନ୍ତି। ହେଲେ ଡାକ୍ତର ରୋଗୀଙ୍କୁ ଏକ୍ସରେ ପାଇଁ ଲେଖିଲେ ସେମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କାରଣ ଏକ୍ସରେ ଗୃହରେ ସବୁବେଳେ ତାଲା ଝୁଲି ରହୁଥିବା ଦେଖାଯାଉଛି। ବହୁ ଅପେକ୍ଷା କରି ତାଲା ଝୁଲୁଥିବା ଦେଖି ନିରାଶରେ ଫେରି ଚଢ଼ା ଦରରେ ଏକ୍ସରେ ବାହାର କରିବାକୁ ବାଧ୍ୟ ହେଉଛନ୍ତି ରୋଗୀ। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦାମିକିଆ ଏକ୍ସରେ ମେସିନ ବସାଇଛନ୍ତି। ତାହା ରୋଗୀ ସେବାରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ମେସିନ କଳଙ୍କି ଖାଉଛି। ଦୀର୍ଘ ଦିନ ହେଲା ତାଲା ଝୁଲୁଥିବା ରୋଗୀ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜୀକରଣ କେନ୍ଦ୍ର ରହିଛି। ହେଲେ ଲୋକଙ୍କୁ ଠିକ ସମୟରେ ମିଳୁନି ପ୍ରମାଣପତ୍ର। ଅନେକ ସମୟରେ ଏହି କାର୍ଯ୍ୟାଳୟରେ ମଧ୍ୟ ତାଲା ଝୁଲି ରହୁଥିବା ଦେଖାଯାଉଛି। ଲୋକେ ପ୍ରମାଣପତ୍ର ନେବାପାଇଁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ସମସ୍ୟା ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କଲେ ସେ ଗୁରୁତ୍ୱ ଦେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟି ଦେଇ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

# ବିଦ୍ୟୁତ୍ ତାରରେ ନିଆଁ, ଲୋକେ ଛାନିଆଁ





**ରାୟଗଡ଼, ୨୫।୫(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ବାଣୀଶ୍ରୀ ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବିଦ୍ୟୁତ୍ ଖୁଣ୍ଟରେ ନିଆଁ ବାହାରିଥିଲା। ଏହା ଦେଖି ଲୋକେ ଜୀବନ ଭୟରେ ଦୌଡ଼ି ଥିଲେ। ବିଭାଗକୁ ଜଣାଇବା ପରେ ବିଦ୍ୟୁତ୍ ସେବା ବନ୍ଦ କରାଯାଇଥିଲା। କିଛି ସମୟ ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ନିଆଁ ଲିଭାଇବା ପାଇଁ ବିଭାଗୀୟ କର୍ମଚାରୀ କିମ୍ବା ସାଧାରଣ ଲୋକ ସାହସ କରିପାରିନଥିଲେ। ଶେଷରେ ଅଗ୍ନିଶମ ବାହିନୀକୁ ଜରୁରୀ କାଳୀନ ସେବା ନଂ ୧୧୨ ମାଧ୍ୟମରେ ଜଣାଇଥିଲେ। ଘଟଣାସ୍ଥଳ ମାତ୍ର ଦୁଇ କିମି ଦୂରତା ହୋଇଥିଲେ ହେଁ ଦୁଇ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବାରେ ବିଳମ୍ବ ଯୋଗୁଁ ଲୋକେ ଭୟଭିତ ହୋଇପଡ଼ିଥିଲେ। ଶେଷରେ ବାଧ୍ୟହୋଇ କିଛି ସାମାଜସେବୀ ବାଇକ୍ ଯୋଗେ ଅଗ୍ନିଶମ କେନ୍ଦ୍ରକୁ ଯାଇ ଜଣାଇଥିଲେ। କିଛି ସମୟ ପରେ ବିଭାଗୀୟ କର୍ମଚାରୀ ଆସି ନିଆଁକୁ ଲିଭାଇଥିଲେ। ବିଳମ୍ବରେ ଅଗ୍ନିଶମ ବାହିନୀ ପହଞ୍ଚିବାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗ ନିମ୍ନମାନର ବିଦ୍ୟୁତ୍ ତାର ଲଗାଇ ଥିବାରୁ ଏପରି ନିଆଁ ଲାଗିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ଗଜପତି ଜିଲ୍ଲାରେ ତାପମାତ୍ରା ୪୦ରୁ ଉପରେ ରହୁଥିବା ବେଳେ ରାୟଗଡ଼ ଅଞ୍ଚଳରେ ଗତ ଫେବୃଆରୀ ମାସରୁ ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଜାରି ରହିଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ଠାରୁ ଜାଣିବାକୁ ଚାହିଁଲେ ତାଙ୍କ ମୋବାଇଲ ବ୍ୟସ୍ତ ଥିବା ଜଣାପଡୁଛି। ଲୋକେ ଅନ୍ୟ ବିକଳ୍ପ ନ ପାଇ ଗରମରେ ଆଉଟୁ ପାଉଟୁ ହେବାକୁ ବାଧ୍ୟ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଚଳିତ ମାସ ୨୦ ତାରିଖରୁ ରାୟଗଡ଼ ସ୍ଥିତ ଓଡ଼ିଆ ସାହି ପକ୍ଷରୁ ସାତ ଦିନ ଧରି ମାଁ କମଳା ଦେବୀଙ୍କ ଘଟ ଯାତ୍ରା ଅନୁଷ୍ଠିତ ହେଉଛି। ବିଭିନ୍ନ ଗ୍ରାମରୁ ମା କମଳା ଦେବୀଙ୍କ ଆଶୀର୍ବାଦ ନେବାକୁ ଶତାଧିକ ବନ୍ଧୁ ପରିଜନ ଆସି ଆସିଥିବାବେଳେ ସ୍ଥାନୀୟ ବିଦ୍ୟୁତ ବିଭାଗର ଦାୟିତ୍ୱହୀନ କାର୍ଯ୍ୟ ଏବଂ ନିମ୍ନମାନର ବିଦ୍ୟୁତ ତାର ସଂଯୋଗକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

# ଠାକୁରାଣୀ ଯାତ୍ରାରେ ଭିଡ଼



**ଫୁଲବାଣୀ, ୨୫।୫(ସମିସ):** ମା ନାରାୟଣୀ ଠାକୁରାଣୀଙ୍କ ପ୍ରସିଦ୍ଧ ଦ୍ୱିବାର୍ଷିକ ଯାତ୍ରା ପଞ୍ଚଦଶ ଦିବସରେ ପହଞ୍ଚିଛି। ନିର୍ବାଚନ ସରଗରମ ଯୋଗୁଁ ଆରମ୍ଭରୁ ଧୀମା ପଡ଼ିଥିଲା ଯାତ୍ରା ଉତ୍ସାହ। ଏବେ ମତଦାନ ପ୍ରକ୍ରିୟା ସରିବା ପରେ ଜୋର ଧରିବାରେ ଲାଗିଛି ଯାତ୍ରା ଭିଡ। ମା ନାରାୟଣୀ ଠାକୁରାଣୀଙ୍କ ସହ ମା ବରାଳ ଦେବୀ, ମା ବ୍ୟାଘ୍ର ଦେବୀ, ମା ବ୍ରାହ୍ମଣୀ ଦେବୀ, ମା ଗ୍ରାମ ଦେବତୀ ଏବଂ ସର୍ବାଗ୍ରେ ମା କାଳୀଙ୍କ ନଗର ଭ୍ରମଣ ଜାରି ରହିଛି। ବିଭିନ୍ନ ଜାଗାରେ ବାଟ ପୂଜା ହେଉଛି। ଭକ୍ତଙ୍କ ଭିଡ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଯାତ୍ରା ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟ ଗୀତ ପ୍ରତିଯୋଗିତା ଆୟୋଜିତ ହେଉଛି। ଇତି ମଧ୍ୟରେ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି ମୀନାବଜାର। ସନ୍ଧ୍ୟାରେ ଯାତ୍ରା ପଡ଼ିଆରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଯାତ୍ରା କମିଟି ସଭାପତି ପି.ସୁଧାଂଶୁ ଶେଖର ସେନାପତି, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ ଓ ସାଂସ୍କୃତିକ ସମ୍ପାଦକ ଭି. ଲୋକନାଥ ରାଜୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ସେହିପରି ମାଙ୍କ ନଗର ଭ୍ରମଣରେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ହରିଶ୍ଚନ୍ଦ୍ର ମହାରଣା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ମହେନ୍ଦ୍ର ସୁବୁଦ୍ଧି ଏବଂ ପୂଜକ ସନ୍ତୋଷ ଦାସ, ପିତାମ୍ବର ପଣ୍ଡା, ନୀଳକଣ୍ଠ ମିଶ୍ର, ନାରାୟଣ ପଣ୍ଡା ଶ୍ରୀକାନ୍ତ ପଣ୍ଡା ଓ ପ୍ରକାଶ ପାଢ଼ୀ ପ୍ରମୁଖ ସହଯୋଗ କରୁଥିବା ଜଣାପଡ଼ିଛି।

### ମା' କୁରେଇଶୁଣୀ ଯାତ୍ରାର ଚତୁର୍ଥ ଦିବସ

# ଆକର୍ଷଣୀୟ ହେଉଛି ମାନସିକଧାରୀଙ୍କ ବେଶ

**ପାରଳାଖେମୁଣ୍ଡି, ୨୫।୫(ସମିସ):** ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରୀ ସାହିରେ ଅନୁଷ୍ଠିତ ମା' କୁରେଇଶୁଣୀଙ୍କ ଯାତ୍ରା ଶନିବାର ଚତୁର୍ଥ ଦିନରେ ପ୍ରବେଶ କରିଛି। ୧୧ ବର୍ଷ ପରେ ଏହି ଯାତ୍ରା ହେଉଥିବାରୁ ଓଡ଼ିଆ ଭଣ୍ଡାରୀ ସାହି ସମେତ ଅଞ୍ଚଳବାସୀଙ୍କ ସମାଗମ ହେଉଛି। ସନ୍ଧ୍ୟା ସମୟରେ ମାଙ୍କ ନଗର ପରିକ୍ରମା କରାଯିବା ସହ ସହ ଅସ୍ଥାୟୀ ମଣ୍ଡପରେ ରଖାଯାଉଛି। ଏଥି ଲାଗି ଚଳଚଞ୍ଚଳ ହୋଇପଡ଼ିଛି ସମଗ୍ର ଅଞ୍ଚଳ। ଏହି ଅଞ୍ଚଳର ଲୋକେ ଦୂରଦୂରାନ୍ତରେ ରହୁଥିଲେ ମଧ୍ୟ ୧୧ ବର୍ଷ ପରେ ମା'ଙ୍କ ଯାତ୍ରା ହେଉଥିବାରୁ ବହୁ ସଂଖ୍ୟାରେ ଆସିଛନ୍ତି। ପ୍ରତି ଦିନ ବିଭିନ୍ନ ସାଜସଜା ସହ ମାନସିକଧାରୀ ବିଭିନ୍ନ ବେଶରେ ନଗର ପରିକ୍ରମା କରୁଥିବା ଦେଖାଯାଉଛି। ଆଜି କଳା ରଙ୍ଗରେ ସଜେଇ ହୋଇ ଯୁବଗୋଷ୍ଠୀ ନଗର ପରିକ୍ରମା କରୁଥିବାର ଦେଖିବାକୁ ମିଳିଥିଲା। ସେହିପରି ସନ୍ଧ୍ୟାରେ ମା'କୁରେଇଶୁଣୀଙ୍କ ନଗର ପରିକ୍ରାମା ବା ଘଟ ପରିକ୍ରମା ଲାଗି ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିଲା। ସାତ ଦନି ବ୍ୟାପୀ ଏହି ଯାତ୍ରାର ଚତୁର୍ଥ ଦିନରେ ସୁଜିତ ଆଲୋକମାଳା, ରଙ୍ଗବେରଙ୍ଗ ବେଶଧାରୀ ମାନଙ୍କ ଗହଳି ବେଶ ଜମିଥିଲା ଦେଖାଯାଇଥିଲା।



# ଗୁରାଣ୍ଡି ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ

**ପାରଳାଖେମୁଣ୍ଡି, ୨୫।୫(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ବରିଷ୍ଠ ଶିକ୍ଷାବିତ୍ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରାଜେନ୍ଦ୍ର ରାଉତ ଗତ ବୈଠକର ଆଲୋଚିତ ବିଷୟବସ୍ତୁ ଉପରେ ଆଲୋକପାତ କରିଥିବା ବେଳେ ଶତବାର୍ଷିକୀ ମହୋତ୍ସବର ବଳକା ସଂଚିତ ଅର୍ଥର ବିନିଯୋଗ ତଥା ଗଠନ ମୂଳକ କାମ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଗାଁ ପୋଖରୀ ନିକଟରେ ଗୁରାଣ୍ଡିର ଗର୍ବ ଓ ଗୌରବର ୧୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ସ୍ତମ୍ଭ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ସେଠାରେ ପୁରାତନ ଛାତ୍ର ସଂସଦର ଅର୍ଥରେ ଏକ ସ୍ମୃତି ସ୍ତମ୍ଭ ସହିତ ରାଷ୍ଟ୍ର ପାଇଁ ସୀମାରେ ସହିଦ୍ ହୋଇଥିବା ମୁରଲୀ ଜେନାଙ୍କ ଏକ ସହିଦ୍ ସ୍ତମ୍ଭ ନିର୍ମାଣ ପାଇଁ ମଧ୍ୟ ସହମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ସ୍ଥାନରେ ଏକ ଆକର୍ଷଣୀୟ ପାର୍କ କରିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଥିଲା। କାମ ଆରମ୍ଭ ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁବାସ ପଣ୍ଡା, ପିତବାସ ସାମଲ, ଉମାଶଙ୍କର ପାତ୍ର, ବାସୁଦେବ ଦଳାଇ ଓ ଅର୍ଜୁନ ଦଳାଇ ଯୋଗ ଦେଇଥିବା ବେଳେ ରାଜେନ୍ଦ୍ର ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।



### ମୁଣ୍ଡଫଟା ଖରା

# ଆଶ୍ରୟ ନେବାକୁ ନାହିଁ ଯାତ୍ରୀ ବିଶ୍ରାମାଗାର

**ଜି.ଉଦୟଗିରି, ୨୫।୫(ସମିସ)**



ବାରମ୍ବାର ଦାବି ହେବା ସତ୍ତ୍ୱେ ସମ୍ପୁର୍ଣ୍ଣ ହେଉନି ଯାତ୍ରୀ ବିଶ୍ରାମାଗାର। ମୁଣ୍ଡ ଫଟା ଖରାରୁ ରକ୍ଷା ପାଇବା ପାଇଁ ଯାତ୍ରୀ ଏଣେତେଣେ ବୁଲୁଥିବା ବେଳେ ଏନଏସି ନିରବଦ୍ରଷ୍ଟା ସାଜିଛି। ଗ୍ରୀଷ୍ମ ପ୍ରବାହରେ ଲୋକେ ଛଟପଟ ହେଉଛନ୍ତି। କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ସହରରେ ଗୋଟିଏ ହେଲେ ଯାତ୍ରୀ ବିଶ୍ରାମାଗାର ନ ଥିବା ଯୋଗୁଁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ବହୁ ପୁରାତନ ଜି.ଉଦୟଗିରି ସହରରେ ଯାତ୍ରୀ ବିଶ୍ରାମାଗାର ନ ଥିବା କାରଣରୁ ଅନେକ ସମାଲୋଚନାର ଶିକାର ହେବା ପରେ କିଛି ମାସ ପୂର୍ବେ ତହସିଲ ସଂଲଗ୍ନ ପାଚେରି ନିକଟରେ ଆରମ୍ଭ ହୋଇଥିଲା ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାମ। କିନ୍ତୁ ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇପାରି ନାହିଁ। ମାସମାସ ଧରି କାମ ବନ୍ଦ ରହିବା ଫଳରେ ଏବେ ଏହା ପରିସ୍ରାଗାର ପାଲଟିଛି। ତହସିଲ କାର୍ଯ୍ୟାଳୟକୁ ଲାଗି ନିର୍ମାଣାଧିନ ଏହି ଯାତ୍ରୀ ବିଶ୍ରାମାଗାର ଯେଉଁ ଉଦେଶ୍ୟ ନେଇ ନିର୍ମାଣ ହେଉଛି ତାହା ପୂରଣ ହୋଇପାରୁନାହିଁ। ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ବେଳେ ନିକଟରେ ଥିବା ଥଣ୍ଡା ପାନୀୟ ଜଳକୁ ବ୍ୟବହାର କରିବାକୁ ଲୋକେ ନାକ ଟେକୁଛନ୍ତି। ଜି.ଉଦୟଗିରି ସହରରେ ଖରା, ବର୍ଷା, ଶୀତରୁ ରକ୍ଷା ପାଇବାକୁ ଯାତ୍ରୀ ବିଶ୍ରାମାଗାର ନ ଥିବା ଯୋଗୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଥିବା ବେଳେ ଅତ୍ୟାବଶ୍ୟକ ହେଉଥିବା ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ଏତେ ମନ୍ଥରତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୋରୁଚାଲାଣ ଅଭିଯୋଗରେ ୨ ଗିରଫ

**ହୁମ୍ମା,୨୫।୫(ସମିସ):** ରମ୍ଭା ଥାନା ଅନ୍ତର୍ଗତ ହୁମ୍ମା ଫାଣ୍ଡି ଅଞ୍ଚଳରେ ଗୋରୁ ଚାଲାଣ। ଅଭିଯୋଗ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ପୁଲିସ ଦୁଇ ଗୋରୁ ଚାଲାଣକାରୀଙ୍କୁ ପୋଲିସ ଗିରଫ କରିଛି। ଗତ ଗୁରୁବାର ବିଳମ୍ବିତ ରାତ୍ର ୧୦.୩୦ ମିନିଟ ସମୟରେ ଗୋଟିଏ ପିକଅପ (ଓଡ଼ି ୦୭ ଏଫ ୪୬୯୫) ସାହାଯ୍ୟରେ ଡ୍ରାଇଭର ଓ ତାଙ୍କ ସହଯୋଗୀ ଅନୁମାନୁଷିକ ଭାବେ ଦୁଇ ଗୋରୁଙ୍କୁ ଚାଲାଣ କରୁଥିଲେ। ଅଭିଯୋଗ ପରେ ହୁମ୍ମା ଫାଣ୍ଡି ଅଧିକାରୀ ବିମଳ କହଁର ଓ ତାଙ୍କ ପୁଲିସ କର୍ମଚାରୀ ଚଢ଼ଉ କରି ଘଟଣା ସ୍ଥଳରୁ ଗୋରୁମାନଙ୍କୁ ଉଦ୍ଧାର କରିବା ସହ ଡ୍ରାଇଭର ଓ ସହଯୋଗୀଙ୍କୁ ଗିରଫ କରିଛି ।ଅଭିଯୋଗକାରୀ ଜଣଙ୍କ ଅଭିଯୋଗ ଅନୁଯାୟୀ ରମ୍ଭା ଥାନାରେ କେଶ ନଂ:୩୨୪/୨୪ ମାମଲା ରୁଜୁ କରିଛି ପୋଲିସ।

## ରାତି ୮ଟାରୁ ଦୋକାନ ବଜାର ବନ୍ଦ ନିର୍ଦ୍ଦେଶ



**ଖଲ୍ଲିକୋଟ,୨୫।୫(ସମିସ):** ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ପାଇଁ ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଖଲ୍ଲିକୋଟ ପୁଲିସ ନେଲା ବଡ଼ ପଦକ୍ଷେପ। ରାତି ୮.୩୦ରୁ ଖଲ୍ଲିକୋଟ ଥାନା ଅଞ୍ଚଳରେ ସମସ୍ତ ଦୋକାନ ବଜାର ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡାକବାଜି ଯନ୍ତ୍ର ଯୋଗେ ଶନିବାର ପୁଲିସ ଏହି ଘୋଷଣା କରିଛି। ଏହି ନିୟମ ଶନିବାର ଠାରୁ ଆରମ୍ଭ ହୋଇ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି। ଆଜି ସନ୍ଧ୍ୟାରେ ଏଥିପାଇଁ ହତ୍ୟା ଘଟଣା ଘଟିଥିବା ଶ୍ରୀକୃଷ୍ଣ ଶରଣପୁର ଗ୍ରାମ ସହିତ ବିଭିନ୍ନ ଅଞ୍ଚଳରେ ପୁଲିସ ଫୋର୍ସ ଫ୍ଲାଗ ମାର୍ଚ୍ଚ କରିଛି।

■ ମା'ରାମାୟଣାମ୍ମାଙ୍କ ଯାତ୍ରା ପ୍ରସ୍ତୁତି

# ମିଳିଲା ବ୍ୟାଘ୍ରଦେବୀଙ୍କ ଆଜ୍ଞାମାଳ



**ଛତ୍ରପୁର,୨୫।୫(ସମିସ):** ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା'ରାମାୟଣାମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକୀ ଯାତ୍ରା ଆସନ୍ତା ୨୭ରୁ ଆରମ୍ଭ ହେବ । ପ୍ରଥା ଅନୁସାରେ ମା'ବ୍ୟାଘ୍ରଦେବୀ ଠାକୁରାଣୀଙ୍କ ଯାତ୍ରା ପରେ ହିଁ ଛତ୍ରପୁର ସହରରେ ମା'ରାମାୟଣାମ୍ମାଙ୍କ ଯାତ୍ରା ଅନୁଷ୍ଠିତ ହୁଏ। କିନ୍ତୁ ଚଳିତ ବର୍ଷ ନିର୍ବାଚନର ପର୍ବ ରହିଥିବାରୁ ମା'ବ୍ୟାଘ୍ରଦେବୀଙ୍କ ଯାତ୍ରା ହେବାରେ ବିଳମ୍ବ ହୋଇଛି। ସାଧାରଣତଃ ମା'ବ୍ୟାଘ୍ରଦେବୀଙ୍କ ଯାତ୍ରା ପୁଲିସ ପକ୍ଷରୁ ଆୟୋଜିତ ହୋଇଥାଏ। ନିର୍ବାଚନ ଏବଂ ଭୋଟ ଗଣିତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମା'ବ୍ୟାଘ୍ରଦେବୀଙ୍କ ଯାତ୍ରା ବିଳମ୍ବରେ ଅନୁଷ୍ଠିତ ହେବ। ଏଣୁ ମା'ରାମାୟଣାମ୍ମା ଠାକୁରାଣୀ ଯାତ୍ରା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ମା'ବ୍ୟାଘ୍ରଦେବୀଙ୍କ ଅନୁମତି ତଥା ଆଦେଶ ଗ୍ରହଣ କରାଯାଇଛି। ଶନିବାର ମା'ରାମାୟଣାମ୍ମା ଠାକୁରାଣୀ ଯାତ୍ରା କମିଟିର ମ୍ୟାନେଜର ସିଏଚ୍.ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ଶତାଧିକ ପୂଜା କମିଟିର ସଦସ୍ୟମାନେ ଚଣ୍ଡିଛକ ସ୍ଥିତ ମା'ରାମାୟଣାମ୍ମାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରା ମାଧ୍ୟମରେ ପୁରୁଣା ପୁଲିସ୍ ଲାଇନ୍ ସ୍ଥିତ ମା'ବ୍ୟାଘ୍ରଦେବୀ ମନ୍ଦିର ଠାରେ ପହଞ୍ଚିଥିଲେ। ସେଠାରେ ମା'ରାମାୟଣାମ୍ମା ଠାକୁରାଣୀ ଯାତ୍ରା ଆରମ୍ଭ କରିବା ପାଇଁ ମା'ବ୍ୟାଘ୍ରେଦେବୀଙ୍କ ଠାରୁ ଆଜ୍ଞା ଲୋଡାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଠାକୁରାଣୀ ଯାତ୍ରା କମିଟି ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍.ସମରେନ୍ଦ୍ର ସେନାପତି, ଏସ୍. କ୍ରିଷ୍ଣା ରାଓ, କୋଷାଧ୍ୟକ୍ଷ ପି.ରାଜୁ ରେଡ୍ଡୀ, ଏନ୍.ଦୁର୍ଗା ପ୍ରସାଦଙ୍କ ସମେତ ବହୁ ସଦସ୍ୟ ସାମିଲ ଥିଲେ।

■ ଯୁବକଙ୍କୁ ଆକ୍ରମଣ

## ଦୁଇ ଆକ୍ରମଣକାରୀଙ୍କ ଆତ୍ମସମର୍ପଣ

**ଛତ୍ରପୁର,୨୫।୫ (ସମିସ) :** ଛତ୍ରପୁର ଥାନା ଅନ୍ତର୍ଗତ ପୋଟଲାମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କୌଣସି କାରଣ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଭାବେ ଆକ୍ରମଣ କରିଛନ୍ତି ୨ ଜଣ ଆକ୍ରମଣ କାରୀ । ପରେ ତାଙ୍କୁ ମୃତ ଭାବି ଛାଡ଼ିଦେଇ ଛତ୍ରପୁର ଥାନାରେ ଆତ୍ମ ସମର୍ପଣ କରିଛନ୍ତି ଉଭୟ। ସୂଚନା ଅନୁସାରେ, ଶନିବାର ପୋଟଲାମପୁର ଗ୍ରାମର କେଶବ ନାହାକଙ୍କ କାଳୁ ତୋଟାକୁ କେନ୍ଦ୍ର କରି ସେହି ଗ୍ରାମର ଦୁଇ ଜଣ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ମୃତ ହୋଇଯାଇଥିବା ଭାବି ଫୋପାଡ଼ି ଚାଲିଯାଇଥିଲେ । ପରେ ଛତ୍ରପୁର ଥାନାକୁ ଆସି ସେମାନେ ଆତ୍ମ ସମର୍ପଣ କରିଥିଲେ । ଅନ୍ୟପଟେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କେଶବଙ୍କୁ ତାଙ୍କ ମାମୁ ଓ ସମ୍ପର୍କୀୟ ଲୋକେ ଉଦ୍ଧାର କରି ପ୍ରଥମେ ମୁନିସିପେଣ୍ଟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡିକାଲକୁ ପଠାଇଛନ୍ତି। କେଶବଙ୍କ ଅବସ୍ଥା ଗୁରୁତର ଅଛି । ଏନେଇ କେଶବଙ୍କ ମାମୁ ପଙ୍କଜ ତରେଇ ଘଟଣା ସମ୍ପର୍କରେ ଲିଖିତ ଭାବେ ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଛତ୍ରପୁର ଥାନା ପୁଲିସ ଘଟଣାର ସରଜମିନ ତଦନ୍ତ କରି ଭାଗିରଥି ପଲାଇ ଓ ମହେଶ୍ୱର ପଲାଇକୁ ଗିରଫ କରିଥିବା ସୂଚନା ମିଳିଛି।

## ଗଞ୍ଜେଇ ନିଶାରେ ଦୁଇ ନାବାଳକଙ୍କ ଉନ୍ମତ୍ତକାଣ୍ଡ

**କାଶୀନଗର,୨୫।୫(ସମିସ):** ଗଜପତି ଜିଲ୍ଲା କାଶୀନଗରରେ ଚାଞ୍ଚଲ୍ୟକର ଘଟଣା ଘଟିଛି। ଭେଙ୍କେଟେଶ୍ୱର ମନ୍ଦିର ସାମନା ସାହିର ଶେଷରେ ଥିବା ଏକ ପଡିଆରେ ସ୍ଥାନୀୟ ଦୁଇ ନାବାଳକଙ୍କ ମଧ୍ୟରେ ମରଣାତ୍ମକ ଆକ୍ରମଣ ହୋଇଥିବା ଜଣାପଡିଛି। ଦୁଇ ନାବାଳକ ସବୁବେଳେ ଗଞ୍ଜେଇ ନିଶା ସେବନ କରିଥିବା ସ୍ଥାନୀୟ ଯୁବକ କହିଥିବା ବେଳେ, ଶନିବାର ନିଶା ସେବନ କରିବା ପରେ ଉଭୟଙ୍କ ଭିତରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ସେମାନେ ବ୍ଲେଡ୍ ଓ ଛୁରୀରେ ପରସ୍ପରକୁ ଆକ୍ରମଣ କରିଥିଲେ। ସେମାନେ ସବୁବେଳେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଞ୍ଚଳବାସୀ କହିଛନ୍ତି। ଉଭୟ ଉଭୟଙ୍କୁ ଆକ୍ରମଣ କରି ଛୁରୀ ଓ ବ୍ଲେଡରେ ପରସ୍ପରର ବେକ କାଟିଥିବା କୁହାଯାଇଛି। ଏହି ଘଟଣା ପରେ ପରିବାର ଲୋକେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସେମାନଙ୍କୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ ସେମାନଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ଘଟଣା ସ୍ଥଳରେ କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ପହଞ୍ଚି ସେଠାରୁ ଗୋଟେ ଛୁରୀ ଓ ବ୍ଲେଡ ଜବତ କରି ଅଧିକ ତଦନ୍ତ କରୁଛନ୍ତି। ଏଭଳି ଘଟଣା କାଶୀନଗର ଅଞ୍ଚଳରେ ପ୍ରଥମ ଥର ହେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ନିଶା ସେବନରେ ବହୁ ନାବାଳକ ସାମିଲ ଥିବାବେଳେ ଏମାନଙ୍କୁ କିଏ ଏହି ନିଶାଦ୍ରବ୍ୟ ଯୋଗାଉଛି ତାହା ଜଣାପଡିନି।

## ପଟ୍ଟାଙ୍ଗି ଜିଲ୍ଲା ପରିଷଦ ଓ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ମାତୃ ବିୟୋଗ

ପଟ୍ଟାଙ୍ଗି, ୨୫।୫(ସମିସ): ପଟ୍ଟାଙ୍ଗି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଜୋନ୍-୨ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା ଏବଂ ପୂର୍ବତନ ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷ ଶୁକ୍ରା ଖରାଙ୍କ ମାତୃ ଡମ୍ବାଇ ଖରାଙ୍କର ନିଜ ବାସଭବନରେ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ



ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ମଣ୍ଡଳଗୁଡ଼ା ଗ୍ରାମରେ ରହିଥିବା ନିଜ ବାସଭବନରେ ରହୁଥିଲେ। ଶୁକ୍ରବାର ପ୍ରାୟ ଦିନ ୨ଟା ସମୟରେ ଶୌଚ ହେବା ନିମନ୍ତେ ଘର ନିକଟରେ ରହିଥିବା ଶୌଚାଳୟକୁ ଯାଇଥିଲେ। ସେଠାରେ ସେ ଗୋଡ଼ ଖସିଯିବାରୁ ପଡ଼ି ଯାଇଥିଲେ। ଏହାପରେ ସେ ପରିବାର ବର୍ଗଙ୍କୁ ଡାକିବାରୁ ପରିବାର ବର୍ଗ ଆସି ତାଙ୍କୁ ଉଠାଇ ଘରକୁ ଆଣିଥିଲେ। ଘରକୁ ଆଣିବା ପରେ ତାଙ୍କ ପ୍ରାଣବାୟୁ ଚାଲିଯାଇଥିବା ନେଇ ପରିବାର ବର୍ଗ ସୂଚନା ଦେଇଛନ୍ତି। ଶନିବାର ତାଙ୍କ ପରିବାର ବର୍ଗ ଆସି ପହଞ୍ଚିଥିଲେ। ଖବର ପାଇ କୋରାପୁଟ ବିଧାୟକ ରଘୁରାମ ପଡାଲ୍, ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସେମିଳିଗୁଡ଼ା ବ୍ଲକ୍ ସଭାପତି ରାମ ଅଣ୍ଟାବିରିଆ, ସେମିଳିଗୁଡ଼ା ବିଜେଡି ଯୁବ ସଭାପତି ଅର୍ଜୁନ ନାୟକ, ପଟ୍ଟାଙ୍ଗି ବିଜେଡି ଯୁବ ସଭାପତି ପ୍ରଦୀପ କୁମାର ପଣ୍ଡା, ନନ୍ଦପୁର ଯୁବ ସଭାପତି କୃଷ୍ଣ ଚନ୍ଦ୍ର ଗୁଣ୍ଡା ଏବଂ ବିଭିନ୍ନ ଦଳର କର୍ମୀ, ବନ୍ଧୁବାନ୍ଧବ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗି କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବାବେଳେ ଉକ୍ତ ଘଟଣା ନେଇ ସୂଚନା ପାଇବା ପରେ ଫୋନ୍ ଯୋଗେ ପଟ୍ଟାଙ୍ଗି ବ୍ଲକ୍ ଜୋନ୍-୨ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା ଏବଂ ପୂର୍ବତନ ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷ ଶୁକ୍ରା ଖରାଙ୍କ ସହ ଯୋଗାଯୋଗ କରି ଶାନ୍ତ୍ୱନା ଦେଇଥିବା ନେଇ ଜଣାପଡ଼ିଛି। ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ପୋଡ଼ାପଡ଼ାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ଉଦ୍ଯାପିତ



**ଫିରିଙ୍ଗିଆ,୨୫।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ପୋଡାପଡା ଗାଁରେ ଚାରିଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରଭୁ ନୃସିଂହ ଠାକୁରଙ୍କ ବାର୍ଷିକ ଚନ୍ଦନ ଯାତ୍ରା ଉଦଯାପିତ ହୋଇଛି । ଗାଁରେ ଚନ୍ଦନ ଯାତ୍ରା ବହୁ ବର୍ଷ ପୂର୍ବରୁ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଯାତ୍ରା କମିଟି ତରଫରୁ ଧୁମଧାମରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାତ୍ରାର ପ୍ରଥମ ଦିନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଚାରିଦିନ ଧରି ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରୁ ୨୭ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ରତଙ୍ଗ ପଞ୍ଚାୟତ ସେଷ୍ଟାଯୋଡି ଗାଁ କଳାକାରଙ୍କ ଦ୍ୱାରା ରଜା ନାଟକ ପାରିବେଷିତ ହୋଇଥିବା ବେଳେ ଉଦଯାପନୀ ଉତ୍ସବ ରାତିରେ ପଡୋଶୀ ବନ୍ଧଗଡ଼ ଗାଁର କଳାକାରଙ୍କ ଦ୍ୱାରା ପୌରାଣିକ ନାଟକ ସମ୍ପୂର୍ଣ୍ଣ ମହାଭାରତ ମଞ୍ଚସ୍ଥ ହୋଇଥିଲା । ଯାତ୍ରା କମିଟି ସଭାପତି ଅନାଦି ଭୁକ୍ତାଙ୍କ ସଭାପତିତ୍ୱରେ ମଞ୍ଚସ୍ଥ ନାଟକର ମଞ୍ଚ ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ତଥା ବିଜେଡି ବିଧାୟକ ପ୍ରାର୍ଥୀନୀ ଜୟଶ୍ରୀ କହଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରତଙ୍ଗ ସରପଞ୍ଚ ପାର୍ବତୀ ମଳିକ, ବିଜେଡି ବ୍ଲକ ସଭାପତି ରଜନୀକାନ୍ତ ମଳିକ, ଜିଲ୍ଲାପରିଷଦ ସଭ୍ୟ ନୀଳଗିରି ଦିଗାଲ, ବିଜେଡି ବ୍ଲକ ଉପସଭାପତି ପ୍ରଦୀପ କୁମାର ବେହେରା, କଳାକାର ସଙ୍ଘ ସଭାପତି ଅକ୍ଷୟ କୁମାର କର୍ଣ୍ଣ, ଯୁବ ବିଜେପି ନେତା ରଘୁପତି କହଁର ଯୋଗ ଦେଇଥିଲେ। ନାଟକର ନିର୍ଦ୍ଦେଶକ ଅର୍ଜୁନ ସେଠି, ବରିଷ୍ଠ ଶିକ୍ଷାବିତ ତ୍ରିନାଥ କହଁର ଓ ପ୍ରଦୀପ କୁମାର ସାହୁଙ୍କ ସହ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଯାତ୍ରା କମିଟି ସମ୍ପାଦକ ଅଶୋକ ପ୍ରଧାନ, ସହ ସମ୍ପାଦକ ବିଦ୍ୟାଧର ଅମାତ, କୋଷାଧକ୍ଷ ଗୁଲୁ କହଁରଙ୍କ ସହ ଯାତ୍ରା କମିଟି ସଦସ୍ୟ କୁଳମଣୀ ପ୍ରଧାନ, ସନ୍ତୋଷ ଭୁକ୍ତା, ହେମନ୍ତ ବିଶୋଇ, ପ୍ରମୋଦ ପ୍ରଧାନ, ଜଗନ୍ନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଗାଁର ବସନ୍ତ ଭୁକ୍ତା ପୂଜାକର୍ତ୍ତା ଭାବରେ ଉପସ୍ଥିତ ଥିବାବେଳେ ଅଂଚଳର ଜଣାଶୁଣା ପୂଜକ ବଳରାମ ନନ୍ଦ ପୂଜା କାର୍ଯ୍ୟ ଦାୟିତ୍ୱ ନେଇଥିଲେ । ଚାରିଦିନ ଧରି ଯାତ୍ରା ପାଇଁ ପ୍ରବଳ ଗହଳି ଦେଖିବାକୁ ମିଳିଥଲା।

## ଗୁଣି ଗାରେଡ଼ି ସନ୍ଦେହରେ ଆକ୍ରମଣ, ୩ ଗିରଫ

**ଫିରିଙ୍ଗିଆ,୨୫।୫(ସମିସ):** ଗୁଣିଗାରେଡି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ବ୍ୟକ୍ତି ଜଣକ ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଲୁହୁରସାହି ଗ୍ରାମରେ । ଘଟଣା କ୍ରମେ ଗୁଣିଗାରେଡି ସନ୍ଦେହରେ ଲୁହୁରୁସାହିର କିଛି ଲୋକ କାସିନିପଦର ପଞ୍ଚାୟତ ଭାଲୁରୁଗାଁରୁ ଖଟ ଦେବତା ଡକାଇଥିଲେ। ଖଟ ଦେବତା ଉଭା ହୋଇ ଗ୍ରାମର ଅପି ବିନ୍ଧାଣି ଗୁଣି କରୁଥିବା ନେଇ ଚିହ୍ନଟ କରିଥିଲା। ପରେ ଉତ୍ତ୍ୟକ୍ତ ଲୋକ ଅପି ବିନ୍ଧାଣିଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଅପି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପରିବାର ପକ୍ଷରୁ ଏନେଇ ଗୋଛାପଡା ଥାନାରେ ଏତଲା ଦିଆଯାଇଛି। ଏତଲା ଆଧାରରେ ପୁଲିସ ଶିବ ବିନ୍ଧାଣି, ପୈଠ ବିନ୍ଧାଣି ଓ ମିଲୁ ବିନ୍ଧାଣିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗୁଣିଗାରେଡିକୁ ନେଇ ବିଭିନ୍ନ ସମୟରେ ହତ୍ୟା ଘଟଣା ଘଟୁଥିବାରୁ ଖଟ ଦେବତା ଅଣାଯାଇଥିବା ଖବର ପାଇ ସଲାଗୁଡା ସରପଞ୍ଚ ରୋହିତ କହଁର ଏ ସମ୍ପର୍କରେ ଗୋଛାପଡା ଥାନାରେ ଖବର ଦେଇଥିଲେ । କିନ୍ତୁ ପୁଲିସ ପହଞ୍ଚି ନ ଥିଲା। ପୁଲିସର ଖାମଖିଆଲି ମନୋଭାବ ଯୋଗୁ ଅପିଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ଖବର ଦିଆଯାଇଥିଲେ ମଧ ପୁଲିସ ଠିକ୍ ସମୟରେ ପହଞ୍ଚି ପାରୁନାହିଁ ବୋଲି ସରପଞ୍ଚ ଶ୍ରୀ କହଁର କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଯେଉଁମାନେ ସଂପୃକ୍ତ ଅଛନ୍ତି ପୁଲିସ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ସରପଞ୍ଚ କହିଛନ୍ତି। ପ୍ରକାଶ ଥାଉକି ଚଳିତ ବର୍ଷ ମାର୍ଚ୍ଚ ୯ ତାରିଖରେ ଗୁଣିଗାରେଡି ସନ୍ଦେହରେ ଗୋଛାପଡା ଥାନା ଲୁଇ ସିଂ ପଞ୍ଚାୟତ ଗୁମାଲଦଣି ଗ୍ରାମର ୱାର୍ଡସଭ୍ୟ ଦମ୍ପତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଗୁଣିଗାରେଡିକୁ ବିଶ୍ୱାସ ରଖୁଥିବା ଏହି ଅଞ୍ଚଳ ପ୍ରତି ପୁଲିସ ଅଧିକ ଯତ୍ନବାନ ହେବା ଆବଶ୍ୟକ । ତାହା ନ ହେଲେ ଗୁଣିଗାରେଡି ସନ୍ଦେହରେ ଅନେକ ନୀରିହ ଲୋକଙ୍କର ପ୍ରାଣହାନି ଘଟିବ ବୋଲି କୁହାଯାଉଛି।

# ବିହନ ସଂରକ୍ଷଣ ପାଇଁ ଶପଥ ନେଲେ ଚାଷୀ

**କାଶୀପୁର,୨୫।୫(ସମିସ)**



ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ମାଣ୍ଡିବିଶି ପଞ୍ଚାୟତର ମିଟକେଶ ଗ୍ରାମଠାରେ ଶତାଧିକ ଚାଷୀଙ୍କୁ ନେଇ ଏକ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବ୍ଲକର ସୁଙ୍ଗେର, ସିରିପାଇ, ସଙ୍କରଦା, ସିନ୍ଦୂର ଘାଟି, ଆଡାଯୋର, ତଳଝିରି ଓ ମାଣ୍ଡିବିଶି ଆଦି ପଞ୍ଚାୟତର ଚାଷୀମାନେ ନିଜ ନିଜ ପାଖରେ ଥିବା ଦେଶୀ ଧାନ ଓ ମାଣ୍ଡିଆ ଜାତୀୟ ବିହନ ଆଣି ଅଦଳବଦଳ କରିବା ଉଦ୍ଦେଶ୍ୟରେ ବିହନ ମେଳାକୁ ଆସିଥିଲେ। ବିହନ ହିଁ ଖାଦ୍ୟ ସୁରକ୍ଷାର ମୂଳଭିତ୍ତି। ବିହନ ସଂରକ୍ଷଣ ନ ହେଲେ ଖାଦ୍ୟ ସୁରକ୍ଷା ବିପନ୍ନ ହୋଇଯିବ। ସମୟ ଥିଲା କାଶୀପୁର ଅଞ୍ଚଳରେ ଅନେକ ପ୍ରକାର ଦେଶୀ ଧାନ ଓ ମାଣ୍ଡିଆ ଜାତୀୟ ବିହନ ଥିଲା। ସେଗୁଡ଼ିକରେ ସାର, ବିଷ ଆବଶ୍ୟକ ପଡୁ ନ ଥିବାବେଳେ ଉତ୍ପାଦିତ ଖାଦ୍ୟର ବି ଗୁଣବତ୍ତା ବଜାୟ ରହୁଥିଲା ଓ ସ୍ୱାଦିଷ୍ଟ ଥିଲା। ସେହି ପୁରୁଣା ବିହନଗୁଡ଼ିକର ଜଳବାୟୁ ସହଣୀ ଶକ୍ତି ବି ଅଧିକ ଥିଲା। କିନ୍ତୁ ବର୍ତ୍ତମାନ ସେହି ସବୁ ପୁରୁଣା ବିହନ ବୁଡ଼ିଗଲାଣି। ଚାଷୀମାନେ ଚାଷ ପାଇଁ ବଜାର ନ ହେଲେ ସରକାରଙ୍କ ଉପରେ ନିର୍ଭର କରୁଛନ୍ତି। ଏହା ଦ୍ୱାରା ଆମ ଚାଷ ଓ ଖାଦ୍ୟର ନିୟନ୍ତ୍ରଣ ବଜାର ହାତକୁ ଚାଲିଯାଉଛି।

ଅତୀତରେ ଥିବା ସେହି ସବୁ ବିହନକୁ ଫେରାଇ ଆଣିବା ପାଇଁ ତଥା ବିହନ ସଂରକ୍ଷଣ ଅଭ୍ୟାସ ବଢ଼େଇବା ପାଇଁ ବିହନ ଅଦଳବଦଳର ଅଭ୍ୟାସ ପୁନଃସ୍ଥାପନ କରିବାକୁ ହେବ। ସେହି ଲକ୍ଷ୍ୟରେ ଲିଭିଙ୍ଗ ଫାର୍ମସ୍ ଅନୁଷ୍ଠାନ ସହାୟତାରେ ଅନୁଷ୍ଠିତ ହୋଇଥିବା ବିହନ ମେଳାରେ ଶତାଧିକ ଚାଷୀ ନିଜ ନିଜ ଭିତରେ ଦେଶୀ ବିହନ ଅଦଳବଦଳ କରିଥିଲେ। କଳା ଧାନ, ବାସନା ଧାନ, କମ୍ ଅବଧିର ଧାନ, ସୁଆଁ, ଡଙ୍ଗର କୋଶଳ, କାଙ୍ଗୁ ଆଦି ବିହନକୁ ଅଧିକାଂଶ ଚାଷୀ ପସନ୍ଦ କରିଥିଲେ। ସେହି ସବୁ ବିହନକୁ ରଖି ଆସନ୍ତା ବର୍ଷକୁ ପୁଣି ଅଧିକ ଚାଷୀଙ୍କୁ ଦେବା ପାଇଁ ଚାଷୀମାନେ ମତ ରଖିଥିଲେ। ଲିଭିଂ ଫାର୍ମର ସଂଯୋଜକ ଅନିଲ ଲିମା, ସତ୍ୟବ୍ରତ ଦାସ, ଜଗନ୍ନାଥ ମାଝୀ, ଜଗନ୍ନାଥ ସେଠୀ, ସୁକାନ୍ତ ନାୟକ, ପବିତ୍ର ନେମାଳପୁରୀ, ଅନ୍ତର୍ଯ୍ୟାମୀ ରାୟ, ବେଣୁଧର, କାନ୍ଦୁରୁ ସରକା, ଲଳିତା, ସବିତା ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଦେବଦୁଲାଲ, ଲୋକନାଥ ରାଉତ, ଅଜୟ ସାହୁ, ସ୍ଥାନୀୟ ଚାଷୀ ରୂପାଲି ମାଝୀ, ଦୁମେଙ୍ଗ ମାଝୀ, ମଙ୍ଗଳ ଦେଇ, ଲଚିଙ୍ଗ ଦେଇ ଆଦି ଅତିଥି ଭାବେ ଯୋଗଦେଇଥିଲେ।

# ଜନ୍ମ ଦିନ ଅବସରରେ ରକ୍ତଦାନ ଶିବିର

**ସେମିଳିଗୁଡ଼ା/ଦାମନଯୋଡ଼ି,୨୫।୫(ସମିସ):** ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ନଳିନୀକାନ୍ତ ସେନାପତିଙ୍କ ନାତୁଣୀ ନିଭିଷାର ଜନ୍ମ ଦିନଙ୍କୁ ଏକ ନିଆରା ଢଙ୍ଗରେ ରକ୍ତଦାନ ଶିବିର ଆୟୋଜନ ପୂର୍ବକ ପାଳନ କରିଛନ୍ତି। ଶନିବାର ମାଥାଲପୁଟ ସ୍ଥିତ ନିଜ ବାସଭବନଠାରେ ସେନାପତି ପରିବାର ଏବଂ ଓଡ଼ିଶା ରକ୍ତଦାତା ମହାସଂଘର ମିଳିତ ଆନୁକୂଲ୍ୟରେ କୋରାପୁଟର ରକ୍ତ ଭଣ୍ଡାର ଦ୍ୱାରା ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ତାଙ୍କ ପୁତ୍ର ସୌମ୍ୟକାନ୍ତ ସେନାପତି ଓ ପୁତ୍ରବଧୂ ବର୍ଷା ରକ୍ତଦାନ ଶିବିର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁ ଓ ସଭ୍ୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଅଶୋକ ମହାନ୍ତି ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ରକ୍ତ ଭଣ୍ଡାରର ଲ୍ୟାବ୍ ଟେକ୍ନିସିଆନ ରଞ୍ଜିତ ସାହୁ ଓ ରବିନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ଶିବିରରେ ୩୨ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ନଳିନୀକାନ୍ତ ସେନାପତି, ଡ. ନିରୋଦ ପ୍ରଧାନ, ମୁନା, ଯୁମେଶ, ସନ୍ତୋଷ ମହାନ୍ତି ଓ ବର୍ଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ବ୍ଲଡ୍ ଫେଡେରେସନ୍ ଅଫ୍ ଓଡ଼ିଶା ସଭ୍ୟ ଡ. ଅଶୋକ ମହାନ୍ତି ନିଜେ



ତାଙ୍କର ୬୧ତମ ରକ୍ତଦାନ କରିବା ସହ ପରିଚାଳନାରେ ସହଯୋଗ କରିଥିଲେ।

# କଲ, ଏସ୍ଏମ୍ଏସ୍ ପାଇଁ ଦୁଇ ମୋବାଇଲ୍ ନମ୍ବର ସିରିଜ୍ ଜାରି




ମୋବାଇଲ୍ କଲିଂ ଏବଂ ମେସେଜିଂ ପାଇଁ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଏବଂ ଟେଲିକମ୍ ବିଭାଗ (ଡଟ୍) ଦ୍ୱାରା ଏକ ନୂତନ ନମ୍ବର ସିରିଜ୍ ପ୍ରକାଶ ପାଇଛି। ବ୍ୟାଙ୍କ୍ ମେସେଜ୍ କଲ୍ ସହିତ ପ୍ରମୋସନାଲ୍ କଲ୍ ଏବଂ ମେସେଜ୍ ପାଇଁ ସରକାର ଏକ ନୂଆ ନମ୍ବର ସିରିଜ୍ ପ୍ରକାଶ କରିଛନ୍ତି, ଯାହା ଆଗାମୀ ଦିନରେ ମୋବାଇଲ୍ ବ୍ୟବହାରକାରୀଙ୍କୁ ବହୁତ ସୁବିଧା ଦେବ। ଏଥିସହ ଓଟିଟି ଆପ୍ ପାଇଁ ସରକାର ନୂତନ ନିୟମାବଳୀ ଜାରି କରିବା ସମ୍ଭାବନା ରହିଛି। ଏହାବ୍ୟତୀତ ହ୍ୱାଟ୍ସଆପ୍ ଆପ୍ ଭଳି ମେସେଜିଂ ପ୍ଲାଟଫର୍ମରେ ନିୟମକୁ କଡାକଡି କରିବାକୁ ସରକାର ପ୍ରସ୍ତୁତ ହେଉଛନ୍ତି। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଉପଭୋକ୍ତାମାନେ ପ୍ରୋତ୍ସାହନମୂଳକ କଲ୍ ଏବଂ ବାର୍ତ୍ତା ମଧ୍ୟରେ ଫରକ ବାଛିବାକୁ ସକ୍ଷମ ହୋଇ ନ ଥିଲେ। ଏଭଳି ପରିସ୍ଥିତିରେ ପ୍ରୋତ୍ସାହନମୂଳକ କଲ ଏବଂ ବାର୍ତ୍ତା ପାଇଁ ସରକାର ଏକ ପୃଥକ ସିରିଜ୍ ଆବଣ୍ଟନ କରିଛନ୍ତି। ମୋବାଇଲ୍ ବ୍ୟବହାରକାରୀଙ୍କ ସୁବିଧା ପାଇଁ ନୂତନ ନିୟମ ମଧ୍ୟ ପ୍ରସ୍ତୁତ କରାଯାଉଛି, ଯାହା ନୂତନ ସରକାର ଗଠନ ପରେ ୧୦୦ ଦିନିଆ କାର୍ଯ୍ୟ ଯୋଜନା ଅନୁଯାୟୀ ଜାରି କରାଯାଇପାରେ।

## ୧୪୦ ଏବଂ ୧୬୦ ନୂତନ ମୋବାଇଲ୍ ନମ୍ବର ସିରିଜ୍

## ଓଟିଟି ଆପ୍ ପାଇଁ ସରକାର ନୂଆ ନିୟମ ଆଣୁଛନ୍ତି

### ୧୪୦ ଏବଂ ୧୬୦ ନୂତନ ମୋବାଇଲ୍ ନମ୍ବର ସିରିଜ୍

ଟେଲିକମ୍ ବିଭାଗ ଏବଂ ଟ୍ରାଇ ମିଳିତ ଭାବେ ଏକ ନୂତନ ମୋବାଇଲ୍ ନମ୍ବର ସିରିଜ୍ ପ୍ରକାଶ କରିଛନ୍ତି। କେଉଁ ପ୍ରୋମୋସନାଲ୍ ଭଏସ୍ କଲିଂ ବାର୍ତ୍ତା ୧୪୦ ମୋବାଇଲ୍ ନମ୍ବର ସିରିଜରୁ ଆସିବ, ଆର୍ଥିକ କାରବାର ଏବଂ ସେବା ଭଏସ୍ କଲ୍ ୧୬୦ ନମ୍ବର ସିରିଜ୍‌ରୁ ଆସିବ। ଆଶା କରାଯାଉଛି ଯେ ଆଗାମୀ ଦିନରେ ଏହି ନମ୍ବର ସିରିଜ୍ ଟେଲିକମ୍ ଅପରେଟର ଜିଓ, ଏୟାରଟେଲ ଏବଂ ଭୋଡାଫୋନ୍-ଆଇଡିଆ ଦ୍ୱାରା ସାରା ଦେଶରେ କାର୍ଯ୍ୟକାରୀ ହେବ, ଯାହା ପରେ ଏହି ଦୁଇଟି ମୋବାଇଲ୍ ନମ୍ବର ସିରିଜରୁ ପ୍ରମୋସନାଲ୍ ଏବଂ ବ୍ୟାଙ୍କିଙ୍ଗ୍ ମେସେଜ୍ ଜାରି କରାଯିବ। ଏହା ସହିତ, ଉପଭୋକ୍ତାମାନେ କେଉଁ ପ୍ରୋମୋସନାଲ୍ ଏବଂ ବ୍ୟାଙ୍କିଙ୍ଗ ବାର୍ତ୍ତା ଚିହ୍ନଟ କରିବାକୁ ସମର୍ଥ ହେବେ। ମୋବାଇଲ୍ ଠକେଇକୁ ରୋକିବାରେ ଏହା ସହାୟକ ହେବ ବୋଲି ସରକାର ବିଶ୍ୱାସ କରନ୍ତି। ରିପୋର୍ଟ ଅନୁଯାୟୀ, ଭାରତରେ ନକଲି ଏବଂ ପ୍ରମୋସନାଲ କଲ୍ ଏବଂ ମେସେଜ୍‌ର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତ୍ୟେକ ମୋବାଇଲ୍ ବ୍ୟବହାରକାରୀ ଦିନକୁ ପ୍ରାୟ ୨୦ ରୁ ୨୫ ପ୍ରୋତ୍ସାହନମୂଳକ କଲ୍ ଏବଂ ବାର୍ତ୍ତା ଗ୍ରହଣ କରନ୍ତି। ପରିସଂଖ୍ୟାନ ଅନୁଯାୟୀ, ଭାରତରେ ମୋବାଇଲ୍ ବ୍ୟବହାରକାରୀଙ୍କୁ ୧୨୦ରୁ ୧୫୦ ନିୟୁତ ଫିସିଂ ମେସେଜ୍ ମାସିକ ପଠାଯାଏ। ପ୍ରତି ୧୨ ଜଣଙ୍କ ମଧ୍ୟରୁ ଜଣେ ପ୍ରତି ମାସରେ ଫିସିଙ୍ଗର ଶିକାର ହୁଅନ୍ତି। ପ୍ରାୟ ୩ ଲକ୍ଷ ଲୋକ ଠକାମୀର ଶିକାର ହେଉଥିବାବେଳେ କେବଳ ୩୫,୦୦୦-୪୫,୦୦୦ ଏହି ଘଟଣା ସମ୍ପର୍କରେ ରିପୋର୍ଟ କରିଥାନ୍ତି।

ହ୍ୱାଟ୍ସଆପ୍ ଭଳି ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ନକଲି କଲ୍ ଏବଂ ମେସେଜ୍ କରୁଥିବା ବ୍ୟକ୍ତିଙ୍କ ଉପରେ ସରକାର କଟକଣା ଲଗାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ଉଭୟ ଟ୍ରାଇ ଏବଂ ଡଟ୍ ଏକତ୍ର ଓଟିଟି ପ୍ଲାଟଫର୍ମକୁ ନିୟନ୍ତ୍ରଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ଓଟିଟି କମ୍ପାନୀଙ୍କଠାରୁ ପରାମର୍ଶ ନିଆଯିବ। ଅନଲାଇନ୍ ଠକେଇକୁ ରୋକିବା ପାଇଁ ସରକାର ବ୍ଲକ୍ ଚେନ୍ ଆଧାରିତ ସମାଧାନ ଏବଂ ବଣ୍ଟିତ ଲେଜର ଟେକ୍ନୋଲୋଜି (ଡିଏଲ୍‌ଟି) ବାହାର କରୁଛନ୍ତି।

## ଡାଟା ସୁରକ୍ଷା ଉପରେ ପୁଣି ପ୍ରଶ୍ନ ଉଠାଇଲେ ଏଲନ୍ ମସ୍କ

# ରାତିରେ ୟୁଜର୍ସଙ୍କ ଡାଟା ଚୋରି କରୁଛି ହ୍ୱାଟ୍ସଆପ୍

ଆଇଟି କମ୍ପାନୀଗୁଡିକ ପ୍ରାୟତଃ ସୋସିଆଲ ମିଡିଆ ତଥ୍ୟକୁ ବିକ୍ରି କିମ୍ବା ବିଶ୍ଳେଷଣ କରୁଥିବା ଅଭିଯୋଗ ହୋଇଥାଏ। ଟେସ୍‌ଲା ଏବଂ ସ୍ପେସ୍ ଏକ୍ସ (ସ୍ପେସ୍ ଏକ୍ସ)ର ସିଇଓ ତଥା ମାଇକ୍ରୋବ୍ଲଗିଂ ସାଇଟ୍ ଟ୍ୱିଟର (ଏକ୍ସ)ର ମୁଖ୍ୟ ଏଲନ୍ ମସ୍କଙ୍କ ଏକ ସଦ୍ୟ ପୋଷ୍ଟ ଏହି ପ୍ରସଙ୍ଗକୁ ପୁଣି ଥରେ ଚର୍ଚ୍ଚାକୁ ଆଣିଛି। ୟୁଜର୍ସଙ୍କ ଡାଟା ସୁରକ୍ଷା ଉପରେ ପୁଣି ପ୍ରଶ୍ନ ଉଠାଇଛନ୍ତି ଏଲନ୍ ମସ୍କ। ମସ୍କଙ୍କ କହିବାନୁଯାୟୀ, ହ୍ୱାଟ୍ସଆପ୍ ରାତିରେ ୟୁଜରମାନଙ୍କର ଡାଟା ଚୋରି କରୁଛି। ମେଟାର ସ୍ୱାମୀତ୍ୱ ଥିବା ଏହି ଇନଷ୍ଟାଣ୍ଟ ମେସେଜିଂ ଆପ୍ ଏହାର ୟୁଜରମାନଙ୍କୁ ଗ୍ରାହକ ନୁହେଁ



## ଚୋରି ଡାଟାକୁ ନିର୍ଦ୍ଦିଷ୍ଟ ବିଜ୍ଞାପନ ପାଇଁ କରାଯାଉଛି ବ୍ୟବହାର

ବରଂ ଏକ ଉତ୍ପାଦ ଭଳି ଦେଖୁଛି। ହ୍ୱାଟ୍ସଆପ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ମସ୍କ। ତେବେ ଏକ୍ସରେ ହ୍ୱାଟ୍ସଆପ୍‌କୁ ନେଇ ମସ୍କ କରିଥିବା ପୋଷ୍ଟ ଏବେ ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଚିନ୍ତା ବଢ଼ାଇଦେଇଛି।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଜଣେ ଉପଭୋକ୍ତା ପୋଷ୍ଟ କରିଛନ୍ତି ଯେ ପ୍ରତିଦିନ ରାତିରେ ହ୍ୱାଟ୍ସଆପ୍‌ରୁ ଉପଭୋକ୍ତାଙ୍କ ତଥ୍ୟ ରପ୍ତାନି ହେଉଛି। ମସ୍କ ବ୍ୟବହାରକାରୀଙ୍କ ଏହି ପୋଷ୍ଟର ଉତ୍ତର ଦେଇ ଲେଖିଛନ୍ତି ଯେ, ହ୍ୱାଟ୍ସଆପ୍ ପ୍ରତିଦିନ ରାତିରେ ଆପଣଙ୍କର ଉପଭୋକ୍ତା ତଥ୍ୟ ରପ୍ତାନି କରିଥାଏ। କିଛି ଲୋକ ତଥାପି ଏହାକୁ ନିରାପଦ ବୋଲି ବିବେଚନା କରିଥାନ୍ତି। ମସ୍କ କହିଛନ୍ତି ଯେ, ଚୋରି ହେଉଥିବା ଡାଟାକୁ ନିର୍ଦ୍ଦିଷ୍ଟ ବିଜ୍ଞାପନ ଲାଗି ବ୍ୟବହାର କରାଯାଉଛି। ଏହିଭଳି ଭାବରେ କମ୍ପାନୀ ୟୁଜରଙ୍କୁ ଉତ୍ପାଦ ବୋଲି ଭାବୁଛି। ଅପରପକ୍ଷେ ମସ୍କଙ୍କ ଏଭଳି ଅଭିଯୋଗ ଉପରେ ମେଟା ପକ୍ଷରୁ କୌଣସି ଟିପ୍ପଣୀ ଦିଆଯାଇନାହିଁ। ତେବେ ହ୍ୱାଟ୍ସଆପ୍ ଉପରେ ଏହା ମସ୍କଙ୍କ ପ୍ରଥମ ଅଭିଯୋଗ ନୁହେଁ। ଏହା ପୂର୍ବରୁ ବିଜ୍ଞାପନକୁ ନେଇ ମେଟାକୁ ଟାର୍ଗେଟ କରିଥିଲେ ମସ୍କ। ଟ୍ୱିଟର ମୁଖ୍ୟ ଏଲନ ମସ୍କ ଏବଂ ମେଟା ମୁଖ୍ୟ ମାର୍କ ଜୁକରବର୍ଗଙ୍କ ମଧ୍ୟରେ ବିବାଦ ମଧ୍ୟ ବହୁ ପୁରୁଣା।

## ଟ୍ରୁ କଲରର ନୂଆ ଏଆଇ ଫିଚର

# ୟୁଜର୍ସ କ୍ରିଏଟ କରିପାରିବେ ନିଜର ଡିଜିଟାଲ ଭଏସ୍

ଟ୍ରୁ କଲର ଆପ୍‌କୁ ଅଧିକାଂଶ ଲୋକେ ବ୍ୟବହାର କରିଥାନ୍ତି। ଏହି ଆପ୍ ଆମକୁ ସ୍ପାମ କଲ୍‌ଗୁଡିକରୁ ରକ୍ଷା କରିଥାଏ। ବର୍ତ୍ତମାନ ଟ୍ରୁ କଲର ନିଜ ୟୁଜରଙ୍କ ପାଇଁ ଏକ ଭଲ ଏଆଇ ଫିଚର ଆଣିଛି। ଏଥିପାଇଁ ଟ୍ରୁ କଲର ଆପ୍ ମାଇକ୍ରୋସଫ୍ଟ ସହ ସହଯୋଗିତା ସ୍ଥାପନ କରିଛି। ବର୍ତ୍ତମାନ ଟ୍ରୁ କଲରର ୟୁଜରମାନଙ୍କୁ କଲ୍ ଆଇଡେଣ୍ଟିଫିକେସନ ସହ ନିଜ ରେପ୍ଲିକା ଭଏସ ଫିଚରରେ କନଭର୍ଟ କରିବାର ଫିଚର ମିଳିବ। ଟ୍ରୁ କଲରର ଏହି ଫିଚରକୁ ବିଶ୍ୱର କିଛି ଦେଶରେ ହିଁ ଆରମ୍ଭ କରାଯାଇଛି। ଖୁବଶୀଘ୍ର ଏହାକୁ ଆହୁରି ଅନେକ ଦେଶରେ ମଧ୍ୟ ଆରମ୍ଭ କରାଯିବ ବାଲି ଜଣାପଡିଛି।




ଟ୍ରୁ କଲର କହିଛି ଯେ, ମାଇକ୍ରୋସଫ୍ଟର ପର୍ସନାଲ ଆସିଷ୍ଟାଣ୍ଟକୁ ବ୍ୟବହାର କରି ୟୁଜର୍ସ ନିଜର ଭଏସକୁ ଡିଜିଟାଲ ଭାବରେ କନଭର୍ଟ କରିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ଟ୍ରୁ କଲର ଏଆଇ ଆସିଷ୍ଟାଣ୍ଟକୁ ସେପ୍ଟେମ୍ବର ୨୦୨୨ରେ ଶୁଭାରମ୍ଭ କରିଥିଲା। ଏହାପରେ କମ୍ପାନୀ ନିଜ ଚାଟ୍‌ବଟ୍‌ରେ ଅନେକ ଫିଚର ଯୋଡିଛି, ଯେଉଁଥିରେ କଲ ସ୍କ୍ରିନିଂ, କଲ ରେସ୍‌ପଣ୍ଡ ଆଦି ସାମିଲ କରିଛି। ଏଆଇ ଆସିଷ୍ଟାଣ୍ଟ ୟୁଜରଙ୍କ ସ୍ୱରରେ କଲ୍‌ର ଉତ୍ତର ଦେଇପାରିବ। ମାଇକ୍ରୋସଫ୍ଟର ଆଜୋର ଏଆଇର ସ୍ପିଚ୍ ଫଙ୍କସନ୍ ସହାୟତାରେ ୟୁଜର ନିଜ ସ୍ୱରକୁ ଟ୍ରୁ-କଲରର ଭଏସ୍ ଆସିଷ୍ଟାଣ୍ଟ ଭାବରେ ତିଆରି କରିପାରେ। ଟ୍ରୁ କଲର ପ୍ରଥମେ ନିଜ ଏଆଇ ଭଏସ୍ ଆସିଷ୍ଟାଣ୍ଟରେ କେବଳ ସିମିତ ସ୍ୱରର ଅଫର କରୁଥିଲା କିନ୍ତୁ ମାଇକ୍ରୋସଫ୍ଟ ସହ ମିଶି ଏବେ ଏହାକୁ ଅପଗ୍ରେଡ୍ କରିଛି। ଏହି କାରଣରୁ ବର୍ତ୍ତମାନ ୟୁଜର ନିଜ ସ୍ୱରକୁ ଟ୍ରୁ କଲ୍ ଆପର ଭଏସ ଆସିଷ୍ଟାଣ୍ଟ କରିପାରିବେ। ଏଥିରେ ଯଦି କୌଣସି କଲ୍ କରିବେ ତେବେ ଏହାକୁ ୟୁଜର୍ସଙ୍କ ସ୍ୱରରେ ହିଁ ଉତ୍ତର ମିଳିବ। ଏହି ଫିଚର ଭଏସମେଲ ପରି କାମ କରିବ।

## ଓପନ୍ ଏଆଇ ଆଣିଲା ନୂଆ ଏଆଇ ମଡେଲ 'ଜିପିଟି୪ଓ'

# ମଣିଷ ପରି କରିବ କଥାବାର୍ତ୍ତା




ଚାଟ୍‌ଜିପିଟିର ସଫଳତାର ପରେ ଓପନଏଆଇ ଏକ ନୂଆ ମଡେଲ 'ଜିଟିପି-୪ଓ'ର ଶୁଭାରମ୍ଭ କରିଛି। ଏଠାରେ 'ଓ'ର ଅର୍ଥ ହେଉଛି 'ଓମନୀ'। ମଣିଷ ଓ କମ୍ପ୍ୟୁଟର ମଧ୍ୟରେ ଯୋଗାଯୋଗ ସ୍ଥାପନ କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ନୂଆ ମଡେଲ ରିୟଲ ଟାଇମ ଟେକ୍ସଟ, ଅଡିଓ ଓ ଭିଡିଓ ଉପରେ କାମ କରିବ। ସାଧାରଣ ଭାଷାରେ କହିବାକୁ ଗଲେ ଜିପିଟି ନିର୍ମାତା ଏବେ ଯେଉଁ ଟୁଲ୍ ସାମ୍ନାକୁ ଆଣିଛନ୍ତି ତାହା ମଣିଷ ପରି କଥାବାର୍ତ୍ତା କରୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନର ଚାଟିପିଟି (ଫ୍ରି ଭର୍ସନ) କେବଳ ଟେକ୍ସଟ ଉପରେ କାମ କରୁଛି। ମାତ୍ର ଏବେ ଲଞ୍ଚ ହୋଇଥିବା ନୂଆ ଏଆଇ ମଡେଲ ଟେକ୍ସଟ ବ୍ୟତୀତ ଅଡିଓ, ଇମେଜ ଓ ଭିଜିଆଲକୁ ମଧ୍ୟ ବୁଝିପାରିବ। ଆପଣଙ୍କ ଆଖପାଖରେ କ'ଣ ଘଟୁଛି ତାହାକୁ ମଧ୍ୟ ଚାଟଜିପିଟି ଦେଖି କରି କହିପାରିବ। କମ୍ପାନୀ ମୁତାବକ, ଜିପିଟି ୪ଓ ଜିପିଟି ୪ର ଏକ ଆଇଟରେଶନ ଅଟେ, ଯାହାକି ବହୁତ ଫାଷ୍ଟ ଅଟେ। ଏହା ଟେକ୍ସଟ, ଭିଜନ ଓ ଅଡିଓ ଉପରେ କାମ କରିଥାଏ। ଓପନଏଆଇର ସିଟିଓ ମୀରା ମୁରାଟି ଜିପିଟି ୪ଠର ଘୋଷଣା କରିବା ଅବସରରେ ଏହା ସମସ୍ତ ଜିପିଟି ୟୁଜର୍ସଙ୍କ ପାଇଁ ଫ୍ରି ଓ ପେଡ ୟୁଜର୍ସଙ୍କ ପାଇଁ ଅଧିକ ଲିମିଟ୍ ଦିଆଯିବ ବୋଲି କହିଛନ୍ତି। ଏହି ମଡେଲ ମଣିଷ ପରି କଥାବାର୍ତ୍ତା କରିପାରିବ ବୋଲି ସେ କହିଛନ୍ତି। ଓପନଏଆଇର ସିଇଓ ସାମ ଅଲ୍ଟମ୍ୟାନ କହିଛନ୍ତି, ଏହି ମଡେଲ ଏକ ମଲ୍ଟିମଡେଲ ଯାହାକି ଭଏସ, ଟେକ୍ସଟ ଓ ଇମେଜ ମାଧ୍ୟମରେ ମଧ୍ୟ କମାଣ୍ଡ ନେଇପାରିବ।

ତିନି ପ୍ରକାର କମାଣ୍ଡ ନେଇ ଜିପିଟି ୪ଓ ନିଜେ କଣ୍ଟେଣ୍ଟ ସୃଷ୍ଟି କରିପାରିବ। ଅର୍ଥାତ କେବଳ ଟେକ୍ସଟ ନୁହେଁ, ବରଂ ଭିଜୁଆଲ, ଇମେଜ ବା ଅଡିଓକୁ ମଧ୍ୟ ଚାଟଜିପିଟି ବୁଝିପାରିବ। ଓପନଏଆଇ ଯେଉଁ ଡେମୋ ଦେଖାଇଛି ତାହା ବେଶ୍ ଆଶ୍ଚର୍ଯ୍ୟଜନକ। ଚାଟଜିପିଟିର ଇଣ୍ଟରଫେସକୁ ଯାଇ ଯଦି ଆପଣ କ୍ୟାମେରର ଆକ୍ସେସ ଦେବେ ତେବେ ଆପଣଙ୍କ ଆଖପାଖର ଜିନିଷକୁ ଦେଖି କ'ଣ ଘଟୁଛି ବୋଲି ଜିପିଟି ୪ଓ କହିପାରିବ।

## କାର୍ ରିଭ୍ୟୁ

## ୭.୪୯ ଲକ୍ଷ ଟଙ୍କାରୁ ଆରମ୍ଭ

# ମହିନ୍ଦ୍ରା 'ଏକ୍ସୟୁଭି ୩ଏକ୍ସଓ'

ଏସ୍ୟୁଭି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ନୂଆ କମ୍ପାକ୍ଟ ଏସ୍ୟୁଭି 'ଏକ୍ସୟୁଭି ୩ଏକ୍ସଓ' ବଜାରକୁ ଛାଡିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୭.୪୯ ଲକ୍ଷ ଟଙ୍କା। କମ୍ପାକ୍ଟ ଏସ୍ୟୁଭି ବର୍ଗରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରୁଥିବା ଏକ୍ସୟୁଭି ୩ଏକ୍ସଓ ହେଉଛି ଡିଜାଇନ୍, ପ୍ରିମିୟମ୍ ଇଣ୍ଟେରିୟର, ଆରାମଦାୟକ ଗାଡ଼ି ଚାଳନା, ଉନ୍ନତ ପ୍ରଯୁକ୍ତି, ରୋମାଞ୍ଚକର ପ୍ରଦର୍ଶନ ଏବଂ ଅତୁଳନୀୟ ସୁରକ୍ଷାର ସମିଶ୍ରଣ। ମୁମ୍ବାଇସ୍ଥିତ ମହିନ୍ଦ୍ରା ଇଣ୍ଡିଆ ଡିଜାଇନ୍ ଷ୍ଟୁଡିଓରେ ଏହାର ପରିକଳ୍ପନା କରାଯାଇଥିବାବେଳେ ଚେନ୍ନାଇ ନିକଟସ୍ଥ ମହିନ୍ଦ୍ରା ରିସର୍ଚ୍ଚ ଭ୍ୟାଲିରେ ଏହାର ଇଞ୍ଜିନିୟରିଂ ଓ ବିକାଶ କରାଯାଇଛି। ନାସିକସ୍ଥିତ ମହିନ୍ଦ୍ରାର ଅତ୍ୟାଧୁନିକ କାରଖାନାରେ 'ଏକ୍ସୟୁଭି ୩ଏକ୍ସଓ' ର ନିର୍ମାଣ କରାଯାଇଛି। ଏକ୍ସୟୁଭି ୭୦୦ ଭଳି ଏଥିରେ ୨୩.୭ ଡିଗ୍ରୀ ପର୍ଯ୍ୟନ୍ତ ଆଗକୁ ଦେଖିହେଉଛି। ଏଥିରେ ଆର୍‌୧୭ ଆଲୟ ହ୍ୱିଲ୍ ବ୍ୟବହାର କରାଯାଇଛି। ଏଥିରେ ୬ ସ୍ପିଡ୍‌ର ତୃତୀୟ ପିଢ଼ି ଅଟୋମେଟିକ୍ ଟ୍ରାନ୍ସମିସନ୍ ରହିଛି। ମାତ୍ର ୪.୫ ସେକେଣ୍ଡରେ ଏହା ଘଣ୍ଟା ପ୍ରତି ୬୦ କିମି ବେଗରେ ଗତି କରିବାକୁ ପ୍ରସ୍ତୁତ ହୋଇଯାଉଛି। ୧.୨ ଟିଡିଜିଆଇ ଇଞ୍ଜିନ ମଡେଲ୍ ମାଇଲେଜ୍ ଲିଟର ପିଛା ୨୦.୧ କିଲୋମିଟର ରହିଛି। ସୁରକ୍ଷା ଦୃଷ୍ଟିରୁ ଏଥିରେ ୬ ଏୟାରବ୍ୟାଗ୍, ଇଏସ୍‌ସି ହିଲ୍ ହୋଲ୍ଡ କଣ୍ଟ୍ରୋଲ୍ ଏବଂ ସମସ୍ତ ଚାରି ଡିସ୍କ ବ୍ରେକ୍ ରହିଛି। ସର୍ବୋଚ୍ଚ ଭି- ଏନ୍‌ସିପିଏ ସୁରକ୍ଷା ରେଟିଂ ଆଧାରରେ ଏହାକୁ ଗଠନ କରାଯାଇଛି। ଶ୍ରେଷ୍ଠ ମାନର ହ୍ୱିଲ୍ ବେସ୍, ବସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ଏବଂ ଲେଗ୍ ରୁମ୍ ତଥା ଜିନିଷ ରଖିବା ଲାଗି ୩୬୪ ଲିଟର ସ୍ଥାନ ରହିଛି। ଷ୍ଟୋରେଜ୍ କ୍ଷମତାକୁ ବଢ଼ାଇବା ଲାଗି ମଧ୍ୟ ଏଥିରେ ସୁବିଧା ରହିଛି। ଏହାର ଅନ୍ୟତମ ଆକର୍ଷଣଗୁଡିକ ହେଉଛି ସ୍କାଏ ରୁଫ୍, ଡୁଆଲ୍ ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍, ୟୁଏସ୍‌ବି-ସି ଚାର୍ଜ, ଇଲେକ୍ଟ୍ରୋନିକ୍ ପାର୍କି ବ୍ରେକ୍, ୩ ସ୍ମାର୍ଟ ଷ୍ଟିୟରିଂ ମୋଡ୍, ଏଚ୍‌ଡି ସ୍କ୍ରିନ୍ ଇନ୍‌ଫୋଟେନ୍‌ମେଣ୍ଟ ବ୍ୟବସ୍ଥା, ପୂର୍ଣ୍ଣ ଡିଜିଟାଲ କ୍ଲଷ୍ଟର, ହର୍ମାନ କାର୍ଡନ୍ ପ୍ରିମିୟମ୍ ଅଡିଓ, ସବ୍ ଉଫର, ୩୬୦ ଡିଗ୍ରୀ ସରାଉଣ୍ଡ ଭିଉ ସିଷ୍ଟମ୍ ସହିତ ବ୍ଲାଇଣ୍ଡ ଭିଉ ମନିଟର।




# ୨୦୨୯ ସୁଦ୍ଧା ୫ଜି ମୋବାଇଲ୍ ଉପଭୋକ୍ତା ସଂଖ୍ୟା ୮୬ କୋଟି ଛୁଇଁବ

## ଡାଟା ବ୍ୟବହାରରେ ଭାରତ ଆଗରେ

ଦେଶରେ ବଢ଼ିବାରେ ଲାଗିଛି ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା। ୨୦୨୩ରେ ଦେଶରେ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୧୩୦ ନିୟୁତ ରହିଥିଲା। ୨୦୨୯ ସୁଦ୍ଧା ଏହି ସଂଖ୍ୟା ୮୬୦ ନିୟୁତରୁ ଅଧିକ ଅର୍ଥାତ୍ ୮୬ କୋଟିକୁ ବୃଦ୍ଧି ହୋଇପାରେ। ଦେଶର ଟେଲିକମ୍ ବଜାର ସମ୍ପର୍କରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଲୋକସଭା ନିର୍ବାଚନ ପରେ ଟେଲିକମ୍ ଅପରେଟରଙ୍କ ଦ୍ୱାରା ଶୁଳ୍କ ୨୫ ପ୍ରତିଶତ ବୃଦ୍ଧି କରାଯାଇପାରେ, ଏହି କାରଣରୁ ୨୦୨୬-୨୭ ଆର୍ଥିକବର୍ଷ ସୁଦ୍ଧା ପ୍ରତ୍ୟେକ ଉପଭୋକ୍ତାଙ୍କ ଖର୍ଚ୍ଚ ହାରାହାରି ୨୦୮ରୁ ୨୮୬ ଟଙ୍କାକୁ ବୃଦ୍ଧି ପାଇବ। ୨୦୨୩ ରୁ ୨୦୨୭ ମଧ୍ୟରେ ବାର୍ଷିକ ୭ ରୁ ୭.୫ ପ୍ରତିଶତ ହାରରେ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହି ରିପୋର୍ଟ ଅନୁଯାୟୀ, ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ଟେଲିକମ୍ ବଜାରରେ ଭାରତ ଅନ୍ତର୍ଭୁକ୍ତ, ଯାହାର ଗ୍ରାହକଙ୍କ ସଂଖ୍ୟା ବାର୍ଷିକ ୨.୯ ପ୍ରତିଶତ ହାରରେ ବଢୁଛି। ତେବେ ପ୍ରତି ୧୦୦ ଜଣଙ୍କ ପାଇଁ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ସର୍ବନିମ୍ନ ସ୍ଥାନ ଅଧିକାର କରିଛି। ଭାରତରେ ୱେରଲେସ୍ ଗ୍ରାହକଙ୍କ ସଂଖ୍ୟା ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ମାତ୍ର ୮୨.୨ ଥିବାବେଳେ ୧୦୦ ଲୋକଙ୍କ ପ୍ରତି ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ଚାଇନାରେ ୧୨୫, ଆମେରିକାରେ ୧୧୦, ଇଣ୍ଡୋନେସିଆରେ ୧୧୫। ରିପୋର୍ଟ ଅନୁଯାୟୀ, ଡାଟା ବ୍ୟବହାର କ୍ଷେତ୍ରରେ ବର୍ତ୍ତମାନ ଭାରତ ବିଶ୍ୱରେ ଶୀର୍ଷରେ ରହିଛି। ଲୋକମାନେ ହାରାହାରି, ପାଞ୍ଚ ଘଣ୍ଟା ପାଇଁ ସ୍ମାର୍ଟଫୋନରେ ଡାଟା ବ୍ୟବହାର କରୁଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୬ • ପାଉଣ୍ଡ ୧୦୫.୭୯
- ୟୁରୋ ୯୦.୬୬ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୫୫୦ (ନୂଆଦିଲ୍ଲୀ)
- ରୁପା : ୯୧,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୪୧୦.୦୦
- ନିଫ୍ଟି ୨୨,୯୫୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଭିକୋ ଅଧ୍ୟକ୍ଷ ଯଶୱନ୍ତ ପେଣ୍ଢରକରଙ୍କ ନିଧନ

ମୁମ୍ବାଇ,୨୫।୫(ଏଜେନ୍ସି)



ଭିକୋ ବଜ୍ରଦନ୍ତୀ, ଭିକୋ ପାଉଡର ଏବଂ ଭିକୋ ପେଷ୍ଟ' ଭିକୋ ଲାବୋରେଟୋରିଜ୍‌ର ପ୍ରଡକ୍ଟକୁ ନେଇ ଅତୀତର ଏହି ଟିଭି ବିଜ୍ଞାପନରେ ଏଭଳି କିଛି ଜିଙ୍ଗଲ୍ ଆପଣ ଶୁଣିଥିବେ। ଆଉ ଏହା ପଛର ମୁଖ୍ୟ ନାୟକ ଯଶୱନ୍ତ କେଶବ ପେଣ୍ଢରକର ଆଉ ନାହାଁନ୍ତି। ଭିକୋ ଲାବୋରେଟୋରିଜ୍‌ର ଅଧ୍ୟକ୍ଷ ପେଣ୍ଢରକର ୮୫ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଭିକୋ ଆୟୁର୍ବେଦିକର ବିଜ୍ଞାପନ ସାହାଯ୍ୟରେ ଭିକୋ ଉତ୍ପାଦକୁ ଦେଶର ଘରେ ଘରେ ପହଞ୍ଚାଇଥିବା ଯଶୱନ୍ତ ବାର୍ଦ୍ଧକ୍ୟ ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ନାଗପୁରର ସିଭିଲ ଲାଇନ୍‌ସ୍ଥିତ ନିଜ ବାସଭବନରେ ହିଁ ସେ ନିଜର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଯଶୱନ୍ତ ଆଇନ୍‌ରେ ସ୍ନାତକ ପାସ କରିଥିବାବେଳେ ଆୟୁର୍ବେଦିକରେ ତାଙ୍କର ରୁଚି ଥିଲା। ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିବା ପରେ ସେ ଭିକୋ ଲାବୋରେଟୋରିଜ୍ରେ କାମ କରିଥିଲେ।

ଯଦିଓ ଭିକୋର ଶୁଭାରମ୍ଭ ମୁମ୍ବାଇରେ ହୋଇଥିଲା କିନ୍ତୁ ଏହାର ସମ୍ପର୍କ ନାଗପୁର ସହ ଖୁବ ନିବିଡ଼। ଆଜି ବି ଏହାର ଏକ ଫ୍ୟାକ୍ଟ୍ରି ନାଗପୁରରେ ରହିଛି। ଯଶୱନ୍ତଙ୍କ ନେତୃତ୍ୱରେ ଭିକୋର ଆୟୁର୍ବେଦିକ ଉତ୍ପାଦ ଲୋକପ୍ରିୟ ହେଲା ତାହା ନୁହେଁ ବରଂ ବଜାରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଭିକୋ ହିମାଳୟା ଏବଂ ଡାବର ଭଳି ବ୍ରାଣ୍ଡକୁ କଡ଼ା ଟକ୍କର ଦେଇଥିଲା। ଏପରିକି ଅନ୍ତର୍ଜାତୀୟ ବଜାରରେ ଭିକୋ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲା। ତେବେ ଭିକୋ ଲାବୋରେଟୋରିଜ୍‌ର ଅଧ୍ୟକ୍ଷଙ୍କ ପରଲୋକକୁ ନେଇ ଦେଶରେ ଶୋକର ଛାୟା ଖେଳିଯାଇଛି।

# ମାସକରେ ଅଶୋଧିତ ତୈଳ ମୂଲ୍ୟ ୮% ଖସିଛି

ନୂଆଦିଲ୍ଲୀ,୨୫।୫(ଏଜେନ୍ସି)





ଦେଶରେ ଦୀର୍ଘ ଦିନ ହେବ ଉଚ୍ଚ ସ୍ତରରେ ରହିଥିବା ପେଟ୍ରୋଲ ଏବଂ ଡିଜେଲ ଦର କମିବାର ନାମ ଧରୁନାହିଁ। ଘରୋଇ ବଜାରରେ ପେଟ୍ରୋଲ ଲିଟର ପ ଛା ୧୦୦ ଟଙ୍କା ଉପରେ ଏବଂ ଡିଜେଲ ୯୦ ଟଙ୍କା ଉପରେ ରହିଛି। ଅପରପକ୍ଷେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ମାତ୍ର ଏକ ମାସ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ପ୍ରାୟ ୮ ପ୍ରତିଶତ ହ୍ରାସ ଘଟିବା ଏହାର ଜ୍ୱଳନ୍ତ ଉଦାହରଣ। ଏହି ଖବର ଭାରତ ପାଇଁ ବହୁତ ଭଲ ଖବର। କାରଣ ଏହାଦ୍ୱାରା ଭାରତର ତୈ ଆମଦାନୀ ବିଲ୍ ହ୍ରାସ ପାଇବ। ଏଥିସହ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ସୁଧାର ଆସିବ। ହେଲେ ଅଶୋଧିତ ତୈଳ ମୂଲ୍ୟରେ ଏହି ହ୍ରାସରୁ ଉଚ୍ଚ ତେଲ ଦର ସହ ଯୁଝୁଥିବା ସାଧାରଣ ଖାଉଟିଙ୍କୁ କୌଣସି ପ୍ରକାର ଆଶ୍ୱସ୍ତି ମିଳୁନାହିଁ।

**କମୁନି ପେଟ୍ରୋଲ, ଡିଜେଲ ଦର**

ନିକଟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ପ୍ରାୟ ୧ ପ୍ରତିଶତ ବୃଦ୍ଧି ଘଟିଥିଲେ ମଧ୍ୟ ଗତ ଏକ ମାସରେ ତୈଳ ଦରରେ ପ୍ରାୟ ୮ ପ୍ରତିଶତ ହ୍ରାସ ପାଇଛି। ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଅଶୋଧିତ ତୈଳ ମୂଲ୍ୟ ଆନ୍ତର୍ଜାତୀୟ ବଜାରରେ ପ୍ରାୟ ୮ ପ୍ରତିଶତ ଶସ୍ତା ହୋଇଛି। ଅନ୍ୟପକ୍ଷରେ ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟର ମିଡିଏଟ୍ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ ୭ ପ୍ରତିଶତ ହ୍ରାସ ପାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ ଚାହିଦା ଉପରେ ପ୍ରଭାବ ହେତୁ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟିଛି। ବାସ୍ତବରେ, ଆମେରିକାରୁ ଆସୁଥିବା ସୁଦୃଢ଼ ଅର୍ଥନୈତିକ ତଥ୍ୟ ହେତୁ ଅନୁମାନ କରାଯାଉଛି ଯେ ଫେଡେରାଲ ରିଜର୍ଭ ସୁଧ ହାରକୁ ଦୀର୍ଘ ସମୟ ଧରି ଜାରି ରଖିପାରେ। ଏଥିପାଇଁ ଡଲାର ସୂଚକାଙ୍କରେ ବୃଦ୍ଧି ଘଟିଛି, ଯାହାର ପ୍ରଭାବ ଅଶୋଧିତ ତୈଳ ମୂଲ୍ୟରେ ଦେଖାଯିବ।

ଅନ୍ୟପକ୍ଷରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସଘଟୁଥିଲେ ସୁଦ୍ଧା ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ମାର୍ଚ୍ଚ ୧୬ ଠାରୁ ଦେଶର ଚାରୋଟି ମେଟ୍ରୋ ସହରରେ ପେଟ୍ରୋଲ ଏବଂ ଡିଜେଲ ଦର ପୂର୍ବବତ୍ ସମାନ ରହିଛି। କାରଣ ଶେଷ ଥର ପାଇଁ ମାର୍ଚ୍ଚ ୧୬ରେ ଦେଶର ତୈଳ ମାର୍କେଟିଂ କମ୍ପାନୀଗୁଡିକ (ଓଏମସି) ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ହ୍ରାସ କରିଥିଲେ।

## ଫ୍ଲିପ୍‌କାର୍ଟରେ ୩୫୦ ନିୟୁତ ଡଲାର ନିବେଶ କରିବ ଗୁଗଲ



ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଇ-କମର୍ସ ସାଇଟ୍ ଫ୍ଲିପକାର୍ଟରେ ନିବେଶ କରିବ ଗୁଗଲ୍। ଟେକ୍ କମ୍ପାନୀ ପ୍ରାୟ ୩୫୦ ନିୟୁତ ଡଲାରର ନିବେଶ ଯୋଜନା ରଖିଛି। ଗତବର୍ଷ ଡିସେମ୍ବରରେ ଫ୍ଲିପ୍‌କାର୍ଟ ୧ ବିଲିୟନ ଡଲାର ଅର୍ଥ ଏକତ୍ର କରିବା ପାଇଁ ପାଣ୍ଠି ସଂଗ୍ରହ ଆରମ୍ଭ କରିଥିଲା। ଆଉ ଏହି ଅନୁକ୍ରମରେ ଓ୍ୱାଲମାର୍ଟ ପ୍ରାୟ ୬୦୦ ନିୟୁତ ଡଲାର ସହ ଫ୍ଲିପ୍‌କାର୍ଟରେ ପ୍ରାୟ ୭୭ ପ୍ରତିଶତ ଶେୟାର କିଣିନେଇଥିଲା। ଅବଶ୍ୟ ଓ୍ୱାଲମାର୍ଟ ୨୦୨୦ରୁ ହିଁ ଫ୍ଲିପ୍‌କାର୍ଟରେ ନିବେଶ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା। ଏବେ ଗୁଗଲ ମଧ୍ୟ କମ୍ପାନୀରୁ ୩୫୦ ନିୟୁତ ଡଲାର ମୂଲ୍ୟର ସେୟାର କିଣିଛି। ରିପୋର୍ଟ ଅନୁଯାୟୀ, ଗୁଗଲ୍ ଫ୍ଲିପକାର୍ଟର ୯୫୦ ନିୟୁତ ଡଲାରର ପାଣ୍ଠି ପ୍ରବାହ ପ୍ରକ୍ରିୟାରେ ପ୍ରାୟ ୩୫୦ ନିୟୁତ ଡଲାର (୨,୯୦୭ କୋଟି ଟଙ୍କା) ର ନିବେଶ କରିଛି। ଗୁଗଲ ଏହି କାରବାର ଏଥିପାଇଁ କରୁଛି କାରଣ ଫ୍ଲିପ୍‌କାର୍ଟ ହେଉଛି ଇ-କମର୍ସ କ୍ଷେତ୍ରର ଅଗ୍ରଣୀ କମ୍ପାନୀ। କମ୍ପାନୀ ଏହାର ମୌଳିକ ଭିତ୍ତିଭୂମି ଏବଂ ବିକ୍ରି ବ୍ୟବସ୍ଥା ସହ ଏଆଇ ଏବଂ ଜେନେରେଟିଭ ଏଆଇ ଭଳି ନୂଆ ପ୍ରଯୁକ୍ତିର ବିସ୍ତାର ଉପରେ ନିବେଶ କରିବାକୁ ଯୋଜନା କରୁଛି। ଗୁଗଲ୍‌ର ଏହି କାରବାର ଅନୁଯାୟୀ ଫ୍ଲିପ୍‌କାର୍ଟକୁ ଏହାର କ୍ଲାଉଡ୍ ସିଷ୍ଟମ୍ ଯୋଗାଇବ। ଏହାଦ୍ୱାରା କମ୍ପାନୀକୁ ଏହାର ବ୍ୟବସାୟକୁ ଆହୁରି ବଢ଼ାଇବାରେ ସହାଯ୍ୟ ମିଳିବ।

# କେ ଜି ଅନିଲକୁମାର ଏଲ୍‌ଏସିର ଗୁଡ୍‌ୱିଲ୍ ଆମ୍ବାସାଡର ନିଯୁକ୍ତ

ଭୁବନେଶ୍ୱର,୨୫।୫(ସମିସ)



ଲାଟିନ୍ ଆମେରିକାନ୍ କାରିବିଆନ୍ ଟ୍ରେଡ୍ କାଉନସିଲ୍ (ଖଇଉଞଉ) କେ. ଜି. ଅନିଲ କୁମାରଙ୍କୁ ଲାଟିନ୍ ଆମେରିକାନ୍ କାରିବିଆନ୍ (ଏଲ୍‌ଏସି) କ୍ଷେତ୍ର ପାଇଁ ଗୁଡୱିଲ୍ ଆମ୍ବାସାଡର୍ ଭାବରେ ନିଯୁକ୍ତ କରାଯାଇଛି। ଏହି ମହତ୍ତ୍ୱପୂର୍ଣ୍ଣ ନିଯୁକ୍ତି ଭାରତ, ମଧ୍ୟପ୍ରାଚ୍ୟ ଏବଂ ଏଲ୍‌ଏସି ଅଞ୍ଚଳ ମଧ୍ୟରେ ବାଣିଜ୍ୟ ଏବଂ ପର୍ଯ୍ୟଟନ ସମ୍ବନ୍ଧକୁ ବଢ଼ାଇବା ପାଇଁ ଆଇସିଏଲ୍ ଫିନ୍‌କର୍ପ ଜାରି ରଖିଥିବା ପ୍ରୟାସକୁ ସମର୍ଥନ କରୁଛି। ଏଲ୍‌ଏସିଟିସିଏର ସ୍ଥାପନା ୨୦୧୬ରେ ହୋଇଥିଲା ଏବଂ ଏହାର ଉଦ୍‌ଘାଟନ ଏଲ୍‌ଏସି କ୍ଷେତ୍ର ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ତତ୍କାଳୀନ ସଂଯୁକ୍ତ ସଚିବଙ୍କ ଦ୍ୱାରା ହୋଇଥିଲା।

ଭାରତ ଏବଂ ଏଲ୍‌ଏସି କ୍ଷେତ୍ର ମଧ୍ୟରେ ସମ୍ବନ୍ଧ ଏବେ ପର୍ଯ୍ୟନ୍ତ ସମ୍ଭାବନାଗୁଡ଼ିକୁ ବ୍ୟବହାର କରିନାହିଁ ଏବଂ ଅନେକ ଅସୁବିଧାଗୁଡ଼ିକର ସମ୍ମୁଖୀନ ହୋଇଛି। ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କ ଥିବା ସତ୍ତ୍ୱେ ବାଣିଜ୍ୟ ଏବଂ ପର୍ଯ୍ୟଟନ ବିନିମୟ ନିଜର ପୂର୍ଣ୍ଣ ସାମର୍ଥ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଶୁଭେଚ୍ଛୁ ରାଷ୍ଟ୍ରଦୂତ ଭାବରେ ଶ୍ରୀ କୁମାରଙ୍କ ନିଯୁକ୍ତି ଏହି ପଦକ୍ଷେପଗୁଡ଼ିକରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଗତିର ପ୍ରତୀକ। ଆର୍ଥିକ ଏବଂ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଜଣେ ପ୍ରମୂଖ ବ୍ୟକ୍ତି, ଅନ୍ତରାଷ୍ଟ୍ରୀୟ ସହଯୋଗ ତଥା ଭାରତର ବିଶ୍ୱସ୍ତରୀୟ ସଦଭାବନାକୁ ବଢ଼ାଇବାରେ ସହାୟକ ରହି ଆସିଛନ୍ତି। କ୍ୟୁବା ସହିତ ସମ୍ବନ୍ଧକୁ ମଜବୁତ କରିବାରେ ତାଙ୍କର ପ୍ରୟାସ ସମଗ୍ର ଏଲ୍‌ଏସି କ୍ଷେତ୍ର ସହିତ ଯୋଗାଯୋଗ ବିସ୍ତାର ପାଇଁ ଏକ ସୁଦୃଢ଼ ଆଧାରଶିଳା ପ୍ରସ୍ତୁତ କରିଛି। ଏହାସହିତ, ସେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ମାଧ୍ୟମରେ ଏଲ୍‌ଏସି ଦେଶଗୁଡ଼ିକୁ ନିକଟତର କରିବା ଦିଗରେ କାମ କରିବେ।

## ସଞ୍ଜୟ ଶର୍ମା ଏୟାର ଇଣ୍ଡିଆର ନୂଆ ଚିଫ୍ ଫାଇନାନ୍ସିଆଲ ଅଫିସର

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଏୟାର ଇଣ୍ଡିଆ ଏହାର ପ୍ରମୁଖ ପ୍ରଶାସନିକ ସ୍ତରରେ ବଡ ଧରଣର ଅଦଳବଦଳ କରିଛି। ଏୟାର ଇଣ୍ଡିଆ ସଞ୍ଜୟ ଶର୍ମାଙ୍କୁ ଏହାର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ) ଭାବରେ ନିଯୁକ୍ତ କରିବାକୁ ଘୋଷଣା କରିଛି। ଏହି ନିଯୁକ୍ତି ୧୦ ଜୁନ୍ ୨୦୨୪ ରୁ କାର୍ଯ୍ୟକାରୀ ହେବ। ନବ ନିଯୁକ୍ତ ସିଏଫଓ ସିଧାସଳଖ ଏୟାର ଇଣ୍ଡିଆର ସିଇଓ ତଥା ଏମଡିଙ୍କୁ ରିପୋର୍ଟ କରିବ। ସଞ୍ଜୟ ଶର୍ମାଙ୍କ ନିଯୁକ୍ତି ଶୁକ୍ରବାର ଘୋଷଣା ହୋଇଛି। କର୍ପୋରେଟ ଫାଇନାନ୍ସ, ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଓ



ରିୟେଲ ଇଷ୍ଟେଟ କ୍ଷେତ୍ରରେ ଶର୍ମାଙ୍କର ୩୦ ବର୍ଷର ଅଭିଜ୍ଞତା ରହିଛି। ଶର୍ମାଙ୍କୁ ଟାଟା ପ୍ରୋଜେକ୍ଟସରୁ ଏୟାର ଇଣ୍ଡିଆକୁ ଅଣାଯାଇଛି। ଟାଟା ପ୍ରୋଜେକ୍ଟସରେ ସେ ସିଏଫଓ ଥିଲେ। ଶର୍ମା ଟାଟା ପ୍ରୋଜେକ୍ଟସ୍ ପୂର୍ବରୁ ଟାଟା ରିୟେଲିଟି ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡର ସିଏଫଓ ଥିଲେ। ଏହା ପୂର୍ବରୁ ସେ ଡଚ୍ ବ୍ୟାଙ୍କ ସମୂହରେ ମ୍ୟାନେଜିଂ ଡାଇରେକ୍ଟର ଓ ଇକ୍ୱିଟି ପୁଞ୍ଜି ବଜାରର ମୁଖ୍ୟ ଥିଲେ। ଏହା ଛଡା ସେ ମୁମ୍ବାଇରେ ଡିଏସପି ମେରିଲ ଲିଞ୍ଚ ଓ ହଂକଂ ମେରିଲ ଲିଞ୍ଚ ଏସିୟାପେସିଫିକର ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ ଶର୍ମା ଏୟାର ଇଣ୍ଡିଆର ନିବର୍ତ୍ତମାନ ସିଏଫଓ ବିନୋଦ ହେଜମାଦୀଙ୍କ ସ୍ଥାନ ନେବେ। ହେଜମାଦୀ ଏୟାର ଇଣ୍ଡିଆରେ ତିନି ଦଶନ୍ଧୀରୁ ଉର୍ଦ୍ଧ୍ୱକାଳ ଧରି ସିଏଫଓ ଦାୟିତ୍ୱ ତୁଲାଇ ଆସୁଥିଲେ। ସେ ଏବେ ଚାକିରୀରୁ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ତାଙ୍କ ରିଟାୟରମେଣ୍ଟ ପରେ ଏୟାର ଇଣ୍ଡିଆ ନୂଆ ସିଏଫଓଙ୍କୁ ନିଯୁକ୍ତ କରିଛି।

## ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍‌ର ଶୁଭାରମ୍ଭ




ଭୁବନେଶ୍ୱର,୨୫।୫(ସମିସ): ସବୁ ସମୟରେ ଏନର୍ଜି ସଲ୍ୟୁସନ ପାଇଁ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଡାବର ଗ୍ଲୁକୋପ୍ଲସ୍-ସି ପକ୍ଷରୁ 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍'ର ଶୁଭାରମ୍ଭ କରାଯାଇଛି। ଉକ୍ତ ଡ୍ରିଙ୍କଟି ଏକ ପିଇଟି ବୋତଲରେ ସ୍ୱାଦିଷ୍ଟ ଟାଙ୍ଗି ଅରେଞ୍ଜ ଭାରିଆଣ୍ଟ ସହିତ ରେଡି-ଟୁ-ଡ୍ରିଙ୍କ ଗ୍ଲୁକୋଜ ବର୍ଗରେ ଆସୁଛି। ୧୬୦ ଏମ୍‌ଏଲ୍ ପିଇଟି ବୋତଲ ପାଇଁ ୧୦ ଟଙ୍କା ମୂଲ୍ୟ ଥିବା 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଡ୍ରିଙ୍କ୍'କୁ ପଶ୍ଚିମବଙ୍ଗ ଓ ଓଡିଶାରେ ସମସ୍ତ ରିଟେଲ ଆଉଟଲେଟଗୁଡିକରେ ଶୁଭାରମ୍ଭ କରାଯାଇଛି। ବଢୁଥିବା ତାପମାତ୍ରା ସହିତ ସବୁ ସମୟରେ ଇନ୍‌ଷ୍ଟାଣ୍ଟ ଏନର୍ଜି ଓ ହାଇଡ୍ରେଶନ ପାଇଁ ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଛି। ଏହି ରେଡି-ଟୁ-ଡ୍ରିଙ୍କ୍ କେବଳ ତତ୍କାଳ ଶକ୍ତି ବୃଦ୍ଧି ପ୍ରଦାନ କରୁନାହିଁ ବରଂ ଥକ୍କାପଣର ମୁକାବିଲା କରିବା ସହିତ ଏହା ସାରାଦିନ ସତେଜ ରଖିବା ପାଇଁ ଉପଯୁକ୍ତ। ଏ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର ହେଲ୍ଥ ସପ୍ଲିମେଣ୍ଟ ବିଭାଗର ମାର୍କେଟିଂ ହେଡ୍ ପ୍ରଶାନ୍ତ ଅଗ୍ରୱାଲ କହିଛନ୍ତି ଯେ, ଆମେ 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍'ର ଶୁଭାରମ୍ଭ ସହିତ ଆମର ଗ୍ଲୁକୋପ୍ଲସ୍-ସି ପୋର୍ଟଫୋଲିଓକୁ ବିସ୍ତାର କରିଛୁ। ଉପଭୋକ୍ତାଙ୍କୁ ଗ୍ଲୁକୋଜ, ଭିଟାମିନ ସି, ଆଇରନର ଏକ ଡୋଜ୍ ଓ ପ୍ରକୃତ କମଳା ରସର ଲାଭ ପ୍ରଦାନ କରୁଛି। 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଡ୍ରିଙ୍କ୍'ର ଶୁଭାରମ୍ଭ ଏହି ପ୍ରଥମ ଧରଣର ଗ୍ଲୁକୋଜ ଏନର୍ଜି ଡ୍ରିଙ୍କ୍ ସହିତ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

■ କମୁନି ଅନୀଲ ଅମ୍ବାନୀଙ୍କ ସମସ୍ୟା

## ରିଲାଏନ୍ସ ପାୱାର ୪୦୦ କୋଟିର କ୍ଷତି ସହିଲା



ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ସମସ୍ୟା ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ପିଛା ଛାଡୁନି। ଗତ ଆର୍ଥିକବର୍ଷର ଚତୁର୍ଥ ତ୍ରୈମାସିକ ପାଇଁ ଅନୀଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ପାୱାର ଏହାର ଫଳାଫଳ ପ୍ରକାଶ କରିଛି। ମାର୍ଚ୍ଚ ତ୍ରୈମାସିକରେ ରିଲାଏନ୍ସ ପାୱାର ଲିମିଟେଡ ୩୯୭.୬୬ କୋଟି ଟଙ୍କାର କ୍ଷତି ସହିଛି। ମୁଖ୍ୟତଃ ଇନ୍ଧନ ମୂଲ୍ୟରେ ବୃଦ୍ଧି ହେତୁ କମ୍ପାନୀ ଏହି କ୍ଷତି ସହିଛି। ଷ୍ଟକ୍ ବଜାରକୁ ଦିଆଯାଇଥିବା ସୂଚନାନୁସାରେ କମ୍ପାନୀ କହିଛି ଯେ ଗତ ବର୍ଷ ସମାନ ଅବଧିରେ କମ୍ପାନୀ ୩୨୧.୭୯ କୋଟି ଟଙ୍କା ଲାଭ କରିଥିଲା। କମ୍ପାନୀର ମୋଟ ଆୟ କିନ୍ତୁ ଜାନୁଆରୀ-ମାର୍ଚ୍ଚ, ୨୦୨୪ ତ୍ରୈମାସିକରେ ୨,୧୯୩.୮୫ କୋଟି ଟଙ୍କାକୁ ବୃଦ୍ଧି ପାଇ ଗତ ବର୍ଷର ସମାନ ଅବଧିରେ ୧,୮୫୩.୩୨ କୋଟି ଟଙ୍କା ହୋଇଛି। ରିଲାଏନ୍ସ ପାୱାରର ଦୁଇଟି ସହାୟକ କମ୍ପାନୀ ନିକଟରେ ଆୟୁଥମ୍ ନିବେଶର ବାହୁବଳୀ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ ସହିତ ୧୦୨୩ କୋଟି ଟଙ୍କା ଋଣ ସ୍ଥିର କରିଥିଲେ। କାଲାଇ ପାୱାର ପ୍ରାଇଭେଟ ଲିମିଟେଡ ଏବଂ ରିଲାଏନ୍ସ କ୍ଲିଙ୍ଗେନ ଲିମିଟେଡ ଆରସିଏଫଏଲ ସହିତ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏଥିସହ ରିଲାଏନ୍ସ ପାୱାର ମହାରାଷ୍ଟ୍ରର ୪୫ ମେଗାୱାଟ ପବନ ଶକ୍ତି ପ୍ରକଳ୍ପକୁ ଜେଏସ୍‌ଡବ୍ଲ୍ୟୁ ନବୀକରଣ ଯୋଗ୍ୟ ଶକ୍ତିକୁ ୧୩୨ କୋଟିରେ ବିକ୍ରି କରିଛି।

## ପ୍ରତ୍ୟେକ ବଜେଟ୍ ଓ ଷ୍ଟାଇଲ୍ ପାଇଁ ଫ୍ଲିପ୍‌କାର୍ଟ ଅଡିଓ

ଭୁବନେଶ୍ୱର,୨୫।୫(ସମିସ): ଫ୍ଲିପକାର୍ଟରେ ନୋ-କଷ୍ଟ ଇଏମ୍ଆଇ ବିକଳ୍ପ ଓ ସ୍ୱତନ୍ତ୍ର ଅଫର୍ ସମେତ ଅତୁଳନୀୟ ମୂଲ୍ୟ ଓ ଡିଲ୍ ସହିତ ପ୍ରମୁଖ ବ୍ରାଣ୍ଡଗୁଡିକରୁ ଅଡିଓ ପ୍ରଡକ୍ଟଗୁଡିକର ଏକ ବିସ୍ତୃତ ଚୟନ ଉପଲବ୍ଧ। ଏହି ସିଲେକ୍ସନରେ ନିଜର ଉପଯୁକ୍ତ ଅଡିଓ ସାଥୀ ଆବିଷ୍କାର କରନ୍ତୁ, ସବୁକିଛି ଆପଣଙ୍କ ବଜେଟ୍‌ରେ କେବଳ ଫ୍ଲିପ୍କାର୍ଟରେ ଉପଲବ୍ଧ ହେଉଛି। ମ୍ୟୁଜିକ ଓ କଲ୍ସ ଡିକ ପାଇଁ ଯଦି ଆପଣ ଉପଯୁକ୍ତ ଉତ୍ପାଦର ସନ୍ଧାନ କରୁଛନ୍ତି ତେବେ ରିଅଲ୍‌ମି ଏୟାର ୫, ୱାନ୍‌ପ୍ଲସ୍ ନର୍ଡ ବଡ୍ସ ୨ ଓ ସିଏମ୍‌ଏଫ୍ ବାଏ ନଥିଙ୍ଗ ବଡ୍ସଗୁଡିକ ଉପଯୁକ୍ତ ପସନ୍ଦ ଅଟନ୍ତି। ଏହି ସମସ୍ତ ବଡ୍ସଗୁଡିକରେ ବାହାରର ବିଭ୍ରାନ୍ତକୁ ରୋକିବା ପାଇଁ ନଏଜ୍ କ୍ୟାନ୍‌ସଲେଶନ ଟେକ୍ନୋଲୋଜି ରହିଛି ଯଥା ରିଅଲ୍ମି ଏୟାର ୫ରେ ସର୍ବାଧିକ ୫୦ଡିବି, ସିଏମ୍‌ଏଫ୍ ବାଏ ନଥିଙ୍ଗରେ ୪୨ଡିବି ଓ ୱାନ୍‌ପ୍ଲସ୍ ନର୍ଡ ବଡ୍ସ ୨ରେ ୨୫ ଡିବିର ନଏଜ କ୍ୟାନ୍ସେଲେଶନ ରହିଛି। ସେହିପରି ଏଗୁଡିକର ବ୍ୟାଟେରୀ ଲାଇଫ୍ ମଧ୍ୟ ଉନ୍ନତ ରହିଛି। ରିଅଲ୍‌ମି ଏୟାର ୫ ୩୮ ଘଣ୍ଟାର, ସିଏମ୍‌ଏଫ୍ ବାଏ ନଥିଙ୍ଗ ୩୫.୫ ଘଣ୍ଟାର ଓ ୱାନ୍‌ପ୍ଲସ୍ ନର୍ଡ ବଡ୍ସ ୨ ୩୬ ଘଣ୍ଟାର ବ୍ୟାଟେରୀ ଲାଇଫ୍ ପ୍ରଦାନ କରୁଛି।

## ଭାରତରେ ପ୍ରଥମଥର ପାଇଁ ନିର୍ମିତ ହେବ

# ଜେଏଲ୍‌ଆର୍ ରେଞ୍ଜ ରୋଭର୍

ନୂଆଦିଲ୍ଲୀ,୨୫।୫(ଏଜେନ୍ସି)

ଟାଟା ମୋଟର୍ସର ଜାଗୁଆର ଲ୍ୟାଣ୍ଡ ରୋଭର (ଜେଏଲ୍‌ଆର୍) ଏକ ନୂତନ ଇତିହାସ ସୃଷ୍ଟି କରିବାକୁ ଯାଉଛି। ୧୯୭୦ ପରଠାରୁ ଏହା ପ୍ରଥମ ଥର ହେବାକୁ ଯାଉଛି ଯେ ଜାଗୁଆର ଲ୍ୟାଣ୍ଡ ରୋଭରର ଫ୍ଲାଗସିପ୍ କାର ରେଞ୍ଜ ରୋଭର ଏବଂ ରେଞ୍ଜ ରୋଭର ସ୍ପୋର୍ଟସ ଇଂଲଣ୍ଡ ବାହାରେ ଉତ୍ପାଦିତ ହେବାକୁ ଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ, କମ୍ପାନୀ ଏହି ବିଳାସପୂର୍ଣ୍ଣ କାରଗୁଡିକ କେବଳ ଇଂଲଣ୍ଡର ସୋଲିହୁଲରେ ନିର୍ମାଣ କରୁଥିଲା, ୧୯୭୦ ମସିହାରୁ ବ୍ରିଟେନରେ ଲ୍ୟାଣ୍ଡ ରୋଭରର ରେଞ୍ଜ ରୋଭର ଏବଂ ରେଞ୍ଜ ରୋଭର ସ୍ପୋର୍ଟ କାର ନିର୍ମାଣ ହୋଇଆସୁଥିଲା, କିନ୍ତୁ ବର୍ତ୍ତମାନ ଏହା ମଧ୍ୟ 'ମେଡ୍ ଇନ୍ ଇଣ୍ଡିଆ' ହେବ। ଜାଗୁଆର ଲ୍ୟାଣ୍ଡ ରୋଭର (ଜେଏଲଆର)ର ବରିଷ୍ଠ ଅଧିକାରୀମାନେ କହିଛନ୍ତି ଯେ ଏହି ଦୁଇଟି ପ୍ରସିଦ୍ଧ କାର ଭାରତରେ ସମ୍ପୂର୍ଣ୍ଣ ଭାବେ ନକଡ ଡାଉନ୍ ହୋଇଯିବ ଯଥା ସିକେଡି (ଯାନର ବିଭିନ୍ନ ଅଂଶର କିଟ୍) ଭାବେ ଭାରତରେ ନିର୍ମାଣ କରାଯିବ। ବର୍ତ୍ତମାନ ଏହି କାରଗୁଡିକ ବ୍ରିଟେନରୁ ଆମଦାନୀ ହେଉଛି। ଅଧିକାରୀ ଜଣକ କହିଛନ୍ତି ଯେ ମେଡ ଇନ୍ ଇଣ୍ଡିଆ କାରର ମୂଲ୍ୟ ୧୮ରୁ ୨୨ ପ୍ରତିଶତ ହ୍ରାସ ହୋଇପାରେ।

**ପୂର୍ବ ତୁଳନାରେ ମୂଲ୍ୟ କମ୍ ରହିବ**



ସିକେଡି ଅଧୀନରେ କମ୍ପାନୀଗୁଡ଼ିକ ଅନ୍ୟ ସ୍ଥାନରୁ ଖାଲି ଯନ୍ତ୍ରାଂଶ ଆମଦାନୀ କରିଥାନ୍ତି ଏବଂ ସେମାନଙ୍କର ଉତ୍ପାଦନ ୟୁନିଟ୍‌ଗୁଡିକରେ ତାହାକୁ ଏକତ୍ରିତ ଏବଂ ଉତ୍ପାଦନ କରିଥାନ୍ତି। ପୁଣେରେ ଜେଏଲ୍‌ଆର୍‌ର ପ୍ଲାଣ୍ଟ ରେଞ୍ଜ ରୋଭର ଭେଲାର, ଇଭୋକ, ଜାଗୁଆର ଏଫ୍-ପେସ୍ ଏବଂ ଡିଓ୍ୱକଭରି ସ୍ପୋର୍ଟ ପ୍ରସ୍ତୁତ କରିସାରିଛି। ଜାନୁୟାରୀ-ମାର୍ଚ୍ଚ ୨୦୨୪ ତ୍ରୈମାସିକରେ କମ୍ପାନୀର ବିକ୍ରିରେ ବୃହତ୍ ବୃଦ୍ଧି ପରେ ଏଠାରେ ରେଞ୍ଜ ରୋଭର ନିର୍ମାଣ କରିବାର ନିଷ୍ପତ୍ତି ମଧ୍ୟ ନିଆଯାଇଛି। ଏହି ତ୍ରୈମାସିକରେ କମ୍ପାନୀ ଭାରତରେ ୪୪୩୬ ଗାଡି ବିକ୍ରି କରିଥିଲା, ଯାହା ଏକ ବର୍ଷ ପୂର୍ବେ ୮୧ ପ୍ରତିଶତ ଅଧିକ ଥିଲା। ୨୦୦୯ରେ ଭାରତରେ ଶୁଭାରମ୍ଭ ହେବା ପରଠାରୁ ଏହା ଭାରତୀୟ ବଜାରରେ କମ୍ପାନୀର ସର୍ବୋତ୍ତମ ପ୍ରଦର୍ଶନ ଏବଂ ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ ଥିଲା।

ଜେଏଲଆର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ (ଏମଡି) ରାଜନ ଅମ୍ବା କହିଛନ୍ତି ଯେ, ରେଞ୍ଜ ରୋଭର ଇତିହାସରେ ପ୍ରଥମ ଥର ପାଇଁ ଫ୍ଲାଗସିପ ରେଞ୍ଜ ରୋଭର ଏବଂ ରେଞ୍ଜ ରୋଭର ସ୍ପୋର୍ଟ ବର୍ତ୍ତମାନ ଭାରତରେ ନିର୍ମିତ ହେବ। ଏହା ଉପରେ କାର୍ଯ୍ୟ କିଛି ସମୟ ଧରି ଚାଲିଛି ଏବଂ ରେଞ୍ଜ ରୋଭର (ଭାରତରେ ରେଞ୍ଜ ରୋଭର ଡେଲିଭରି) ବିତରଣ ମଧ୍ୟ ଚଳିତ ମାସ ଶେଷରୁ ଆରମ୍ଭ ହେବ। ଏହାପରେ, ରେଞ୍ଜ ରୋଭର ସ୍ପୋର୍ଟର ବିତରଣ ମଧ୍ୟ ଚଳିତବର୍ଷ ଅଗଷ୍ଟରେ ଆରମ୍ଭ ହେବ। ପୁଣେରେ ସିକେଡି ୟୁନିଟ୍ ହେବ, କିନ୍ତୁ ଇଂଲଣ୍ଡ ବାହାରେ ପ୍ରଥମ ଥର ପାଇଁ ଏହାର ନିର୍ମାଣ କରାଯିବ ବୋଲି ଅମ୍ବା କହିଛନ୍ତି। ଡିଫେଣ୍ଡର ବ୍ୟତୀତ, ଆମର ସମ୍ପୂର୍ଣ୍ଣ ପୋର୍ଟଫୋଲିଓ ବର୍ତ୍ତମାନ ଏଠାରେ ନିର୍ମାଣ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଜାଗୁଆର ଲ୍ୟାଣ୍ଡ ରୋଭର ୨୦୩୦ ସୁଦ୍ଧା ଭାରତରେ ୬ ଟି ନୂତନ ବୈଦ୍ୟୁତିକ ଯାନ (ଇଭି) ଆଣିବାକୁ ଯୋଜନା କରିଛି। ଅମ୍ବା କହିଛନ୍ତି, 'ଆମେ ଆସନ୍ତା ବର୍ଷ ରେଞ୍ଜ ରୋଭର ବିଇଭିରୁ ଆରମ୍ଭ କରିବାକୁ ଯାଉଛୁ, ଏହା ପରେ କମ୍ପାନୀ ୨୦୩୦ ସୁଦ୍ଧା ଭାରତରେ ୬ଟି ନୂଆ ଇଭି ଆଣିବାକୁ ଯୋଜନା କରିଛି।

ସୁଶ୍ରୀ
ସକାଳ THE SAKALA
www.sakalaepaper.com



# ଘର କାନ୍ଥ ଅପରିଷ୍କାର ହୋଇଥିଲେ

**ସାଧାରଣତଃ ରୋଷେଇ କଲାବେଳେ ତେଲ, ମସଲା ଛିଟା ପଡ଼ି ରୋଷେଇ ଘର କାନ୍ଥ ଅପରିଷ୍କାର ହୋଇଥାଏ । ସେହିପରି ଛୋଟ ପିଲାମାନେ ମଧ୍ୟ ଘର କାନ୍ଥରେ କଲମ, ରଙ୍ଗ ଆଦିରେ ଗାରେଇ ଅପରିଷ୍କାର କରିଥାନ୍ତି । ବେଳେ ବେଳେ ବଡ଼ ମାନଙ୍କ ଦ୍ୱାରା ମଧ୍ୟ ଭୁଲ ବଶତଃ ଦାଗ ଲାଗିଯାଏ । ଯାହା ପରବର୍ତ୍ତୀ ସମୟରେ ଅସୁନ୍ଦର ଦେଖାଯାଏ । ଏପରିସ୍ଥଳେ କିଛି ସହଜ ଉପାୟକୁ ଆପଣାଇ ଅପରିଷ୍କାର କାନ୍ଥକୁ ପରିଷ୍କାର କରିପାରିବେ । ବିଷୟରେ.....**

### ସିରକା ସ୍ପ୍ରେ କରନ୍ତୁ

ସିର୍‌କା ମଇଳା, ଦାଗ ଦୂର କରିବାରେ ବେଶ ସହାୟକ ହୋଇଥାଏ । ତେଣୁ ସିର୍‌କା ଓ ପାଣିର ଏକ ମିଶ୍ରଣ ପ୍ରସ୍ତୁତ କରି କାନ୍ତରେ ସ୍ପ୍ରେ କରି ମଇଳା ଛଡାଇ ପାରିବେ । ଦାଗ ଥିବା ସ୍ଥାନରେ ଏହି ପାଣି ସ୍ପ୍ରେ କରି କିଛି ସମୟ ଛାଡି ଦିଅନ୍ତୁ । ଏହା ପରେ ଓଦା କପଡ଼ା ସାହାଯ୍ୟରେ ଘର କାନ୍ଥକୁ ପୋଛି ଦିଅନ୍ତୁ । ଏଥିରେ ସମସ୍ତ ଦାଗ ପରିଷ୍କାର ହୋଇଯାଏ ।

### ଡିସ୍‌ୱାସ୍ ଜେଲ୍ ବ୍ୟବହାର କରନ୍ତୁ

ଘର କାନ୍ଥ ଅପରିଷ୍କାର ହୋଇଥିଲେ, ଡିସ୍‌ୱାସ୍ ଜେଲ୍ ବ୍ୟବହାର କରି ସଫା କରିପାରିବେ । ଘରେ ଦାଗ ଥିବା କାନ୍ଥରେ ଡିସ୍‌ୱାସ୍ ଜେଲ୍ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ । ଏହାପରେ କଟନ କପଡ଼ାକୁ ଓଦା କରି ସେହି ସ୍ଥାନକୁ ଭଲ ଭାବେ ପୋଛି ଦିଅନ୍ତୁ । ଏପରି କରିବା ଦ୍ୱାରା କାନ୍ଥରେ ଲାଗିଥିବା ସମସ୍ତ ଦାଗ ସହଜରେ ଛାଡ଼ି ଯାଏ ।

### ଟୁଥ୍‌ପେଷ୍ଟର ବ୍ୟବହାର

ଘର କାନ୍ଥରେ ପେନ୍ କିମ୍ବା କଳା ରଙ୍ଗ ଲାଗିଥିଲେ ତାହାକୁ ପରିଷ୍କାର କରିବାକୁ ହେଲେ, ଟୁଥ୍‌ପେଷ୍ଟ ସବୁଠୁ ଭଲ ବିକଳ୍ପ । ତେଣୁ ଦାଗ ଥିବା ସ୍ଥାନରେ ପ୍ରଥମେ ଭଲ କରି ଟୁଥ୍‌ପେଷ୍ଟ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ । ପରେ କୌଣସି ନରମ ବ୍ରଶ ସହାୟତାରେ ସେହି ସ୍ଥାନକୁ ଭଲ ଭାବେ ସଫା କରନ୍ତୁ । ଏହା କାନ୍ଥକୁ ପରିଷ୍କାର କରି ଘରର ସୁନ୍ଦରତା ବୃଦ୍ଧି କରିଥାଏ ।

# ହେୟାର ସ୍ପା କରୁଥିଲେ ଧ୍ୟାନ ରଖନ୍ତୁ

**ସାଧାରଣତଃ କେଶ ଚମକ ଓ କୋମଳ ରଖିବା ପାଇଁ ମହିଳାମାନେ ହେୟାର ସ୍ପା କରିଥାନ୍ତି । ତେବେ ହେୟାର ସ୍ପା କରିବା ପୂର୍ବରୁ ଏବଂ ପରେ କିଛିଟା ଦିଗ ଉପରେ ଧ୍ୟାନ ଦେବାକୁ ପଡିଥାଏ ।ଜାଣିବା ସେ ବିଷୟରେ...**



- ହେୟାର ସ୍ପା କରିବା ପୂର୍ବରୁ ପ୍ରଥମେ ନିଜ କେଶ ତେଲିଆ ବା ରୁକ୍ଷ ସେ ବିଷୟରେ ଜାଣିବା ଜରୁରୀ ।
- ହେୟାର ସ୍ପାରେ ବ୍ୟବହୃତ ହେଉଥିବା କ୍ରିମ୍, ସିରମ୍, କଣ୍ଡିସନର ଆଦିର କ୍ୱାଲିଟି ଦେଖନ୍ତୁ । ଖରାପ ପ୍ରସାଧନ ବ୍ୟବହାର କରିବା ଦ୍ୱାରା କେଶ ସଂକ୍ରମଣ ସମସ୍ୟା ଦେଖାଯାଏ ।
- ହେୟାର ସ୍ପା କରିବା ପରେ ସଙ୍ଗେ ସଙ୍ଗେ କେଶ ଧୁଅନ୍ତୁ ନାହିଁ । ପାଖାପାଖି ୨୪-୪୮ ଘଣ୍ଟା ପରେ କେଶ ସଫା କରନ୍ତୁ ।
- କେଶକୁ ଧୂଳିମାଟିରୁ ସୁରକ୍ଷା ଦେବା ଜରୁରୀ । ତେଣୁ ହେୟାର ସ୍ପା କରିବା ପରେ କେଶ ଖୋଲା କରି ବାହାରକୁ ଯାଆନ୍ତୁ ନାହିଁ । ଏଥି ସହ କେଶକୁ ବେଶୀ ଟାଇଟ୍ କରି ବାନ୍ଧନ୍ତୁ ନାହିଁ ।



# ଅରଟରେ ସୂତା ମୋଡ଼ି ସ୍ୱାବଲମ୍ବୀ



### ୧୦ ବର୍ଷ ଧରି ସୂତା ମୋଡ଼ିବା କାମ କରୁଛି

ଆମ ଗ୍ରାମରେ କେବଳ ରଙ୍ଗଣୀ ଜାତିର ଲୋକମାନେ ତନ୍ତ ବୁଣାବୁଣି କାର୍ଯ୍ୟ କରନ୍ତି । ଏହା ତାଙ୍କର କୌଳିକ ବୃତ୍ତି । ଲୁଗା ବୁଣିବା ପାଇଁ ସେମାନେ ବିଭିନ୍ନ ରଙ୍ଗର ଅଡୁଆ ସୂତାକୁ ଗୋଟି ଗୋଟି କରି ଅରଟରେ ସଜାଡ଼ି ବବିନ୍ ଓ ନଳିରେ ଗୁଡ଼େଇବା ପାଇଁ ଲୋକମାନଙ୍କୁ ଅରଟ ସହ ଅମୋଡ଼ା ସୂତା ଦେଇଥାନ୍ତି । ଏହି ଅସଜଡ଼ା ସୂତାକୁ ଅରଟରେ ଗୁଡ଼ାଇ ଦୁଇ ପଇସା ରୋଜଗାର ମହିଳାମାନେ କରିପାରୁଛନ୍ତି । ଘରର ଦୈନନ୍ଦିନ କାର୍ଯ୍ୟ ଶେଷ ହେବାପରେ ଏହି କାର୍ଯ୍ୟ କରିଥାଉ । ଖାଲିଟାରେ ଘରେ ବସିବାଠାରୁ କାଶିବା ଭଲ ଭାବି ଏହି ସୂତା ଗୁଡ଼ାଇବା କାର୍ଯ୍ୟ ୧୦ ବର୍ଷ ଧରି କରୁଛି । ଅବଶ୍ୟ ଏଥିରୁ ମାସକୁ ବେଶ୍ ଦୁଇ ପଇସା ରୋଜଗାର ହୋଇପାରୁଛି । ଦୈନିକ ଏଥିପାଇଁ ୫-୬ ଘଣ୍ଟା ସମୟ ଦେବାକୁ ପଡ଼େ ।

- ଶୈଳବାଳା ସାହୁ

### ଭାରୀ କାମ କରିପାରୁନି, ଘରେ ବସି ସୂତାମୋଡ଼ା ଭଲ

ବୟସ ବଢ଼ିବାରୁ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଯାଉଛି । ତେଣୁ ଏ ବୟସରେ କୌଣସି ଭିଡ଼ କାମ କରିବା ମୋ ପାଇଁ କଷ୍ଟକର । ସେଥିପାଇଁ ଘରେ ବସି ଏଇ ସୂତା ମୋଡ଼ିବା ଭଲ । ଏଥିପାଇଁ ଦୈନିକ ୪ -୫ ଘଣ୍ଟା ସମୟ ଦେବାକୁ ପଡ଼େ, ସୂତା ମୋଡ଼ି ମୋଡ଼ି ହାତ ଦରଜ ହେଇଯାଏ । ତଥାପି ଘରେ ବସି ଦୁଇ ପଇସା ରୋଜଗାର କରି ପାରୁଥିବାରୁ ଖୁସି ଲାଗେ । କଷ୍ଟ ଏତେଟା ଜଣାପଡ଼େନି । ଘରେ ପିଲାମାନେ ଏଇ କାର୍ଯ୍ୟ କରିବାକୁ ବାରଣ କରନ୍ତି, କିନ୍ତୁ ମନ ବୁଝେନି । ସକାଳ ହେବା ମାତ୍ରେ ନିଜ କାର୍ଯ୍ୟ ସହ ଘର କାମ ଶେଷ କରିବା ପରେ ଅରଟ ପାଖରେ ବସେ । ଏମିତି ସୂତାମୋଡ଼ା କାର୍ଯ୍ୟ ଚାଲେ ।



- ନିର୍ମଳା ସାହୁ

**ଗାଁ ହେଉ ଅବା ସହର ସବୁ ସ୍ଥାନରେ ମହିଳାମାନେ କିଛି ନା କିଛି ପନ୍ଥା ଆପଣାଇ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ଅଧିକାଂଶ ମହିଳା ବ୍ୟବସାୟ, ଚାଷକାର୍ଯ୍ୟ, ସିଲେଇ ଆଦି କରି ରୋଜଗାରକ୍ଷମ ହେଉଥିବାବେଳେ ନୟାଗଡ଼ ଜିଲ୍ଲା ମର୍ଦ୍ଦରାଜପୁରର ମହିଳାମାନେ ଅରଟରେ ସୂତା ଗୁଡ଼ାଇ ବେଶ୍ ଦୁଇ ପଇସା ରୋଜଗାର କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜର ତେଲ ଲୁଣ ସଂସାର ଚଳାଇ ପାରୁଛନ୍ତି ।**



### ଘରେ ଘରେ ଅରଟ

ବାହା ହୋଇ ଆସିବା ଦିନୁ ତନ୍ତବୁଣା ସହ ଅରଟରେ ସୂତାମୋଡ଼ା କାର୍ଯ୍ୟ ଦେଖି ଆସୁଛି । ପ୍ରାୟତଃ ଗାଁ ର ଅଧିକାଂଶ ମହିଳା ଘରେ ବସି ସୂତାମୋଡ଼ା କାର୍ଯ୍ୟ କରନ୍ତି । ଘରେ କିଛି ଥାଉ ବା ନ ଥାଉ ଅରଟ ଗୋଟିଏ ଯେମିତି ହେଲେ ଥିବ । ଘରେ ଖାଲିରେ ବସି ବିରକ୍ତ ହେବା ଅପେକ୍ଷା ସମୟର ସଦୁପଯୋଗ କରି ଦୁଇ ପଇସା ରୋଜଗାର କରିବାର ଏହା ଭଲ ଉପାୟ । କିନ୍ତୁ, ମୁଁ ପରିବାର ଚଳାଇବା ଉଦ୍ଦେଶ୍ୟ ରଖି ପ୍ରାୟ ୧୦ ବର୍ଷ ତଳେ ଏହି କାର୍ଯ୍ୟ ଆରମ୍ଭ କରିଥିଲି । ଏଥିରୁ ମାସକୁ କିଛି ଅର୍ଥ ରୋଜଗାର କରି ପରିବାର ଚଳାଇବା ସହ ପିଲାଙ୍କ ପଢ଼ା ଖର୍ଚ୍ଚ ତୁଲାଉ ଥିଲି । ପୂର୍ବାପେକ୍ଷା ପରିସ୍ଥିତି ବଦଳିବା ସତ୍ତ୍ୱେ ଏହି ସୂତାଗୁଡ଼ା କାର୍ଯ୍ୟ ଏବେ ବି ଚାଲିଛି । ଏହା ଏବେ ଏକ ପ୍ରକାର ଅଭ୍ୟାସରେ ପରିଣତ ହୋଇଯାଇଛି କହିଲେ ଚଳେ ।

- ଜାଗେରି ସ୍ୱାଇଁ

# ଭୀମାବାଈଙ୍କ ପୁସ୍ତକ ହୋଟେଲ

ବର୍ତ୍ତମାନ ସମୟରେ ହୋଟେଲ, ରେସ୍ତୋରାଁ ଆଦି ସ୍ଥାନକୁ ଗଲେ ଲୋକମାନେ ଫୋନରେ ହିଁ ବ୍ୟସ୍ତ ରହୁଛନ୍ତି । ଅର୍ଡ଼ର ନ ଆସିବା ପର୍ଯ୍ୟନ୍ତ ସେମାନେ ସେମିତି ଫୋନରେ ଲାଗିଥାନ୍ତି । ଯୁବପିଢ଼ିଙ୍କ ଏପରି କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ରର ୭୪ ବର୍ଷୀୟା ଭୀମବାଈ ଜୋନ୍ଦଲେ ଏକ ଅଭିନବ ପ୍ରୟାସ କରିଛନ୍ତି ।

ଭୀମାବାଈଙ୍କର ଗୋଟିଏ ଚା’ ଦୋକାନ ଅଛି । ଗ୍ରାହକ ମାନେ ଚା’ ପାଇଁ ଅପେକ୍ଷା କରିବା ସମୟରେ ନିଜ ନିଜ ଫୋନରେ ବ୍ୟସ୍ତ ରୁହନ୍ତି । ତେଣୁ ସେ ଯୁବପିଢ଼ିଙ୍କର ଏହି ଅଭ୍ୟାସକୁ କିଭଳି ବଦଳାଇବେ, ସେ ବିଷୟରେ ଚିନ୍ତା କଲେ । ଯଦିଓ ଭୀମାବାଈଙ୍କର ପଢ଼ା ପ୍ରତି ରୁଚି ଥିଲା, ତଥାପି ପଢ଼ିବାର ସୁଯୋଗ ତାଙ୍କୁ ମିଳି ନ ଥିଲା । ତେବେ ଗ୍ରାହକଙ୍କୁ ପଢ଼ା ପ୍ରତି ପ୍ରୋତ୍ସାହିତ କରିବା ପାଇଁ ସେ ସେ ୨୦୧୫ ମସିହାରେ ‘ଆଜିଚ୍ୟ ପୁସ୍ତକାଚଂ’ ହୋଟେଲ ବା ଗ୍ରାଣ୍ଡ ମଦର୍ସ ହୋଟେଲ ୱିଥ୍ ବୁକ୍ସ ଆରମ୍ଭ କରିଥିଲେ । ଏହା ମୁମ୍ବାଇ ଓ ଆଗ୍ରାର ଜାତୀୟ ରାଜପଥ-୩ ରେ ଅବସ୍ଥିତ ।

ତାଙ୍କର ଏହି ଦୋକାନରେ ସ୍ୱାଦିଷ୍ଟ ଖାଦ୍ୟ ସହ ବିଭିନ୍ନ ପୁସ୍ତକ ପଢ଼ାର ସୁଯୋଗ ଗ୍ରାହକଙ୍କୁ ମିଳିଥାଏ । ସେହିପରି ଜେଜେ ମା’ ନାଁରେ ପ୍ରସିଦ୍ଧି ଲାଭ କରିଥିବା ଭୀମାବାଈ ଏହି ହୋଟେଲରେ ମାଗଣାରେ ଲୋକମାନଙ୍କୁ ବହି ପଢିବାକୁ ଦେଇଥାନ୍ତି । ବର୍ତ୍ତମାନ ସମୟରେ ଏହି ହୋଟେଲରେ ହିନ୍ଦୀ, ଇଂରାଜୀ ଓ ମରାଠୀ ଭାଷାର ପୁସ୍ତକ ରହିଛି । ତାଙ୍କର ଏହି ବୁକ ହୋଟେଲ ପ୍ରଥମେ ୫୦ ଟି ପୁସ୍ତକକୁ ନେଇ ଆରମ୍ଭ ହୋଇଥିବାବେଳେ, ଏବେ ଏହାର ସଂଖ୍ୟା ୫ ହଜାରରେ ପହଞ୍ଚିଛି । ଏହି ହୋଟେଲ ମାଧ୍ୟମରେ ଭୀମାବାଈ ଯୁବପିଢ଼ିଙ୍କୁ ପଢ଼ିବା ପାଇଁ ପ୍ରେରଣା ଦେଉଛନ୍ତି ।





# ଚାମଚରେ ମସାଜ୍

**ସାଧାରଣତଃ ଖାଇବା ପାଇଁ ଚାମଚର ବ୍ୟବହାର କରାଯାଇଥାଏ । ତେବେ ଚାମଚ ସାହାଯ୍ୟରେ ତ୍ୱଚାର ଯତ୍ନ ମଧ୍ୟ ନିଆଯାଇପାରିବ । ସ୍କିନ୍ ମସାଜ୍ କରିବା ପାଇଁ କୌଣସି ଉପକରଣ ନଥିଲେ, ଚାମଚର ବ୍ୟବହାର କରିପାରିବେ । ଚାମଚ ମସାଜ୍ କରିବା ଦ୍ୱାରା ଚର୍ମ କୁଞ୍ଚନ ତଥା ତ୍ୱଚା ଜନିତ ସମସ୍ୟା ଦୂର ହୋଇଥାଏ । ତେବେ ଜାଣିବା ଚାମଚ ସାହାଯ୍ୟରେ ତ୍ୱଚାର ଯତ୍ନ କିପରି ନେବେ ....**



### ଥଣ୍ଡା ଚାମଚରେ କରନ୍ତୁ ଫେସିଆଲ୍

ଚାମଚକୁ ଦିନସାରା ଫ୍ରିଜ୍‌ରେ ରଖନ୍ତୁ । ରାତ୍ରି ସମୟରେ ସେହି ଚାମଚକୁ ଫ୍ରିଜ୍‌ରୁ ବାହାର କରି ତ୍ୱଚାରେ ମସାଜ୍ କରନ୍ତୁ । ଏହା ଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଭଲ ହେବା ସହ ତ୍ୱଚାଜନିତ ବିଭିନ୍ନ ସମସ୍ୟା ଦୂର ହୋଇଥାଏ । ଏଥି ସହ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଏ ।

### ଶୋଇବା ପୂର୍ବରୁ କରନ୍ତୁ ମସାଜ୍

ପ୍ରଥମେ ମୁହଁକୁ ଫେସ୍‌ୱାସ୍‌ରେ ଭଲଭାବେ ସଫା କରନ୍ତୁ । ଏହା ପରେ ତ୍ୱଚାରେ ହାଲୁକା ନାଇଟ୍ କ୍ରିମ୍ ଲଗାନ୍ତୁ । ଏହାପରେ ଫ୍ରିଜ୍‌ରେ ରଖିଥିବା ଚାମଚକୁ ନଡ଼ିଆ ତେଲରେ ବୁଡ଼ାଇ ଏହାର ପଛଭାଗରେ ମୁହଁକୁ ମସାଜ କରନ୍ତୁ । ଏହାଦ୍ୱାରା ତ୍ୱଚା କୋମଳ ରହେ ।

### ଏପରି କରନ୍ତୁ ମସାଜ୍

ଚାମଚର ପଛ ଭାଗକୁ ତ୍ୱଚାରେ ହାଲୁକା ଚାପ ଦେଇ ମସାଜ୍ କରନ୍ତୁ । ଚାମଚକୁ ହାତ ସାହାଯ୍ୟରେ ଗାଲ ଉପରକୁ ନେଇ ନାକ ଓ ଫୋରହେଡ୍ ପର୍ଯ୍ୟନ୍ତ ମସାଜ୍ କରନ୍ତୁ । ଏହାପରେ ଚାମଚ ସାହାଯ୍ୟରେ ବେକ ମସାଜ କରନ୍ତୁ । ଏହି ପ୍ରକ୍ରିୟା ୧୦-୧୫ ମିନିଟ୍ ପର୍ଯ୍ୟନ୍ତ କରନ୍ତୁ ।

# ପିଆଜ ତରକାରି

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ପିଆଜ – ୨୫୦ ଗ୍ରାମ୍, ଟମାଟୋ କଟା – ଏକ କପ୍, ଅଦା – ଛୋଟ ଖଣ୍ଡେ, ରସୁଣ – ଚାରି / ପାଞ୍ଚକୋଳା, ହଳଦିଗୁଣ୍ଡ – ଅଧା ଚାମଚ, ଲଙ୍କାଗୁଣ୍ଡ – ଅଧା ଚାମଚ, କଞ୍ଚା ଲଙ୍କା – ୨ ଗୋଟି, ଧନିଆଗୁଣ୍ଡ – ଏକ ଚାମଚ, ଗରମମସଲା – ଏକ ଚାମଚ, ଭଜା ଜୀରା ଗୁଣ୍ଡ – ଅଧା ଚାମଚ, ଧନିଆ ପତ୍ର – ଅଧା କପ୍, ଫ୍ରେସ୍‌କ୍ରିମ୍ – ଏକ ଚାମଚ, ଲୁଣ – ସ୍ୱାଦାନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଛୋଟ ପିଆଜରୁ ଚୋପା ଛଡ଼ାଇ ମଝିରୁ ଛୁରିରେ ଦାଗ ଦେଇ ରଖନ୍ତୁ । ଟମାଟୋ, କଞ୍ଚାଲଙ୍କା, ଅଦା, ରସୁଣ ମିଶାଇ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଉଷୁମ ହୋଇଯିବା ପରେ ସେଥିରେ ଦାଗ ଦେଇ ରଖିଥିବା ପିଆଜ ସବୁକୁ ପକାନ୍ତୁ । ପିଆଜ ହାଲୁକା ଭାଜି ହୋଇଯିବା ପରେ ଗ୍ରାଇଣ୍ଡିଂ କରି ରଖିଥିବା ଟମାଟୋ ପେଷ୍ଟ ପକାଇ ଚାମଚରେ ଏପଟସେପଟ କରନ୍ତୁ । ଏହାପରେ ଲୁଣ ଓ ହଳଦୀ ଦେଇ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ । କିଛି ସମୟପରେ ଢାଙ୍କୁଣୀ କାଢ଼ି ସେଥିରେ ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ଜୀରାଗୁଣ୍ଡ, ଗରମମସଲା, ସ୍ୱାଦ ଅନୁସାରେ ଲୁଣ ଦେଇ ଭଲ ଭାବେ ଘାଣ୍ଟି ଦିଅନ୍ତୁ । ଏହାପରେ ଫ୍ରେସ୍ କ୍ରିମ୍ କିମ୍ବା ମଲାଇ ଦେଇ ତାହାକୁ ମସଲାରେ ମିକ୍ସ କରି ଦିଅନ୍ତୁ । ପରେ କଟା କଞ୍ଚାଲଙ୍କା ଓ ଧନିଆପତ୍ର ଦେଇ ପରଷି ଦିଅନ୍ତୁ ‘ପିଆଜ ତରକାରି’ ।



# ଷ୍ଟିକ୍ ସନ୍‌ସ୍କ୍ରିନର ଉପକାରିତା



**ଖରାଦିନେ ସନ୍‌ସ୍କ୍ରିନ୍‌ର ବ୍ୟବହାର ଅଧିକ କରାଯାଏ । ବଜାରରେ ବିଭିନ୍ନ କମ୍ପାନୀର ଟ୍ୟୁବ୍ ସନ୍‌ସ୍କ୍ରିନ୍ ରହିଥିବାବେଳେ, ବର୍ତ୍ତମାନ ଷ୍ଟିକ୍ ସନ୍‌ସ୍କ୍ରିନ୍ ମଧ୍ୟ ଉପଲବ୍ଧ ରହିଛି । କ୍ରିମ୍ ତୁଳନାରେ ଷ୍ଟିକ୍ ସନ୍‌ସ୍କ୍ରିନ୍ ଲଗାଇବା ସୁବିଧାଜନକ । ଏହି ଷ୍ଟିକ୍‌କୁ ସିଧାସଳଖ ମୁହଁ, ଆଖି,ନାକରେ ଲଗାଇପାରିବେ । ତେବେ ଚାଲନ୍ତୁ ଜାଣିବା, ଷ୍ଟିକ୍ ସନ୍‌ସ୍କ୍ରିନର ଉପକାରିତା ବିଷୟରେ...**

### ମୁହଁକୁ ଘଷିବାର ଆବଶ୍ୟକତା ନାହିଁ

ଏହାକୁ ଲୋସନ ଭଳି ମୁହଁରେ ଲଗାଇ ଘଷିବାର ଆବଶ୍ୟକତା ନାହିଁ, କି ଅଯଥା ଢାଳିଯିବା କିମ୍ବା ନଷ୍ଟ ହେବାର ଭୟ ନାହିଁ । ଏହାକୁ ସହଜରେ ମୁହଁରେ ଲଗାଯାଇପାରିବ ।

### ଏହା ହାଲୁକା ଓ ସୁବିଧାଜନକ

ସନ୍‌ସ୍କ୍ରିନ୍ ଲୋସନ ତୁଳନାରେ ଷ୍ଟିକ୍ ସନ୍‌ସ୍କ୍ରିନ୍ ହାଲୁକା ଓ ଆକାରରେ ଛୋଟ । ଏହାକୁ ସହଜରେ ନେବା ଆଣିବା ସୁବିଧାଜନକ ।

# ରାଞ୍ଚିରେ ଭୋଟ ଦେଲେ ଧୋନି



**ରାଞ୍ଚି, ୨୫।୫ (ଏଜେନ୍ସି):** ଚେନ୍ନାଇ ସୁପର୍ କିଙ୍ଗ୍‌ସର ତାରକା ଖେଳାଳି ମହେନ୍ଦ୍ର ସିଂ ଧୋନି ଭାରତୀୟ ଗଣତନ୍ତ୍ରର ମହାପର୍ବ ତଥା ଚଳିତ ସାଧାରଣ ନିର୍ବାଚନରେ ନିଜକୁ ସାମିଲ କରିଛନ୍ତି। ଶନିବାର ଦେଶରେ ୬ଷ୍ଠ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ୪୨ ବର୍ଷୀୟ ଧୋନି ରାଞ୍ଚିରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ଭାରତୀୟ କ୍ରିକେଟ୍ ଦଳର ପ୍ରାକ୍ତନ ଅଧିନାୟକ ଧୋନି ନିଜ ପରିବାର ସହ ରାଞ୍ଚିରେ ଭୋଟ୍ ଦେଇଛନ୍ତି। ଧୋନି କାରରୁ ଓହ୍ଲାଇବା ପରେ ତାଙ୍କୁ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଅନେକ ପ୍ରଶଂସକ ଘେରିଯାଇଥିଲେ। ଏହାପରେ ଧୋନି ପୁଲିଂ ବୁଥକୁ ଯାଇଥିବାବେଳେ ପ୍ରଶଂସକମାନେ ସେଲ୍‌ଫି ନେବା ଲାଗି ପ୍ରତିଯୋଗିତା କରୁଥିବାର ଦେଖିବାକୁ ମିଳିଥିଲା। ଚଳିତ ଆଇପିଏଲ୍-୧୭ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିକଟରୁ ହାରି ଚେନ୍ନାଇ ସୁପର କିଙ୍ଗ୍‌ସ ପ୍ଲେ-ଅଫ୍‌କୁ ପ୍ରବେଶ କରିବାରେ ବିଫଳ ହୋଇଥିଲା। ଏହାପରେ ଧୋନି ବେଙ୍ଗାଲୁରୁରୁ ସିଧା ରାଞ୍ଚି ଚାଲିଆସିଥିଲେ।

## କୋଲକାତାରୁ ଭୋଟ ଦେବା ଲାଗି ଗମ୍ଭୀରଙ୍କ ସାମୟିକ ବିରତି



ସେହିଭଳି ଭାରତୀୟ କ୍ରିକେଟ୍ ଦଳର ପ୍ରାକ୍ତନ ଓପନର୍ ତଥା ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଦଳର ପରାମର୍ଶଦାତା ରହିଥିବା ଗୌତମ ଗମ୍ଭୀର ମଧ୍ୟ ଶନିବାର ଭୋଟ୍ ଦେଇଛନ୍ତି। ସେ ଦିଲ୍ଲୀରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। କୋଲକାତା ରବିବାର ଆଇପିଏଲ୍ ଫାଇନାଲ ଖେଳିବାକୁ ଥିବାବେଳେ ଗମ୍ଭୀର ସାମୟିକ ଭାବେ ବିରତି ନେଇ ଭୋଟ୍ ଦେବା ଲାଗି ଦିଲ୍ଲୀ ଆସିଛନ୍ତି।

### ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨

# ମହିଳା କମ୍ପାଉଣ୍ଡ ଟିମ୍‌କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

**ସିଓଲ୍, ୨୫।୫(ଏଜେନ୍ସି)**




ଭାରତର ମହିଳା ତୀରନ୍ଦାଜ ଟିମ୍ ଏଠାରେ ଅନୁଷ୍ଠିତ ତିରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜ୍ୟୋତି ସୁରେଖା ଭେନମ, ପରନିତ କୌର ଓ ଅଦିତି ଶର୍ମାଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଫାଇନାଲରେ ତୁର୍କୀର ମହିଳା ଟିମ୍‌କୁ ୨୩୨-୨୨୬ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣିକ ସଫଳତା ପାଇଥିଲେ। ତୁର୍କୀ ପକ୍ଷରୁ ହାଜଲ ବୁରୁନ୍, ଆଇସେ ବେରା ସୁଜୁର ଓ ବେଗମ ଯୁବା ପ୍ରତିନିଧିତ୍ୱ କରିଥିଲେ। ଫାଇନାଲରେ ୬ ପଏଣ୍ଟ ବିଜୟ ବ୍ୟବଧାନ ସହ ଗୋଟିଏ ହେଲେ ପଏଣ୍ଟ ଡ୍ରପ୍ ନକରି ଭାରତୀୟ ମହିଳା ଦଳ ମ୍ୟାଚ୍ ଜିତିନେଇଛି। କିନ୍ତୁ ଜ୍ୟୋତିସୁରେଖା ଓ ପ୍ରିୟଂଶଙ୍କୁ ନେଇ ଗଠିତ ମିଶ୍ରିତ ଯୁଗଳ ଦଳ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ମିଶ୍ରିତ ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ବିଭାଗ ଫାଇନାଲରେ ଆମେରିକାର ଅଲିଭିଆ ଡିନ୍ ଓ ସାୱେର ସୁଲିଭାନ ୧୫୫-୧୫୩ ପଏଣ୍ଟରେ ଜ୍ୟୋତି ଓ ପ୍ରିୟଂଶକୁ ପରାସ୍ତ କରିଥିଲେ। ଏଠାରେ ବିଜୟ ଫଳରେ ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ କମ୍ପାଉଣ୍ଡ ବିଭାଗରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଗତବର୍ଷ ପ୍ୟାରିସ୍‌ରେ ଅନୁଷ୍ଠିତ ଷ୍ଟେଜ୍-୪ ଇଭେଣ୍ଟରେ ଏହି ଟିମ୍ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହା ପରେ ଗତମାସ ଇଟାଲୀରେ ଅନୁଷ୍ଠିତ ଷ୍ଟେଜ୍-୧ ବିଶ୍ୱକପ୍‌ରେ ମହିଳା ଦଳ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲାବେଳେ ଆଜି ସାଙ୍ଘାଇରେ ଅନୁଷ୍ଠିତ ଷ୍ଟେଜ୍-୨ରେ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହା ଫଳରେ କ୍ରମାଗତ ୩ଟି ବିଶ୍ୱକପ୍‌ରେ ମହିଳା କମ୍ପାଉଣ୍ଡ ଟିମ୍ ସ୍ୱର୍ଣ୍ଣପଦକ ଜିତି ଇତିହାସ ରଚନା କରିଛନ୍ତି।

ଦକ୍ଷିଣକୋରିଆରେ ଆଜି ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଜ୍ୟୋତି, ପରନିତ ଓ ଅଦିତିଙ୍କୁ ନେଇ ଗଠିତ ମହିଳା ଟିମ୍ ପ୍ରଥମ ରାଉଣ୍ଡରେ ୩ଥର ସଫଳ ହୋଇଥିଲାବେଳେ ୩ଥର ଗୋଟିଏ ଲେଖାଏଁ ପଏଣ୍ଟ ଡ୍ରପ୍ କରିଥିଲେ। ଫଳରେ ଦଳ ୧ ପଏଣ୍ଟ ଆଗରେ ରହିଥିଲା। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ପ୍ରତିଯୋଗୀ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଏଥିରେ ୫ଥର ପରଫେକ୍ଟ ୧୦ ଓ ଆଉ ଥରେ ୯ ପଏଣ୍ଟ ହାସଲ କରିବା ଫଳରେ ଅଧାରୁ ୪ ପଏଣ୍ଟ ଅଗ୍ରଣୀ ନେଇଥିଲା। ଶେଷ ରାଉଣ୍ଡରେ ଜୋରଦାର ଲଢ଼େଇ ହୋଇଥଲା। ଏଥିରେ ଭାରତୀୟ ପ୍ରତିଯୋଗୀମାନେ ଲଢୁଆ ଖେଳିଥିଲେ ମଧ୍ୟ ତୁର୍କୀର ପ୍ରତିଯୋଗୀ ୪ଥର ପରଫେକ୍ଟ ୧୦ ପଏଣ୍ଟ ସଂଗ୍ରହ କରିଥିଲେ। ଚତୁର୍ଥ ଓ ପଞ୍ଚମ ରାଉଣ୍ଡରେ ଭାରତ ୫୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିବା ଫଳରେ ଆଗରୁ ନେଇଥିବା ଅଗ୍ରଣୀ କାମରେ ଆସିଥିଲା। ଯାହା ଫଳରେ ମହିଳା ଦଳ ଏହି ମୁକାବିଲାକୁ ୬ ପଏଣ୍ଟ ବ୍ୟବଧାନରେ ଜିତି ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲା। କମ୍ପାଉଣ୍ଡ ଏକକ କାଟାଗୋରୀରେ ପ୍ରଥମେଶ ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ଆଜି ଅନୁଷ୍ଠିତ ସେମିଫାଇନାଲରେ ସେ ବିଶ୍ୱର ନଂ-୭ ଖେଳାଳି ଜେମ୍ସ ଲୁଜ୍‌ଙ୍କଠାରୁ ଓ କାଂସ୍ୟ ପଦକ ମୁକାବିଲାରେ ନେଦରଲାଣ୍ଡର ବିଶ୍ୱ ନଂ-୧ ମାଇକ୍ ସ୍କୋଲେସରଙ୍କଠାରୁ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ। ଯାହା ଫଳରେ ସେ ଗୋଟିଏ ପଦକ ନିଶ୍ଚିତ ହରାଇଥିଲେ।



ବିଶ୍ୱ ପାରା-ଆଥଲେଟିକ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ସିମରନ ଶର୍ମା

### ବିଶ୍ୱ ପାରାଆଥଲେଟିକ୍ ଚାମ୍ପିଅନସିପ୍

# ସିମରନ୍ ଜିତିଲେ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୨୫।୫(ଏଜେନ୍ସି)**

ଭାରତର ସିମରନ ଶର୍ମା ବିଶ୍ୱ ପାରା-ଆଥଲେଟିକ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ଟି-୧୨ କାଟେଗୋରୀର ମହିଳା ୨୦୦ ମିଟର ଦୌଡ଼ରେ ସିମରନ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଭାରତର ଏହି ୨୫ ବର୍ଷିୟା ପାରା ଆଥଲେଟ୍ ଏହି ଦୂରତାକୁ ୨୪.୯୫ ସେକେଣ୍ଡ ସମୟ ନେଇ ଡୋମିନିକାନ ରିପବ୍ଲିକ୍‌ର ଡାର୍ଲେନିସ ଡି ଲା କ୍ରୁଜ୍ ସେଭେରିନୋଙ୍କୁ ପରାସ୍ତ କରିଥିଲେ। ସେଭେରିନୋ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲାବେଳେ ସେ ଏହି ଦୂରତାକୁ ୨୫.୦୮ ସେକେଣ୍ଡରେ ଅତିକ୍ରମ କରିଥିଲେ। ବ୍ରାଜିଲର ଲୋରେନ୍ ଗୋମ୍ସ ଡି ଆଗୁଆର ୨୫.୪୦ ସେକେଣ୍ଡରେ ଏହି ରେସ୍‌କୁ ପୂରଣ କରି କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଗତବର୍ଷ ଅନୁଷ୍ଠିତ ଏସିଆନ ପାରା ଆଥଲେଟିକ୍ସରେ ସିମରନ ଟି୧୨ କାଟେଗୋରୀର ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ଦୁଇଟି ରୌପ୍ୟ ପଦକ ଜିତିଥିଲେ।

ମହିଳା ଟି-୩୫ କାଟେଗୋରୀର ୧୦୦ ମିଟରରେ ପ୍ରୀତିପାଲ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ଜାଭେଲିନ୍ ଏଫ୍୪୧ କାଟେଗୋରୀରେ ଭାରତର ନଭଦୀପ ଭାରତ ଲାଗି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ତାଙ୍କ ପଞ୍ଚମ ଥ୍ରୋରେ ଚଳିତ ସିଜନର ଶ୍ରେଷ୍ଠ ପ୍ରଦର୍ଶନ କରି ୪୨.୮୨ ମିଟରକୁ ଜାଭେଲିନ୍ ଫିଙ୍ଗିଥିଲେ। ଶନିବାର ଶେଷ ସୁଦ୍ଧା ଭାରତ ୧୭ଟି ପଦକ ଜିତି ପୂର୍ବପରି ପଏଣ୍ଟ ସାରଣୀରେ ଷଷ୍ଠ ସ୍ଥାନରେ ରହିଛି। ଏଥିରେ ୬ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। କିନ୍ତୁ ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ। ଗତବର୍ଷ ଭାରତ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ କାଂସ୍ୟ ସହ ୧୦ଟି ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ୨୦୨୩ ପ୍ୟାରିସ୍‌ରେ ଏହି ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା।

## ବେଲ୍‌ଜିୟମକୁ ହରାଇଲା ଭାରତ

**ଅନ୍ତୱେର୍ପ, ୨୫।୫ (ଏଜେନ୍ସି):** ୟୁରୋପ୍ ଗସ୍ତରେ ଯାଇଥିବା ଭାରତୀୟ କନିଷ୍ଠ ମହିଳା ହକି ଦଳ ଏକ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ସୁଟ୍ ଆଉଟ୍‌ରେ ୪-୨ ଗୋଲରେ ଘରୋଇ ବେଲ୍‌ଜିୟମ କନିଷ୍ଠ ମହିଳା ହକି ଦଳକୁ ପରାସ୍ତ କରିଛି। ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଏହି ମ୍ୟାଚର ପ୍ରଥମ କ୍ୱାର୍ଟରରେ ଭାରତ ୨ଟି ଏବଂ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବେଲ୍‌ଜିୟମ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ପ୍ରଥମ କ୍ୱାର୍ଟରରେ କନିକା ସିୱାଚ ଦୁଇଟି ଯାକ ଗୋଲ୍ ଦେଇ ୨-୦ରେ ଆଗୁଆ କରାଇଥିଲେ। ଏହାପରେ ୨ୟ ଓ ୩ୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ବେଲ୍‌ଜିୟମ କନିଷ୍ଠ ମହିଳା ହକି ଦଳ ପ୍ରତ୍ୟାବର୍ତ୍ତନ କରିଥିଲା। ଲଗାତର ଦୁଇଟି ଗୋଲ୍ ଦେବାରୁ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୨-୨ରେ ଅମୀମାଂସିତ ରହିଥିଲା। ଶେଷରେ ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୪-୨ ଗୋଲରେ ବିଜୟୀ ହୋଇ ବାଜିମାତ୍ କରିନେଇଥିଲା।

## ରୁଡ୍‌ଙ୍କୁ ହ୍ୟାଟ୍ରିକ ଜେନେଭା ଓପନ୍ ଟାଇଟଲ୍

**ଜେନେଭା, ୨୫।୫ (ଏଜେନ୍ସି):** ନରୱେର ଯୁବ ଟେନିସ ତାରକା କାସ୍ପର ରୁଡ୍ ଏଠାରେ ଚାଲିଥିବା ଜେନେଭା ଓପନ୍‌ରେ ଚାମ୍ପିଅନ ହୋଇଛନ୍ତି। ଶନିବାର ଖେଳାଯାଇଥିବା ପୁରୁଷ ଏକକ ଫାଇନାଲରେ ଚେକ୍ ଗଣରାଜ୍ୟର ତୋମାସ ମାଚାକ୍‌ଙ୍କୁ ୭-୫, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ୩ୟଥର ଲାଗି ଜେନେଭାରେ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୭ମ ସ୍ଥାନରେ ରହିଥିବା ରୁଡ୍ ଏଥିପୂର୍ବରୁ ୨୦୨୧ ଓ ୨୦୨୨ରେ ମଧ୍ୟ ଏଠାରେ ଚାମ୍ପିଅନ ହୋଇଥିଲେ। ଫଳରେ ଏଠାରେ ସେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

## ପୂଜାରାଙ୍କ ୬୫ତମ ପ୍ରଥମ ଶ୍ରେଣୀ ଶତକ




**ଲର୍ଡ୍ସ, ୨୫।୫ (ଏଜେନ୍ସି):** ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା କାଉଣ୍ଟି କ୍ରିକେଟ୍‌ରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ସିଜନରେ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଚଳିତ କାଉଣ୍ଟି ଚାମ୍ପିଅନସିପ୍ ଡିଭିଜନ-୨ ପ୍ରତିଯୋଗିତାରେ ସସେକ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପୂଜାରା ମିଡଲସେକ୍ସ ବିପକ୍ଷ ମୁକାବିଲାରେ ୧୨୯ ରନର ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ପାଳି ଖେଳିଛନ୍ତି। ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚରେ ମିଡଲସେକ୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସସେକ୍ସ ପ୍ରଥମ ପାଳିରେ ଶେଷ ଖବର ସୁଦ୍ଧା ୫ ୱିକେଟ୍ ହରାଇ ୪୨୫ ରନ କରିଛି। ଦଳ ପକ୍ଷରୁ ପୂଜାରା ୧୨୯ ଓ ଅଧିନାୟକ ଜନ୍ ସିମ୍ପସନ ୧୨୭* ରନ କରି ଅପରାଜିତ ରହିଛନ୍ତି। ପୂଜାରା ତାଙ୍କ ୩୦୨ ବଲ୍ ପାଳିରେ ୧୫ ଚୌକା ମାରିଛନ୍ତି। ୩୬ ବର୍ଷୀୟ ଡାହାଣହାତୀ ବ୍ୟାଟର୍ ପୂଜାରାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ଏହା ୬୫ତମ ଶତକ ଥିଲା। ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ଏହି ଭେଟେରାନ ବ୍ୟାଟର୍ ଗତ କିଛି ମାସ ହେବ ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡ଼ିଆସୁଛନ୍ତି। ଶେଷଥର ଲାଗି ସେ ଗତ ବର୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ।

### ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପ୍

# ବେଦବ୍ରତଙ୍କୁ ସ୍ୱର୍ଣ୍ଣିମ ସଫଳତା

**ନୂଆଦିଲ୍ଲୀ, ୨୫।୫(ଏଜେନ୍ସି)**



ଭାରତର ବେଦବ୍ରତ ଭରାଳି ପ୍ରଥମ ପୁରୁଷ ଭାରୋତ୍ତୋଳକ ଭାବେ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ତ ହୋଇଛନ୍ତି। ପେରୁର ରାଜଧାନୀ ଲିମାରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ପୁରୁଷ ୭୩ କିଲୋଗ୍ରାମ୍ ଶ୍ରେଣୀରେ ବେଦବ୍ରତ ପ୍ରଥମସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଛନ୍ତି। ଏହି ବିଭାଗରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୨ କେଜି ଅଧିକ ଓଜନ ଉଠାଇ ପ୍ରଥମ ସ୍ଥାନରେ ରହିଥିଲେ। ଏହି କାଟେଗୋରୀର ସ୍ନାଚ୍‌ରେ ସେ ୧୩୬ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୧୬୦ କେଜି ସହ ଓଭରଅଲ ୨୯୬ କେଜି ଓଜନ ଉଠାଇଥିଲେ। ଗତବର୍ଷ ସେ ୬୭ କିଲୋଗ୍ରାମରେ ଅଂଶଗ୍ରହଣ କରିଥିଲେ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥର ସେ ୭୩ କେଜିକୁ ଉନ୍ନୀତ ହୋଇଛନ୍ତି ଓ ଅଧିକ ୨୯ କେଜି ଓଜନ ଉଠାଇଛନ୍ତି। ୧୭ ବର୍ଷୀୟ ଏହି ଆଥ୍‌ଲେଟ୍ ପଟିଆଲାରେ ଅନୁଷ୍ଠିତ ଟ୍ରାଏଲ୍ସର ସ୍ନାଚ୍‌ରେ ୧୩୬ କେଜି ଓଜନ ଉଠାଇ ତାଙ୍କ ନାମରେ ଥିବା ୧୩୩ କେଜିର ଜାତୀୟ ରେକର୍ଡ ଭାଙ୍ଗିଦେଇଥିଲେ।

ବେଦବ୍ରତ ମଧ୍ୟ ଭାରତର ପ୍ରଥମ ପୁରୁଷ ଭାରୋତ୍ତୋଳକ ଭାବେ ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିତିବାର ରେକର୍ଡ କରିଛନ୍ତି। ଏହା ପୂର୍ବରୁ ଭାରତର ଶ୍ରେଷ୍ଠ ସଫଳତା ରୌପ୍ୟ ପଦକରେ ସୀମିତ ରହିଥିଲା। ୨୦୧୬ରେ ଜେରେମି ଲାଲରିନୁଙ୍ଗା ରୌପ୍ୟ ପଦକ ଜିତି ଏହି ରେକର୍ଡ କରିଥିଲେ। ସେ ୫୬ କେଜିରେ ଏହି ସଫଳତା ପାଇଥିଲେ ଓ ଏହି କାଟେଗୋରୀରେ ମୁଥୁପାଣ୍ଡି ରାଜା ମଧ୍ୟ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ବେଦବ୍ରତ ୨୦୨୩ରେ ଅନ୍ତର୍ଜାତୀୟ ଜୀବନ ଆରମ୍ଭ କରିଥିଲେ। ଏହି ବର୍ଷ ସେ ୩ଟି ପଦକ ଜିତିଥିଲାବେଳେ ଚଳିତବର୍ଷକୁ ମିଶାଇଲେ ଏହା ତାଙ୍କର ଦ୍ୱିତୀୟ ବିଶ୍ୱଚାମ୍ପିଅନସିପ୍ ପଦକ। ଗତଥର ସେ ୬୭ କେଜିରେ କାଂସ୍ୟ ଓ ଏଥର ୭୩ କେଜିରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ତାଙ୍କ ସହ ଗତବର୍ଷ ଭାଗ ନେଇଥିବା ସାଇରାଜ ପରଦେଶୀ ଚଳିତବର୍ଷ ୮୧ କିଲୋଗ୍ରାମ୍ ଶ୍ରେଣୀରେ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

ଚଳିତ ବିଶ୍ୱଚାମ୍ପିଅନସିପ୍‌ରେ ଏହା ଭାରତର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ମହିଳା ୪୦ କିଲୋଗ୍ରାମ୍‌ରେ ଓଡ଼ିଶା ତଥା ଭାରତର ପ୍ରୀତିସ୍ମିତା ଭୋଇ ସ୍ୱର୍ଣ୍ଣପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେ ମଧ୍ୟ କ୍ଲିନ୍ ଆଣ୍ଡ ଜର୍କରେ ବିଶ୍ୱରେକର୍ଡ କରିଛନ୍ତି। ଓଡ଼ିଶାର ଆଉଜଣେ ପ୍ରତିଯୋଗୀ ଜ୍ୟୋସ୍ନା ଶବର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ମହିଳା ୪୫ କିଲୋଗ୍ରାମ୍‌ରେ ପାୟଲ ରୌପ୍ୟ ଓ ପୁରୁଷ ୪୯ କିଲୋଗ୍ରାମ୍‌ରେ ଝାଡଖଣ୍ଡର ବାବୁଲାଲ ହେମ୍ବ୍ରମ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି।

### ମାଲେସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ

# ଫାଇନାଲରେ ସିନ୍ଧୁ ବନାମ ୱାଙ୍ଗ୍

**କ୍ୱାଲାଲମ୍ପୁର,୨୫।୫(ଏଜେନ୍ସି)**




ଭାରତର ପିଭି ସିନ୍ଧୁ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ମହିଳା ଏକକ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ସେ ଥାଇଲାଣ୍ଡର ବୁସନାନ୍‌ଙ୍କୁ ୧୩-୨୧, ୨୧-୧୬, ୨୧-୧୨ ସେଟ୍‌ରେ ପରାସ୍ତ କରିଥିଲେ। ଗତ ଦୁଇବର୍ଷ ହେଲା ଟାଇଟଲ ଜିତି ନ ଥିବା ତଥା ଦୁଇଥର ଅଲିମ୍ପିକ୍ ପଦକ ବିଜେତା ସିନ୍ଧୁ ବିଶ୍ୱର ୨୦ ନମ୍ବର ଖେଳାଳିଙ୍କ ସହ ମାରାଥନ ମୁକାବିଲାରେ ବିଜୟୀ ହୋଇଥିଲେ। ଏହି ମ୍ୟାଚ୍‌ଟି ୮୮ ମିନିଟ୍‌ରେ ଶେଷ ହୋଇଥିଲା। ଫାଇନାଲରେ ସିନ୍ଧୁଙ୍କର ମୁକାବିଲା ଚୀନ୍‌ର ଝି ୟି ୱାଙ୍ଗ୍‌ଙ୍କ ସହ ମୁକାବିଲା ହେବ। ଅନ୍ୟ ଏକ ସେମିଫାଇନାଲରେ ୱାଙ୍ଗ୍ ୨୧-୯, ୨୧-୯ରେ ୱାଇଏମ୍ ଝାଙ୍ଗ୍‌ଙ୍କୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ।

ବୁସ୍‌ନାନଙ୍କ ବିପକ୍ଷରେ ସିନ୍ଧୁଙ୍କର ରେକର୍ଡ ଭଲ ଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ମୁକାବିଲା ଜୋରଦାର ହୋଇଥିଲା। ଏପରିକି ପ୍ରଥମ ସେଟ୍‌ରେ ସିନ୍ଧୁ ୧୩-୨୧ରେ ହାରିଯାଇଥିଲେ। ଏହା ପରେ ସିନ୍ଧୁ ମ୍ୟାଚ୍ ଉପରୁ ଆଉ ନିୟନ୍ତ୍ରଣ ହରାଇ ନ ଥିଲେ ଓ କ୍ରମାଗତ ୨ଟି ସେଟ୍‌ରେ ବିଜୟୀ ହୋଇ ମ୍ୟାଚ୍‌କୁ ୨-୧ରେ ଜିତିନେଇଥିଲେ। ଏହି ଲଢ଼େଇ ପରେ ସିନ୍ଧୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୧୮ତମ ବିଜୟ ହାସଲ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ତୃତୀୟ ପଦକ ଜିତିବାକୁ ଆଶାୟୀ ଥିବା ସିନ୍ଧୁ ଶେଷଥର ୨୦୨୨ ସିଙ୍ଗାପୁର ଓପନରେ ଚାମ୍ପିଅନ ହୋଇଥିଲେ। ଏହି ବର୍ଷ ମଧ୍ୟ ସେ ମାଦ୍ରିଦ୍ ଓପନରେ ରନର୍ସ ଅପ୍ ହୋଇଥିଲେ। ଏବେ ଫର୍ମକୁ ଫେରିଥିବା ସିନ୍ଧୁ ଏଠାରେ ଯଦି ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱରେ ସେ ପୁଣିଥରେ ପ୍ରାଧାନ୍ୟ ବିସ୍ତାର କରିବେ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

ଇଣ୍ଡିଆନ ପ୍ରିମିୟର ଲିଗ୍ ଗ୍ରାଣ୍ଡ ଫାଇନାଲ ଆଜି

# ନାଇଟ୍ ରାଇଡର୍ସ-ସନ୍‌ରାଇଜର୍ସ ମୁକାବିଲା

ଚେନ୍ନାଇ, ୨୫।୫(ଏଜେନ୍ସି)

ଦୀର୍ଘ ଅଢ଼େଇମାସର ହାଇ ପ୍ରୋଫାଇଲ ଲଢ଼େଇ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସଂସ୍କରଣର ଦୁଇ ଶ୍ରେଷ୍ଠ ଦଳ ଯଥା ଶ୍ରେୟସ ଆୟରଙ୍କ ପ୍ରଭାବୀ କୋଲକାତା ନାଇଟ ରାଇଡର୍ସ ଓ ପ୍ୟାଟ କମିନ୍ସଙ୍କ ବିସ୍ଫୋରଣ ସୃଷ୍ଟିକାରୀ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ରବିବାର ଫାଇନାଲ ମୁକାବିଲା ହେବ। ଏହି ମୁକାବିଲା ଲାଗି ଉଭୟ ଦଳ ପ୍ରସ୍ତୁତ। ଜଣେ ଅନ୍ୟକୁ ପରାସ୍ତ କରିବାର ଦକ୍ଷତା ରଖିଛନ୍ତି। ଉଭୟ ଦଳ ସେମାନଙ୍କ ବିସ୍ଫୋରକ ବ୍ୟାଟିଂ ମାଧ୍ୟମରେ ଏହି ଆଇପିଏଲ୍‌ରେ ଚୌକା ଓ ଛକା ବର୍ଷା କରିବାରେ ସମର୍ଥ ହୋଇଛନ୍ତି। ଉଭୟ ଦଳରେ ଯେପରି ବିସ୍ଫୋରକ ଓପନର ରହିଛନ୍ତି, ସେହିପରି ଧୂଆଁଧାର ମିଡଲ ଅର୍ଡର ବ୍ୟାଟର ରହିଛନ୍ତି। ଏମାନେ ଗୋଟିଏ ମୁହୂର୍ତ୍ତରେ ଖେଳର ଗତିପଥ ବଦଳାଇଦେବାର ଦକ୍ଷତାର ଅଧିକାରୀ। ଉଭୟ ଦଳ ନିକଟରେ ଅସ୍ତ୍ର ଅଛି ଓ ଶସ୍ତ୍ର ରହିଛି। ଉଭୟଙ୍କ ରଣନୀତି ଆକ୍ରମଣାତ୍ମକ ଓ ବିଜୟ ଲାଗି ଉଦ୍ଦିଷ୍ଟ। ଏଣୁ ଚଳିତବର୍ଷର ଆଇପିଏଲ ଫାଇନାଲ ଯଥାର୍ଥରେ ସମାନ ଦକ୍ଷତା ବିଶିଷ୍ଟ ଦୁଇ ଦଳ ମଧ୍ୟରେ ଆୟୋଜିତ ହେଉଛି ବୋଲି କହିଲେ ଆଦୌ ଭୁଲ ହେବ ନାହିଁ। ଏଭଳି ଲଢ଼େଇ ଯେ ଆଇପିଏଲ୍‌ର ଉପଯୁକ୍ତ ପରିସମାପ୍ତିକୁ ଖୋରାକ ଯୋଗାଇବ ବୋଲି କୁହାଯାଇପାରେ। ଦର୍ଶକ, ସମର୍ଥକ, ପ୍ରାୟୋଜକ, ଆୟୋଜକ ଓ ସହଯୋଗୀ ସମସ୍ତେ ଏହି ଗ୍ରାଣ୍ଡ ଫାଇନାଲକୁ ଉପଭୋଗ କରିବା ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି।




### ରଣନୀତି

ଚଳିତ ଟୁର୍ଣ୍ଣାମେଣ୍ଟରେ ରଣନୀତିକୁ ବିଶ୍ଳେଷଣ କଲେ ଉଭୟ ଦଳ ସମାନ ଯୋଜନା କରିଥିବା ଜଣାଯାଏ। ଉଭୟ ଦଳ ପାରମ୍ପରିକ ଟି-୨୦ ଫର୍ମାଟକୁ ପଛରେ ପକାଇ ଖେଳିଛନ୍ତି। ମନ ଇଚ୍ଛା ଏମାନେ ବଡ଼ ବଡ଼ ସ୍କୋର କରିଛନ୍ତି। ଚଳିତ ସଂସ୍କରଣରେ ହାଇଦ୍ରାବାଦ୍ ୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିଲାବେଳେ ଏହା ମଧ୍ୟରୁ ୩ଥର ୨୫୦ ରନ୍ ଅତିକ୍ରମ କରିଛି। କୋଲକାତା ମଧ୍ୟ ପଛରେ ପଡ଼ି ନାହିଁ। ଏହି ଦଳ ମଧ୍ୟ ୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ଏବେ ପିଚ୍ ମନ୍ଥର ହୋଇଯାଇଥିଲେ ମଧ୍ୟ ଛକା ମାରିବାରେ ଉଭୟ ଦଳ ଯେପରି ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତୀୟମାନ ହୋଇଛି। ଫାଇନାଲକୁ ଆସିବା ପୂର୍ବରୁ ହାଇଦ୍ରାବାଦ୍ ୧୭୫ଟି ଓ କୋଲକାତା ୧୩୫ଟି ଛକା ମାରିଛି। ଉଭୟ ଦଳ ଅଧିକ ରନ୍ ସଂଗ୍ରହ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରଥମେ ବ୍ୟାଟିଂ ଲାଗି ହାଇଦ୍ରାବାଦ୍ ଓ ରନ୍‌ଚେଜ୍ କରିବାକୁ କୋଲକାତାର ପସନ୍ଦ। ଉଭୟ ଦଳ ଏଥିରେ ସଫଳ ହୋଇଛନ୍ତି।

### ଶକ୍ତି ଓ ସାମର୍ଥ୍ୟ

**କେକେଆର:** କୋଲକାତା ନିକଟରେ ଗୌତମ ଗମ୍ଭୀରଙ୍କ ଭଳି ଜଣେ ମେଣ୍ଟର ରହିଛନ୍ତି। ଗମ୍ଭୀରଙ୍କ ଯୋଜନା ବେଶ ପ୍ରଭାବଶାଳୀ ହୋଇଛି। ଏବେ ଦଳ ସ୍ପେଶାଲିଷ୍ଟଙ୍କ ଉପରେ ନିର୍ଭର କରୁଥିଲାବେଳେ କୋଲକାତା ସୁନୀଲ ନାରିନ ଓ ଆନ୍ଦ୍ରେ ରସେଲଙ୍କ ପରି ବିଜୟୀ ଅଲରାଉଣ୍ଡର ରହିଛନ୍ତି। ଦଳରେ ଦୁଇ ଆକ୍ରମଣାତ୍ମକ ଓପନର, ବିସ୍ଫୋରକ ମିଡିଲ ଅର୍ଡର ବ୍ୟାଟର, ଦୁଇଜଣ ମିଷ୍ଟ୍ରି ସ୍ପିନର ନାରିନ୍ ଓ ବରୁଣ ଚକ୍ରବର୍ତ୍ତୀ, ଜଣେ ଭୟଙ୍କର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଓ କିଛି ପ୍ରତିଭାସମ୍ପନ୍ନ ଯୁବ ଖେଳାଳି ରହିଛନ୍ତି। ପ୍ରଥମ କ୍ୱାଲିଫାୟରରେ ହାଇଦ୍ରାବାଦ୍‌ର ପ୍ରଥମ ୩ଟି ୱିକେଟ ନେଇ ଷ୍ଟାର୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଏସବୁକୁ ଦେଖିଲେ କୋଲକାତା ନିକଟରେ କିଛି ଦୁର୍ବଳତା ନାହିଁ ବୋଲି ଧରିବାକୁ ହେବ। ଏମାନେ ଚଳିତ ଟୁର୍ଣ୍ଣାମେଣ୍ଟରେ ମାତ୍ର ୩ଟି ମ୍ୟାଚ୍ ହାରି ଫାଇନାଲରେ ପହଞ୍ଚିଛନ୍ତି। ଏହା ସତ୍ତ୍ୱେ ଏମାନଙ୍କ ଖେଳ ଉପରେ ଭବିଷ୍ୟବାଣୀ କରିବା ସହଜ ମନେ ହୋଇଥାଏ। ଏହା ହୁଏତ ତାଙ୍କର ଶକ୍ତି କିମ୍ବା ଦୁର୍ବଳତା ମନେକରାଯାଏ।

**ଏସ୍‌ଆର୍‌ଏଚ୍:** ଅନ୍ୟପକ୍ଷରେ ଗଣ୍ଡଗୋଳିଆ ସ୍ଥିତି ମଧ୍ୟ ଦେଇ ହାଇଦ୍ରାବାଦ୍ ଫାଇନାଲକୁ ଆସିଛି। ଗତ ୩ ବର୍ଷରେ ଏହି ଦଳ ଦୁଇଥର ପଏଣ୍ଟ ସାରଣୀର ଶେଷରେ ରହିଥିଲା। ଏଥର ଦଳ ଅଧିକ ଅର୍ଥ ବ୍ୟୟ କରି ପ୍ୟାଟ କମିନ୍ସଙ୍କ ପରି ଅଧିନାୟକ ଓ ଟ୍ରାଭିସ୍ ହେଡ୍‌ଙ୍କ ପରି ଓପନରଙ୍କୁ ନିଲାମିରେ ଆଣିଥିଲା। ହେଡ୍‌ଙ୍କ ସହ ଅଭିଷେକ ଶର୍ମା ସାମିଲ ହେବା ପରେ ଦଳର ପ୍ରଦର୍ଶନ ପୁରାପୁରି ବଦଳିଯାଇଥିଲା। ଏମାନେ କେତେବେଳେ କେଉଁ ଖେଳାଳିଙ୍କୁ ସୁଯୋଗ ଦେଉଛନ୍ତି କିମ୍ବା ବାଦ୍ ଦେଉଛନ୍ତି ତାହା ଜାଣିବା କଷ୍ଟକର। କିନ୍ତୁ ଫାଇନାଲରେ ଉଭୟ ଦଳ ଲଢ଼େଇ କରିବାକୁ ବେଶ ପାରଙ୍ଗମ ବୋଲି କୁହାଯାଇପାରେ। ଦଳରେ ବିସ୍ଫୋରକ ଓପନର, ପ୍ରତିଷ୍ଠିତ ମିଡଲ ଅର୍ଡର, ଅଭିଜ୍ଞ ଫାଷ୍ଟ ବୋଲର ଓ କାମଚଳା ପ୍ରଭାବୀ ସ୍ପିନର ରହିଛନ୍ତି। ଏଣୁ କୋଲକାତାର ଉପଯୁକ୍ତ ମୁକାବିଲା କରିବାକୁ ହାଇଦ୍ରାବାଦ୍ ଯେ ଯୋଗ୍ୟ ଏହା ନିଃସନ୍ଦେହରେ କୁହାଯାଇପାରେ।

### ବ୍ୟାଟିଂ ଉଭୟଙ୍କ ବଳ

ଯଦିଓ ଉଭୟ ଦଳ ଭିନ୍ନ ଭିନ୍ନ ଶୈଳୀରେ ଖେଳି ସଫଳତା ପାଇଛନ୍ତି, ଫାଇନାଲରେ ସେମାନଙ୍କ ରଣନୀତିରେ ପରିବର୍ତ୍ତନ ଆଣିବା ଅନାବଶ୍ୟକ। ଉଭୟ ଦଳ ସେମାନଙ୍କ ବ୍ୟାଟିଂ ମାଧ୍ୟମରେ ମ୍ୟାଚ୍‌ର ଫଳାଫଳ ବାହାର କରିବାକୁ ଆଶାୟୀ। ଏହି ଟୁର୍ଣ୍ଣାମେଣ୍ଟରେ ଅରେଞ୍ଜ କିମ୍ବା ପର୍ପଲ କ୍ୟାପ୍‌ର ଗୁରୁତ୍ୱ କମିଯାଇଥିଲାବେଳେ ଡଟ୍‌ବଲ ଓ ଷ୍ଟ୍ରାଇକ୍‌ରେଟ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଉଭୟ ଦଳର ଖେଳାଳି ମାନେ ସ୍ୱାଧିନଭାବେ ଖେଳିଛନ୍ତି। ଉଭୟ ଦଳର ବ୍ୟାଟର ବଲ୍‌କୁ ଷ୍ଟାଡିୟମ୍ ବାହାରକୁ ପଠାଇବାକୁ ଚେଷ୍ଟା କରୁଥିଲାବେଳେ ଶ୍ରେୟସ ଆୟର କିମ୍ବା ପ୍ୟାଟ କମିନ୍ସ ସେମାନଙ୍କ ରଣନୀତିରେ କିଛି ପରିବର୍ତ୍ତନ ଆଣିବେ ବୋଲି ଆଶା କରାଯାଉନାହିଁ।

### ପିଚ୍ ପେସ୍ ଓ ବାଉନ୍ସି

ଚେନ୍ନାଇ ପିଚ୍ ଏବେ ପେସ୍ ଓ ବାଉନ୍ସି ହୋଇଯାଇଛି। ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ଏଠାରେ କାକରକୁ ନେଇ କୌଣସି ସମସ୍ୟା ହେବାର ଆଶଙ୍କା କମ୍। ଯଦି ହାଇଦ୍ରାବାଦ୍ ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ କ୍ୱାଲିଫାୟର ମୁକାବିଲାପରି ସ୍ପିନରଙ୍କ ପ୍ରଭାବ ଦେଖିବାକୁ ମିଳେ, ତେବେ ଉଭୟ ଦଳ ଏଥିଲାଗି ମଧ୍ୟ ପ୍ରସ୍ତୁତ ଅଛନ୍ତି। ଭାରତରେ ଶେଷ ହୋଇଥିବା ଦିନିକିଆ ବିଶ୍ୱକପ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଫାଇନାଲରେ ଭାରତର ପ୍ରାଧାନ୍ୟକୁ ଅଷ୍ଟ୍ରେଲୀୟ ଅଧିନାୟକ ପ୍ୟାଟ୍ କମିନ୍ସ ପ୍ରତିହତ କରିଥିଲେ। ଏବେ କୋଲକାତା ମଧ୍ୟ ପ୍ରାଧାନ୍ୟ ବିସ୍ତାର କରିଛି। କମିନ୍ସ ଏଠାରେ ଆଉ ଜଣେ ଭାରତୀୟ ଅଧିନାୟକ ଶ୍ରେୟସ ଆୟରଙ୍କ ପ୍ରାଧାନ୍ୟକୁ ପ୍ରତିହତ କରୁଛନ୍ତି କିମ୍ବା ନିଜେ ପରାଜିତ ହେଉଛନ୍ତି ତାହା ଦେଖିବାକୁ କୋଟି କୋଟି କ୍ରିକେଟପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।

## ହେଟମାୟର ଦଣ୍ଡିତ

ଏଠାରେ ଶୁକ୍ରବାର ଅନୁଷ୍ଠିତ ହାଇଦ୍ରାବାଦ୍ ବିପକ୍ଷ କ୍ୱାଲିଫାୟର-୨ରେ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ କରିବା ଅଭିଯୋଗରେ ରାଜସ୍ଥାନ ରୟାଲ୍ସର ସିମରନ ହେଟମାୟରଙ୍କ ୧୦ ଶତକଡ଼ା ମ୍ୟାଚ୍ ଫି କାଟି ନିଆଯାଇଛି। ଏହାର କାରଣ ସମ୍ପର୍କରେ କିଛି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ସେ ଆଉଟ ହେବା ପରେ ଯେଉଁ ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲେ, ସେଥିଲାଗି ଏହି ଦଣ୍ଡ ଦିଆଯାଇଥିବା ମନେ କରାଯାଉଛି। ଆଇପିଏଲ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ହେଟମାୟର ଲେଭଲ-୧

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ଫାଇନାଲ୍**

**କୋଲକାତା-ହାଇଦ୍ରାବାଦ**

**ସ୍ଥାନ-** ଚେନ୍ନାଇ, **ସମୟ-** ରାତି ୭.୩୦

**- ପ୍ରସାରଣ -**

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ବର୍ଷା ଆଶଙ୍କା ନାହିଁ, ଫାଇନାଲରେ ରହିଛି ରିଜର୍ଭ ଦିବସ

ଏଠାରେ ଶନିବାର ସନ୍ଧ୍ୟାରେ ବର୍ଷା ହେବାରୁ କୋଲକାତା ନାଇଟ୍ ରାଇଡର୍ସ ଶେଷ ଅଭ୍ୟାସ କରିପାରି ନାହିଁ। ଫାଇନାଲ ମ୍ୟାଚ୍ ଖେଳାଯିବାକୁ ଥିବା ଚତୁର୍ଥ ପିଚ୍‌କୁ ସୁରକ୍ଷିତ ରଖାଯାଇଛି। ଆଜି ବର୍ଷା ହୋଇଥିଲେ ମଧ୍ୟ ଆସନ୍ତାକାଲି ଫାଇନାଲ ମ୍ୟାଚ୍‌ରେ ବର୍ଷା ହେବାର ସମ୍ଭାବନା କମ୍। ଯଦି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ରେମାଲ ଯୋଗୁଁ ଯଦି ଫାଇନାଲ ଖେଳ ବାଧାପାଏ, ତେବେ ଡିଏଲ୍‌ଏସ ମେଥଡ ଅନୁଯାୟୀ ଖେଳର ଫଇସଲା ହେବ। ଯଦି ବର୍ଷା ଯୋଗୁ ଖେଳ ସମ୍ପୂର୍ଣ୍ଣ ବାତିଲ ହୁଏ, ତେବେ ସୋମବାର ରିଜର୍ଭ ଦିବସରେ ପୁଣିଥରେ ଫାଇନାଲ ମ୍ୟାଚ୍ ଖେଳାଯିବ। ସୋମବାର ବର୍ଷା ହେବାର ଆଦୌ ଆଶଙ୍କା ନାହିଁ।



## ସାଙ୍ଗିଆ ହଟାଇଲେ ନତାଶା ପାଣ୍ଡ୍ୟାଙ୍କ ସହ ବିଚ୍ଛେଦ ଚର୍ଚ୍ଚା

**ନୂଆଦିଲ୍ଲୀ, ୨୫।୫ (ଏଜେନ୍ସି)** : ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ଦଳକୁ ପ୍ଲେ-ଅଫ୍‌ରେ ପ୍ରବେଶ କରାଇବାରେ ବିଫଳ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲାଗି ସମୟ ଠିକ୍‌ଠାକ୍ ଚାଲି ନଥିବା ଜଣାପଡ଼ିଛି। ଆଇପିଏଲ୍ ବିଫଳତାକୁ ଭୁଲି ନ ଥିବା ପାଣ୍ଡ୍ୟାଙ୍କୁ ନେଇ ଇତିମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପତ୍ନୀ ନତାଶା ଷ୍ଟାଙ୍କୋଭି ଓ ପାଣ୍ଡ୍ୟା ପରସ୍ପର ଅଲଗା ହେବାକୁ ଯାଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ଖବର ସେତେବେଳେ ଚର୍ଚ୍ଚାର ଶିରୋନାମାକୁ ଆସିଥିଲା ଯେତେବେଳେ କିଛି ଦିନ ତଳେ ରୁଷୀୟ ଅଭିନେତ୍ରୀ ନାତାଶା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ନାମରୁ 'ପାଣ୍ଡ୍ୟା' ସାଙ୍ଗିଆକୁ ହଟାଇଦେଇଥିଲେ। ଏଥିସହ ବିବାହ ସମୟରେ ହାର୍ଦ୍ଦିକଙ୍କ ସହ ଉଠାଇଥିବା ଫଟୋ ଓ ଭିଡିଓକୁ ମଧ୍ୟ ସେ ଇନ୍‌ଷ୍ଟାଗ୍ରାମରୁ କାଟି ଦେଇଥିଲେ। ଉଭୟଙ୍କୁ ମଧ୍ୟ ଗତ ଫେବୃଆରୀରୁ ଆଉ ଏକାଠି ଦେଖିବାକୁ ମିଳୁନାହିଁ। ଏହାରି ମଧ୍ୟରେ ଶନିବାର ୩୨ ବର୍ଷୀୟା ନତାଶାଙ୍କୁ ମୁମ୍ବଇରେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହ ଦେଖିବାକୁ ମିଳିଥିଲା। ଏହି ସମୟରେ ନତାଶାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ହାର୍ଦ୍ଦିକଙ୍କ ସହ ବିଚ୍ଛେଦ ଖବରକୁ ନେଇ ପ୍ରଶ୍ନ ପଚାରିବାରୁ ସେ ଏହାକୁ ଏଡ଼ାଇଯାଇ 'ଧନ୍ୟବାଦ' ବୋଲି କହି ଚାଲିଯାଇଥିଲେ। ୩୦ ବର୍ଷୀୟ ହାର୍ଦ୍ଦିକ ଏନେଇ କିଛି ବିଧିବଦ୍ଧ ଉତ୍ତର ଗଣମାଧ୍ୟମରେ ମଧ୍ୟ ରଖିନାହାନ୍ତି। ରିପୋର୍ଟ ମୁତାବକ ବିବାହ ବିଚ୍ଛେଦ ହେଲେ ପାଣ୍ଡ୍ୟାଙ୍କ ସମ୍ପତ୍ତିର ୭୦ ଭାଗ ନତାଶା ନେବେ।

### ବିବାହ ପୂର୍ବରୁ ଥିଲେ ଗର୍ଭବତୀ

ହାର୍ଦ୍ଦିକ ଓ ରୁଷୀୟ ଡ୍ୟାନ୍ସର ତଥା ବଲିଉଡ୍ ଅଭିନେତ୍ରୀ ନତାଶାଙ୍କ ମଧ୍ୟରେ ୨୦୨୦ ଜାନୁଆରୀ ୧ରେ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ଏହାପରେ ସେହିବର୍ଷ ଜୁଲାଇ ୩୦ରେ ନତାଶା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଯାହାଙ୍କ ନାମ ଅଗସ୍ତ୍ୟା ଥିଲା। ୨୦୨୩ ଫେବୃଆରୀ ୧୪ରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

## ମାଞ୍ଚେଷ୍ଟର ୟୁନାଇଟେଡ୍ ଚାମ୍ପିଅନ

ଲଣ୍ଡନ, ୨୫।୫ (ଏଜେନ୍ସି)

ଏଫ୍‌ଏ କପ୍




ଇଂଲିଶ ଫୁଟ୍‌ବଲର ଘରୋଇ ପ୍ରତିଯୋଗିତା ଏଫ୍‌ଏ କପ୍‌ର ୧୪୩ତମ ସଂସ୍କରଣରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଚାମ୍ପିଅନ ହୋଇଛି। ଶନିବାର ୱିମ୍ବଲି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ମାଞ୍ଚେଷ୍ଟର ୟୁନାଇଟେଡ୍ ୨-୧ ଗୋଲରେ ଅନ୍ୟତମ ଶକ୍ତିଶାଳୀ ଦଳ ମାଞ୍ଚେଷ୍ଟର ସିଟିକୁ ପରାସ୍ତ କରି ୧୩ଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିଛି। ଏହି ହାଇଭୋଲଟେଜ ମୁକାବିଲାର ପ୍ରଥମାର୍ଦ୍ଧ ୯ ମିନିଟ୍ ବ୍ୟବଧାନରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଦୁଇଟି ଯାକ ଗୋଲ୍ ଦେଇଥିଲା। ମ୍ୟାଚର ୩୦ତମ ମିନିଟ୍‌ରେ ଆଲେଜାଣ୍ଡ୍ରୋ ଗାର୍ନାଚୋ ୟୁନାଇଟେଡ୍ ପାଇଁ ଗୋଲ୍ ଖାତା ଖୋଲିଥିଲେ। ଏହାପରେ ୩୯ତମ ମିନିଟ୍‌ରେ କୋବେ ମାଇନୋ ଏକ ସୁନ୍ଦର ଗୋଲ୍ ଦେଇ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲେ। ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚର ଶେଷ ହେବାକୁ ୩ ମିନିଟ ବାକିଥିବାବେଳେ ଜେରେମୀ ଡୋକୁ ମାଞ୍ଚେଷ୍ଟର ସିଟି ପାଇଁ ଏକ ଗୋଲ୍ ଶୁଝିଥିଲେ। କିନ୍ତୁ ଦଳକୁ ୨-୧ରେ ପରାଜୟରୁ ଏଡ଼ାଇବା ଲାଗି ଏହା ଯଥେଷ୍ଟ ହୋଇ ନ ଥିଲା। ଚଳିତ ସଂସ୍କରଣର ମୁଖ୍ୟ ପର୍ଯ୍ୟାୟରେ ୧୨୪ ଦଳ ଅଂଶଗ୍ରହଣ କରିଥିଲେ।

## ଦ୍ୱିତୀୟ ଟି-୨୦ରେ ଇଂଲଣ୍ଡ ବିଜୟୀ

**ଏଜ୍‌ବାଷ୍ଟନ, ୨୫।୫(ଏଜେନ୍ସି):** ଅଧିନାୟକ ତଥା ପ୍ଲେୟର ଅଫ୍ ଦି ମ୍ୟାଚ୍ ଜୋଶ ବଟଲରଙ୍କ ୫୧ବଲ୍‌ରେ ୮୪ ଓ ୱିଲ ଜ୍ୟାକ୍ସ ୨୩ ବଲ୍‌ରେ ୩୭ ରନ୍ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ଇଂଲଣ୍ଡ ୨୩ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ୪ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲାବେଳେ ୨୮ ରେ ତୃତୀୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୭ ୱିକେଟରେ ୧୮୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୯.୨ ଓଭରରେ ୧୬୦ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଫକର ଜମାନ ୪୫ ଓ ବାବର ଆଜମ ୩୨ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ରିସି ଟୋପ୍‌ଲେ ୩ଟି, ମୋଇନ ଅଲି ଓ ଜୋଫ୍ରା ଆର୍ଚର ୨ଟି ଲେଖାଏଁ ୱିକେଟ ପାଇଥିଲେ।

## ମୁସ୍ତାଫିଜୁର ରହମନଙ୍କୁ ୬ ୱିକେଟ୍ ବାଂଲାଦେଶର ସାନ୍ତ୍ୱନାମୂଳକ ବିଜୟ

**ହଷ୍ଟନ,୨୫।୫(ଏଜେନ୍ସି):** ମୁସ୍ତାଫିଜୁର ରହମନଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ବିପକ୍ଷ ତୃତୀୟ ଟି-୨୦ ମୁକାବିଲାରେ ବାଂଲାଦେଶ ୧୦ ୱିକେଟରେ ଆମେରିକାକୁ ପରାସ୍ତ କରିଛି। ପରାଜୟ ସତ୍ତ୍ୱେ ଆମେରିକା ଏହି ସିରିଜ୍‌କୁ ୨-୧ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜୁର ୬ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଆମେରିକା ୯ ୱିକେଟରେ ୧୦୪ ରନ୍ କରିଥିଲା। ଜବାବରେ ବାଂଲାଦେଶ ୧୧.୪ ଓଭରରେ କୌଣସି ୱିକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ପକ୍ଷରୁ ଦୁଇ ଓପନର ତାଞ୍ଜିଦ୍ ହାସନ ୪୨ ବଲ୍‌ରେ ୫୮ ଓ ସୌମ୍ୟ ସରକାର ୨୮ ବଲ୍‌ରେ ୪୩ ରନ୍ କରି ଅପରାଜିତ ରହିଥିଲେ। ମୁସ୍ତାଫିଜୁରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ବେଲ୍‌ଜିୟମଠାରୁ ଭାରତକୁ ଡବଲ୍ ଝଟ୍‌କା

ଅନ୍ତୱର୍ପ, ୨୫।୫ (ଏଜେନ୍ସି)

ବିଶ୍ୱ ହକିର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ୨୦୨୩-୨୪ ସିଜନରେ ଶନିବାର ଭାରତକୁ ଡବଲ୍ ଝଟ୍‌କା ଲାଗିଛି। ଶନିବାର ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଘରୋଇ ବେଲ୍‌ଜିୟମ ନିକଟରୁ ହାରିଯାଇଛି। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ମହିଳା ଦଳ ୨-୧ ଗୋଲରେ ପରାସ୍ତ ହୋଇଥିଲା। ସେହିଭଳି ପୁରୁଷ ଦଳ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମ୍ୟାଚ୍ ଅମୀମାଂସିତ ରଖିଥିଲେ ମଧ୍ୟ ସୁଟ୍‌ଆଉଟ୍‌ରେ ୩-୧ ଗୋଲରେ ପରାଜୟବରଣ କରିଥିଲା।




### ସୁଟ୍‌ଆଉଟ୍‌ରେ ଫେଲ୍ ମାରିଲା

ଶନିବାର ସନ୍ଧ୍ୟାରେ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ଘରୋଇ ବେଲ୍‌ଜିୟମ ସହ କଡ଼ା ସଂଘର୍ଷ କରିଥିଲା। ମ୍ୟାଚର ପ୍ରଥମ କ୍ୱାର୍ଟରରେ ଭାରତ ୧-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୧୧ତମ ମିନିଟ୍‌ରେ ହୁଣ୍ଡାଲ ଅର୍‌ଜିତ୍ ସିଂହ ଫିଲ୍ଡ ଗୋଲ୍ ଜରିଆରେ ଏହା ଦେଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଶେଷ ମିନିଟ୍‌ରେ ଫେଲିକ୍ସ ଡେନାୟର (୩୦ତମ ମିନିଟ) ପେନାଲ୍ଟି କର୍ଣ୍ଣର ଜରିଆରେ ଏହାକୁ ଶୁଝିଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ବରାବର୍ ରହିଥିଲା। ଏହାପରେ ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୫୦ତମ ମିନିଟରେ ଫ୍ଲୋରେଣ୍ଟ ଭାନ ଆଉବେଲ୍‌ଙ୍କ ଗୋଲ୍ ବେଲ୍‌ଜିୟମକୁ ୨-୧ରେ ଅଗ୍ରଣୀ କରାଇଥିଲା। ତେବେ ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକିଥିବାବେଳେ ସୁଖଜିତ୍ ସିଂହ (୫୭ତମ) ଏକ ଗୋଲ୍ ଦେବାରୁ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଥିଲା। ସୁଟ୍‌ଆଉଟ୍‌ରେ ଭାରତ ଗୋଟିଏ ଗୋଲ୍ ଦେଇଥିବାବେଳେ ବେଲ୍‌ଜିୟମ ୩ଥର ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇ ୩-୧ରେ ବାଜିମାତ୍ କରିନେଇଥିଲା। ଭାରତୀୟ ପୁରୁଷ ଦଳ ଏଥିସହ ୧୧ ମୁକାବିଲାରୁ ୧୮ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି।

### ମହିଳା ଦଳର ୮ମ ପରାଜୟ

ଅପରପକ୍ଷରେ ଭାରତ ଓ ବେଲ୍‌ଜିୟମ ମହିଳା ଦଳ ମଧ୍ୟରେ ଅପରାହ୍ଣରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲ୍‌ଜିୟମ ପ୍ରଥମାର୍ଦ୍ଧରେ ୨ଟି ଗୋଲ୍ ଦେଇଥିଲା। ଭାରତ ପାଇଁ ୩ୟ କ୍ୱାର୍ଟରରେ ସଙ୍ଗୀତା କୁମାରୀ ଗୋଟିଏ ଗୋଲ୍ ଶୁଝିଥିଲେ ମଧ୍ୟ ଦଳକୁ ପରାଜୟରୁ ଏଡ଼ାଇବା ଲାଗି ଏହା ଯଥେଷ୍ଟ ହୋଇ ନ ଥିଲା। ଶେଷରେ ଘରୋଇ ଦଳ ୨-୧ରେ ବିଜୟୀ ଲାଭ କରିଥିଲା। ଭାରତୀୟ ମହିଳା ଦଳର ୧୧ତମ ମ୍ୟାଚରୁ ଏହା ୮ମ ପରାଜୟ ଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA